# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୨୧/୨୦୨୩ (୧୬ ପୃଷ୍ଠା) | Bhubaneswar, Tuesday, March 21/2023 | Page 16 | ₹ 7.00

୪୯ଶ ଭାଗ ୧୧୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 115 | ମୂଲ୍ୟ ₹୭/-




**ଜୟନ୍ତୀଙ୍କୁ ୩ ସ୍ୱର୍ଣ୍ଣ**

ପୁଣେରେ ଅନୁଷ୍ଠିତ ଜାତୀୟ ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ୩ଟି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ଓଡ଼ିଶାର ଜୟନ୍ତୀ ବେହେରା।

୧୬

୧୨

**ପ୍ରଶଂସକଙ୍କ ସହ ଥଟ୍ଟା ହେଲେ**

ସାଉଥ୍ ଅଭିନେତା ଜୁନିୟର ଏନ୍‌ଟିଆର୍ ଏକ ସିନେମାର ପ୍ରି-ରିଲିଜ୍ ଇଭେଣ୍ଟରେ ଯୋଗଦେଇ ପ୍ରଶଂସକଙ୍କ ପ୍ରଶ୍ନବାଣରେ ସେ ଆଉ ଫିଲ୍ମ କରିବେନି ବୋଲି କହି ମଜା କରିଛନ୍ତି।





ମାଟ୍ରିକ୍ ସମ୍ମେଟିଭ-୨ ପରୀକ୍ଷା ସୋମବାର ଶେଷ ହେବା ପରେ ଭୁବନେଶ୍ୱର ୟୁନିଟ-୯ସ୍ଥିତ କ୍ୟାପିଟାଲ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ଖୁସି ମନାଇ ପୋଷାକରେ ନାମ ଲେଖାଉଛନ୍ତି। (ଫଟୋ: ବିକାଶ)

# ସରିଲା ମାଟ୍ରିକ୍, ୩ରୁ ଖାତାଦେଖା

## ପୁରୀରେ ଗଣିତ ପ୍ରଶ୍ନପତ୍ର ଲିକ୍ ହୋଇନି: ବୋର୍ଡ

**ଚଳିତବର୍ଷ ମାଟ୍ରିକ ସମ୍ମେଟିଭ୍-୨ ପରୀକ୍ଷା ସୋମବାର ଶାନ୍ତି ଶୃଙ୍ଖଳାର ସହ ଶେଷ ହୋଇଥିବା ବୋର୍ଡ ଏବଂ ଗଣଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି। ହେଲେ ପରୀକ୍ଷାର ବିଭିନ୍ନ ଦିନରେ ଭିନ୍ନ ଭିନ୍ନ ସ୍ଥାନରୁ ଅନିୟମିତତା ଅଭିଯୋଗ ଆସିଥିଲା। ଏପରି କି ଶେଷଦିନ ଗଣିତ ପରୀକ୍ଷା ବେଳେ ପୁରୀ ଜିଲାର ଏକ ସ୍କୁଲରୁ ପରୀକ୍ଷାର କିଛି ସମୟ ମଧ୍ୟରେ ପ୍ରଶ୍ନପତ୍ର ଲିକ୍ ହୋଇଥିବା ବିରୋଧୀ ଅଭିଯୋଗ ଆଣିଥିଲେ। ତେବେ ଏହାକୁ ବିଭାଗୀୟ ମନ୍ତ୍ରୀ ଏବଂ ବୋର୍ଡ କର୍ତ୍ତୃପକ୍ଷ ଖଣ୍ଡନ କରିଛନ୍ତି।**

**ଭୁବନେଶ୍ୱର(ବ୍ୟୁରୋ)/କଟକ ଅଫିସ, ୨୦।୩**

ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ସମ୍ମେଟିଭ-୨ ପରୀକ୍ଷା ସୋମବାର ଶେଷ ହୋଇଛି। ପରୀକ୍ଷା ପାଇଁ ବୋର୍ଡ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ମାର୍ଚ୍ଚ ୧୦ତାରିଖରୁ ଆରମ୍ଭ ହୋଇଥିବା ପରୀକ୍ଷା ଶେଷ ହୋଇଥିବାରୁ ଛାତ୍ରୀଛାତ୍ରମାନେ ଖୁସିରେ ସେଣ୍ଟରରୁ ପରୀକ୍ଷା ଦେଇ ଫେରୁଥିବା ଦେଖିବାକୁ ମିଳିଥିଲା। ଶେଷଦିନରେ ଗଣିତ ପରୀକ୍ଷା ଥିବାରୁ ପିଲାମାନଙ୍କୁ ଅତିରିକ୍ତ ୧୫ ମିନିଟ୍ ଦିଆଯାଇଥିଲା। ଆସନ୍ତା ଏପ୍ରିଲ ୩ ତାରିଖରୁ ଖାତାଦେଖା ଆରମ୍ଭ ହେବ। ଏଥିପାଇଁ ବୋର୍ଡ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ପ୍ରତ୍ୟେକ ବର୍ଷ ଭଳି ଚଳିତବର୍ଷ ମଧ୍ୟ ଖାତା ଦେଖାରେ ନିୟୋଜିତ ହେବାକୁ ଥିବା ଶିକ୍ଷକଙ୍କୁ ଏଥିପାଇଁ ଟ୍ରେନିଂ ଦିଆଯିବ। ଏଥିପାଇଁ ପ୍ରାୟ ୪୫ ଦିନର ସମୟ ଲକ୍ଷ୍ୟ ରଖିଛନ୍ତି ବୋର୍ଡ କର୍ତ୍ତୃପକ୍ଷ। ମୂଲ୍ୟାୟନ ପାଇଁ ୫୬ଟି ମୂଲ୍ୟାୟନ କେନ୍ଦ୍ର କରାଯାଇଛି। ମୂଲ୍ୟାୟନ ପ୍ରକ୍ରିୟାଠାରୁ ୧୨ ଦିନ ଭିତରେ ଖାତାଦେଖା କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଥିବା ବୋର୍ଡ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଖାତା ଦେଖିବା ପାଇଁ ଯେଉଁ ଶିକ୍ଷକମାନଙ୍କୁ ନିୟୋଜିତ କରାଯିବ, ସେମାନଙ୍କୁ ଭଲ ଭାବେ ଟ୍ରେନିଂ ଦିଆଯିବ, ଫଳରେ ଖାତାଦେଖା ଠିକ୍ ଭାବରେ ହୋଇପାରିବ। ସେହିପରି ଖୁବ୍‌ଶୀଘ୍ର ଫଳାଫଳ ପ୍ରକାଶ ପାଇବା ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ବୋର୍ଡ ସଭାପତି ରାମାଶିଷ ହାଜରା କହିଛନ୍ତି। ଅପରପକ୍ଷେ ପରୀକ୍ଷାର ଶେଷ ଦିନରେ ☞ପୃଷ୍ଠା-୪

### ପ୍ରଶ୍ନପତ୍ର ଲିକ୍ ପ୍ରସଙ୍ଗରେ ମନ୍ତ୍ରୀଙ୍କ ଇସ୍ତଫା ଦାବି

**ଭୁବନେଶ୍ୱର,୨୦।୩(ବ୍ୟୁରୋ)**

- **ବାଚସ୍ପତି ଡାକିଲେ ସର୍ବଦଳୀୟ ବୈଠକ**
- **ପ୍ରଶ୍ନପତ୍ର ଲିକ୍ ଅଭିଯୋଗ ଅସତ୍ୟ: ଗଣଶିକ୍ଷା ମନ୍ତ୍ରୀ**

ମାଟ୍ରିକ୍ ପରୀକ୍ଷା ପ୍ରଶ୍ନପତ୍ର ଲିକ୍‌କୁ ନେଇ ବିଧାନସଭା ହୁଲସ୍ଥୁଲ। ସୋମବାର ଏହି ପ୍ରସଙ୍ଗକୁ ନେଇ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ଇସ୍ତଫା ଦାବିକରି ବିରୋଧୀ ଗୃହରେ ପ୍ରବଳ ହଟ୍ଟଗୋଳ କରିଛନ୍ତି। ପ୍ରଶ୍ନକାଳ, ଶୂନ୍ୟକାଳ, ମୁଲତବୀ ସବୁ କିଛି ବରବାଦ ହୋଇଯାଇଛି। ବିରୋଧୀଙ୍କ ହଟ୍ଟଗୋଳ ଦେଖି ବାଚସ୍ପତି ବିକ୍ରମ କେଶରୀ ଆରୁଖ ବିଭିନ୍ନ ପର୍ଯ୍ୟାୟରେ ଗୃହକୁ ଅପରାହ୍ନ ୪ଟା ୨୬ ମିନିଟ୍ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ।

ପୂର୍ବାହ୍ନ ୧୦ଟା ୩୦ ମିନଟ୍‌ରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ ହେବା ମାତ୍ରେ ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି ମାଟ୍ରିକ୍ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ☞ପୃଷ୍ଠା-୪

## ଜଉମୁଦ ଲଫାପା ରିପୋର୍ଟକୁ ସିଜେଆଇଙ୍କ ଅଗ୍ରାହ୍ୟ

### ଓଆର୍‌ଓପି ବକେୟା ପୈଠ କରିବାକୁ କେନ୍ଦ୍ର ବାଧ

**ନୂଆଦିଲ୍ଲୀ, ୨୦।୩(ପି.ଟି.):** ଅବସରପ୍ରାପ୍ତ ସେନା କର୍ମଚାରୀମାନଙ୍କ ୱାନ୍ ର୍‍ୟାଙ୍କ୍ ୱାନ୍ ପେନ୍‌ସନ(ଓଆର୍‌ଓପି)ର ବକେୟା ପ୍ରାପ୍ୟ ପୈଠ କରିବା ଲାଗି ସର୍ବୋଚ୍ଚ ଅଦାଲତ ପୂର୍ବରୁ ଦେଇଥିବା ରାୟକୁ ଅନୁପାଳନ କରିବା ଲାଗି କେନ୍ଦ୍ର ସରକାର ବାଧ ବୋଲି ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଛନ୍ତି। ୨୦୧୯ରୁ ୨୦୨୨ମଧ୍ୟରେ ସେମାନଙ୍କ ବକେୟା ରହିଥିବା ୨୮,୦୦୦ କୋଟି ଟଙ୍କା ପେନ୍‌ସନ ରାଶି ଆସନ୍ତାବର୍ଷ ଫେବୃଆରୀ ସୁଦ୍ଧା ପୈଠ କରିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଓଆର୍‌ଓପି ଦେୟ ପ୍ରସଙ୍ଗରେ କେନ୍ଦ୍ର ଜଉମୁଦ ଲଫାପାରେ ଦାଖଲ କରିଥିବା ନୋଟ୍‌କୁ ସିଜେଆଇ ଗ୍ରହଣ କରିବାକୁ ମନା କରିଦେଇଛନ୍ତି। ଗୋପନରେ ରିପୋର୍ଟ ଦାଖଲ ନ କରି ଏହାକୁ ଅଦାଲତରେ ପଢ଼ ନଚେତ୍ ଫେରାଇନିଅ ବୋଲି ସିଜେଆଇ ଆର୍ଟର୍ନି ଜେନେରାଲ ଆର୍. ଭେଙ୍କଟରମଣୀଙ୍କୁ କହିଥିଲେ। ସୁପ୍ରିମକୋର୍ଟରେ ଜଉମୁଦ ଲଫାପା ଧାରା ବନ୍ଦ ହେବା ଆବଶ୍ୟକ। ଏହା ମୂଳତଃ ନିରପେକ୍ଷ ନ୍ୟାୟ ପ୍ରକ୍ରିୟାର ପରିପନ୍ଥୀ ବୋଲି ସିଜେଆଇ କହିଛନ୍ତି। ବ୍ୟକ୍ତିଗତ ଭାବେ ସେ ସିଲ୍ଡ କଭରର ବା ଜଉମୁଦ ଲଫାପାର ବିରୋଧୀ। କୋର୍ଟରେ ସବୁକିଛି ସ୍ୱଚ୍ଛ ହେବା ଆବଶ୍ୟକ। ନିର୍ଦ୍ଦେଶ କାର୍ଯ୍ୟକାରିତାରେ ଗୋପନୀୟତା କ'ଣ ବୋଲି ସିଜେଆଇ ପ୍ରଶ୍ନ କରିଥିଲେ। ତେବେ ଯଦି କୌଣସି ତଥ୍ୟ ବା ରିପୋର୍ଟ କାହାର ବ୍ୟକ୍ତିଗତ ଜୀବନ ପ୍ରତି ଭୟ ଥିବ, ସେଠାରେ ଏହାକୁ ଗୋପନୀୟ ରଖାଯାଇପାରେ ବୋଲି ଜଷ୍ଟିସ୍ ଚନ୍ଦ୍ରଚୂଡ଼ କହିଛନ୍ତି। ☞ପୃଷ୍ଠା-୪



ଡି.ୱାଇ. ଚନ୍ଦ୍ରଚୂଡ଼

**ଆଜିର ସମ୍ପାଦକୀୟ**

**ମସ୍କୋରେ ଶି**

## ବୃଦ୍ଧାଙ୍କୁ ଖାଇଗଲା ବାଘ

**ଭୁବନେଶ୍ୱର(ବ୍ୟୁରୋ)/ ନୂଆପଡ଼ା ଅଫିସ,୨୦।୩**

**ସୁନାବେଡ଼ା ଅଭୟାରଣ୍ୟରେ ଆତଙ୍କ**

- **ଜାଳେଣି କାଠ ସଂଗ୍ରହ ପାଇଁ ଯାଇଥିଲେ**
- **ମହାବଳ ନୁହେଁ, କଲରାପତରିଆ: ପିସିସିଏଫ୍**



ବୃଦ୍ଧାଙ୍କ ଫାଇଲ ଫଟୋ

ନୂଆପଡ଼ା ଜିଲା କୋମନା ବ୍ଲକ ଅଧୀନ ସୁନାବେଡ଼ା ବନ୍ୟପ୍ରାଣୀ ଅଭୟାରଣ୍ୟ ଭିତରେ ଅବସ୍ଥିତ ସୋସେଙ୍ଗ ପଞ୍ଚାୟତ ଜଲମଡେଇ ଗାଁର ଜଣେ ବୃଦ୍ଧାଙ୍କୁ ମହାବଳ ବାଘ ଜଙ୍ଗଲକୁ ଟେକି ନେଇ ଖାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବୃଦ୍ଧା ଜଣକ ହେଲେ ଉକ୍ତ ଗ୍ରାମର ସାନମତି ବାରିକ (୬୮)। ପାରପାର୍ଶ୍ୱିକ ସ୍ଥିତିକୁ ଦେଖିବା ପରେ ବୃଦ୍ଧାଙ୍କୁ ମହାବଳ ବାଘ ମାରିଦେଇଥିବା ନେଇ ସ୍ଥାନୀୟ ରେଞ୍ଜର ପ୍ରଥମେ ସୂଚନା ଦେଇଥିଲେ। ହେଲେ ପରେ ଏହାକୁ ପିସିସିଏଫ୍ ଖଣ୍ଡନ କରିଛନ୍ତି। ବାଘ ମାରିଥିବା ନେଇ ଯେଉଁ ଚର୍ଚ୍ଚା ହେଉଛି ତାହା କଲରାପତରିଆ ବୋଲି ପିସିସିଏଫ୍ ସ୍ପଷ୍ଟ କରିଛନ୍ତି। ଆତଙ୍କ ରଚାଇଥିବା ବାଘଟି ମହାବଳ ନୁହେଁ, କଲରାପତରିଆ। ବନ ବିଭାଗ ବାଘ ଉପରେ କଡ଼ା ନଜର ରଖିଛି। ଲୋକଙ୍କୁ ସତର୍କ କରାଇବା ସହ ବାଘ ଆକ୍ରମଣରେ ମୃତକଙ୍କ ପରିବାରକୁ କ୍ଷତିପୂରଣ ରାଶି ଦେବା ପାଇଁ ଡିଏଫ୍‌ଓଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ପିସିସିଏଫ୍ ସୂଚନା ଦେଇଛନ୍ତି।

ସୂଚନା ମୁତାବକ ରବିବାର ସନ୍ଧ୍ୟାରେ ଜଲମଡେଇ ଗାଁର ସାନମତି ଘର ପଛପଟ ବାଡ଼ିକୁ ଜାଳେଣି କାଠ ସଂଗ୍ରହ କରିବା ☞ପୃଷ୍ଠା-୪

## ରାଜ୍ୟରେ ବଢ଼ିଛି ଅପରାଧ

**ଭୁବନେଶ୍ୱର,୨୦।୩(ବ୍ୟୁରୋ)**

**ଶ୍ୱେତପତ୍ର-୨୦୨୨**

**ବର୍ଷକରେ ୧.୭୮ ଲକ୍ଷ ଆପରାଧିକ ମାମଲା**

ରାଜ୍ୟରେ ଅପରାଧ ବଢ଼ି ଚାଲିଛି। ଏକଥା ଖୋଦ୍ ରାଜ୍ୟ ଗୃହ ବିଭାଗ ପକ୍ଷରୁ ସୋମବାର ୨୦୨୨ ବର୍ଷ ପାଇଁ ପ୍ରକାଶିତ ଶ୍ୱେତପତ୍ରରେ ଉଲ୍ଲେଖ ରହିଛି। ୨୦୨୧ରେ ରାଜ୍ୟରେ ୧,୫୫, ୪୨୦ ଆପରାଧିକ ମାମଲା ରୁଜୁ ହୋଇଥିବାବେଳେ ୨୦୨୨ରେ ୧ଲକ୍ଷ ୭୮ ହଜାର ୧୯୦ଟି ଧର୍ତ୍ତବ୍ୟ ଅପରାଧ ମାମଲା ରୁଜୁ ହୋଇଛି। ସେଥିରୁ ୧,୬୯,୭୩୫ଟି ମାମଲା ସତ୍ୟ ଆଧାରିତ ଥିବାବେଳେ ୧,୧୮, ୫୪୭ ଜଣଙ୍କ ବିରୋଧରେ ଚାର୍ଜଶିଟ ଦାଖଲ କରାଯାଇଛି। ୨୦୨୨ରେ ରୁଜୁ ହୋଇଥିବା ମାମଲା ମଧ୍ୟରୁ ୩,୧୮୪ଟି ବଳାତ୍କାର, ୧,୩୭୯ଟି ହତ୍ୟା, ୨,୯୯୮ଟି ଲୁଣ୍ଠନ, ୫,୪୭୭ ସନ୍ଧିଚୋରି, ୧୪,୮୯୩ ଚୋରି, ୬୨୬ଟି ଡକାୟତି, ୫,୩୫୨ ପ୍ରତାରଣା. ୨,୨୪୮ଦଙ୍ଗା, ୧୧,୬୬୩ ମୋଟରଯାନ ଦୁର୍ଘଟଣା ଏବଂ ୧୩,୩୮୦ଟି ଅନ୍ୟାନ୍ୟ ମାମଲା ରହିଛି। ୩,୧୪୮ ବଳାତ୍କାର ମାମଲା ମଧ୍ୟରୁ ୩,୧୩୫ ମାମଲା ସତ୍ୟ ଅଟେ। ସେଥିରୁ ବର୍ଷ ଶେଷ ସୁଦ୍ଧା ୨,୨୩୭ଟିରେ ଚାର୍ଜଶିଟ ଦାଖଲ କରାଯାଇଛି। ଶ୍ୱେତପତ୍ରରେ କୁହାଯାଇଛି ଯେ, ଆପରାଧିକ ମାମଲା ବୃଦ୍ଧି ସତ୍ତ୍ୱେ ୨୦୨୨ରେ ଆଇନଶୃଙ୍ଖଳା ପରିସ୍ଥିତି ଶାନ୍ତିପୂର୍ଣ୍ଣ ରହିଛି। ସେହିପରି ରାଜ୍ୟରେ ୨୭ଟି ମାଓବାଦୀ ଘଟଣା ଘଟିଛି। ଏଥିରେ ୭ ମାଓବାଦୀଙ୍କ ମୃତ୍ୟୁ ☞ପୃଷ୍ଠା-୪

## ୟୁଏଇରେ ଷଷ୍ଠ ଶତାବ୍ଦୀର ସହର ଠାବ

**ସିନିୟାହ ଆଇଲାଣ୍ଡ, ୨୦।୩**

ୟୁନାଇଟେଡ୍ ଆରବ ଏମିରାଟ୍ସ (ୟୁଏଇ)ର ଭୂତତ୍ତ୍ୱବିତ୍‌ମାନେ ନର୍ଦ୍ଦର୍ନ ଶେଖଡୋମ୍ସର ଦ୍ୱୀପରୁ ଷଷ୍ଠ ଶତାବ୍ଦୀର ଏକ ସହର ଠାବ କରିଛନ୍ତି। ଉମ ଅଲ-କୁୱେନର ସିନିୟାହ ଦ୍ୱୀପରେ ଅବସ୍ଥିତ ଏହି ସହରରେ ଅନେକ ହଜାର ଲୋକ ବାସ କରୁଥିବାବେଳେ ଏଠାରେ ଶତାଧିକ ଘର ଥିଲା। ପ୍ରଥମ ଥର ଲାଗି ଆରବିଆନ୍ ଗଲ୍ଫରୁ ବହୁ ପୁରାତନ ସହରର ସନ୍ଧାନ ମିଳିଥିବା ଭୂତତ୍ତ୍ୱବିତ୍‌ମାନେ ଦାବି କରିଛନ୍ତି। ୟୁନାଇଟେଡ୍ ଆରବ ଏମିରାଟ୍ସର ସବୁଠୁ ପୁରୁଣା ଖଇଲଜି ପଲିଙ୍ଗ ଟାଉନ୍‌ର ଏହା ଏକ ☞ପୃଷ୍ଠା-୪








କେରଳ ହାଇକୋର୍ଟରେ ପ୍ରଥମ ଟ୍ରାନ୍ସଜେଣ୍ଡର ଆଇନଜୀବୀ ପଦ୍ମା ଲକ୍ଷ୍ମୀ କାର୍ଯ୍ୟ ଆରମ୍ଭ କରିଛନ୍ତି। ରାଜ୍ୟ ଶିଳ୍ପମନ୍ତ୍ରୀ ପି. ରାଜୀବ ପଦ୍ମାଙ୍କ ଫଟୋ ସୋସିଆଲ ମିଡିଆରେ ଶେୟାର୍ କରି ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ପଦ୍ମା ଇର୍ନାକୁଲମ ସରକାରୀ ଲ' କଲେଜରେ ଶିକ୍ଷା ଗ୍ରହଣ କରୁଥିଲେ। ରବିବାର ରାଜ୍ୟର ୧୫୦୦ ଲ' ଗ୍ରାଜୁଏଟ୍‌ଙ୍କୁ ବାର୍ ପଞ୍ଜୀକୃତ ପ୍ରମାଣପତ୍ର ପ୍ରଦାନ କରାଯାଇଛି।

## ସଂକ୍ଷେପରେ

### ପଓ୍ୱନ ଖେରାଙ୍କ ଜାମିନ ମିଆଦ ୧୦ ଯାଏ ବଢ଼ିଲା

**ନୂଆଦିଲ୍ଲୀ, ୨୦।୩:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେବା ଅଭିଯୋଗରେ କଂଗ୍ରେସ ନେତା ପଓ୍ୱନ ଖେରାଙ୍କ ବିରୋଧରେ ଦାଏର ୩ଟିଯାକ ଏତଲାକୁ ସୁପ୍ରିମକୋର୍ଟ ସୋମବାର ଏକାଠି କରି ଉତ୍ତରପ୍ରଦେଶର ଲକ୍ଷ୍ନୌସ୍ଥିତ ହଜରତ୍‌ଜଙ୍ଗ ଥାନାକୁ ପଠାଇଦେଇଛନ୍ତି। ଏଥିସହିତ ଖେରାଙ୍କ ଅନ୍ତରୀଣ ଜାମିନ ମିଆଦକୁ ପ୍ରଧାନ ବିଚାରପତି(ସିଜେଆଇ) ଡି.ଓ୍ୱାଇ. ଚନ୍ଦ୍ରଚୂଡ଼ଙ୍କ ଖଣ୍ଡପୀଠ ଏପ୍ରିଲ ୧୦ ପର୍ଯ୍ୟନ୍ତ ବଢ଼ାଇ ଦେଇଛନ୍ତି। ଖେରାଙ୍କ ବିରୋଧରେ ୩ଟି ଏତଲା ମଧ୍ୟରୁ ୨ଟି ବାରାଣସୀର କ୍ୟାଣ୍ଟନମେଣ୍ଟ ଥାନା ଏବଂ ଲକ୍ଷ୍ନୌର ହଜରତଗଞ୍ଜ ଥାନାରେ ରୁଜୁ ହୋଇଥିବାବେଳେ ତୃତୀୟଟି ଆସାମରେ ରୁଜୁ ହୋଇଥିଲା।

### ରେଳଷ୍ଟେଶନ ଡିସ୍‌ପ୍ଲେ ସ୍କ୍ରିନ୍‌ରେ ଅଶ୍ଳୀଳ ଭିଡିଓ

**ପାଟନା, ୨୦।୩:** ବିହାର ପାଟନା ରେଳଷ୍ଟେଶନ୍ ଡିସ୍‌ପ୍ଲେ ସ୍କ୍ରିନ୍‌ରେ ୩ ମିନିଟ୍‌ର ଅଶ୍ଳୀଳ ଭିଡିଓ ପ୍ରସାରଣ ହେବା ଘଟଣାକୁ ନେଇ ଚର୍ଚ୍ଚା ଜୋର ଧରିଛି। ରବିବାର ସକାଳ ପ୍ରାୟ ୧୦ଟାବେଳେ ପାଟନା ଜଙ୍କଶନ୍ ରେଳ ଷ୍ଟେଶନ୍‌ରେ ଲାଗିଥିବା ଏଲ୍‌ଇଡି ସ୍କ୍ରିନ୍‌ରେ ବିରତି ବଦଳରେ ପର୍ନ ଭିଡିଓ ଚାଲିଥିଲା। ସେଠାରେ ଥିବା ଯାତ୍ରୀ ଏହି ଭିଡିଓକୁ ନିଜ ଫୋନ୍‌ରେ କଏଦ କରିଥିବାବେଳେ ରେଲ୍‌ୱେ ପ୍ରୋଟେକ୍ସନ୍ ଫୋର୍ସ ପରବର୍ତ୍ତି ସମୟରେ ଭିଡିଓ ପ୍ରସାରଣ ରୋକିଥିଲେ। ସ୍କ୍ରିନ୍‌ରେ ବିରତି ପ୍ରସାରଣ ଦାୟିତ୍ୱରେ ଥିବା ଦତ୍ତା କମ୍ୟୁନିକେଶନ୍ ବିରୋଧରେ ଏତଲା ଦାଏର କରାଯିବା ସହ ଏଜେନ୍ସିକୁ ରେଳ ବିଭାଗ ପକ୍ଷରୁ କଳା ତାଲିକାଭୁକ୍ତ କରାଯାଇଛି।

### ଆସ୍ଥାଭୋଟ ଜିତିଲେ ପ୍ରଚଣ୍ଡ



**କାଠମାଣ୍ଡୁ, ୨୦।୩:** ନେପାଳ ପ୍ରଧାନମନ୍ତ୍ରୀ ପୁଷ୍ପ କମଲ ଦହଲ 'ପ୍ରଚଣ୍ଡ' ସୋମବାର ପାର୍ଲାମେଣ୍ଟରେ ଆସ୍ଥାଭୋଟ ଜିତିଛନ୍ତି। ନେପାଳରେ ନୂଆ ସରକାର ଗଢ଼ିବାର ୩ ମାସ ମଧ୍ୟରେ ଏହା ପ୍ରଚଣ୍ଡଙ୍କର ଦ୍ୱିତୀୟ ସଂଖ୍ୟାଗରିଷ୍ଠତାର ପ୍ରମାଣ ଥିଲା। ୨୭୫ ସଦସ୍ୟ ବିଶିଷ୍ଟ ପ୍ରତିନିଧି ସଭାରେ ପ୍ରଚଣ୍ଡଙ୍କୁ ୧୭୨ ଭୋଟ ମିଳିଥିବାବେଳେ ତାଙ୍କ ବିରୋଧରେ ୮୯ ଭୋଟ ଯାଇଥିଲା ଓ ଜଣେ ସଦସ୍ୟ ଅନୁପସ୍ଥିତ ରହିଥିଲେ। ନେପାଳୀ କଂଗ୍ରେସ, ସିପିଏନ୍-ମାଓଇଷ୍ଟ ସେଣ୍ଟର, ରାଷ୍ଟ୍ରୀୟ ସ୍ୱତନ୍ତ୍ର ପାର୍ଟି, ଜନତା ସମାଜବାଦୀ ପାର୍ଟି ନେପାଳ, ସିପିଏନ୍-ୟୁନିଫାଏଡ୍ ସୋସିଆଲିଷ୍ଟ, ଲୋକତାନ୍ତ୍ରିକ ସମାଜବାଦୀ ପାର୍ଟି ନେପାଳ, ଜନମତ ପାର୍ଟି, ନାଗରିକ ଉନ୍ମୁକ୍ତି ପାର୍ଟି, ରାଷ୍ଟ୍ରୀୟ ଜନମୋର୍ଚ୍ଚା ଏବଂ ଆମ ଜନତା ପାର୍ଟି ପ୍ରଚଣ୍ଡଙ୍କ ସପକ୍ଷରେ ଭୋଟ ଦେଇଥିଲେ। ସରକାରରୁ ରାଷ୍ଟ୍ରୀୟ ପ୍ରଜାତନ୍ତ୍ର ପାର୍ଟି ଏବଂ ସିପିଏନ୍-ୟୁଏମ୍‌ଏଲ୍ ସମର୍ଥନ ପ୍ରତ୍ୟାହାର କରିନେବାରୁ ପ୍ରଚଣ୍ଡଙ୍କୁ ଆସ୍ଥାଭୋଟ ଲୋଡ଼ିବାକୁ ପଡ଼ିଥିଲା।

### ଇଟାଭାଟିରେ ବିସ୍ଫୋରଣ: ୪ ମହିଳା ଶ୍ରମିକ ମୃତ

**ପାଟନା, ୨୦।୩:** ବିହାରର ମାନେର ଥାନା ଅନ୍ତର୍ଗତ ବ୍ୟାପୁର ଗ୍ରାମରେ ଥିବା ଏକ ଇଟାଭାଟିରେ ସୋମବାର ବିସ୍ଫୋରଣ ଘଟି ୪ ମହିଳା ଶ୍ରମିକ ପ୍ରାଣ ହରାଇଛନ୍ତି। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ଏକ କାନ୍ଥ ଭୁଶୁଡ଼ି ପଡ଼ିବାରୁ ମହିଳାମାନେ ଭାଟି ଭିତରେ ରହିଯାଇଥିଲେ। ୩ ଜଣ ମୃତକଙ୍କ ଘର ଝାଡ଼ଖଣ୍ଡରେ ହୋଇଥିବାବେଳେ ଜଣେ ବିହାର ଗୟା ଜିଲାର ବୋଲି ଜଣାପଡ଼ିଛି।



ଉତ୍ପାଦିତ ଫସଲ ଉପରେ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ଦାବିରେ ସୋମବାର ନୂଆଦିଲ୍ଲୀରେ ଆୟୋଜିତ ମହାପଞ୍ଚାୟତରେ କୃଷକମାନେ ସାମିଲ ହୋଇଛନ୍ତି।(ଫଟୋ: ଚମନ ଗୌତମ)

# ତେଜୁଛି ଭାରତ ବିରୋଧୀ ଖଲିସ୍ତାନୀ ବିକ୍ଷୋଭ

- ଅଷ୍ଟ୍ରେଲିଆ ପରେ ଲଣ୍ଡନ, ସାନ୍ ଫ୍ରାନ୍ସିସ୍କୋରେ ଭାରତୀୟ ମିଶନକୁ ଟାର୍ଗେଟ
- ପ୍ରତିବାଦ ଜଣାଇଲା ନୂଆଦିଲ୍ଲୀ
- ୬ ଖଲିସ୍ତାନୀଙ୍କ ଫଟୋ ଜାରି କଲା ଅଷ୍ଟ୍ରେଲିଆ ପୋଲିସ

**ଓ୍ୱାଶିଂଟନ/ଲଣ୍ଡନ/ନୂଆଦିଲ୍ଲୀ, ୨୦।୩**

ଅଷ୍ଟ୍ରେଲିଆ ପରେ ଏବେ ଲଣ୍ଡନ ଏବଂ ସାନ୍ ଫ୍ରାନ୍ସିସ୍କୋରେ ଥିବା ଭାରତୀୟ ମିଶନକୁ ଖଲିସ୍ତାନୀ ବିକ୍ଷୋଭକାରୀମାନେ ଟାର୍ଗେଟ କରିଛନ୍ତି। ରବିବାର ଖଲିସ୍ତାନୀ ସମର୍ଥକମାନେ ଲଣ୍ଡନରେ ଥିବା ଭାରତୀୟ ହାଇକମିଶନ ବିଲ୍ଡିଂରୁ ଜାତୀୟ ପତାକା ଓହ୍ଲାଇଦେଇଥିଲେ। ଏହା ପରେ ଆମେରିକାର ସାନ୍‌ଫ୍ରାନ୍ସିସ୍କୋସ୍ଥିତ ଭାରତୀୟ ବାଣିଜ୍ୟିକ ଦୂତାବାସ ଉପରେ ବହୁସଂଖ୍ୟାରେ ଖଲିସ୍ତାନୀ ସମର୍ଥକ ଆକ୍ରମଣ କରିଛନ୍ତି। ସେମାନେ ବିଲ୍ଡିଂର ବାହାର କାନ୍ଥରେ 'ଅମ୍ରିତ୍‌ପାଲଙ୍କୁ ମୁକ୍ତ କର' ଲେଖାଥିବା ବିଶାଳ ଭିତ୍ତିଚିତ୍ର ଆଙ୍କିଛନ୍ତି। ଆକ୍ରମଣକାରୀମାନେ ଖଲିସ୍ତାନୀ ପତାକା ଲାଗିଥିବା ଏକ କାଠ ବଟ୍‌ରେ ଭାରତୀୟ କନ୍‌ସୁଲେଟ୍ ବିଲ୍ଡିଂର କାଚ ଦ୍ୱାର ଓ ଝରକା ଭାଙ୍ଗୁଥିବା ଭିଡିଓରେ ଦେଖିବାକୁ ମିଳିଛି। ବହୁସଂଖ୍ୟାରେ ଖଲିସ୍ତାନୀ ସମର୍ଥକ ହାତରେ ପତାକା ଧରି ବ୍ୟାରିକେଡ୍ ହଟାଇ କନ୍‌ସୁଲେଟ ବିଲ୍ଡିଂରେ ଧସେଇ ପଶିବା ସହ ସେଠାରେ ଥିବା କର୍ମଚାରୀଙ୍କୁ ଗୋଡ଼ାଇ ତଡ଼ିଥିଲେ। ଖଲିସ୍ତାନୀ ବିକ୍ଷୋଭକାରୀଙ୍କ ଏଭଳି ହିଂସାକାଣ୍ଡକୁ ସେଠାର କମ୍ୟୁନିଟି ନେତା ଅଜୟ ଭୁଟୋରିଆ ନିନ୍ଦା କରିଛନ୍ତି। ଏହା କେବଳ ଭାରତ-ଆମେରିକା କୂଟନୈତିକ ସମ୍ପର୍କ ପ୍ରତି ବିପଦ ସୃଷ୍ଟି କରିନାହିଁ, ଆମ ସମ୍ପ୍ରଦାୟର ଶାନ୍ତି ଓ ସଦ୍‌ଭାବନା ଉପରେ ଆକ୍ରମଣ ବୋଲି ସେ କହିଛନ୍ତି।

ଖଲିସ୍ତାନୀ ପତାକା ଧରିଥିବା ସମର୍ଥକମାନେ ଲଣ୍ଡନର ଓ୍ୱେଷ୍ଟମିନିଷ୍ଟରସ୍ଥିତ ଭାରତୀୟ ହାଇକମିଶନଙ୍କ କାର୍ଯ୍ୟାଳୟ ବିଲ୍ଡିଂରୁ ତ୍ରିରଙ୍ଗା ହଟାଇଦେବା ପରେ ଏହାକୁ ନେଇ ସେଠାରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ସମର୍ଥକମାନେ ଖଲିସ୍ତାନୀ ସ୍ଲୋଗାନ ଦେବା ସହ ବିଲ୍ଡିଂ ଭିତରେ ଧସେଇ ପଶିବାକୁ ଉଦ୍ୟମ କରିଥିଲେ।




ଲଣ୍ଡନସ୍ଥିତ ଭାରତୀୟ ହାଇକମିଶନ ବିଲ୍ଡିଂରୁ ଖଲିସ୍ତାନୀ ସମର୍ଥକ ଜାତୀୟ ପତାକା ଓହ୍ଲାଉଛନ୍ତି।

ବିକ୍ଷୋଭକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଲାଗି ନୂଆଦିଲ୍ଲୀସ୍ଥିତ ବରିଷ୍ଠ ବ୍ରିଟିଶ କୂଟନୀତିଜ୍ଞଙ୍କୁ ସମନ କରାଯାଇଛି। ଭାରତୀୟ ମିଶନରେ ସୁରକ୍ଷା ତ୍ରୁଟିକୁ ନେଇ ବହିର୍ବ୍ୟାପାର ମନ୍ତ୍ରଣାଳୟ ବ୍ରିଟେନ ସରକାରଙ୍କୁ ସମାଲୋଚନା କରିଛି। ଏବେ ହାଇକମିଶନ ବିଲ୍ଡିଂରେ ପୂର୍ବାପେକ୍ଷା ବଡ଼ ତ୍ରିରଙ୍ଗା ଲଗାଯାଇଛି।

ଲଣ୍ଡନରେ ଖଲିସ୍ତାନୀ ସମର୍ଥକଙ୍କ ଭାରତ ବିରୋଧୀ କାର୍ଯ୍ୟକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ସୋମବାର ନୂଆଦିଲ୍ଲୀସ୍ଥିତ ବ୍ରିଟେନ ମିଶନ ବାହାରେ ଶିଖ୍ ସମ୍ପ୍ରଦାୟର ସଦସ୍ୟମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଗତ କିଛିମାସ ହେଲା ଅଷ୍ଟ୍ରେଲିଆର ବିଭିନ୍ନ ସହରରେ ଖଲିସ୍ତାନୀ ସମର୍ଥକମାନେ ହିନ୍ଦୁ ମନ୍ଦିର ଓ ଭାରତୀୟ ମିଶନକୁ ଟାର୍ଗେଟ କରିଆସୁଛନ୍ତି। ଅଷ୍ଟ୍ରେଲିଆର ମେଲବୋର୍ନରେ ଖଲିସ୍ତାନୀ ସମର୍ଥକ ଏବଂ ଭାରତ ସପକ୍ଷବାଦୀ ବିକ୍ଷୋଭକାରୀଙ୍କ ମଧ୍ୟରେ ଦୁଇଥର ସଂଘର୍ଷ ଘଟିଲାଣି। ସେମାନେ ପଞ୍ଜାବ ସ୍ୱାଧୀନତା ପାଇଁ ତଥାକଥିତ ଗଣଭୋଟ ନିମନ୍ତେ ଉଦ୍ୟମ ଚଳାଇଛନ୍ତି। ଗତ ଜାନୁୟାରୀରେ ଖଲିସ୍ତାନ ଗଣଭୋଟ ଘଟଣାରେ ସାମିଲ ଥିବା ୬ ଜଣଙ୍କ ଫଟୋ ସୋମବାର ଅଷ୍ଟ୍ରେଲିଆର ଭିକ୍ଟୋରିଆ ପ୍ରଦେଶ ପୋଲିସ ଜାରି କରିଛି।

## ପାର୍ଲାମେଣ୍ଟ ଦିନକ ପାଇଁ ମୁଲତବୀ

**ନୂଆଦିଲ୍ଲୀ, ୨୦।୩**

ଲଣ୍ଡନରେ କଂଗ୍ରେସ ନେତା 'ଭାରତର ଗଣତନ୍ତ୍ର ବିପଦରେ' ବୋଲି ଦେଇଥିବା ମନ୍ତବ୍ୟ ଏବଂ ଆଦାନୀ ଗ୍ରୁପ୍ ବିରୋଧରେ ଅଭିଯୋଗର ଜେପିସି ତଦନ୍ତ ଦାବିରେ ସୋମବାର ମଧ୍ୟ ପାର୍ଲାମେଣ୍ଟର ଉଭୟ ଗୃହରେ ଅଚଳାବସ୍ଥା ଜାରି ରହିବା ସହ ଦିନକ ପାଇଁ ମୁଲତବୀ ଘୋଷଣା କରାଯାଇଛି। ରାହୁଲ ଗାନ୍ଧୀ ତାଙ୍କ ମନ୍ତବ୍ୟ ପାଇଁ କ୍ଷମା ମାଗନ୍ତୁ ଦାବିରେ ରାଜ୍ୟ ସଭାରେ ଶାସକ ଦଳ ଅଡ଼ିବସିଥିବାବେଳେ ଆଦାନୀ ଗ୍ରୁପ୍ ବିରୋଧରେ ଜେପିସି ତଦନ୍ତ ଲାଗି କଂଗ୍ରେସ ଏମ୍‌ପିମାନେ ଦାବି ଦୋହରାଇଥିଲେ। ଫଳରେ ରାଜ୍ୟ ସଭା କାର୍ଯ୍ୟ ଚାଲିପାରି ନ ଥିଲା। ସ୍ଲୋଗାନବାଜି ଜାରି ରହିବାରୁ ଗୃହରେ ଅଧ୍ୟକ୍ଷତା କରୁଥିବା ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂ ଗୃହକୁ ଦିନକପାଇଁ ମୁଲତବୀ ଘୋଷଣା କରିଥିଲେ। ଅନୁରୂପ ଭାବେ ଲୋକ ସଭାରେ ରାହୁଲଙ୍କ ମନ୍ତବ୍ୟକୁ ନେଇ ଟ୍ରେଜେରି ବେଞ୍ଚ୍ ହଟ୍ଟଗୋଳ ଜାରି ରଖିବାରୁ ଗୃହକୁ ମଙ୍ଗଳବାର ପର୍ଯ୍ୟନ୍ତ ମୁଲତବୀ ରଖିଛନ୍ତି।

## ଲିଭ୍-ଇନ୍ ଯୋଡ଼ି ପଞ୍ଜୀକରଣ ଆବେଦନ ଖାରଜ

**ନୂଆଦିଲ୍ଲୀ, ୨୦।୩**

ଲିଭ୍-ଇନ୍ ରିଲେଶନରେ ରହୁଥିବା ଯୋଡ଼ିମାନଙ୍କର ପଞ୍ଜୀକରଣ ଲାଗି ଦାଏର ପିଟିଶନକୁ ସୁପ୍ରିମକୋର୍ଟ ସୋମବାର ଖାରଜ କରିଦେଇଛନ୍ତି। ଏହା ଚଞ୍ଚଳମନା ଚିନ୍ତାଧାରା ବୋଲି ସିଜେଆଇ ଡି.ଓ୍ୱାଇ. ଚନ୍ଦ୍ରଚୂଡ଼ କହିଛନ୍ତି। ଲିଭ୍-ଇନ୍ ଯୋଡ଼ିମାନଙ୍କ ପାଇଁ ଗାଇଡ୍‌ଲାଇନ ଜାରି ସହ ସେମାନଙ୍କ ନିମନ୍ତେ ପଞ୍ଜୀକରଣ ବାଧ୍ୟତାମୂଳକ କରିବା ଲାଗି ନିର୍ଦ୍ଦେଶ ଦେବାକୁ ସର୍ବୋଚ୍ଚ ଅଦାଲତରେ ଜଣେ ଆଇନଜୀବୀ ଜନସ୍ୱାର୍ଥ ମାମଲା ଦାଏର କରିଥିଲେ। ଏକାଠି ରହୁଥିବା ଏଭଳି ଯୋଡ଼ିଙ୍କୁ ସାମାଜିକ ସୁରକ୍ଷା ଯୋଗାଇଦେବାକୁ ପିଟିଶନରେ ନିବେଦନ କରାଯାଇଥିଲା। ସିଜେଆଇ ଏଥିରେ ବିରକ୍ତି ପ୍ରକାଶ କରି କହିଛନ୍ତି, ଯେକେହି ବ୍ୟକ୍ତି ଯେକୌଣସି ପ୍ରସଙ୍ଗ ନେଇ ଶୀର୍ଷ ଅଦାଲତକୁ ଚାଲିଆସୁଛନ୍ତି। କ'ଣ କେନ୍ଦ୍ର ସରକାରରେ ପଞ୍ଜୀକରଣ ହେବ ? ଲିଭ୍-ଇନ୍‌ରେ ରହୁଥିବା ଲୋକଙ୍କ ପାଇଁ କେନ୍ଦ୍ର ସରକାର କ'ଣ କରିବେ ବୋଲି ସିଜେଆଇ ପ୍ରଶ୍ନ କରିଥିଲେ। ଏହା ଚଞ୍ଚଳ ମାନସିକତା। ଅଦାଲତଙ୍କ ସମୟ ବରବାଦ କରିଥିବାରୁ ଅର୍ଥ ଭରିବାକୁ ପଡ଼ିବ ବୋଲି କହି ସିଜେଆଇ ପିଟିଶନକୁ ଖାରଜ କରିଦେଇଥିଲେ।

# ଅମ୍ରିତ୍‌ପାଲଙ୍କୁ ମିଳୁଥିଲା ବିଦେଶୀ ପାଣ୍ଠି

- ଖଲିସ୍ତାନୀ ନେତାଙ୍କୁ ଧରିବା ପାଇଁ ଚଢ଼ାଉ ତୃତୀୟ ଦିନରେ
- ଡ୍ରଗ୍ ବ୍ୟବସାୟୀଙ୍କ ମର୍ସିଡିଜ୍‌ରେ ଖସିପଳାଇଥିଲେ
- ୫ ସହଯୋଗୀଙ୍କ ବିରୋଧରେ ଲାଗିଲା ଏନ୍‌ଏସ୍‌ଏ

**ଚଣ୍ଡିଗଡ଼/ନୂଆଦିଲ୍ଲୀ, ୨୦।୩**

ଖଲିସ୍ତାନୀ ନେତା ଅମ୍ରିତ୍‌ପାଲ ସିଂଙ୍କୁ ଧରିବା ପାଇଁ ପଞ୍ଜାବ ପୋଲିସର ରାଜ୍ୟବ୍ୟାପୀ ଚଢ଼ାଉ ସୋମବାର ତୃତୀୟ ଦିନରେ ପହଞ୍ଚିଛି। ଭାରତରେ ଖଲିସ୍ତାନୀ ଆନ୍ଦୋଳନ ତେଜିବା ଉଦ୍ୟମ ପଛରେ ପାକିସ୍ତାନ ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇର ହାତ ଥିବା ପୋଲିସ ସନ୍ଦେହ କରୁଛି ବୋଲି ପୋଲିସ ଆଇଜି ସୁଖଚୈନ ସିଂ ଗିଲ୍ କହିଛନ୍ତି। ଏହା ବ୍ୟତୀତ ଅମ୍ରିତ୍‌ପାଲଙ୍କ ସଂଗଠନକୁ ଭାରତ ବିରୋଧୀ କାର୍ଯ୍ୟ ପାଇଁ ବିଦେଶରୁ ବିପୁଳ ପାଣ୍ଠି ଆସୁଥିଲା ବୋଲି ସନ୍ଦେହ କରାଯାଉଛି। ଶାନ୍ତି ଓ ସଦ୍‌ଭାବନା ଭଙ୍ଗ ଉଦ୍ୟମ ଅଭିଯୋଗରେ ବର୍ତ୍ତମାନ ସୁଦ୍ଧା ୧୧୪ ଜଣଙ୍କୁ ଗିରଫ କରାଗଲାଣି। ଏଥିସହିତ ୧୦ଟି ଅସ୍ତ୍ର ଜବତ ହୋଇଥିବା ଆଇଜିପି କହିଛନ୍ତି। ଅମ୍ରିତ୍‌ପାଲଙ୍କ 'ଓ୍ୱାରିସ୍ ପଞ୍ଜାବ ଦେ' ସଂଗଠନ ସହ ସମ୍ପୃକ୍ତ ୫ ଜଣଙ୍କ ବିରୋଧରେ ଜାତୀୟ ସୁରକ୍ଷା ଆଇନ (ଏନ୍‌ଏସ୍‌ଏ)ରେ ମାମଲା ରୁଜୁ ହୋଇଛି। ସେମାନଙ୍କ ମଧ୍ୟରୁ ଦଲ୍‌ଜିତ ସିଂ କାଲ୍‌ସି, ଭଗୱନ୍ତ ସିଂ, ଗୁରମିତ ସିଂ ଏବଂ ପ୍ରଧାନମନ୍ତ୍ରୀ ବାଜେକେଙ୍କୁ ଗିରଫ କରାଯାଇ ଆସାମର ଦିବ୍ରୁଗଡ଼ କେନ୍ଦ୍ରୀୟ ଜେଲ୍‌କୁ ପଠାଇଦିଆଯାଇଛି। ଏହା ବ୍ୟତୀତ ଶନିବାର ରାତିରେ ଜଳନ୍ଧରରେ ଆତ୍ମସମର୍ପଣ କରିଥିବା ଅମ୍ରିତ୍‌ପାଲଙ୍କ ଦାଦା ହର୍‌ଜିତ ସିଂଙ୍କ ବିରୋଧରେ ମଧ୍ୟ ଏନ୍‌ଏସ୍‌ଏ ଲାଗିଛି। ତାଙ୍କୁ ଦିବ୍ରୁଗଡ଼ ଜେଲକୁ ପଠାଯିବ ବୋଲି ପୋଲିସ କହିଛି। ଅସ୍ତ୍ରଶସ୍ତ୍ର ଜବତ ପରେ ଅମ୍ରିତ୍‌ପାଲଙ୍କୁ ଜଣେ ଆତଙ୍କବାଦୀ ବିଚେତନା କରି ତାଙ୍କ ବିରୋଧରେ ତଦନ୍ତ ଚଳାଇବାକୁ ଉଦ୍ୟମ ହେଉଛି। ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଅମ୍ରିତ୍‌ପାଲ ଓ ତାଙ୍କର ୭ ସହଯୋଗୀଙ୍କ ବିରୋଧରେ ତଦନ୍ତ କରିପାରେ। ନୂଆ ମାମଲାରେ ଖଲିସ୍ତାନୀ ନେତାଙ୍କୁ ଅଭିଯୁକ୍ତ ନମ୍ବର ଓ୍ୱାନ ଭାବେ ଦର୍ଶାଯାଇଛି। ନିଶା ନିବାରଣ କେନ୍ଦ୍ର ଚଳାଇବା ନାଁରେ ଅମ୍ରିତ୍‌ପାଲ ଯୁବବର୍ଗଙ୍କୁ ଅସ୍ତ୍ର ଶିକ୍ଷାଦେବା ସହ ଆତ୍ମଘାତୀ ବୋମା ସାଜିବା ଲାଗି ପ୍ରବର୍ତ୍ତାଉଥିଲେ। ଶନିବାର ଅମ୍ରିତ୍‌ପାଲ ଯେଉଁ ମର୍ସିଡିଜ୍ ଏସ୍‌ୟୁଭିରେ ଖସି ପଳାଇଥିଲେ, ତାହା ଡ୍ରଗ୍ ବ୍ୟବସାୟୀ ରାଭେଲ ସିଂଙ୍କର ବୋଲି ଜଣାପଡ଼ିଛି।



## ଫିନ୍‌ଲାଣ୍ଡବାସୀ ସବୁଠୁ ସୁଖୀ

### ବିଶ୍ୱ ହାପିନେସ୍ ରିପୋର୍ଟ: ୧୨୫ତମ ସ୍ଥାନରେ ଭାରତ



**ଓ୍ୱାଶିଂଟନ, ୨୦।୩**

ବିଶ୍ୱ ହାପିନେସ୍ ବାର୍ଷିକ ରିପୋର୍ଟରେ ଫିନ୍‌ଲାଣ୍ଡକୁ ସବୁଠୁ ସୁଖୀ ଦେଶ ଭାବେ ଦର୍ଶାଯାଇଛି। କ୍ରମାଗତ ଷଷ୍ଠ ବର୍ଷ ପାଇଁ ଏହି ଦେଶ ପୁରସ୍କୃତ ହୋଇଛି। ମୁଣ୍ଡପିଛା ଜିଡିପି, ସାମାଜିକ ସମର୍ଥନ, ଉଦାରତା, ସୁସ୍ଥ ଜୀବନ, ସ୍ୱାଧୀନତା ଓ ସର୍ବନିମ୍ନ ଦୁର୍ନୀତିକୁ ମାପଦଣ୍ଡ ଭାବେ ନେଇ ସୁଖୀ ରାଷ୍ଟ୍ର ଚୟନ କରାଯାଇଥାଏ। ବିଶ୍ୱ ହାପିନେସ୍ ଡେ' ପାଳନ ଅବସରରେ ସୋମବାର ଏହି ରିପୋର୍ଟ ପ୍ରକାଶ ପାଇଛି। ଏଥିରେ ଭାରତ ୧୨୫ତମ ସ୍ଥାନରେ ରହିଛି। ୧୫୦ରୁ ଊର୍ଦ୍ଧ୍ୱ ଦେଶର ଲୋକଙ୍କଠାରୁ ସଂଗୃହୀତ ତଥ୍ୟ ଆଧାରରେ କରାଯାଇଥିବା ସର୍ଭେରୁ ଏହା ଜଣାପଡ଼ିଛି। ଜାତିସଂଘର ସ୍ଥାୟୀ ବିକାଶ ସମାଧାନ ନେଟ୍‌ୱର୍କ ପକ୍ଷରୁ ଉକ୍ତ ରିପୋର୍ଟ ପ୍ରକାଶ ପାଇଛି। ତାଲିକାରେ ଡେନ୍‌ମାର୍କ ଦ୍ୱିତୀୟ ଓ ଆଇସ୍‌ଲାଣ୍ଡ ତୃତୀୟରେ ରହିଛି। କୋଭିଡ୍-୧୯ ମହାମାରୀରେ ଉପରୋକ୍ତ ଦେଶଗୁଡ଼ିକରେ ଅନେକ ଲୋକଙ୍କ ଜୀବନ ଯାଇଥିଲେ ମଧ୍ୟ ଖୁସି କମିନାହିଁ। ଅନ୍ୟପକ୍ଷରେ ଭାରତ ଅର୍ଥନୀତିରେ ଦ୍ରୁତ ଅଭିବୃଦ୍ଧି କରୁଥିଲେ ମଧ୍ୟ ଏହା ହାପିନେସ୍ ତାଲିକାରେ ନେପାଳ, ଚାଇନା, ବାଂଲାଦେଶ ଏବଂ ଶ୍ରୀଲଙ୍କା ତଳେ ରହିଛି। ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଯୋଗୁ ସେମାନଙ୍କ ର୍‍ୟାଙ୍କିଙ୍ଗ ହ୍ରାସ ପାଇଥିଲେ ମଧ୍ୟ ଉଭୟ ଦେଶ ଭାରତଠାରୁ ଉପରେ ରହିଛନ୍ତି। ରୁଷିଆ ୭୨ତମ ସ୍ଥାନରେ ଥିବାବେଳେ ୟୁକ୍ରେନ ୯୨ତମ ସ୍ଥାନରେ ରହିଛି।

## ଅଭିଯୁକ୍ତଙ୍କ ଘର ଭାଙ୍ଗିଲା ବୁଲ୍‌ଡୋଜର

### ଉମେଶପାଲ୍ ହତ୍ୟାକାଣ୍ଡ

**ପ୍ରୟାଗରାଜ, ୨୦।୩**

ଉମେଶ ପାଲ୍ ହତ୍ୟାକାଣ୍ଡର ଅଭିଯୁକ୍ତ ମହମ୍ମଦ ଗୁଲାମଙ୍କ ଘରକୁ ସୋମବାର ପ୍ରୟାଗରାଜ ଡେଭଲପ୍‌ମେଣ୍ଟ ଅଥରିଟି (ପିଡିଏ) ପକ୍ଷରୁ ବୁଲ୍‌ଡୋଜର ଲଗାଇ ଭଙ୍ଗାଯାଇଛି। ପିଡିଏ ଟିମ୍ ରାସୁଲାବାଦ୍‌ଠାରେ ମଧ୍ୟାହ୍ନରେ ପହଞ୍ଚି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ଗୁଲାମଙ୍କ ଘର ବେଆଇନ୍ ଭାବେ ନିର୍ମାଣ ହେବା ଯୋଗୁ, ତାହାକୁ ଭଙ୍ଗାଯାଇଥିବା ପିଡିଏ କହିଛି। ଉମେଶ ପାଲ୍ ହତ୍ୟାକାଣ୍ଡରେ ସମ୍ପୃକ୍ତ ୫ ଅଭିଯୁକ୍ତଙ୍କ ମଧ୍ୟରେ ସାମିଲ ଗୁଲାମଙ୍କ ଉପରେ ଉତ୍ତର ପ୍ରଦେଶ ପୋଲିସ ୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଛନ୍ତି। ଅନ୍ୟପକ୍ଷେ ଉମେଶଙ୍କ ହତ୍ୟା କରାଇଥିବା ଆତିକ୍‌ଙ୍କ ପୁଅ ଅସଦ ହତ୍ୟାକାଣ୍ଡରେ ସାମିଲ ଥିବାବେଳେ ସେ ଏବେ ଫେରାର୍ ଅଛନ୍ତି। ବିଏସ୍‌ପି ବିଧାୟକ ରାଜୁପାଲ୍ ହତ୍ୟାକାଣ୍ଡର ମୁଖ୍ୟ ସାକ୍ଷୀ ଉମେଶ ଥିଲେ।

# ଜିନ୍‌ପିଙ୍ଗଙ୍କ ଶାନ୍ତି ପ୍ରସ୍ତାବକୁ ପୁଟିନ୍‌ଙ୍କ ସହମତି

**ମସ୍କୋ, ୨୦।୩**

ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍ ସୋମବାର ମସ୍କୋରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କୁ ଭେଟିଛନ୍ତି। ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣ ପରଠାରୁ ଏହା ଜିନ୍‌ପିଙ୍ଗଙ୍କ ପ୍ରଥମ ରୁଷିଆ ଗସ୍ତ। ମସ୍କୋସ୍ଥିତ ଭିନୋକୋଭୋ ଗଭର୍ନମେଣ୍ଟ ଏୟାରପୋର୍ଟରେ ରେଡ୍ କାର୍ପେଟ୍‌ରେ ଜିନ୍‌ପିଙ୍ଗଙ୍କୁ ସ୍ୱାଗତ କରାଯାଇଥିଲା। ସୋମବାର ଦୁଇ ରାଷ୍ଟ୍ରମୁଖ୍ୟ ଏକାଠି ରାତ୍ରିଭୋଜନ କରିବା ପୂର୍ବରୁ ଅଣଅନୁଷ୍ଠାନିକ ଭାବେ ଓ୍ୱାନ୍ ଅନ୍ ଓ୍ୱାନ୍ ଆଲୋଚନା ହୋଇଛି। ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଶେଷ ଲାଗି ଗତମାସରେ ବେଜିଂ ପକ୍ଷରୁ ଦିଆଯାଇଥିବା ଶାନ୍ତି ପ୍ରସ୍ତାବ ଉପରେ ଦୁଇ ରାଷ୍ଟ୍ରମୁଖ୍ୟ ମଙ୍ଗଳବାର ଔପଚାରିକ ଆଲୋଚନା କରିବେ ବୋଲି କ୍ରେମଲିନ୍ ମୁଖପାତ୍ର ଡିମିଟ୍ରି ପେସ୍‌କୋଭ ସୂଚନା ଦେଇଛନ୍ତି। ଜିନ୍‌ପିଙ୍ଗଙ୍କ ମସ୍କୋ ଗସ୍ତ ଉଭୟ ଦେଶର ସମ୍ପର୍କକୁ ଆହୁରି ମଜଭୁତ କରିବ। ଚାଇନା ରାଷ୍ଟ୍ରପତିଙ୍କ ୩ ଦିନିଆ ମସ୍କୋ ଗସ୍ତ ଉପରେ ସାରା ବିଶ୍ୱର ନଜର ରହିଛି। ବେଜିଂର ମଧ୍ୟସ୍ଥତା ଦ୍ୱାରା ଯୁଦ୍ଧ ଶେଷ ହେବା ନେଇ ଆଶା ଥିବା ୟୁକ୍ରେନ୍ ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ଓଲେଗ ନିକୋଲେଙ୍କୋ କହିଛନ୍ତି।



କ୍ରେମ୍‌ଲିନ୍‌ଠାରେ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍ ଓ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମର ପୁଟିନ୍।

# ଭାରତରେ ୫ ଟ୍ରିଲିୟନ୍ ୟେନ୍ ନିବେଶ କରିବ ଜାପାନ

**ନୂଆଦିଲ୍ଲୀ, ୨୦।୩**

ଦିଲ୍ଲୀସ୍ଥିତ ହାଇଦ୍ରାବାଦ ହାଉସ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜାପାନ ପ୍ରଧାନମନ୍ତ୍ରୀ ଫୁମିଓ କିଶିଡାଙ୍କୁ ଭେଟିଛନ୍ତି। ଏ ନେଇ ସୋମବାର ସକାଳେ ଫୁମିଓ ଦିଲ୍ଲୀ ବିମାନବନ୍ଦରରେ ପହଞ୍ଚିଥିଲେ। ଦୁଇ ରାଷ୍ଟ୍ରମୁଖ୍ୟଙ୍କ ଭିତରେ ଦ୍ୱିପାକ୍ଷିକ ଆଲୋଚନା ହୋଇଛି। ଏହି ଅବସରରେ ଖବରଦାତା ସମ୍ମିଳନୀକୁ ସମ୍ବୋଧନ କରି ମୋଦି କହିଛନ୍ତି, ଡିଜିଟାଲ ଟେକ୍ନୋଲୋଜି, ପୁଞ୍ଜି ନିବେଶ ଏବଂ ସ୍ୱାସ୍ଥ୍ୟ ସେବାକୁ ବ୍ୟାପକ କରିବା ପାଇଁ ଦୁଇ ଦେଶ ଏକାଠି କାର୍ଯ୍ୟ କରିବେ। ଏଥିସହ ସେମି-କଣ୍ଡକ୍ଟର ସପ୍ଲାଏ ଚେନ୍ ଏବଂ ଅନ୍ୟ ଜଟିଳ ଟେକ୍ନୋଲୋଜି ଉପରେ କାମ କରିବା ନେଇ ଆଲୋଚନା କରିଥିବା ମୋଦି କହିଛନ୍ତି। ଅନ୍ୟପକ୍ଷେ ଭାରତ ସହ ଦ୍ୱିପାକ୍ଷିକ ସମ୍ବନ୍ଧ ସ୍ଥାପନ ଦ୍ୱାରା ଉଭୟ ଦେଶର ଅର୍ଥନୀତିରେ ବୃଦ୍ଧି ଘଟିଥିବା କିଶିଦା ପ୍ରତିକ୍ରିୟା ଦେଇଛନ୍ତି। ମେ'ରେ ଜାପାନରେ ହେବାକୁ ଥିବା ଜି୭ ସମିଟିରେ ଯୋଗଦେବା ଲାଗି ଫୁମିଓ ମୋଦିଙ୍କୁ ନିମନ୍ତ୍ରଣ କରିଛନ୍ତି। ଜାପାନ ଆଗାମୀ ୫ ବର୍ଷରେ ଭାରତରେ ୫ ଟ୍ରିଲିୟନ୍ ୟେନ୍ (୩,୨୦,୦୦୦ କୋଟି ଟଙ୍କା) ନିବେଶ କରିବାର ଯୋଜନା ରଖିଛି। ଦୁଇଦିନିଆ ଭାରତ ଗସ୍ତରେ ଆସିଥିବା ଫୁମିଓଙ୍କୁ ଚନ୍ଦନକାଠରେ ନିର୍ମିତ ଏକ ବୁଦ୍ଧ ମୂର୍ତ୍ତି ମୋଦି ଉପହାର ସ୍ୱରୂପ ପ୍ରଦାନ କରିଛନ୍ତି।

### ମୋଦିଙ୍କୁ ଭେଟିଲେ ଜାପାନ ପ୍ରଧାନମନ୍ତ୍ରୀ ଫୁମିଓ



**କେ. କବିତାଙ୍କୁ ୧୦ ଘଣ୍ଟା ଇଡି ଜେରା**

ଦିଲ୍ଲୀ ଅବକାରୀ ନୀତି ସହ ଜଡ଼ିତ ମନିଲଣ୍ଡରିଂ ମାମଲାର ତଦନ୍ତ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସୋମବାର ବିଆର୍ଏସ୍ ନେତ୍ରୀ କେ. କବିତାଙ୍କୁ ୧୦ ଘଣ୍ଟା ଜେରା କରିଛି। ମଙ୍ଗଳବାର ତାଙ୍କୁ ପୁନର୍ବାର ଜେରା ପାଇଁ ଡକାଯାଇଛି। ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓଙ୍କ ଝିଅ କବିତା ପୂର୍ବାହ୍ନ ୧୦ଟା ୩୦ରେ କେନ୍ଦ୍ରୀୟ ଦିଲ୍ଲୀସ୍ଥିତ ଇଡି କାର୍ଯ୍ୟାଳୟରେ ହାଜର ହୋଇଥିଲେ। ୧୧ଟାରୁ ରାତି ୯ଟା ୧୫ ପର୍ଯ୍ୟନ୍ତ ତାଙ୍କୁ ଜେରା କରାଯାଇଥିଲା। ଏହା ପୂର୍ବରୁ ମାର୍ଚ୍ଚ ୧୧ରେ ତାଙ୍କୁ ଇଡି ୯ ଘଣ୍ଟା ଜେରା କରିଥିଲା।






# ୩ ଅଧିକାରୀଙ୍କ ନାମରେ ମାମଲା

**ହାତୀମୃତ୍ୟୁ ଘଟଣାରେ ଡିଏଫ୍ଓଙ୍କ କାର୍ଯ୍ୟାନୁଷ୍ଠାନ**

■ତିନି ଜଣଙ୍କୁ କାରଣ ଦର୍ଶାଅ ନୋଟିସ୍

କେନ୍ଦୁଝର, ୨୦।୩(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ଅଧୀନ ବାମେବାରି ସେକ୍ସନ ନୟାଗଡ଼ ବିଟ୍ ଜଡ଼ିପଦା ସାହିରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଦନ୍ତାହାତୀ ମୃତ୍ୟୁ ଘଟଣାରେ ସୋମବାର ଡିଏଫ୍ଓ ଧନରାଜ ଏଚ.ଡି. କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଟାଟା ପାୱାର କନିଷ୍ଠଯନ୍ତ୍ରୀ ଇଂ. ଗୌରଗୋପାଳ ମହାନ୍ତି, ଲାଇନ୍‌ମ୍ୟାନ ବିଜୟ ମଲ୍ଲିକ ଓ ଦିବ୍ୟଜ୍ୟୋତି ବାରିକଙ୍କ ବିରୋଧରେ ବନ୍ୟଜନ୍ତୁ ସୁରକ୍ଷା ଆଇନ ଅନୁଯାୟୀ (ଓଆର କେସ୍ ନଂ. ୬୭/୨୦୨୨-୨୩ ରେ) ମାମଲା ରୁଜୁ ହୋଇଛି। ଏହାସହ ବାମେବାରୀ ଫରେଷ୍ଟର ରତ୍ନାକର ମହାନ୍ତ, ଚମ୍ପୁଆ ରେଞ୍ଜ ଅଧିକାରୀ ଅକ୍ଷୟ ଛତ୍ରିଆ ଓ ଯୋଡ଼ା ଟାଟା ପାୱାର ନିର୍ବାହୀଯନ୍ତ୍ରୀ ମନୋରଞ୍ଜନ ଜେନାଙ୍କୁ କାରଣ ଦର୍ଶାଅ ନୋଟିସ୍ କରାଯାଇଛି।

ସୂଚନା ଅନୁଯାୟୀ, ବସନ୍ତପୁର ଗ୍ରାମ ଜଡ଼ିପଦା ସାହିକୁ ଯାଇଥିବା ବିଦ୍ୟୁତ୍ ଲାଇନର ଇନସ୍ୟୁଲେଟର (ଶଙ୍ଖ) ଫାଟିଯାଇଥିଲା। ଫଳରେ ୧୧ କେଭି ଲାଇନ୍ ଖୁଣ୍ଟର ଷ୍ଟେ ସଂସ୍ପର୍ଶରେ ଆସି ଚାର୍ଜ ହୋଇଯାଇଥିଲା। ହାତୀଟି ଶନିବାର ରାତିରେ ଉକ୍ତ ଖୁଣ୍ଟ ଦେଇ ଯାଉଥିବା ବେଳେ ଗୋଡ଼ ବାଜିଯାଇଥିଲା। ଘଟଣାସ୍ଥଳରେ ହାତୀର ମୃତ୍ୟୁ ଘଟିଥିଲା। ସେଠାରେ ଅନ୍ୟ ୩ ହାତୀ ବୁଲୁଥିବା ବେଳେ ବର୍ତ୍ତି ଯାଇଥିଲେ। ରବିବାର ସକାଳେ ଗ୍ରାମବାସୀ ଦେଖି ବନ ଓ ବିଦ୍ୟୁତ୍ ବିଭାଗକୁ ସୂଚନା ଦେଇଥିଲେ। ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ (ଆର୍‌ସିସିଏଫ୍) ରାଉରକେଲା ଅରୁଣ ମିଶ୍ର, ଡିଏଫ୍ଓ କେନ୍ଦୁଝର ଏଚ୍.ଡି. ଧନରାଜ, ଚମ୍ପୁଆ ରେଞ୍ଜ ଅଧିକାରୀ ଅକ୍ଷୟ ଛତ୍ରିଆଙ୍କ ସମେତ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରିଥିଲେ। ସେହିପରି ଟାଟା ପାୱାର ଅଧୀକ୍ଷଣ ଯନ୍ତ୍ରୀ ନାରାୟଣ ଦାସ, ଏସ୍‌ଡିଓ ଯୋଡ଼ା ଦିବ୍ୟରଞ୍ଜନ ସାହୁଙ୍କ ସମେତ ବିଦ୍ୟୁତ୍ ବିଭାଗର ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରି ଫେରିଥିଲେ। ପରେ ହାତୀର ଦାନ୍ତ ଜବତ କରି ବନ ବିଭାଗ ମୃତଦେହ ବ୍ୟବଚ୍ଛେଦ ପରେ ପୋତି ଦେଇଥିଲା।

# ୨୬ରେ ମୁଖ୍ୟମନ୍ତ୍ରୀଙ୍କ ହିଞ୍ଜିଳି ଗସ୍ତ

ହିଞ୍ଜିଳିକାଟୁ/ଶେରଗଡ଼/ କବିସୂର୍ଯ୍ୟନଗର, (ଡି.ଏନ୍.ଏ.) ୨୦।୩

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସନ୍ତା ୨୬ରେ ନିଜ ନିର୍ବାଚନ ମଣ୍ଡଳୀ ହିଞ୍ଜିଳି ଗସ୍ତରେ ଆସୁଥିବା ପ୍ରାୟ ଚୂଡ଼ାନ୍ତ ହୋଇଛି। ଏ ନେଇ ତଦାରଖ କରିବାକୁ ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଡିଆର୍‌ଡିଏ ଗଞ୍ଜାମ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭି କୀର୍ତ୍ତିଭାସନ, ଏଡିଏମ୍(ରାଜସ୍ୱ) ପ୍ରିୟରଞ୍ଜନ ପୃଷ୍ଟି, ଗଞ୍ଜାମ ଏସ୍‌ପି ଜଗମୋହନ ମୀନା, ଅତିରିକ୍ତ ଏସ୍‌ପି ପ୍ରଦୀପ କୁମାର ଦଳାଇ, ଛତ୍ରପୁର ଉପଜିଲାପାଳ ପ୍ରସନ୍ନ କୁମାର ପାତ୍ର ପ୍ରମୁଖ ସୋମବାର ହିଞ୍ଜିଳିକାଟୁ ଆସି ମୁଖ୍ୟମନ୍ତ୍ରୀଙ୍କ ଗସ୍ତର ପ୍ରସ୍ତୁତି ସମୀକ୍ଷା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏହି ଦିନିକିଆ ଗଞ୍ଜାମ ଗସ୍ତରେ ହିଞ୍ଜିଳିକାଟୁ, ଶେରଗଡ଼, କୁକୁଡ଼ାଖଣ୍ଡି, ଦିଗପହଣ୍ଡି, ସାନଖେମୁଣ୍ଡି ଓ ଧରାକୋଟ ବ୍ଲକର ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବେ। ସୋମବାର ଜିଲାପାଳଙ୍କ ଏହି ପ୍ରସ୍ତୁତି ସମୀକ୍ଷା କାର୍ଯ୍ୟକ୍ରମରେ ବିଡିଓ ସୁବ୍ରତ କୁମାର ଜେନା, ତହସିଲଦାର ପ୍ରଭାତ କୁମାର ପରିଡ଼ା, ଏସ୍‌ଡିପିଓ ଉମା ଶଙ୍କର ସିଂ, ଆଇଆଇସି ଅଭିମନ୍ୟୁ ଦାଶ ଉପସ୍ଥିତ ଥିଲେ। ସେହିପରି ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ନେଇ ଶେରଗଡ଼ରେ ବିଜେଡି ସଭାପତି ଶରତ ଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା।

# ନୂଆ ରୂପ ନେବ ୩ ଶକ୍ତିପୀଠ

**ମାଷ୍ଟର ପ୍ଲାନ୍‌କୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ**

## ଆକର୍ଷଣୀୟ ହେବ ମା' ମଙ୍ଗଳା, ଭଗବତୀ, ଉଗ୍ରତାରାଙ୍କ ମନ୍ଦିର




ଭୁବନେଶ୍ୱର, ୨୦।୩(ବ୍ୟୁରୋ)

ରାଜ୍ୟର ୩ଟି ପ୍ରମୁଖ ଶକ୍ତିପୀଠ କାକଟପୁର ମା' ମଙ୍ଗଳା, ଭୂଷଣ୍ଡପୁରର ମା' ଉଗ୍ରତାରା ଓ ବାଣପୁରର ମା' ଭବବତୀ ପୀଠର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ପ୍ରସ୍ତୁତ ମାଷ୍ଟର ପ୍ଲାନ୍‌କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଅନୁମୋଦନ କରିଛନ୍ତି। ୫-ଟି ଉପକ୍ରମରେ ଏହି ଯୋଜନା କାର୍ଯ୍ୟକାରୀ ହେବ। ପୂର୍ତ୍ତ ବିଭାଗର ପର୍ଯ୍ୟଟନ ସ୍ଥଳ ଓ ଐତିହ୍ୟ କୀର୍ତ୍ତିରାଜିର ସମନ୍ୱିତ ବିକାଶ ଯୋଜନାରେ ଏହାକୁ ସାମିଲ କରାଯାଇଛି। ଓଡ଼ିଶା ସେତୁ ନିର୍ମାଣ ନିଗମ ଉପରେ ବିକାଶ ଦାୟିତ୍ୱ ନ୍ୟସ୍ତ କରାଯାଇଛି।

ପୁରୀ ଜିଲାର କାକଟପୁରରେ ବିରାଜିତ ମା' ମଙ୍ଗଳା ଲକ୍ଷ ଲକ୍ଷ ଭକ୍ତଙ୍କ ଆସ୍ଥା ଓ ବିଶ୍ୱାସର ପ୍ରତୀକ। ପଞ୍ଚଦଶ ଶତାବ୍ଦୀରେ ନିର୍ମିତ ମା' ମାଙ୍ଗଳାଙ୍କ ପୀଠର ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ସହ ଘନିଷ୍ଠ ସମ୍ପର୍କ ରହିଛି। ନବକଳେବର ସମୟରେ ଦଇତାପତି ସେବକମାନେ ମା'ଙ୍କ ଆଜ୍ଞାକ୍ରମେ ଏହିଠାରୁ ହିଁ ଦାରୁ ସନ୍ଧାନରେ ଯାଇଥା'ନ୍ତି। ଚୈତ୍ର ମାସରେ ଝାମୁଯାତ୍ରା ମା'ଙ୍କ ପ୍ରସିଦ୍ଧ ପର୍ବ। ୫-ଟି ଉପକ୍ରମରେ ଏହି ପ୍ରାଚୀନ ଶକ୍ତିପୀଠରେ ବିକାଶ ନିମନ୍ତେ ପ୍ରସ୍ତୁତ ମାଷ୍ଟର ପ୍ଲାନ୍‌ରେ ମନ୍ଦିରରେ ଖଣ୍ଡୋଲାଇଟ୍ ପଥର ବିଛାଯିବା ସହିତ ମନ୍ଦିରର ରୋଷଘର ଓ ଜଳ ନିଷ୍କାସନ ବ୍ୟବସ୍ଥାର ସଂସ୍କାର କରାଯିବ। ଏଥିସହିତ ସେବାୟତ ଭବନ, ଭୋଗ ଦୋକାନ, ପ୍ରାଚୀ ନଦୀ କୂଳରେ ମୁଣ୍ଡନ କିଓସ୍କ, ଚନ୍ଦନଘାଟର ବିକାଶ, ଗୋଷ୍ଠୀ ଶୌଚାଳୟ ଆଦିର ବିକାଶ କରାଯିବ। ପୀଠକୁ ଅଧିକ ଆକର୍ଷଣୀୟ କରାଯିବା ପାଇଁ କୋଣାର୍କ ପାର୍ଶ୍ୱ ରାସ୍ତାରେ ଐତିହ୍ୟ ଦ୍ୱାର ନିର୍ମାଣ କରାଯିବ। ଯାତ୍ରୀମାନଙ୍କ ସୁବିଧା ପାଇଁ ବିଭିନ୍ନ ପଦକ୍ଷେପ ନେବା ସହିତ ଆଲୋକୀକରଣ, ଲ୍ୟାଣ୍ଡସ୍କେପିଂ ଓ ବୃକ୍ଷରୋପଣ କରାଯିବା ସହିତ ପାର୍କିଂ ସ୍ଥଳର ମଧ୍ୟ ବିକାଶ କରାଯିବ। ଓଡ଼ିଶା ସେତୁ ନିର୍ମାଣ ନିଗମ ୧୨ ମାସ ମଧ୍ୟରେ ଏହାକୁ ସମ୍ପୂର୍ଣ୍ଣ କରିବ।

ସେହିପରି ଖୋର୍ଦ୍ଧା ଜିଲା ବାଣପୁରର ମା' ଭବବତୀଙ୍କ ପୀଠକୁ ପ୍ରତିଦିନ ହଜାର ହଜାର ଭକ୍ତ ମା'ଙ୍କ ଦର୍ଶନ ଓ ପୂଜା ପାଇଁ ଆସିଥା'ନ୍ତି। ମା'ଙ୍କ ପୀଠରେ ଦଶହରା ପର୍ବ ବିପୁଳ ଉତ୍ସାହ ମଧ୍ୟରେ ପାଳନ କରାଯାଇଥାଏ। ନବମ ଶତାବ୍ଦୀରେ ନିର୍ମିତ ମା'ଙ୍କ ମନ୍ଦିରର ବିକାଶ ପାଇଁ ୫-ଟି ଉପକ୍ରମରେ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରାଯାଇଛି। ସିଂହଦ୍ୱାରଠାରୁ ଆରମ୍ଭ କରି ପରିକ୍ରମା, ଘାଟ, ଯାତ୍ରା ପଡ଼ିଆ, ଯାତ୍ରୀ ସୁବିଧାର ବିକାଶ ପାଇଁ ଏଥିରେ ସ୍ୱତନ୍ତ୍ର ଫୋକସ୍ ରଖାଯାଇଛି। ଏଥିସହିତ ବହୁମୁଖୀ ହଲ୍, ରାସ୍ତା ଓ ନଦୀଘାଟ ଆଦିର ବିକାଶ ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଛି। ରାଜ୍ୟ ପ୍ରତ୍ନତତ୍ତ୍ୱ ନିର୍ଦ୍ଦେଶାଳୟ ତତ୍ତ୍ୱାବଧାନରେ ଓଡ଼ିଶା ସେତୁ ନିର୍ମାଣ ନିଗମ ୨୪ ମାସ ମଧ୍ୟରେ ଏହି କାର୍ଯ୍ୟ ସମ୍ପାଦନ କରିବ।

ଖୋର୍ଦ୍ଧା ଜିଲାର ଅନ୍ୟତମ ଶକ୍ତିପୀଠ ହେଉଛି ଭୂଷଣ୍ଡପୁରର ମା'ଉଗ୍ରତାରାଙ୍କ ପୀଠ। ୧୩୫୨ ଖ୍ରୀଷ୍ଟାବ୍ଦରେ ନିର୍ମିତ ମା'ଙ୍କ ପୀଠ ଭକ୍ତମାନଙ୍କ ବିଶ୍ୱାସର କେନ୍ଦ୍ର ହୋଇ ରହି ଆସିଛି । ଏହି ପୀଠର ବିକାଶ ପାଇଁ ପ୍ରସ୍ତୁତ ଯୋଜନାରେ ମନ୍ଦିରର ବିକାଶ ସହ ଆରାଇଭାଲ ପ୍ଲାଜା, ଯାତ୍ରୀଙ୍କ ସୁବିଧା, ପାର୍କିଂ ଲ୍ୟାଣ୍ଡସ୍କେପିଂ, ପିକ୍‌ନିକ୍ ସ୍ପଟ୍, ଯାତ୍ରା ପଡ଼ିଆ ସହିତ ପୋଖରୀର ମଧ୍ୟ ପୁନରୁଦ୍ଧାର କରାଯିବ । ଓଡ଼ିଶା ସେତୁ ନିର୍ମାଣ ନିଗମ ଦ୍ୱାରା ୧୮ ମାସ ମଧ୍ୟରେ ଏହାର କାମ ଶେଷ କରାଯିବ। ଏହି ୩ଟି ପୀଠର ବିକାଶ ଯୋଜନାକୁ ଅନୁମୋଦନ କରିବା ସହ ନିର୍ଦ୍ଧାରିତ ସମୟରେ କାମ ଶେଷ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ସେବାୟତମାନଙ୍କ ସହ ମଧ୍ୟ ଆଲୋଚନା କରି ଯୋଜନା ସମ୍ପର୍କରେ ସେମାନଙ୍କ ମତାମତ ନେଇଥିଲେ।

ସୂଚନାଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ବିଭିନ୍ନ ସମୟରେ ଏହି ପୀଠଗୁଡ଼ିକୁ ଯାଇ ସେବାୟତ ଓ ସ୍ଥାନୀୟ ଲୋକଙ୍କ ସହ ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ବୈଠକରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଉପସ୍ଥିତ ଥିଲେ ଓ ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ଭି.ଭି. ଯାଦବ ଉପସ୍ଥାପନା ରଖିଥିଲେ। ତିନି ପୀଠର ସେବାୟତମାନେ ସମ୍ପୃକ୍ତ ଜିଲାପାଳମାନଙ୍କ ସହିତ ଭିଡିଓ କନ୍‌ଫରେନ୍ସ ଜରିଆରେ ବୈଠକରେ ଯୋଗ ଦେଇଥିଲେ। ସେବାୟତମାନେ ସେମାନଙ୍କ ପୀଠର ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ପଦକ୍ଷେପର ଉଚ୍ଚ ପ୍ରଶଂସା କରିଥିଲେ।






# ମାଟ୍ରିକ ପରୀକ୍ଷାର୍ଥୀଙ୍କ ଆତ୍ମହତ୍ୟା

**ଯାଜପୁର ଟାଉନ, ୨୦।୩(ଡି.ଏନ.ଏ.):** ଯାଜପୁର ସହର ନିକଟସ୍ଥ ବାମଦେବପୁର ଗ୍ରାମର ଜଣେ ମାଟ୍ରିକ ପରୀକ୍ଷାର୍ଥୀ ପରୀକ୍ଷା ଶେଷ ହେବା ପୂର୍ବରୁ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ବାମଦେବପୁର (ବରହଟା) ଯଯାତିକେଶରୀ ଉଚ୍ଚ ବିଦ୍ୟାଳୟର ରଶ୍ମୀବାଳା ପାହିଲ। ରଶ୍ମୀ ଯାଜପୁର ମ୍ୟୁନିସିପାଲିଟି ହାଇସ୍କୁଲରେ ମାଟ୍ରିକ ପରୀକ୍ଷା ଦେଉଥିଲେ। ଶେଷ ୨ ପରୀକ୍ଷାରେ ତାଙ୍କର ଖରାପ ହୋଇଥିଲା। ଏହାକୁ ନେଇ ରଶ୍ମୀ ମାନସିକ ଭାରସାମ୍ୟ ହରାଇ ରବିବାର ରାତିରେ ନିଜ ଘରେ ଓଢ଼ଣୀରେ ଝୁଲି ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ଯାଜପୁର ଟାଉନ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇ ତଦନ୍ତ ଆରମ୍ଭ କରିଛି।

# ପୂର୍ବତନ ବିଧାୟିକା ଭଗବତୀ ପୂଜାରୀଙ୍କ ପରଲୋକ

କୋଡିଙ୍ଗା, ୨୦।୩(ଡି.ଏନ୍.ଏ.)



ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ ଚିର୍ମା ପଞ୍ଚାୟତର ଦୁଗ୍ଲାହାଣ୍ଡି ଗ୍ରାମରେ ଭୋର ପ୍ରାୟ ୪.୩୦ରେ କୋଡିଙ୍ଗା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟିକା ଭଗବତୀ ପୂଜାରୀଙ୍କ ହୃଦ୍‌ଘାତରେ ମୃତ୍ୟୁ ହୋଇଛି। ତାଙ୍କୁ ୬୩ ବର୍ଷ ବୟସ ହୋଇଥିଲା। ସେ ଜଣେ ଧର୍ମପରାୟଣ, ପରୋପକାରୀ, ମିଷ୍ଟଭାଷୀ ମହିଳା ଥିଲେ। ମୃତ୍ୟୁବେଳକୁ ତାଙ୍କ ସ୍ୱାମୀ, ପୁଅ ବୋହୂ, ଝିଅ ଜ୍ୱାଇଁ, ନାତିନାତୁଣୀ ଉପସ୍ଥିତ ଥିଲେ। ପରିବାର, ବନ୍ଧୁ ପରିଜନ, ନେତା ଓ ଲୋକ ପ୍ରତିନିଧିଙ୍କ ଉପସ୍ଥିତିରେ ତାଙ୍କ ଅନ୍ତ୍ୟେଷ୍ଟି କ୍ରିୟା କରାଯାଇଛି। ଏହି ଖବର ପ୍ରଚାର ହେବା ପରେ ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକ ଭଗବତୀଙ୍କ ଜୀବନ ଆଦିବାସୀ ମହିଳାଙ୍କ ପାଇଁ ବୋଲି ଜିଲା କଂଗ୍ରେସକୁ ଏକ ବାର୍ତ୍ତା ଦେଇ କହିଛନ୍ତି। ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି, ବିଧାୟକ ସଦାଶିବ ପ୍ରଧାନୀ ଓ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ଫୋନ ଯୋଗେ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ। ସୂଚନାନୁଯାୟୀ, ସେ ପୂର୍ବତନ କୋଡିଙ୍ଗା ନିର୍ବାଚନୀମଣ୍ଡଳୀରେ ୧୯୮୫ରେ କଂଗ୍ରେସ ଦଳରୁ ବିଧାୟିକାଭାବେ ନିର୍ବାଚିତ ହୋଇଥିଲେ।




**ଆଜିର ମନ୍ତବ୍ୟ**

"୨୦୨୪ରେ ବିରୋଧୀ ମେଣ୍ଟ କାମ କରି ନ ପାରେ, କାରଣ ଏହା ଅସ୍ଥିର ଏବଂ ବିଚାରଗତ ଦୃଷ୍ଟିରୁ ନୈରାଶ୍ୟଜନକ। ଭାଜପାକୁ ଚ୍ୟାଲେଞ୍ଜ କରିବାକୁ ଚାହୁଁଥିଲେ ଏହାର ଶକ୍ତିକୁ ବୁଝିବାକୁ ହେବ। ଏହା ୩ଟି ସ୍ତମ୍ଭ- ହିନ୍ଦୁତ୍ୱ, ଜାତୀୟତାବାଦ ଏବଂ କଲ୍ୟାଣବାଦ ଉପରେ ପ୍ରତିଷ୍ଠିତ। ସେଥିରୁ ଯଦି ଅନ୍ୟୁନ ୨ଟିକୁ ଭାଙ୍ଗି ନ ପାରିବ, ତେବେ ଭାଜପାକୁ ଚ୍ୟାଲେଞ୍ଜ କରିପାରିବ ନାହିଁ।

– ପ୍ରଶାନ୍ତ କିଶୋର, ନିର୍ବାଚନ ରଣନୀତିକାର



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆପଣା ଦୋଷେ ମରଣ ଯା'ର**
**କି କରିବେ ବ୍ରହ୍ମା ଶଙ୍କର ତା'ର ?**

ଭଲ ମନ୍ଦକୁ ବିଚାରକରି କାମ କରିବା ଉଚିତ। ଅନେକ ବ୍ୟକ୍ତି ତାହା ବିଚାର କରିପାରନ୍ତି ନାହିଁ। ସେମାନେ ଏପରି କାମ କରିବସନ୍ତି, ଯାହା ତାଙ୍କର କ୍ଷତି ପହଞ୍ଚାଇଥାଏ। ଏପରି ନିର୍ବୋଧ ବ୍ୟକ୍ତିଙ୍କର ଦୁଃଖ ସହିବା ହିଁ ସାର ହୋଇଥାଏ। ନିଜ ଦୋଷରୁ ଦଣ୍ଡ ପାଉଥିବା ବ୍ୟକ୍ତିଙ୍କୁ ଭଗବାନ ମଧ୍ୟ ସାହା ହୁଅନ୍ତି ନାହିଁ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଆଖୁ ଚାଷ, କପା ବଣିଜ**
**ଶୁଣ୍ଢୀ ସାଙ୍ଗରେ ଭାଗ**
**କଅଣ କରିବି ବୁଦ୍ଧି ଦିଶୁନାହିଁ**
**କାହାକୁ କରିବି ଆଗ ?**

ଚାଷ ଓ ବଣିଜରେ ଅସଙ୍ଗତ ଲୋକଙ୍କ ସହ ଭାଗିଦାରୀ ହେବା ଉଚିତ ହୋଇନଥାଏ। ଏଭଳି ଲୋକଙ୍କ ସହ ଭାଗୀଦାରି ହେଲେ ବ୍ୟକ୍ତି ହରବରରେ ପଡ଼ିବା ହିଁ କେବଳ ସାର ହୁଏ। ଏଥିସହ କ୍ଷତିଗ୍ରସ୍ତ ହେବାର ମଧ୍ୟ ସମ୍ଭାବନା ରହେ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଅର୍ଥ ଫେରସ୍ତର ତଦାରଖ ଲାଗି ନିଯୁକ୍ତ ହେବେ ଅବସରପ୍ରାପ୍ତ ବିଚାରପତି

**ନୂଆଦିଲ୍ଲୀ, ୨୦।୩ (ସ୍ୱ.ପ୍ର.)**

ଚିଟ୍‌ଫଣ୍ଡ କମ୍ପାନୀ ସାହାର ଗ୍ରୁପ୍ ଦ୍ୱାରା ଠକାମିର ଶିକାର ହୋଇଥିବା ଜମାକାରୀଙ୍କ ଅର୍ଥ ଫେରସ୍ତର ତଦାରଖ କରିବା ଲାଗି ସୁପ୍ରିମକୋର୍ଟରେ ଅବସରପ୍ରାପ୍ତ ବିଚାରପତିଙ୍କୁ ସର୍ବୋଚ୍ଚ ଅଦାଲତ ନିଯୁକ୍ତ କରିବେ ବୋଲି ସୋମବାର କହିଛନ୍ତି। ନିକଟରେ କେନ୍ଦ୍ର ସରକାର ସୁପ୍ରିମକୋର୍ଟରେ ଏ ସଂକ୍ରାନ୍ତରେ ଆବେଦନ କରି କହିଥିଲେ ଯେ, ଜମାକାରୀଙ୍କୁ ଅର୍ଥ ଫେରସ୍ତ କରିବା ସକାଶେ ସେବି-ସାହାରା ଆକାଉଣ୍ଟରୁ ୫,୦୦୦ କୋଟି ଟଙ୍କା ସେଣ୍ଟ୍ରାଲ ରେଜିଷ୍ଟ୍ରାର ଅଫ୍ କୋଅପରେଟିଭ୍ ସୋସାଇଟିଜ୍‌କୁ ହସ୍ତାନ୍ତର କରାଯାଉ। ବିଚାରପତି ଏମ୍‌ଆର୍ ଶାହା ଓ ସିଟି ରବିକୁମାରଙ୍କ ନେଇ ଗଠିତ ଦୁଇଜଣିଆ ପୀଠ ଏ ସଂକ୍ରାନ୍ତରେ ବିଚାର କରି ରାୟ ସଂରକ୍ଷିତ ରଖିଥିଲେ। ମାର୍ଚ୍ଚ ୨୭ରେ ସୁପ୍ରିମକୋର୍ଟ ପରବର୍ତ୍ତୀ ରାୟ ଶୁଣାଇବେ।

ସୋମବାର ଏହି ମାମଲାର ଶୁଣାଣି କରି ପୀଠ ପକ୍ଷରୁ କୁହାଯାଇଛି ଯେ, ଅର୍ଥ ଫେରସ୍ତ ନେଇ ଗଠିତ ହେବାକୁ ଥିବା କମିଟିରେ ସେଣ୍ଟ୍ରାଲ ରେଜିଷ୍ଟ୍ରାର ଅଫ୍ କୋଅପରେଟିଭ୍ ସୋସାଇଟିଜ୍ ଏକ ଅଂଶ ହୋଇରହିବ। ଅବସରପ୍ରାପ୍ତ ବିଚାରପତିଙ୍କୁ

**ଚିଟ୍‌ଫଣ୍ଡ ଠକେଇ ସଂକ୍ରାନ୍ତରେ ସୁପ୍ରିମକୋର୍ଟଙ୍କ ମତ**



ସହାୟତା କରିବା ଲାଗି ଆମିକସ କ୍ୟୁରିଙ୍କୁ ମଧ୍ୟ ନିଯୁକ୍ତ କରାଯାଇପାରେ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ଜମାକାରୀଙ୍କୁ ଅର୍ଥ ଫେରସ୍ତ ଦିଗରେ ସ୍ୱଚ୍ଛତା ବଜାୟ ରଖିବା ଲାଗି ପୂର୍ବରୁ ମାମଲା ଲଢ଼ିଥିବା ବରିଷ୍ଠ ଓକିଲ କପିଲ ଶିବଲ ଓ ଅନ୍ୟ ଆଇନଜୀବୀଙ୍କ ଠାରୁ ପୀଠ ମଧ୍ୟ ପ୍ରସ୍ତାବ ଲୋଡ଼ିଛନ୍ତି।

କେନ୍ଦ୍ର ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟା ଉପସ୍ଥାପନ କରିଥିବା ତଥ୍ୟରେ ଦର୍ଶାଇଥିଲେ ଯେ ସେବି-ସାହାରା ଆକାଉଣ୍ଟରେ ୨୩,୯୩୭ କୋଟି ଟଙ୍କା ଅବ୍ୟବହୃତ ହୋଇ ପଡ଼ିରହିଛି। ସାହାରା ଗ୍ରୁପ୍ ଦ୍ୱାରା ଠକାମିର ଶିକାର ହୋଇଥିବାରୁ ଜମାକାରୀମାନଙ୍କୁ ସେଥିରୁ ତୁରନ୍ତ ଅର୍ଥ ଫେରସ୍ତ କରାଯାଉ। ମେହେଟା ଯୁକ୍ତି ଦର୍ଶାଇଥିଲେ ଯେ, ଏ କ୍ଷେତ୍ରରେ ସ୍ୱଚ୍ଛତା ବଜାୟ ରଖିବା ନିମନ୍ତେ ଦିଆଯିବାକୁ ଥିବା ଅର୍ଥ ଜମାକାରୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ରଖାଯାଉ, ଯାହାଫଳରେ ତାହାକୁ ତଦାରଖ କରିବା ସହଜ ହେବ। ଶୁଣାଣି ବେଳେ ବିଚାରପତି ଏମ୍‌ଆର୍ ଶାହା କହିଛନ୍ତି, ଫେରସ୍ତ ହେବାକୁ ଥିବା ଅର୍ଥ ଯୋଗ୍ୟ ବ୍ୟକ୍ତିଙ୍କୁ ମିଳିବା ଦରକାର। ଏ କ୍ଷେତ୍ରରେ ସେମାନେ ଯେଭଳି ହଇରାଣ ନ ହେବେ ସେହି ଦିଗକୁ ଦୃଷ୍ଟି ଦିଆଯିବା ଉଚିତ। ଉଲ୍ଲେଖଯୋଗ୍ୟ ଯେ, ଆଇନଜୀବୀ ସୁରେଶ ତ୍ରିପାଠୀ ଦାଖଲ କରିଥିବା ଦସ୍ତାବିଜ୍‌ରେ ଉଲ୍ଲେଖ କରିଥିଲେ ଯେ, ରିଟ୍ ପିଟିଶନ କରିଥିବା ବ୍ୟକ୍ତିମାନେ ଓଡ଼ିଶାରେ ମଧ୍ୟ ବହୁ ଚିଟ୍‌ଫଣ୍ଡ କମ୍ପାନୀ ରହିଥିବା ଦର୍ଶାଇଛନ୍ତି। ସଲିସିଟର ଜେନେରାଲ ମେହେଟା କହିଥିଲେ ଯେ ପ୍ରାରମ୍ଭିକ ଅବସ୍ଥାରେ ସାହାରା ଗ୍ରୁପ୍ କଥାକୁ ଦେଖାଯାଉଛି ଓ ପରବର୍ତ୍ତୀ ସମୟରେ ଅନ୍ୟ ଚିଟ୍ ଫଣ୍ଡ ସଂକ୍ରାନ୍ତ ବିଷୟକୁ ବିଚାରକୁ ନିଆଯିବ।

ସୂଚନାଯୋଗ୍ୟ ଯେ, ଗତ ଶୁକ୍ରବାର କେନ୍ଦ୍ର ସରକାରଙ୍କ ପକ୍ଷରୁ ହାଜର ହୋଇ ସଲିସିଟର ଜେନେରାଲ ମେହେଟା କହିଥିଲେ ଯେ, କ୍ଷୁଦ୍ର ଜମାକାରୀଙ୍କୁ ସେମାନଙ୍କ ଅର୍ଥ ଫେରସ୍ତ କରିବା ଲାଗି ସାହାରା-ସେବି ନିକଟରେ ଥିବା ଅର୍ଥକୁ ବ୍ୟବହାର କରାଯାଉ।

# ଇଣ୍ଟରପୋଲ୍ ରେଡ୍ କର୍ନର ତାଲିକାରୁ ମେହୁଲ ଚୋକ୍‌ସି ବାଦ୍

**ନୂଆଦିଲ୍ଲୀ, ୨୦।୩**



ମେହୁଲ ଚୋକ୍‌ସି

ପଳାତକ ହୀରା ବ୍ୟବସାୟୀ ମେହୁଲ ଚୋକ୍‌ସିଙ୍କୁ ଇଣ୍ଟରନ୍ୟାଶନାଲ କ୍ରିମିନାଲ ପୋଲିସ ସଂଗଠନ (ଇଣ୍ଟରପୋଲ୍) ରେଡ୍ କର୍ନର ତାଲିକାରୁ ବାଦ୍ ଦେଇଛି। ୨୦୧୮ ଡିସେମ୍ବରରେ ଇଣ୍ଟରପୋଲ୍ ଚୋକ୍‌ସିଙ୍କ ନାମରେ ରେଡ୍ କର୍ନର ନୋଟିସ ଜାରି କରିଥିଲା। ମାନବାଧିକାର ଉଲ୍ଲଂଘନ ହେଉଥିବା ଦର୍ଶାଇ ତାଙ୍କୁ ଏଥିରୁ ବାଦ୍ ଦେବା ଲାଗି ଚୋକ୍‌ସି ଆବେଦନ କରିଥିବାବେଳେ ସିବିଆଇ ଏହାକୁ ବିରୋଧ କରିଥିଲା। ଏହା ସତ୍ତ୍ୱେ ଇଣ୍ଟରପୋଲ୍ ଚୋକ୍‌ସିଙ୍କ ନାଁ ହଟାଇବାକୁ ନିଷ୍ପତ୍ତି ନେଇଛି। ଫଳରେ ଚୋକ୍‌ସି ଏଣିକି ଅବାଧରେ ବିଭିନ୍ନ ଦେଶକୁ ଯାଇପାରିବେ। ୧୩,୦୦୦ କୋଟି ଟଙ୍କା ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଋଣ ଦୁର୍ନୀତିରେ ସମ୍ପୃକ୍ତ ଚୋକ୍‌ସି ନିକଟରେ ଆଣ୍ଟିଗୁଆର ଏକ ଅଦାଲତରେ ସତ୍ୟପାଠ ଦାଖଲ କରି ୨୦୨୧ ମେ'ରେ ଭାରତ ସରକାରଙ୍କ ସଂସ୍ଥା ତାଙ୍କୁ ଅପହରଣ କରି ଡୋମିନିକା ନେଇଯାଇ ନିର୍ଯାତନା ଦେଇଥିଲେ ବୋଲି ଅଭିଯୋଗ କରିଥିଲେ।

# ଅନ୍‌ଲାଇନ ଆର୍‌ଟିଆଇ ପୋର୍ଟାଲ ସ୍ଥାପନ ଲାଗି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

**ନୂଆଦିଲ୍ଲୀ, ୨୦।୩**

ପର୍ଯ୍ୟାପ୍ତ ତଥ୍ୟ ଯୋଗାଇବାରେ ସୁବିଧା ପାଇଁ ଅନ୍‌ଲାଇନ ସୂଚନା ଅଧିକାର (ଆର୍‌ଟିଆଇ) ପୋର୍ଟାଲ ସ୍ଥାପନ ଲାଗି ସୁପ୍ରିମକୋର୍ଟ ସୋମବାର ଦେଶର ସମସ୍ତ ହାଇକୋର୍ଟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୦୫ରେ ଆର୍‌ଟିଆଇ ଆଇନ କାର୍ଯ୍ୟକାରୀ ହୋଇଥିଲା। ଏହାର ୧୭ ବର୍ଷ ପରେ ମଧ୍ୟ ହାଇକୋର୍ଟଗୁଡ଼ିକରେ ଅନ୍‌ଲାଇନ ଆର୍‌ଟିଆଇ ପୋର୍ଟାଲ ନ ଥିବାରୁ ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ୩ ଜଣିଆ ଖଣ୍ଡପୀଠ ବିସ୍ମୟ ପ୍ରକାଶ କରିଛନ୍ତି। ଜିଲା ଅଦାଲତଗୁଡ଼ିକ ପାଇଁ ମଧ୍ୟ ଏଭଳି ପୋର୍ଟାଲ ସ୍ଥାପନ ନିମନ୍ତେ ହାଇକୋର୍ଟ ମୁଖ୍ୟ ବିଚାରପତିମାନଙ୍କଠାରୁ ରେଜିଷ୍ଟ୍ରାର ଜେନେରାଲ ଅନୁମତି ଲୋଡ଼ିବାକୁ ଖଣ୍ଡପୀଠ କହିଛନ୍ତି। ଆଇନ ଅନୁଯାୟୀ ଜଣେ ବ୍ୟକ୍ତିଗତ ଭାବେ କିମ୍ବା ଇଲେକ୍ଟ୍ରୋନିକ ମାଧ୍ୟମରେ ତଥ୍ୟ ଜାଣିବା ପାଇଁ ଆବେଦନ କରିପାରିବେ। ତେଣୁ ୩ ମାସ ମଧ୍ୟରେ ହାଇକୋର୍ଟଗୁଡ଼ିକ ଅନ୍‌ଲାଇନ ଆର୍‌ଟିଆଇ ପୋର୍ଟାଲ ଖୋଲିବାକୁ ସୁପ୍ରିମକୋର୍ଟ କହିଛନ୍ତି। ବର୍ତ୍ତମାନ ସୁଦ୍ଧା ଓଡ଼ିଶା ହାଇକୋର୍ଟ, ଦିଲ୍ଲୀ ହାଇକୋର୍ଟ ଏବଂ ମଧ୍ୟପ୍ରଦେଶ ହାଇକୋର୍ଟ ଆର୍‌ଟିଆଇ ପାଇଁ ଅନ୍‌ଲାଇନ ପୋର୍ଟାଲ ସ୍ଥାପନ କରିଛନ୍ତି। ତେବେ କୌଣସି ହାଇକୋର୍ଟ ଜିଲା ଅଦାଲତଗୁଡ଼ିକ ପାଇଁ ଆର୍‌ଟିଆଇ ପୋର୍ଟାଲ ଖୋଲିନାହାନ୍ତି। ସମସ୍ତ ହାଇକୋର୍ଟ ଓ ଜିଲା କୋର୍ଟରେ ଅନ୍‌ଲାଇନ ଆର୍‌ଟିଆଇ ଖୋଲିବା ନିମନ୍ତେ ପ୍ରବାସୀ ଲିଗାଲ ସେଲ୍ ନାମକ ଏନ୍‌ଜିଓ ପକ୍ଷରୁ ଆବେଦନ କରାଯାଇଥିଲା। ଜଷ୍ଟିସ୍ ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ ପି.ଏସ୍. ନରସିଂହ ଏବଂ ଜେ.ବି. ପର୍ଡିୱାଲାଙ୍କ ଖଣ୍ଡପୀଠ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି।

**ପଶ୍ଚିମା ଝଡ଼ ପ୍ରଭାବ**

# କଟକ, ଭୁବନେଶ୍ୱର ସମେତ ବିଭିନ୍ନ ସ୍ଥାନରେ କୁଆପଥର ବର୍ଷା

**■ ୧.୫ କିମି ଉଚ୍ଚରେ ଘୂର୍ଣ୍ଣିବଳୟ ■ ୨୫ ତାରିଖ ପର୍ଯ୍ୟନ୍ତ ବର୍ଷା ଜାରି ରହିବ ■ ୨୨ରୁ ବଢ଼ିବ ତାତି**

**ଭୁବନେଶ୍ୱର, ୨୦।୩(ବ୍ୟୁରୋ)**

ପଶ୍ଚିମା ଝଡ଼ ପ୍ରଭାବରେ ରାଜ୍ୟରେ କାଳବୈଶାଖୀ ଲାଗି ରହିଛି। ବଜ୍ରପାତ, ଘଡ଼ଘଡ଼ି, କୁଆପଥର ମାଡ଼ ସହ ପବନ ବୋହୁଛି। ତେବେ ସୋମବାର ମଧ୍ୟ ରାଜ୍ୟର ବିଭିନ୍ନ ସ୍ଥାନରେ କୁଆପଥର ସହ ବର୍ଷା ହୋଇଛି। ଅପରାହ୍ନରେ ଭୁବନେଶ୍ୱରରେ ଭଲ ବର୍ଷା ହେବା ସହ ଜୟଦେବ ବିହାର, ଆଚାର୍ଯ୍ୟ ବିହାର, ସିଆର୍‌ପି ଛକ, ରସୁଲଗଡ଼ ଓ ଘାଟିକିଆରେ କୁଆପଥର ମାଡ଼ ହୋଇଥିବା ଜଣାପଡ଼ିଛି। ସେହିପରି କଟକ, ବଲାଙ୍ଗୀର, ବାଲେଶ୍ୱର, ନୟାଗଡ଼, ରାୟଗଡ଼ା, କନ୍ଧମାଳ, କଳାହାଣ୍ଡି ଓ ପୁରୀ ଜିଲାର ବିଭିନ୍ନ ସ୍ଥାନରେ କୁଆପଥର ବର୍ଷା ହୋଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ରବିବାରରୁ ସୋମବାର ସକାଳ ପର୍ଯ୍ୟନ୍ତ ସୁନ୍ଦରଗଡ଼ର ମନ୍ଦିରା ଡ୍ୟାମ୍‌ରେ ସର୍ବାଧିକ ୧୨୯ ମିଲି ମିଟର ବର୍ଷା ରେକର୍ଡ କରାଯାଇଥିବାବେଳେ ମୟୂରଭଞ୍ଜର କପ୍ତିପଦାରେ ୫୮ମିମି, ବାଲିମୁଣ୍ଡାଳୀରେ ୪୧.୮, ବୌଦ୍ଧରେ ୪୦.୪, ଗଞ୍ଜାମ ସୋରଡାରେ ୪୦.୨ ମି.ମି. ବର୍ଷା ରେକର୍ଡ କରାଯାଇଛି। ସେହିପରି ସୋମବାର ସନ୍ଧ୍ୟା ୬ଟା ମଧ୍ୟରେ ପୁରୀରେ ସର୍ବାଧିକ ୧୯.୨ ମିମି ବର୍ଷା ହୋଇଥିବାବେଳେ ଟିଟିଲାଗଡ଼ ୧୫.୪, ବଲାଙ୍ଗୀର ୧୫, ଖୋର୍ଦ୍ଧା ୧୩ ଓ ଭୁବନେଶ୍ୱରରେ ୩.୮ ମିମି ବର୍ଷା ହୋଇଥିବା ସୂଚନା ଦିଆଯାଇଛି। ସେପଟେ ଟ୍ରଫ୍‌ଲାଇନ୍ ଯୋଗୁ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହା ଉତ୍ତର-ପୂର୍ବ ରାଜସ୍ଥାନଠାରୁ ଆରମ୍ଭ କରି ନାଗାଲାଣ୍ଡ, ଉତ୍ତର ପ୍ରଦେଶ ଓ ବିହାର ପର୍ଯ୍ୟନ୍ତ ସମୁଦ୍ରପତ୍ତନଠାରୁ ବାୟୁମଣ୍ଡଳରେ ୧.୫ କିମି ଉଚ୍ଚରେ ରହିଛି। ଏହା ପ୍ରଭାବରେ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବ। ତେବେ ମଙ୍ଗଳବାର ପଶ୍ଚିମା ଝଡ଼ର ପ୍ରଭାବ କମିଲେ ମଧ୍ୟ ଟ୍ରଫ୍‌ଲାଇନ ପ୍ରଭାବରେ ରାଜ୍ୟରେ ବର୍ଷା ଜାରି ରହିବ। ଉପକୂଳ ଓଡ଼ିଶା ସମେତ ଦକ୍ଷିଣ ଓ ଉତ୍ତର ଓଡ଼ିଶାର ୨୦ ଜିଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବ। ବର୍ଷା ହେଲେ ମଧ୍ୟ ୨୨ ତାରିଖରୁ ଧୀରେ ଧୀରେ ତାପମାତ୍ରା ବୃଦ୍ଧି ହେବ। ସ୍ୱାଭାବିକଠାରୁ ୩ରୁ ୪ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ର ବଢ଼ିବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

**ପ୍ରଥମ ପୃଷ୍ଠାରୁ...**

## ସରିଲା ମାଟ୍ରିକ୍...

ଗଣିତ ପ୍ରଶ୍ନପତ୍ର ଲିକ୍ ଅଭିଯୋଗକୁ ବୋର୍ଡ ଉପସଭାପତି ନୀହାର ରଞ୍ଜନ ମହାନ୍ତି ଖଣ୍ଡନ କରିଛନ୍ତି। ପୁରୀ ଜିଲାରେ କୌଣସି ପ୍ରକାରର ପ୍ରଶ୍ନପତ୍ର ଲିକ୍ ହୋଇନାହିଁ। ଭାଇରାଲ ଘଟଣାର କୌଣସି ସତ୍ୟାସତ୍ୟ ନାହିଁ। ଯେଉଁ ଅଭିଯୋଗ ହେଉଛି ତାହା ଅପ୍ରାସଙ୍ଗିକ ବୋଲି ଉପସଭାପତି କହିଛନ୍ତି। ଚଳିତ ବର୍ଷ ୫ ଲକ୍ଷ ୪୧ ହଜାର ୨୪୭ ଜଣ ପରୀକ୍ଷାର୍ଥୀ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ପାଇଁ ଫର୍ମଫିଲପ୍ କରିଥିଲେ। ୩୨୧୮ଟି କେନ୍ଦ୍ରରେ ଏହି ପରୀକ୍ଷା ହୋଇଥିଲା। ସେହିପରି ୩୧୬ଟି ନୋଡାଲ ସେଣ୍ଟର କରାଯାଇଥିଲା। ମାଓବାଦୀ ଅଧ୍ୟୁଷିତ ଅଞ୍ଚଳରେ ୨୨ଟି ଥାନାରେ ନୋଡାଲ ସେଣ୍ଟର କରାଯାଇଥିଲା। ଅପରପକ୍ଷରେ ଚଳିତ ପରୀକ୍ଷାର ବିଭିନ୍ନ ଦିନରେ କେତେକ ସ୍ଥାନରେ ଅନିୟମିତତା ପରିଲକ୍ଷିତ ହୋଇଥିବା ଦେଖିବାକୁ ମିଳିଥିଲା। ପ୍ରଥମ ଦିନରେ ପୁରୀ ଜିଲା ନିମାପଡ଼ା ବ୍ଲକର ଏକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଏବଂ ଜଣେ ବ୍ୟକ୍ତିଙ୍କ ମୋବାଇଲ୍ ଅଡିଓ ବାର୍ତ୍ତାଳାପ ଭାଇରାଲ ହୋଇଥିଲା। ଏଥିରେ ପିଲାଙ୍କୁ କପି ପାଇଁ ସୁଯୋଗ ଦେବା ସମ୍ପର୍କରେ କଥାବାର୍ତ୍ତା ହେଉଥିବାର ଜଣାପଡ଼ିବା ପରେ ସମ୍ପୃକ୍ତ ପ୍ରଧାନଶିକ୍ଷକ ଏବଂ ପରୀକ୍ଷା ନିୟନ୍ତ୍ରକଙ୍କ ସମେତ ଅନ୍ୟମାନଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଇଥିଲା। ପରୀକ୍ଷାର ଦ୍ୱିତୀୟ ଦିନ ମଧ୍ୟ ପୁରୀ ଜିଲା କାକଟପୁର ଏବଂ ନୟାହାଟ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ପରୀକ୍ଷା କେନ୍ଦ୍ର ମଧ୍ୟକୁ ମୋବାଇଲ୍ ଫୋନ୍ ନେବା ଏବଂ ପରୀକ୍ଷାରେ ଅନିୟମିତତା କରିବା ଅଭିଯୋଗରେ ସେମାନଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଇଥିଲା। ସେହିପରି ସାମାଜିକ ବିଜ୍ଞାନ ପରୀକ୍ଷାରେ ପ୍ରଶ୍ନପତ୍ରରେ ମୁଦ୍ରଣଜନିତ ତ୍ରୁଟି ଦେଖିବାକୁ ମିଳିଥିଲା। ସେଥିପାଇଁ ପିଲାମାନଙ୍କୁ କୌଣସି ବ୍ୟସ୍ତ ହେବାର ନାହିଁ ବୋଲି ବୋର୍ଡ ପକ୍ଷରୁ କୁହାଯାଇଥିଲା।

## ପ୍ରଶ୍ନପତ୍ର ଲିକ୍ ପ୍ରସଙ୍ଗରେ...

ହୋଇଥିବା ନେଇ ଅଭିଯୋଗ ଆଣିଥିଲେ। ଗୃହରେ ଭାଇରାଲ୍ ହେଉଥିବା ପ୍ରଶ୍ନପତ୍ର ଦେଖାଇ ପିଲାଙ୍କ ଭବିଷ୍ୟତ ସହ ସରକାର ଖେଳୁଛନ୍ତି ବୋଲି କହିଥିଲେ। ତାଙ୍କୁ ସମର୍ଥନ କରି ଭାଜପା ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ହଙ୍ଗାମା କରିଥିଲେ। କଂଗ୍ରେସ ସଦସ୍ୟମାନେ ମଧ୍ୟ ଏହି ପ୍ରସଙ୍ଗକୁ ସମର୍ଥନ କରି ଗୃହରେ ହୋ ହଲ୍ଲା କରିଥିଲେ। ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନଙ୍କ ଇସ୍ତଫା ଦାବିକରି ନାରାବାଜି କରିଥିଲେ। ଗୃହରେ ଏକପ୍ରକାର ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିଲା। ବାଚସ୍ପତି ବିରୋଧୀ ଦଳ ସଦସ୍ୟମାନଙ୍କୁ ଶାନ୍ତ ରହି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ସହଯୋଗ କରିବାକୁ ଅନୁରୋଧ କରିଥିଲେ। ମାତ୍ର ଏହାର କୌଣସି ପ୍ରଭାବ ବିରୋଧୀଙ୍କ ଉପରେ ପଡ଼ି ନ ଥିଲା। ଫଳରେ ବାଚସ୍ପତି ଗୃହକୁ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରିଦେଇଥିଲେ।

ଅପରାହ୍ନରେ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ପୁଣି ବିରୋଧୀ ଭାଜପା ଓ କଂଗ୍ରେସ ସଦସ୍ୟମାନେ ଗୃହ ମଧ୍ୟଭାଗକୁ ଆସି ପ୍ରବଳ ହଙ୍ଗାମା କରିଥିଲେ। ଗୃହକୁ ସ୍ୱାଭାବିକ କରିବା ପାଇଁ ସର୍ବଦଳୀୟ ବୈଠକ ପାଇଁ ବାଚସ୍ପତି ୪ଟା ୧ରୁ ୧୫ ମିନିଟ୍ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ବୈଠକ ୪ଟା ୨୬ ମିନିଟ୍ ପର୍ଯ୍ୟନ୍ତ ଚାଲିଥିଲା। ପରେ ବାଚସ୍ପତି ଦଶମ ବୋର୍ଡ ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ନେଇ ବିରୋଧୀ ଦଳ ସଦସ୍ୟମାନେ ଯେଉଁ ଅଭିଯୋଗ ଆଣିଛନ୍ତି ସେ ପ୍ରସଙ୍ଗରେ ଗୃହରେ ବିବୃତି ଦେବାକୁ ଗଣଶିକ୍ଷା ମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମନ୍ତ୍ରୀ କହିଥିଲେ ଯେ ମାଟ୍ରିକ୍ ପ୍ରଶ୍ନପତ୍ର ଲିକ୍ ନେଇ ବିରୋଧୀ ଆଣିଥିବା ଅଭିଯୋଗ ସତ୍ୟ ଉପରେ ଆଧାରିତ ନୁହେଁ। ମାଟ୍ରିକ୍ ପରୀକ୍ଷା ଶୃଙ୍ଖଳିତ ଭାବେ ସରିଛି। ଖାତାଦେଖା ଏପ୍ରିଲ ୩ରୁ ଶୃଙ୍ଖଳାର ସହ ହେବ। ବିଧାନସଭାକୁ ଆଶ୍ୱାସନା ଦେଉଛି ବୋଲି ମନ୍ତ୍ରୀ କହିଥିଲେ। ମନ୍ତ୍ରୀଙ୍କ ବିବୃତି ପରେ ଗୃହ ସ୍ୱାଭାବିକ ହୋଇଥିଲା ଓ ପର୍ଯ୍ୟଟନ ବିଭାଗର ଖର୍ଚ୍ଚ ଦାବି ଆଲୋଚନା ହୋଇଥିଲା।

ଅନ୍ୟପକ୍ଷରେ ବିରୋଧୀ ଦଳ ମୁଖ୍ୟ ସଚେତକ ଗଣମାଧ୍ୟମକୁ କହିଛନ୍ତି ଯେ ସକାଳ୭ଟା ୨୦ମିନିଟ୍‌ରେ ପୁରୀ ଜିଲାରେ ମାଟ୍ରିକ୍‌ପରୀକ୍ଷା ପ୍ରଶ୍ନପତ୍ର ଲିକ୍‌ହୋଇଛି। ପିଲାଙ୍କ ଭବିଷ୍ୟତ ସହିତ ସରକାର ଖେଳୁଛନ୍ତି। ବାରମ୍ବାର ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ହେଉଥିବାରୁ ଗଣଶିକ୍ଷା ମନ୍ତ୍ରୀ ଇସ୍ତଫା ଦେବା ପାଇଁ ବିରୋଧୀ ଦଳ ଦାବି କରିଥିଲେ।

ଏହା ଉପରେ ପ୍ରତିକ୍ରିୟା ଦେଇ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି, କୌଣସି ଗୋଟିଏ ପ୍ରଶ୍ନପତ୍ର ଲିକ୍ ହୋଇନାହିଁ। ପୂର୍ବରୁ ବୋର୍ଡ ପକ୍ଷରୁ ସ୍ପଷ୍ଟ କରାଯାଇଥିଲା ଯେ ଏହା ମୁଦ୍ରଣଜନିତ ତ୍ରୁଟି। ଛାତ୍ରୀଛାତ୍ର କିମ୍ବା ଅଭିଭାବକ ବ୍ୟସ୍ତ ହେବାର କୌଣସି କାରଣ ନାହିଁ। ମାର୍କିଂ ସମୟରେ ପିଲାମାନଙ୍କ ସ୍ୱାର୍ଥକୁ ଦେଖାଯିବ। ସୋମବାର ସକାଳ ୭ଟା ୨୦ରେ ପୁରୀ ଜିଲାରେ ପ୍ରଶ୍ନପତ୍ର ଲିକ୍ କଥା ବିରୋଧୀ ଯାହା କହୁଛନ୍ତି ସେ ତଥ୍ୟ ଆମ ପାଖରେ ନାହିଁ। ଏ ନେଇ ସେ ବୋର୍ଡ ସଭାପତି, ପୁରୀ ଜିଲା ଶିକ୍ଷା ଅଧିକାରୀ ଓ ପୁରୀ ଜିଲାପାଳଙ୍କ ସହ କଥା ହୋଇଛନ୍ତି। ପ୍ରଶ୍ନପତ୍ର ଲିକ୍ ନେଇ ସାମାନ୍ୟତମ ସତ୍ୟତା ନାହିଁ ବୋଲି ଗଣଶିକ୍ଷା ମନ୍ତ୍ରୀ କହିଛନ୍ତି।

## ୟୁଏଇରେ ଷଷ୍ଠ...

ନମୁନା ବୋଲି ଭୂତତ୍ତ୍ୱବିତ୍ ପ୍ରଫେସର୍ ଟିମୋଥି ପାୱାର କହିଛନ୍ତି। ଏହି ପୁରାତନ ସହରରେ ଦେଖିବାକୁ ମିଳିଥିବା ଘରର କାନ୍ଥ ସବୁ ଇଟା ଓ ପଥରକୁ ଯୋଡ଼ି ନିର୍ମାଣ କରାଯାଇଛି। ୧୨ ହେକ୍ଟର ପରିମିତ ସ୍ଥାନରେ ସହରଟି ଅବସ୍ଥିତ। ଘରୁ ମାଳି ପରି କିଛି ସାମଗ୍ରୀ ସହ ଡାଇଭିଂ ୱେଟ୍ (ସମୁଦ୍ର ବୁଡ଼ାଳିମାନେ ବ୍ୟବହାର କରୁଥିବା ଏକ ବସ୍ତୁ) ଗବେଷକମାନଙ୍କର ହସ୍ତଗତ ହୋଇଛି। ସହରର ଚାରିଆଡ଼େ ଘରସବୁ ଖେଳାଇ ହୋଇ ତିଆରି ହୋଇଥିବା ଦେଖିବାକୁ ମିଳିଛି। ଉଭୟ ମୁସଲମାନ ଏବଂ ଖ୍ରୀଷ୍ଟଧର୍ମାବଲମ୍ବୀ ଏହି ସହରରେ ବାସ କରୁଥିଲେ। ପୁରାତନ ସହର ସମ୍ପର୍କରେ ଉମ ଅଲ-କୁୱେନ ପର୍ଯ୍ୟଟନ ବିଭାଗ, ୟୁଏଇ ୟୁନିଭର୍ସିଟିର ଭୂତତ୍ତ୍ୱ ବିଭାଗ ଏବଂ ନ୍ୟୁୟର୍କ ୟୁନିଭର୍ସିଟି ପକ୍ଷରୁ ମିଳିତ ଅଧ୍ୟୟନ କରାଯାଇଛି। ୟୁଏଇର ଅନ୍ୟ ଅଞ୍ଚଳ ତୁଳନାରେ ଉମ ଅଲ୍-କୁୱେନରେ କମ୍ ସଂଖ୍ୟକ ଲୋକ ବାସ କରୁଥିବାବେଳେ ଏଠାରେ ଏକ ପର୍ଯ୍ୟଟନ କେନ୍ଦ୍ର ନିର୍ମାଣ ପାଇଁ ସରକାର ଯୋଜନା ପ୍ରସ୍ତୁତ କରିଛନ୍ତି। ଭୂତତ୍ତ୍ୱବିତ୍‌ଙ୍କ ମତରେ ପ୍ରଥମ ବିଶ୍ୱଯୁଦ୍ଧ ପରି ୟୁଏଇରେ ଥିବା ପଲିଙ୍ଗ୍ ସହରଗୁଡ଼ିକ ଧ୍ୱସ୍ତ ହୋଇଯାଇଥିଲା। ଷଷ୍ଠ ଶତାବ୍ଦୀର ଏହି ପୁରାତନ ସହର ସମ୍ପର୍କରେ ଅଧିକ ତଥ୍ୟ ଖୋଜିବାରେ ଭୂତତ୍ତ୍ୱବିତ୍‌ଙ୍କର ଏକ ଦଳ କାର୍ଯ୍ୟ କରୁଛନ୍ତି।

## ଜଉମୁଦ ଲଫାପା...

ଖଣ୍ଡପୀଠରେ ଜଷ୍ଟିସ୍ ପି.ଏସ୍. ନରସିଂ ଏବଂ ଜେ.ବି. ପର୍ଡିୱାଲା ରହିଛନ୍ତି। ଖଣ୍ଡପୀଠ କହିଥିଲେ, ସୈନ୍ୟବାହିନୀର ୨୫ ଲକ୍ଷ ପେନ୍‌ସନଭୋଗୀଙ୍କ ମଧ୍ୟରୁ ୪ ଲକ୍ଷ ଓଆର୍‌ଓପି ଯୋଜନାରେ ଆସୁନାହାନ୍ତି। କାରଣ ସେମାନେ ବର୍ଦ୍ଧିତ ପେନ୍‌ସନ ପାଉଛନ୍ତି। ୬ ଲକ୍ଷ ଫାମିଲି ପେନ୍‌ସନର ଏବଂ ବୀରତା ପୁରସ୍କାର ବିଜେତାଙ୍କୁ ଆସନ୍ତା ଏପ୍ରିଲ ୩୦ ସୁଦ୍ଧା ଓଆର୍‌ଓପି ପ୍ରାପ୍ୟ ପୈଠ କରିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଥିଲେ। ୭୦ ବର୍ଷ କିମ୍ବା ତଦୂର୍ଦ୍ଧ୍ୱ ବୟସର ୪ରୁ ୫ ଲକ୍ଷ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କୁ ଜୁନ୍ ୩୦ ସୁଦ୍ଧା ଗୋଟିଏ କିମ୍ବା ଦୁଇଟି କିସ୍ତିରେ ବକେୟା ଓଆର୍‌ଓପି ପୈଠ କରିବାକୁ କୁହାଯାଇଛି। ଅବଶିଷ୍ଟ ୧୦ରୁ ୧୧ ଲକ୍ଷ ପେନ୍‌ସନଧାରୀଙ୍କୁ ଆସନ୍ତା ବର୍ଷ ଫେବୃୟାରୀ ୨୮ ସୁଦ୍ଧା ୩ଟି ସମାନ କିସ୍ତିରେ ବକେୟା ପେନ୍‌ସନ ପ୍ରଦାନ କରିବା ଲାଗି ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

## ବୃଦ୍ଧାଙ୍କୁ ଖାଇଗଲା...

ପାଇଁ ଯାଇଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ନ ଆସିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ସନ୍ଧାନ ପାଇ ନ ଥିଲେ। ସୋମବାର ସକାଳୁ ଗ୍ରାମର କେତେଜଣ ଲୋକ ଜାଳେଣି କାଠ ସଂଗ୍ରହ କରିବା ପାଇଁ ଯାଉଥିବାବେଳେ ଜଙ୍ଗଲ ଭିତରେ ବୃଦ୍ଧାଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ପଡ଼ିଥିବା ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ବୃଦ୍ଧାଙ୍କ ରକ୍ତ ଶୋଷି ଦେଇଥିବା ସହ ଅଧା ଶରୀର ଖାଇଥିବା ସ୍ଥାନୀୟ ଲୋକେ କହିଛନ୍ତି। ଖବର ପାଇ ତରବୋଡ ଫାଣ୍ଡି ପୋଲିସ ଜଲମଡେଇ ଗାଁକୁ ଯାଇ ମୃତଦେହ ଜବତ କରିଥିଲା। ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଫାଣ୍ଡି ଅଧିକାରୀ ରାମଲାଲ ଗୁରିଆ ସୂଚନା ଦେଇଛନ୍ତି। ଏ ସଂକ୍ରାନ୍ତରେ ବନ୍ୟପ୍ରାଣୀ ବିଭାଗ ସୁନାବେଡ଼ା ରେଞ୍ଜର ଶିବ ପ୍ରସାଦ ଖମାରୀଙ୍କୁ ପଚାରିବାରୁ ବାଘ ପାଦ ଚିହ୍ନ ନିରୀକ୍ଷଣ କରିବା ପରେ ମହାବଳ କି କଲରାପତରିଆ ତାହା ସ୍ପଷ୍ଟ ହେବ। ମହାବଳ ବାଘ ହୋଇଥିବା ସ୍ଥାନୀୟ ଲୋକେ କହୁଥିବା ଆମେ ଶୁଣିଛୁ। ବନ୍ୟପ୍ରାଣୀ ବିଭାଗ କର୍ମଚାରୀମାନେ ଗ୍ରାମର ଚାରିପଟେ ରହି ଭୟଭୀତ ନ ହେବା ପାଇଁ ସଚେତନ କରିବା ସହ ଗାଁ ବାହାରକୁ କିମ୍ବା ଜଙ୍ଗଲ ଭିତରକୁ ନ ଯିବା ପାଇଁ ଡାକବାଜି ଯନ୍ତ୍ର ସାହାଯ୍ୟରେ ଲୋକଙ୍କୁ ବୁଝାଉଛନ୍ତି ବୋଲି କହିଛନ୍ତି।

## ରାଜ୍ୟରେ ବଢ଼ିଛି...

ହେବାସହ ୧୨ ଜଣଙ୍କୁ ଗିରଫ କରାଯାଇଛି। ପୋଲିସ-ମାଓବାଦୀ ମଧ୍ୟରେ ୧୨ଥର ଗୁଳିବିନିମୟ ଘଟଣା ଘଟିଥିବାବେଳେ ଏଥିରେ ୩ ଜଣ ସୁରକ୍ଷାକର୍ମୀ ଶହୀଦ ଏବଂ ୮ ସାଧାରଣ ଲୋକ ପ୍ରାଣ ହରାଇଛନ୍ତି। ରିପୋର୍ଟରେ କୁହାଯାଇଛି ଯେ, ୨୦୨୨ରେ ୨୨୪୮ଟି ଦଙ୍ଗା ମାମଲା ରୁଜୁ ହୋଇଛି। ସେଥିରୁ ୨,୧୭୨ଟି ମାମଲା ସତ୍ୟ ହୋଇଥିବା ବେଳେ ବର୍ଷ ଶେଷ ସୁଦ୍ଧା ୧,୩୬୧ଟି ମାମଲାରେ ଦୋଷାରୋପ ଫର୍ଦ୍ଦ ଦାଖଲ କରାଯାଇଛି। ସେହିପରି ୩,୧୪୮ଟି ବଳାତ୍କାର ମାମଲା ରୁଜୁ ହୋଇଛି। ସେଥିମଧ୍ୟରୁ ୩,୧୩୫ଟି ସତ୍ୟ ମାମଲା ବୋଲି ଜଣାପଡ଼ିଛି। ତେବେ ଶ୍ୱେତପତ୍ର ଅନୁଯାୟୀ ରାଜ୍ୟରେ ହତ୍ୟା ମାମଲା କମିଛି। ପଞ୍ଜିକୃତ ୧,୩୭୯ଟି ହତ୍ୟା ଘଟଣା ମଧ୍ୟରୁ ୧,୩୦୧ଟି ମାମଲା ସତ୍ୟ ଥିବା ଜଣାପଡ଼ିଛି। ସେହିପରି ରାଜ୍ୟରେ ୬୨୬ ଡକାୟତି ଘଟଣା ପଞ୍ଜୀକୃତ ହୋଇଛି। ଏଥିମଧ୍ୟରୁ ୬୧୪ଟି ମାମଲା ସତ୍ୟ ବୋଲି ଜଣାପଡ଼ିଛି। ପଞ୍ଜୀକୃତ ହୋଇଥିବା ୫,୩୫୨ଟି ପ୍ରତାରଣା ମାମଲା ମଧ୍ୟରୁ ୫,୦୪୬ଟି ମାମଲା ସତ୍ୟ ବୋଲି ରିପୋର୍ଟରେ କୁହାଯାଇଛି। ୫,୪୭୭ ସିନ୍ଧିଚୋରି ମାମଲା ମଧ୍ୟରୁ ୫,୩୮୨ଟି ମାମଲା ସତ୍ୟ ଅଟେ। ବର୍ଷ ଶେଷ ସୁଦ୍ଧା ୧,୮୦୦ ମାମଲାରେ ଦୋଷାରୋପ ଫର୍ଦ୍ଦ ଦାଖଲ କରାଯାଇଛି। ଉକ୍ତ ମାମଲାରେ ୩,୦୮୦ ଜଣଙ୍କୁ ଗିରଫ କରାଯିବା ସହ ୫୦,୨୬, ୫୦,୭୦୯ ଟଙ୍କା ମୂଲ୍ୟର ଚୋରି ସାମଗ୍ରୀ ମଧ୍ୟରୁ ୧୦,୮୨,୦୦,୯୭୮ ଟଙ୍କା ଜବତ ହୋଇଛି।

ରାଜ୍ୟରେ କୌଣସି ଛାତ୍ର ଅଶାନ୍ତି ହୋଇ ନ ଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ତେବେ ରାଜ୍ୟରେ ଆଇନ ଶୃଙ୍ଖଳାକୁ ନିୟନ୍ତ୍ରଣ କରିବା ପାଇଁ ୧୪ ଥର ଗୁଳି ଚାଳନା କରାଯାଇଛି। ରାଜ୍ୟରେ ବିଭିନ୍ନ ରାଜନୈତିକ ଦଳ ଓ ସଂଗଠନ ୨୯୪ ଥର ରାସ୍ତାରୋକୋ କରିଥିବା ବେଳେ ୧୮ଥର ରେଳରୋକୋ, ୧,୪୦୩ ଥର ଧାରଣା, ୬୮୪ ଥର ରାଲି, ୧,୪୭୭ ଥର ବିକ୍ଷୋଭ, ୭୩ଥର ଅନଶନ, ୪୯ ଥର ଘେରାଉ କରାଯାଇଥିବା ଶ୍ୱେତପତ୍ରରେ ଉଲ୍ଲେଖ ରହିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି କର୍ମକ୍ଷେତ୍ରରେ ସତକଥା ପ୍ରକାଶକରି ବିବାଦୀୟ ହୋଇପାରନ୍ତି। ବନ୍ଧୁଙ୍କ ନିମନ୍ତ୍ରଣ ପାଇ ପରିଜନଙ୍କ ସହ ଦୂରଯାତ୍ରା କରିବାକୁ ପଡ଼ିପାରେ। କୃତ୍ତିକା ନକ୍ଷତ୍ରର ସାମୟିକ ଶାରୀରିକ ସୁସ୍ଥତା କାରଣରୁ ମନ ପ୍ରଫୁଲ୍ଲ ରହିବ। ଶିଳ୍ପ, ବାଣିଜ୍ୟ, ନିର୍ମାଣ, ବ୍ୟବସାୟ ଓ କଳା, ସାହିତ୍ୟ କ୍ଷେତ୍ରରେ ମାନମନାନ୍ତର ଦେଖାଦେଇପାରେ।

**ବୃଷ**
ସକାଳୁ ସକାଳୁ କୌଣସି ଶୁଭ ଖବର ମନକୁ ଆହ୍ଲାଦିତ କରିବ। ରୋହିଣୀ ନକ୍ଷତ୍ର ସକାଶେ ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି। ପଛକଥା ଚିନ୍ତା ନ କରି ଏହି ସମୟର ପରିସ୍ଥିତିକୁ ସାମ୍ନା କରିବାକୁ ଚେଷ୍ଟା କରିବା ଭଲ ହେବ। ବିବାଦର ସମାଧାନ ସକାଶେ ସମ୍ପର୍କୀୟ ବ୍ୟକ୍ତି ସାହାଯ୍ୟ କରିବେ।

**ମିଥୁନ**
କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତି ରହିଥିଲେ ମଧ୍ୟ କୌଣସି କାମ ଅଟକିବ ନାହିଁ। ମୃଗଶିରା ନକ୍ଷତ୍ର ନୂତନ ବନ୍ଧୁତ୍ୱ ସ୍ଥାପନ ଦିଗରେ ବନ୍ଧୁଙ୍କ ସହଯୋଗ କାମନା କରିପାରନ୍ତି। ସାମାଜିକ ସ୍ତରରେ ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ। ପାରିବାରିକ କ୍ଷେତ୍ରରେ ପରିସ୍ଥିତିର ଗୁରୁତ୍ୱ ଦୃଷ୍ଟିରୁ ନୀରବ ରହିବାକୁ ବାଧ୍ୟ ହୋଇପାରନ୍ତି।

**କର୍କଟ**
କଠିନ ଶ୍ରମ ଓ ବିଶେଷ ଭ୍ରମଣଜନିତ ଅସୁସ୍ଥତା ଅନୁଭବ କରିପାରନ୍ତି। ଆଲୋଚନା ପରିସରରେ ବିଜ୍ଞ ବ୍ୟକ୍ତିମାନଙ୍କ ନିକଟରୁ ଉତ୍ସାହ ଓ ପ୍ରେରଣା ପାଇ କାର୍ଯ୍ୟ ସାଧନ କରିବେ। ପ୍ରଶାସନିକ,ରାଜନୈତିକ ସ୍ତରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ଅଶ୍ଳେଷା ସକାଶେ ଅସହଯୋଗ କାରଣରୁ ଗଠନମୂଳକ କାର୍ଯ୍ୟର ଗତି ମନ୍ଥର ହେବ।

**ସିଂହ**
ପୂର୍ବାଫାଲ୍‌ଗୁନୀ ନକ୍ଷତ୍ରର ସ୍ୱାସ୍ଥ୍ୟ ସମସ୍ୟା କେତେକାଂଶରେ ନିୟନ୍ତ୍ରଣ ମଧ୍ୟରେ ରହିବ। କର୍ମକ୍ଷେତ୍ରରେ ଉଚ୍ଚବର୍ଗର ବ୍ୟକ୍ତିବିଶେଷଙ୍କ ଦ୍ୱାରା ସହଯୋଗ ପାଇବେ। ଅଜଣା ବ୍ୟକ୍ତିଙ୍କ ଦ୍ୱାରା ଖୋଜୁଥିବା ଜିନିଷ ହଠାତ୍ ପାଇଯିବେ। ଘରେ ବନ୍ଧୁ ମିଳନ ମାଧ୍ୟମରେ ଆମୋଦ ପ୍ରମୋଦର ସୁଅ ଛୁଟିବ।

**କନ୍ୟା**
କର୍ମକ୍ଷେତ୍ରରେ ଦକ୍ଷତା ହେତୁକ ଉଚ୍ଚବର୍ଗଙ୍କ ଦୃଷ୍ଟି ଆକର୍ଷଣ କରିବେ। ହସ୍ତା ନକ୍ଷତ୍ର ଅଚାନକ ଭାବରେ ଶୁଭଖବର ଶୁଣି ବିସ୍ମୟାଭିଭୂତ ହୋଇପାରନ୍ତି। ସାମାଜିକ ସ୍ତରରେ ନିଜ ପରିସରର ବ୍ୟକ୍ତିବିଶେଷଙ୍କ ସାହାଯ୍ୟ ଓ ବନ୍ଧୁମିଳନରୁ ଉତ୍ସାହିତ ହେବେ। ପୂର୍ବ ସ୍ଥିରୀକୃତ ଯୋଜନା ମୁତାବକ କାମରେ ସଫଳତା ହାସଲ କରିପାରନ୍ତି।

**ତୁଳା**
ନିଜର ଇଚ୍ଛା ବିରୋଧରେ କୌଣସି କାମ କରି ଅନୁତାପ କରିବାକୁ ପଡ଼ିପାରେ। ପୁତ୍ରକନ୍ୟା ହେତୁକ ସୁଖ ମିଳିବା ସାଙ୍ଗକୁ ପରିବାରରେ ଶାନ୍ତି ଫେରି ଆସିବ। ସ୍ୱାତୀ ନକ୍ଷତ୍ରର ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ମାମଲିମକଦ୍ଦମାରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ।

**ବିଛା**
ମାନସିକ ଅସ୍ଥିରତାଜନିତ ପ୍ରତ୍ୟେକ କାର୍ଯ୍ୟ ଦରଖଣ୍ଡିଆ ରହୁଥିବାରୁ କ୍ଷୋଭ ପ୍ରକାଶ କରିପାରନ୍ତି। ଅନ୍ୟାୟ ବିରୋଧରେ ସ୍ୱର ଉଠାଇଲେ ହେଁ ସମସ୍ତେ ଶୁଣି ନ ଶୁଣୁଥିବାର ଅଭିନୟ କରିବେ। ଆଜିର କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁମିଳନରୁ ଉତ୍ସାହିତ ହେବେ। ପାରିବାରିକ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟିହେବା ଆଶଙ୍କା ରହିଛି ।

**ଧନୁ**
ଆପୋସ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। ଉତ୍ତରାଷାଢ଼ା ନକ୍ଷତ୍ରର ମାଲିମକଦ୍ଦମାରେ ଆପୋସ ସମାଧାନ ହୋଇଯିବ। ପଡ଼ୋଶୀଙ୍କ ଈର୍ଷା ଓ ଅସୂୟାର ହେତୁ ସ୍ୱରୂପ ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ। ଦୀର୍ଘଦିନରୁ ଅଟକି ରହିଥିବା ଅର୍ଥ ପ୍ରାପ୍ତିରୁ ମନ ଖୁସି ରହିବ।

**ମକର**
ଅସମ୍ପୂର୍ଣ୍ଣ କାର୍ଯ୍ୟ ସାଙ୍ଗକୁ ବନ୍ଧୁଙ୍କ ଅନାଦର ଭାବ ଯୋଗୁ ମନ ଦୁଃଖ ହୋଇପାରେ। ନିଜର ହିତୈଷୀଙ୍କୁ ବୃଥା ସନ୍ଦେହକରି ଭୁଲ୍‌ଠିକ୍‌ର ସୁବିଚାର କରିପାରିବେ ନାହିଁ। ଉତ୍ତରାଷାଢ଼ା ନକ୍ଷତ୍ର ଧାରକରଜ କରି ପରିବାରର ଆବଶ୍ୟକତା ଚଳାଇନେବେ। ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାମ ହାସଲ କରିବାରେ ସମର୍ଥ ହେବେ।

**କୁମ୍ଭ**
କର୍ମକ୍ଷେତ୍ରରେ ବନ୍ଧୁମାନେ ଅସହଯୋଗ ମନୋଭାବ ପୋଷଣକରି ସମସ୍ୟା ସୃଷ୍ଟି କରିପାରନ୍ତି। ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟି ହେବା ଆଶଙ୍କା ରହିଛି। ସାଙ୍ଗସାଥୀମାନଙ୍କ ସହଯୋଗରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ଧନିଷ୍ଠା ନକ୍ଷତ୍ର ପ୍ରତ୍ୟେକ କ୍ଷେତ୍ରରେ ମୌନ ଭାବରେ ସମ୍ମତି ଜଣାଇପାରନ୍ତି।

**ମୀନ**
ପରିବାରରୁ ପୂର୍ଣ୍ଣ ସମର୍ଥନ ନ ପାଇବା କାରଣରୁ କାମଟି ପୂର୍ଣ୍ଣାଙ୍ଗ ହେବା ସହଜସାଧ୍ୟ ନ ହୋଇପାରେ। ଉତ୍ତରଭାଦ୍ରପଦ ନକ୍ଷତ୍ର ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଅଗ୍ରଗତି ବେଶ୍ ଦ୍ରୁତ ହେବ। ଯାତ୍ରା ସମୟରେ ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ। ଏକାଧିକ କାମ ହାତକୁ ନେଇ ବ୍ୟସ୍ତବିବ୍ରତ ହୋଇପାରନ୍ତି।

ଆଜି ଚୈତ୍ର ଅମାବାସ୍ୟା ମଙ୍ଗଳବାର, ମାର୍ଚ୍ଚ ୨୧ ତାରିଖ, ବିଶ୍ୱ ଜଙ୍ଗଲ ଓ ବନୀକରଣ ଦିବସ, ବିଶ୍ୱ ବର୍ଣ୍ଣବୈଷମ୍ୟ ଉନ୍ମୂଳନ ଦିବସ, ବିଶ୍ୱ କାବ୍ୟ ଦିବସ। ରାଶି ନକ୍ଷତ୍ର-ଦିବା ଘ.୧୧।୫୮ ମି. ଗତେ ପୂର୍ବଭାଦ୍ରପଦ/ମୀନ। ଅମାବାସ୍ୟା ଓ ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୮।୫୪ ଗତେ, ଘ.୧୦।୪୨ ମଧ୍ୟେ, ଘ.୦୧।୦୬ ଗତେ, ଘ.୦୧।୨୬ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୫୪ ଗତେ, ଘ. ୦୪।୨୪ ମଧ୍ୟେ, ରାହୁକାଳ।

## ୯୨ ବର୍ଷରେ ପଞ୍ଚମ ବିବାହ କରିବେ ରୁପର୍ଟ ମୁର୍ଡୋଚ୍

ଆମେରିକୀୟ ମିଡିଆ ବାରୋନ ରୁପର୍ଟ ମୁର୍ଡୋଚ୍ ୯୨ ବର୍ଷ ବୟସରେ ପଞ୍ଚମ ବିବାହ କରିବାକୁ ଯାଉଛନ୍ତି। ଆନ ଲେସ୍‌ଲି ସ୍ମିଥ୍‌ଙ୍କ ସହ ତାଙ୍କର ନିର୍ବନ୍ଧ ସମ୍ପନ୍ନ ହୋଇଛି। ରୁପର୍ଟଙ୍କର ପ୍ରଥମ ୩ ବିବାହରୁ ୬ ପିଲା ଅଛନ୍ତି। ଲେସ୍‌ଲି ସ୍ମିଥ୍ ମଧ୍ୟ ପୂର୍ବରୁ ଗାୟକ ତଥା ରେଡିଓ ଏବଂ ଟିଭି କାର୍ଯ୍ୟନିର୍ବାହୀ ଚେଷ୍ଟର ସ୍ମିଥ୍‌ଙ୍କୁ ବିବାହ କରିଥିଲେ। ୨୦୦୮ରେ ଚେଷ୍ଟରଙ୍କର ମୃତ୍ୟୁ ଘଟିଥିଲା। ରୁପର୍ଟ ଏବଂ ଲେସ୍‌ଲି ଗତ ସେପ୍ଟେମ୍ବରରେ ପରସ୍ପରକୁ ଭେଟିବା ବେଳେ ମିଡିଆ ବ୍ୟବସାୟକୁ ନେଇ ସେମାନଙ୍କ ମଧ୍ୟରେ ବନ୍ଧୁତା ଓ ପ୍ରେମ ସମ୍ପର୍କ ସ୍ଥାପନ ହୋଇଥିଲା।





ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ସୋମବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବ୍ୟାରିକେଡ୍ ଭାଙ୍ଗି ବିଧାନସଭା ଅଭିମୁଖେ ଯିବାକୁ ଉଦ୍ୟମ କରାଯାଉଛି। (ଫଟୋ- ମନୋରଞ୍ଜନ)

# 'ରାଜ୍ୟରେ ସରକାର ଗଢ଼ିବେ କୃଷକ'

## ନବ ନିର୍ମାଣ କୃଷକ ସଙ୍ଗଠନର ରଣହୁଙ୍କାର

- ଚାଷୀଙ୍କୁ ପେନ୍‌ସନ ଦାବି ତେଜିଲା
- ବର୍ଦ୍ଧିତ ବିଦ୍ୟୁତ୍ ଦରକୁ ବିରୋଧ

**ଭୁବନେଶ୍ୱର,୨୦।୩(ବ୍ୟୁରୋ)**

ପେନ୍‌ସନ ଦାବି ସହ ବର୍ଦ୍ଧିତ ବିଦ୍ୟୁତ୍ ଦରକୁ ତୀବ୍ର ବିରୋଧ କରିଛନ୍ତି ଚାଷୀ। ଏନେଇ ନବ ନିର୍ମାଣ କୃଷକ ସଙ୍ଗଠନର ଡାକରା କ୍ରମେ ବହୁସଂଖ୍ୟକ ଚାଷୀ ସୋମବାର ବିଧାନସଭା ସମ୍ମୁଖରେ ରଣହୁଙ୍କାର ଦେଇଛନ୍ତି। ସେମାନେ ମାଷ୍ଟରକ୍ୟାଣ୍ଟିନରୁ ହାତରେ ବ୍ୟାନର, ପ୍ଲାକାର୍ଡ ଓ ଜାତୀୟ ପତାକା ଧରି ଶୋଭାଯାତ୍ରାରେ ବିଧାନସଭା ଅଭିମୁଖେ ବାହାରିଥିଲେ। ରାଜ୍ୟ ସରକାର ଚାଷୀଙ୍କ ପାଇଁ ମାସକୁ ୫ହଜାର ଟଙ୍କାର ପେନ୍‌ସନ କାହିଁକି ଲାଗୁ କରୁନାହାନ୍ତି, ଟାଟା ପାୱାରର ଗ୍ରାହକ ଶୋଷଣରେ ଓଡ଼ିଶା ସରକାର ନୀରବ କାହିଁକି ବୋଲି ଆନ୍ଦୋଳନକାରୀ ଚାଷୀମାନେ ପ୍ରଶ୍ନ କରିଛନ୍ତି। ବାଟରେ ପୋଲିସ ବ୍ୟାରିକେଡ୍ ପକାଇ ବାଟ ଓଗାଳିଥିଲେ ମଧ୍ୟ ଚାଷୀମାନେ ମାନି ନ ଥିଲେ। ବ୍ୟାରିକେଡ୍ ଡେଇଁ ଆଗକୁ ଯିବାବେଳେ ପୋଲିସ ଅଟକାଇବାରୁ ମୁହାଁମୁହିଁ ସ୍ଥିତି ଉପୁଜିଥିଲା।

ସଂଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ରାଜ୍ୟ ସରକାର ଚାଷ ଓ ଚାଷୀଙ୍କ ସ୍ୱାର୍ଥରକ୍ଷା କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଥିବା ସେ କହିଛନ୍ତି। ଏଥର ଓଡ଼ିଶାର ଚାଷୀମାନେ ଜନଆନ୍ଦୋଳନ ଓ ରଣନୀତି ବଦଳାଇବେ। ଚାଷୀମାନେ ଆଉ ଆବେଦନ ଓ ନିବେଦନ ନ କରି ରାଜ୍ୟରେ ନିଜେ ସରକାର ଗଢ଼ିବାକୁ ଉଦ୍ୟମ କରିବେ ବୋଲି ସେ କହିଛନ୍ତି। ଆଗାମୀ ଦିନରେ ଓଡ଼ିଶାରେ ଏକ କୃଷକ ସରକାର ପ୍ରତିଷ୍ଠା ହେବ। ଭାଜପା, ବିଜେଡି ଆଗାମୀ ଦିନରେ ସରକାର ଗଢ଼ିପାରିବେ ନାହିଁ। ଆମେ ସେଭଳି ନେତୃତ୍ୱ ଓ ମଡେଲ ନେତାଙ୍କ ପାଖରେ ପହଞ୍ଚିଛୁ, ଯେଉଁମାନେ କି ଚାଷୀଙ୍କ ପାଇଁ ମଡେଲ ଭାବେ କାମ କରିଛନ୍ତି। ଅନ୍ୟପକ୍ଷରେ ଟାଟା ପାୱାର ରାଜ୍ୟ ସରକାରଙ୍କ ପ୍ରଚ୍ଛନ୍ନ ଇଙ୍ଗିତରେ ଗ୍ରାହକଙ୍କୁ ଶୋଷଣ କରୁଥିବା ସଙ୍ଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ କହିଛନ୍ତି। ରାଜ୍ୟର ସଂଗଠିତ ବର୍ଗ ପାଟିତୁଣ୍ଡ କରି ରାଜକୋଷରୁ ଲୁଟ୍ କରୁଛନ୍ତି, ଅଥଚ କୃଷିପ୍ରଧାନ ରାଜ୍ୟରେ ଚାଷୀ ମଣ୍ଡିରେ ଧାନ ବିକ୍ରି କରି ନ ପାରି ଜୀବନ ହାରୁଛି। ଏହାର ସମାଧାନ ନ ହେଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି ରାଜ୍ୟ ସହସଂଯୋଜକ ଉମାକାନ୍ତ ଭାରତ କହିଛନ୍ତି। ସେହିପରି ନିମାଇଁ ରାୟ ଓ ରଶ୍ମିରଞ୍ଜନ ସ୍ୱାଇଁ କୃଷି ଭିତ୍ତିଭୂମି, କୃଷିଲୋନ, ଶୀତଳ ଭଣ୍ଡାର ଓ ଗୋଦାମ ଗୃହ ସମସ୍ୟା ନେଇ ସରକାରଙ୍କୁ ସମାଲୋଚନା କରିଛନ୍ତି। କ୍ଷୀରୋଦ ରାଉତ, ପୂର୍ବତନ ବିଧାୟକ ଚିତ୍ତ ଷଡ଼ଙ୍ଗୀ, ଯୁବନେତା ବିଶ୍ୱକେଶରୀ ମହାନ୍ତି, ରଣଜିତ ପଟ୍ଟନାୟକ, ଯୁବଛାତ୍ର ସଂଗଠନର ରାଜ୍ୟ ସଂଯୋଜକ ମନୱର ଅଲ୍ଲୀ, ମଧୁମିତା ସାମଲ, ତ୍ରିଲୋଚନ ପଣ୍ଡା, ଦୀନେଶ ଦାସ, ଅଶ୍ୱିନ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ପୋଖରୀରେ ବୁଡ଼ି ମହିଳା ମୃତ

**ହିଞ୍ଜିଳିକାଟୁ,୨୦।୩(ଡି.ଏନ.ଏ.):** ହିଞ୍ଜିଳିକାଟୁ ବ୍ଲକ ସରଧାପୁର ଗ୍ରାମରେ ସୋମବାର ପୋଖରୀରେ ବୁଡ଼ି ସରା ଦାଶ (୪୦) ନାମ୍ନୀ ମହିଳାଙ୍କ ମୃତ୍ୟୁ ଘଟିଛି। ଗାଧେଇବାକୁ ଯାଇଥିବା ସରା ବହୁତ ସମୟ ଧରି ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜିବା ପାଇଁ ଆସିଥିଲେ। ପୋଖରୀ ହୁଡ଼ାରେ ସାରାଙ୍କ ଶାଢ଼ୀ ଥିବା ଦେଖିଥିଲେ। କାଳେ ସେ ପୋଖରୀରେ ବୁଡ଼ି ଯାଇଥିବା ସନ୍ଦେହ କରି ସେମାନେ ଖୋଜିଥିଲେ। ପରେ ତାଙ୍କ ମୃତଦେହ ପୋଖରୀରୁ ଜବତ କରାଯାଇଥିଲା।


राष्ट्रीय विज्ञान शिक्षा एवं अनुसंधान संस्थान, भुवनेश्वर
**NATIONAL INSTITUTE OF SCIENCE EDUCATION AND RESEARCH, BHUBANESWAR**
(परमाणु ऊर्जा विभाग, भारत सरकार के अधीन एक स्वायत्त संस्थान)
AN AUTONOMOUS INSTITUTE UNDER DAE, GOVERNMENT OF INDIA

**ADMISSION TO MASTERS PROGRAM IN MEDICAL AND RADIOLOGICAL PHYSICS**

**The National Institute of Science Education and Research (NISER) Bhubaneswar,** invites applications from interested candidates for the **M. Sc. program in Medical and Radiological Physics at the Centre for Medical and Radiation Physics, NISER, Odisha, India.**

**PROGRAM DETAILS**

| | |
|---|---|
| **Degree awarding institute** | Homi Bhabha National Institute, Mumbai and NISER |
| **Duration of the course** | 2 years Master's program and 1-year mandatory internship. |
| **Total No. of seats** | 10 |
| **Minimum qualification and selection** | 60% marks in B. Sc with physics as a main course and JAM 2023 / JEST 2023 scorecards. The shortlisting will be based on JAM 2023 / JEST 2023 marks, followed by interview for selection. |
| **Fellowship** | Rs. 16,000/- p.m. + HRA and Contingency as per DAE rules, during master's program. |
| **Internship hospitals as per AERB guidelines** | All India Institute of Medical Sciences, Bhubaneswar, Acharya Harihara Post Graduate Institute of Cancer, Cuttack and Tata Memorial Centre, Mumbai. |

More details about the program are available at: **https://www.niser.ac.in/cmrp/**

**HOW TO APPLY**

See announcements section of NISER website **https://www.niser.ac.in/** or Scan the **QR** code

**IMPORTANT DATES**

| | |
|---|---|
| **Last date of online application** | 15th May 2023 |
| **Date of interview** | 3rd - 6th July 2023 |
| **Announcement of final selection list** | 7th July 2023 |

**ADDRESS FOR CORRESPONDENCE**

Centre for Medical and Radiation Physics, NISER, Jatni-50, Odisha, India
**Email : cmrp@niser.ac.in**


# କାଏମ ରହିଲା ୯୬ ପ୍ରାର୍ଥୀଙ୍କ ନାମାଙ୍କନ

## ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ନିର୍ବାଚନ ପ୍ରକ୍ରିୟା

**କଟକ ଅଫିସ,୨୦।୩**

ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦର ନିର୍ବାଚନ ନିମନ୍ତେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ସୋମବାର ପ୍ରକାଶ ପାଇଛି। ମୋଟ ୨୫ଟି ସଭ୍ୟ ପଦ ପାଇଁ ଶେଷ ତାରିଖ ସୁଦ୍ଧା ଦାଖଲ ହୋଇଥିବା ମୋଟ ୯୮ଟି ପ୍ରାର୍ଥିପତ୍ର ମଧ୍ୟରୁ ୨ଟି ନାକଚ ହୋଇଥିବାବେଳେ ୯୬ଟି କାଏମ ରହିଥିବା ପରିଷଦର ସମ୍ପାଦକ ଯଯାତି କେଶରୀ ସାମନ୍ତସିଂହାର ସୂଚନା ଦେଇଛନ୍ତି।

ଆସନ୍ତା ଏପ୍ରିଲ ୧୫ରେ ହେବାକୁ ଥିବା ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦର ନିର୍ବାଚନ ନିମନ୍ତେ ୨୭.୨.୨୦୨୩ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ବିଜ୍ଞପ୍ତି ଅନୁଯାୟୀ ମାର୍ଚ୍ଚ ୧ରୁ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇ ମାର୍ଚ୍ଚ ୬ରେ ଶେଷ ହୋଇଥିଲା। ମାର୍ଚ୍ଚ ୭ରୁ ୧୦ ତାରିଖ ପର୍ଯ୍ୟନ୍ତ ପ୍ରାର୍ଥିପତ୍ର ଯାଞ୍ଚ କରାଯାଇଥିଲା। ତେବେ ଯାଞ୍ଚ ସମୟରେ ୨ ଜଣଙ୍କ ପ୍ରାର୍ଥିପତ୍ର ନାକଚ ହୋଇଥିଲା। ଏଥିସହ ପ୍ରାର୍ଥିପତ୍ର ପ୍ରତ୍ୟାହାର ନିମନ୍ତେ ମାର୍ଚ୍ଚ ୧୧ରୁ ୧୭ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟହ ପୂର୍ବାହ୍ନ ୧୧ଟାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ସମୟ ଧାର୍ଯ୍ୟ ହୋଇଥିଲା। କେହି ପ୍ରାର୍ଥିପତ୍ର ପ୍ରତ୍ୟାହାର କରି ନ ଥିବା ଜଣାଯାଇଛି। ପରିଷଦର ନିର୍ବାଚନ ଦାୟିତ୍ୱରେ ଥିବା ରିଟର୍ନିଂ ଅଫିସର ତଥା ହାଇକୋର୍ଟର ପ୍ରାକ୍ତନ ବିଚାରପତି ପ୍ରମଥ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକାରେ ମୋଟ ୯୬ ଜଣଙ୍କ ନାମ ପ୍ରକାଶ କରାଯାଇଛି। ସେହିପରି ଏପ୍ରିଲ ୧୫ ତାରିଖ ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ମତଦାନ ହେବ। ଏପ୍ରିଲ ୨୧ରେ ଭୋଟ ଗଣତି ହୋଇ ଫଳାଫଳ ପ୍ରକାଶ ପାଇବ ବୋଲି ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି।

# ଲିଙ୍ଗରାଜଙ୍କ ରୁକୁଣା ରଥ ନିର୍ମାଣ ପାଇଁ ପଠାଗଲା କାଠ

**ଶରଣକୁଳ,୨୦।୩(ଡି.ଏନ୍.ଏ.)**

ନୟାଗଡ଼ ଜିଲା ପଞ୍ଚରିଡ଼ା ବନାଞ୍ଚଳ ଅନ୍ତର୍ଗତ ଭିକାରିପଡ଼ା ଗାଁରୁ ଲିଙ୍ଗରାଜଙ୍କ ରୁକୁଣା ରଥ ନିର୍ମାଣ ପାଇଁ ୩ଖଣ୍ଡ ଗଣ୍ଡି କାଠ ସଂଗ୍ରହ କରାଯାଇ ଟ୍ରକ ଯୋଗେ ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ରଥଖଳାକୁ ପଠାଯାଇଛି। ସୋମବାର ପୂର୍ବାହ୍ନ ୧୦ଟାରେ କୁସୁମୀ ନଦୀ କୂଳରେ ଦେବୋତ୍ତର ବିଭାଗ ଅଧୀନରେ ଥିବା ୨ ଶତାୟୁ ଶିମିଳି ଗଛ ନିକଟରେ ରଥ କାଠ ନିମନ୍ତେ ପୂଜାର୍ଚ୍ଚନା ହୋଇଥିଲା। ଏହାକୁ ପୁରୋହିତ ସୁରେନ୍ଦ୍ର କୁମାର ତ୍ରିପାଠୀ ପୂଜାର୍ଚ୍ଚନା କରିଥିଲେ । ରଥ ପାଇଁ ଚିହ୍ନଟ ହୋଇଥିବା ଶିମିଳି ଗଛରୁ ୬ଫୁଟ୍ ଗୋଲେଇ ଏବଂ ୧୬ ଫୁଟ୍ ଲମ୍ବର ୩ଟି ଗଣ୍ଡି ସଂଗ୍ରହ କରାଯାଇଥିଲା। ଲଡୁବାବା ମନ୍ଦିର ପରିଚାଳକ ସୁବାସ ଚନ୍ଦ୍ର ବରାଳ, ଶରଣକୁଳ ସରପଞ୍ଚ ମିନାକ୍ଷୀ ପ୍ରସାଦ ସାହୁ, ଶୈବ ସେବାୟତ ସଂଘ ସମ୍ପାଦକ କୃଷ୍ଣଚନ୍ଦ୍ର ମହାପାତ୍ର, ପଞ୍ଚରିଡ଼ା ବନାଞ୍ଚଳ ବନପାଳ ସୁମନ୍ତ ପରିଡ଼ା, ଦେବୋତ୍ତର ବିଭାଗର କର୍ମଚାରୀ ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ରଥକାଠ ପୂଜାର୍ଚ୍ଚନା କରାଯାଇ ଛେଦନ କରାଯାଇଥିଲା।

# ଦୁର୍ଘଟଣାରେ ପୁଅ ସମେତ ଦମ୍ପତି ମୃତ

## ବାଇକ୍‌କୁ ଧକ୍କା ଦେଲା ପିକ୍‌ଅପ୍ ଭ୍ୟାନ୍

## ୪ ବର୍ଷୀୟ ନାତି ଗୁରୁତର

**ଉମରକୋଟ/ଧୋଡ୍ରା,୨୦।୩ (ସ୍ୱ.ପ୍ର./ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ଉମରକୋଟ ଥାନା ଅନ୍ତର୍ଗତ ବକଡାବେଡା ନିକଟରେ ସୋମବାର ଅପରାହ୍ନରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ବାଇକ୍‌କୁ ପିକ୍‌ଅପ୍ ଭ୍ୟାନ ଧକ୍କା ଦେବାରୁ ପୁଅ ସମେତ ଦମ୍ପତିଙ୍କ ଜୀବନ ଯାଇଥିବା ବେଳେ ୪ ବର୍ଷୀୟ ନାତି ଗୁରୁତର ଆହତ ହୋଇଛନ୍ତି। ମୃତକମାନେ ହେଲେ ଡ଼ାବୁଗାଁ ଥାନା ଅନ୍ତର୍ଗତ ଜୁନାପାଣି ପଞ୍ଚାୟତ ମୋତିଗାଁର ବୁଦ୍ଧୁ ଭତ୍ରା (୪୫), ସ୍ତ୍ରୀ ରତ୍ନୁଲା (୪୩) ଓ ପୁଅ ଚୈତନ୍ୟ (୨୫)। ଗୁରୁତର ଅବସ୍ଥାରେ ଚୈତନ୍ୟଙ୍କ ଛୋଟ ପୁଅ ସୁବାସଙ୍କୁ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିଲା। ସେଠାରୁ ଅଧିକ ଚିକିତ୍ସା ଲାଗି କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

ଧୋଡ୍ରା ଗ୍ରାମରୁ ମଣ୍ଡେଇ ଯାତ୍ରା ଦେଖି ସ୍ତ୍ରୀ, ପୁଅ ଓ ନାତିଙ୍କୁ ଧରି ବୁଦ୍ଧୁ ବାଇକ୍ (ଓଆର୍୨୪ ଏ୪୬୯୭)ରେ ଗାଁକୁ ଫେରୁଥିଲେ। ନବରଙ୍ଗପୁରରୁ ଉମରକୋଟକୁ ସଂଯୋଗ କରୁଥିବା ରାସ୍ତାର ବକଡାବେଡା ନିକଟରେ ବିପରୀତ ଦିଗରୁ ଦ୍ରୁତ ଗତିରେ ଆସୁଥିବା ପିକ୍‌ଅପ୍ ଭ୍ୟାନ(ଓଡି୨୪ଏ୦୩୦୨) ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ସ୍ତ୍ରୀ ଓ ପୁଅଙ୍କ ସହ ବୁଦ୍ଧୁଙ୍କ ମୃତ୍ୟୁ ଘଟିଥିଲା। ଖବରପାଇ ଉମରକୋଟ ଥାନା ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ଶିଶୁପୁତ୍ରକୁ ଉଦ୍ଧାର କରି ଡାକ୍ତରଖାନାକୁ ନେଇଥିଲା। ଦୁର୍ଘଟଣା ଖବରପାଇ ନବରଙ୍ଗପୁର ଉପଜିଲାପାଳ ପ୍ରଶାନ୍ତ କୁମାର ରାଉତ ଉମରକୋଟ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ। ଏ ନେଇ ସେ ଜିଲାପାଳଙ୍କ ସହ ଆଲୋଚନା କରି ପ୍ରତି ମୃତକଙ୍କ ପିଛା ୨୦ହଜାର ଲେଖାଏ ୬୦ ହଜାର ଓ ଗୁରୁତର ଶିଶୁ ଲାଗି ୨୦ ହଜାର ଏପରି ମୋଟ ୮୦ ହଜାର ଟଙ୍କା ପରିବାର ଲୋକଙ୍କୁ ଦେଇଛନ୍ତି। ଶିଶୁଟିର ସମସ୍ତ ଚିକିତ୍ସା ଖର୍ଚ୍ଚ ସରକାର ବହନ କରିବେ ବୋଲି ସେ କହିଛନ୍ତି। ପୋଲିସ ଦୁର୍ଘଟଣା ଘଟାଇଥିବା ପିକ୍‌ଅପ୍ ଭ୍ୟାନକୁ ଜବତ କରିବା ସହ ଚାଳକ ମୋତିରାମ ହରିଜନଙ୍କୁ ଅଟକ ରଖି ଅଧିକ ତଦନ୍ତ ଚଳାଇଛି। ମୃତଦେହଗୁଡ଼ିକୁ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରଖାଯାଇଥିବା ବେଳେ ମଙ୍ଗଳବାର ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡ଼ିଛି।




> ସମସ୍ତଙ୍କ ସହିତ ଓ ସବୁ ସହିତ ତୁମେ ଯେତିକି ଯେତିକି ଏକାତ୍ମ ହେବ– ତୁମର ସେତିକି, ସେତିକି ଅଭ୍ୟୁଦୟ ହେବ। କାହାଠାରୁ କିଛି ନେବା ପରିବର୍ତ୍ତେ ତୁମେ ଅନ୍ୟକୁ ନିଜ ଆଡୁ ଦେଇଚାଲ। ତୁମେ ଯେତିକି ଦେଇ ଚାଲିବ – ସେତିକି ବିକଶିତ ହୋଇଉଠିବ। **–ଶ୍ରୀମା**

# ମସ୍କୋରେ ଶି

ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ ୨୦ ମାର୍ଚ୍ଚ ୨୦୨୩ରେ ତିନିଦିନିଆ ରୁଷିଆ ଗସ୍ତରେ ଯାଇ ଏହାର ରାଜଧାନୀ ମସ୍କୋରେ ପହଞ୍ଚିବା ଭୂରାଜନୈତିକ ବାତାବରଣକୁ ଚଳଚଞ୍ଚଳ କରିଦେଇଛି। ଜିନ୍‌ପିଙ୍ଗ ଓ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ଭେଟଘାଟ ମସ୍କୋକୁ ଅଧିକ ଶକ୍ତି ଦେବ ବୋଲି ଅନ୍ତର୍ଜାତୀୟ ପର୍ଯ୍ୟବେକ୍ଷକମାନେ ମତ ଦେଲେଣି। ୨୪ ଫେବୃୟାରୀ ୨୦୨୨ରେ ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣର କିଛି ସପ୍ତାହ ପୂର୍ବରୁ ପୁଟିନ୍ ବେଜିଂ ଗେମ୍ସରେ ଯୋଗଦେବା ପୃଷ୍ଠଭୂମିରେ ଚାଇନା ଗସ୍ତ କରି ଜିନ୍‌ପିଙ୍ଗଙ୍କୁ ଭେଟିଥିଲେ। ଉଭୟ ବିଶ୍ୱନେତା ସେତେବେଳେ 'ଭାଗୀଦାରିତାର କୌଣସି ସୀମା ନାହିଁ ବା ପାର୍ଟନରଶିପ୍ ୱିଥ୍ ନୋ ଲିମିଟ୍' ଘୋଷଣା କରିଥିଲେ। ରୁଷିଆ–ୟୁକ୍ରେନ୍ ଯୁଦ୍ଧକୁ ବର୍ଷେ ଅତିକ୍ରାନ୍ତ ହେବା ପରେ ଜିନ୍‌ପିଙ୍ଗଙ୍କ ମସ୍କୋ ଗସ୍ତ ସୂଚାଇ ଦେଉଛି ଯେ ଉଭୟ ରାଷ୍ଟ୍ର ବିଶ୍ୱକୁ ଚକିତ କରିବା ଭଳି ପଦକ୍ଷେପ ନେବାରେ ସକ୍ଷମ। ପୁଟିନ୍‌ଙ୍କ ବିରୋଧରେ ୧୭ ମାର୍ଚ୍ଚରେ ନେଦରଲାଣ୍ଡ୍‌ସର ହେଗ୍‌ସ୍ଥିତ ଇଣ୍ଟରନ୍ୟାଶନାଲ କ୍ରିମିନାଲ କୋର୍ଟ (ଆଇସିସି) ଗିରଫ ପରୱାନା ଜାରି କରିଥିଲା। ୟୁକ୍ରେନ୍ ଉପରେ ଆକ୍ରମଣ କରି ସେଠାକାର ଶିଶୁମାନଙ୍କୁ ଅପହରଣରେ ସମ୍ପୃକ୍ତି ଅଭିଯୋଗରେ ପୁଟିନ୍‌ଙ୍କୁ 'ଯୁଦ୍ଧ ଅପରାଧୀ' ଭାବେ ଦର୍ଶାଯାଇ ଏଭଳି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଉଲ୍ଲେଖଯୋଗ୍ୟ ଯେ, ସୁଦାନର ଓମାର ଅଲ୍–ବଶିର ଏବଂ ଲିବ୍ୟାର ମୁଆଁମାର ଗଦାଫିଙ୍କ ପରେ ପୁଟିନ୍ ହେଉଛନ୍ତି ତୃତୀୟ କାର୍ଯ୍ୟରତ ରାଷ୍ଟ୍ରପତି, ଯାହାଙ୍କ ବିରୋଧରେ ଆଇସିସି ପକ୍ଷରୁ ଆରେଷ୍ଟ ୱାରେଣ୍ଟ ଜାରି କରାଯାଇଛି। ଯଦିଓ ଏଭଳି ଅଭିଯୋଗକୁ ରୁଷିଆ ଅଯଥାର୍ଥ ବୋଲି କହିଛି, ତଥାପି ଏକ ଅନ୍ତର୍ଜାତୀୟ ଆପରାଧିକ କୋର୍ଟର ରାୟକୁ ଅଣଦେଖା କରାଯାଇ ନ ପାରେ। ତେବେ ପୁଟିନ୍‌ଙ୍କୁ ଯୁଦ୍ଧ ଅପରାଧୀ ଆଖ୍ୟା ଦିଆଯିବାର ୩ ଦିନ ପରେ ପ୍ରଥମ ବିଶ୍ୱ ନେତା ଭାବେ ଜିନ୍‌ପିଙ୍ଗ ରୁଷିଆ ରାଷ୍ଟ୍ରପତିଙ୍କୁ ସମର୍ଥନ କରିବା ଲାଗି ଆଗେଇ ଆସିବା ଅନ୍ତର୍ଜାତୀୟ ସମୁଦାୟ ସମ୍ମୁଖରେ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରିବାର ଅବକାଶ ସୃଷ୍ଟି କରିଛି।

ଚାଇନା–ତାଇୱାନ ସମ୍ପର୍କରେ ତିକ୍ତତା ଶୀର୍ଷରେ ପହଞ୍ଚିଛି। ଇତିମଧ୍ୟରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ସିଧାସଳଖ ତାଇୱାନ୍‌କୁ ସମର୍ଥନ କରିଛନ୍ତି। ଫଳରେ ତାଇୱାନକୁ ନିଜର ଏକ ଅଂଶ ବୋଲି ଅଭିହିତ କରୁଥିବା ଚାଇନା କହୁଛି ଯେ, ବାଇଡେନ୍‌ଙ୍କ ଏଭଳି ପଦକ୍ଷେପ ବେଜିଂର ସାର୍ବଭୌମତ୍ୱ ଉପରେ ହସ୍ତକ୍ଷେପ। ତେଣୁ ଆମେରିକା, ନାଟୋ ସମେତ ଚାଇନା ବିରୋଧୀ ରାଷ୍ଟ୍ରକୁ ଏକ ଶକ୍ତିଶାଳୀ ବାର୍ତ୍ତା ଦେବା ଲକ୍ଷ୍ୟରେ ଜିନ୍‌ପିଙ୍ଗ ରୁଷିଆ ଗସ୍ତ କରିଥିବା ଆଲୋଚନା ହେଉଛି। ନିକଟ ଅତୀତକୁ ଦେଖିଲେ ରୁଷିଆ–ୟୁକ୍ରେନ୍ ମଧ୍ୟରେ ଯୁଦ୍ଧବିରତି ଆଣି ଶାନ୍ତି ସ୍ଥାପନ ପାଇଁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କରିଥିବା ପ୍ରୟାସ କଥା ଅନ୍ତର୍ଜାତୀୟ ସ୍ତରରେ କୌଣସି ପ୍ରଭାବ ପକାଇ ନ ଥିଲା। ଅପରପଟେ ଜିନ୍‌ପିଙ୍ଗ୍ ଏବେ ଯୁଦ୍ଧରେ ଲିପ୍ତ ଦୁଇ ରାଷ୍ଟ୍ର ମଧ୍ୟରେ ଶାନ୍ତି ସ୍ଥାପନ ପାଇଁ ପ୍ରୟାସ ଆରମ୍ଭ କରୁଛନ୍ତି।

> **ଜିନ୍‌ପିଙ୍ଗ୍ ଯଦି ମଧ୍ୟସ୍ଥ ଭୂମିକାରେ ରହି ଶାନ୍ତି ଆଲୋଚନା କରିବାରେ ସକ୍ଷମ ହୁଅନ୍ତି ତେବେ ଏହା ତାଙ୍କ ଅନ୍ତର୍ଜାତୀୟ ଭାବମୂର୍ତ୍ତିକୁ ବୃଦ୍ଧି କରିବ। ତେଣୁ ଆମେରିକା ବିଶ୍ୱସ୍ତରରେ ମଧ୍ୟସ୍ଥ ଭୂମିକାରେ ଅବତୀର୍ଣ୍ଣ ହୋଇ ଅତୀତରେ ଯେତେ ନାମ ଅର୍ଜନ କରିଥିଲା, ସେଥିରେ ଚାଇନାର ଅନୁପ୍ରବେଶ ଏକ ନୂଆ ସମୀକରଣ ସୃଷ୍ଟି କରିବ।**

କାରଣ କିଛି ସପ୍ତାହ ପୂର୍ବରୁ ଚାଇନା ତଥାକଥିତ 'ଶାନ୍ତି ପ୍ରସ୍ତାବ' ବିଷୟରେ ଘୋଷଣା କରିଥିଲା। ପୁଟିନ୍‌ଙ୍କୁ ଭେଟି ସାରିବା ପରେ ଜିନ୍‌ପିଙ୍ଗ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କ ସହ ପ୍ରଥମ ଥର ପାଇଁ ଭିଡିଓ କଲ୍ କରି କଥାବାର୍ତ୍ତା କରିବେ ବୋଲି ଖବର ପ୍ରକାଶ ପାଇଥିଲା। ଏବେ ଜିନ୍‌ପିଙ୍ଗ ମସ୍କୋ ଗସ୍ତ କରିଥିବାରୁ ପରବର୍ତ୍ତୀ ସମୟରେ ସେ ଜେଲେନ୍‌ସ୍କିଙ୍କ ସହ କଥା ହେଉଛନ୍ତି କି ନାହିଁ ତାହା ଜଣାପଡ଼ିବ।

ଆଜିର ବିଶ୍ୱ ପ୍ରେକ୍ଷାପଟକୁ ଦେଖିଲେ ଯୁଦ୍ଧରେ ଲିପ୍ତ ରହି କୌଣସି ରାଷ୍ଟ୍ର ଅନ୍ୟ ଭୂଖଣ୍ଡକୁ ବହୁମାତ୍ରାରେ ଅକ୍ତିଆର କରିବା ସହଜ ହେଉନାହିଁ। ପାରମ୍ପରିକ ଯୁଦ୍ଧାସ୍ତ୍ର ଅପେକ୍ଷା ପ୍ରଯୁକ୍ତି ସଂଲଗ୍ନ ଯୁଦ୍ଧ ଦ୍ୱାରା ଶତ୍ରୁପକ୍ଷର ଅର୍ଥନୀତିକୁ ଦୁର୍ବଳ କରିଦେବା ସମ୍ଭବ ହେଉଛି। ରୁଷିଆ–ୟୁକ୍ରେନ୍ ଯୁଦ୍ଧକୁ ଦେଖିଲେ ଶକ୍ତିଶାଳୀ ପୁଟିନ୍‌ଙ୍କ ବାହିନୀ ଅପେକ୍ଷାକୃତ କମ୍ ବଳ ଥିବା ଜେଲେନ୍‌ସ୍କି ବାହିନୀକୁ ପ୍ରତିହତ କରିପାରୁ ନାହିଁ। କେତେକ କ୍ଷେତ୍ରରେ ୟୁକ୍ରେନ୍ ସେନା ରୁଷିଆ ସେନାକୁ ତଡ଼ିଦେବା ସହ ଅନେକଙ୍କ ଜୀବନ ନେଇଯାଇଛି। ଏହା ଜେଲେନ୍‌ସ୍କି ଓ ତାଙ୍କ ଦେଶବାସୀଙ୍କ ଅଦମ୍ୟ ସାହସ ଯୋଗୁ ସମ୍ଭବ ହୋଇପାରିଛି। ଏହିଠାରେ ତାଇୱାନ୍‌ର ଦୃଷ୍ଟାନ୍ତ ଦିଆଯାଇପାରେ। ଅର୍ଥନୀତି ଓ ସାମରିକ ଦୃଷ୍ଟିକୋଣରୁ ବିଶ୍ୱର ଅନ୍ୟତମ ବୃହତ୍ ରାଷ୍ଟ୍ର ଚାଇନା କଳ, ବଳ ଓ କୌଶଳ ପ୍ରୟୋଗ କରି ମଧ୍ୟ ତାଇୱାନକୁ ଡରାଇପାରୁ ନାହିଁ। ଏଭଳି ମାନସିକ ପରାଜୟ ପରେ ଜିନ୍‌ପିଙ୍ଗ୍ ଯଦି ମଧ୍ୟସ୍ଥ ଭୂମିକାରେ ରହି ଶାନ୍ତି ଆଲୋଚନା କରିବାରେ ସକ୍ଷମ ହୁଅନ୍ତି ତେବେ ଏହା ତାଙ୍କ ଅନ୍ତର୍ଜାତୀୟ ଭାବମୂର୍ତ୍ତିକୁ ବୃଦ୍ଧି କରିବ। ତେଣୁ ଆମେରିକା ବିଶ୍ୱସ୍ତରରେ ମଧ୍ୟସ୍ଥ ଭୂମିକାରେ ଅବତୀର୍ଣ୍ଣ ହୋଇ ଅତୀତରେ ଯେତେ ନାମ ଅର୍ଜନ କରିଥିଲା, ସେଥିରେ ଚାଇନାର ଅନୁପ୍ରବେଶ ଏକ ନୂଆ ସମୀକରଣ ସୃଷ୍ଟି କରିବ।

# ସୁସ୍ଥ ଜଙ୍ଗଲ ସୁସ୍ଥ ମଣିଷ



ଡ. ଜୟକୃଷ୍ଣ ପାଣିଗ୍ରାହୀ

ଜଙ୍ଗଲ ହେଉଛି ଅସୀମ ଦୟା ଏବଂ ବଦାନ୍ୟତାର ଏକ ନିଆରା ଜୀବସତ୍ତା, ଯାହା ନିଜର ରକ୍ଷଣାବେକ୍ଷଣ ନିମନ୍ତେ ଅନ୍ୟମାନଙ୍କଠାରେ କୌଣସି ଦାବି ଉପସ୍ଥାପନ କରେ ନାହିଁ ଏବଂ ଉଦାରତାର ସହ ନିଜ ଜୀବନଚର୍ଯ୍ୟାରୁ ସୃଷ୍ଟ ବିବିଧ ଉତ୍ପାଦକୁ ଅନ୍ୟମାନଙ୍କ ବିନିଯୋଗ ପାଇଁ ବିସ୍ତାରିତ କରିଦିଏ। ଏହା ବହୁବିଧ ଜୀବଙ୍କୁ ସୁରକ୍ଷା ଯୋଗାଏ, ଏପରିକି ତାକୁ କୁଠାରାଘାତ ଦ୍ୱାରା ଧ୍ୱଂସ କରୁଥିବା ମଣିଷକୁ ମଧ୍ୟ ସୁଶୀତଳ ଛାୟା ପ୍ରଦାନ କରେ। ଗୌତମ ବୁଦ୍ଧଙ୍କର ଏହି ନୀତିବାଣୀ ବନ୍ୟ ପରିସଂସ୍ଥାର ମହାନତା ଏବଂ ମହତ୍ତ୍ୱକୁ ସୁନ୍ଦର ଭାବରେ ପ୍ରତିପାଦିତ କରେ। ପ୍ରକୃତିର ବୈଚିତ୍ର୍ୟମୟ ସୃଷ୍ଟିର ପଟାନ୍ତର ନାହିଁ। ପ୍ରାକୃତିକ ପରିସଂସ୍ଥାଗୁଡ଼ିକରେ ନିୟୁତ ସଂଖ୍ୟାରେ ବିଚିତ୍ରତାରେ ପରିପୂର୍ଣ୍ଣ ବିବିଧ ଜୀବଜାତି ଜୀବନ ନିର୍ବାହ କରନ୍ତି। ସ୍ଥଳଭାଗସ୍ଥ ପରିସଂସ୍ଥାଗୁଡ଼ିକ ମଧ୍ୟରେ ଜଙ୍ଗଲ ସମ୍ପଦ ମାନବ ଜାତି ତଥା ସମଗ୍ର ଜୀବଜଗତ ନିମନ୍ତେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ। ଆମ ଗ୍ରହର ବାଘ, ସିଂହ, ହାତୀ ଏବଂ ଗରିଲା ପରି କେତେକ ପ୍ରତୀକାତ୍ମକ ବୈଶିଷ୍ଟ୍ୟପୂର୍ଣ୍ଣ ଜୀବଙ୍କ ସହିତ ଜଙ୍ଗଲ ବହୁବିଧ ଉଦ୍ଭିଦ ଏବଂ ପ୍ରାଣୀମାନଙ୍କୁ ଆଶ୍ରୟ ଦେଇଥାଏ। ଜଙ୍ଗଲ ହେଉଛି ଜୀବସତ୍ତା ବିବିଧତାର ଶ୍ରେଷ୍ଠ ପ୍ରତୀକ, ଯେଉଁଠି ସ୍ଥଳଭାଗର ପ୍ରାୟତଃ ୮୦% ଜୀବ ବସବାସ କରି ଜୈବ ବିବିଧତାର ସମ୍ଭାରକୁ ଋଦ୍ଧିମନ୍ତ କରନ୍ତି। ଆମେ ହୃଦୟଙ୍ଗମ କରିବା ଅପରିହାର୍ଯ୍ୟ ଯେ ଜଙ୍ଗଲ କେବଳ ବିଭିନ୍ନତାରେ ପରିପୂର୍ଣ୍ଣ ବୃକ୍ଷଲତା ଏବଂ ପ୍ରାଣୀମାନଙ୍କର ଏକ ସମାହାର ନୁହେଁ, ଏହାଠାରୁ ଯଥେଷ୍ଟ ଅଧିକ। ଉଭୟ ସଜୀବ ଏବଂ ନିର୍ଜୀବ ସମାହାରରେ ସୃଷ୍ଟ ଏହି ସ୍ଥଳୀୟ ପରିସଂସ୍ଥା ଏକ ଚଳଚଞ୍ଚଳ ଜୀବ ବାସସ୍ଥଳୀର ଭୂମିକା ନିର୍ବାହ କରିବା ସହ ବିବିଧ ପ୍ରକାର ଦ୍ରବ୍ୟ ଏବଂ ସେବା ପ୍ରଦାନର ଏକ ବିଶାଳ ପ୍ରାକୃତିକ ଉତ୍ସ ରୂପେ କାର୍ଯ୍ୟ ସମ୍ପାଦନ କରେ।

ମିଳିତ ଜାତିସଂଘର ସାଧାରଣ ଅଧିବେଶନ ୨୦୧୨ରେ ଅନ୍ତର୍ଜାତୀୟ ବନ ଦିବସ ରୂପେ ମାର୍ଚ୍ଚ ୨୧ ତାରିଖକୁ ଘୋଷଣା କରିଛି। ଏହା ପ୍ରଚ୍ଛଦରେ ଥିବା ଉଦ୍ଦେଶ୍ୟ ହେଉଛି, ପ୍ରତିବର୍ଷ ଏହା ପାଳନ ହେବା ଅବସରରେ ବିଶ୍ୱର ବିବିଧ ଜଙ୍ଗଲ ପରିସଂସ୍ଥାର ମହତ୍ତ୍ୱ ସମ୍ପର୍କରେ ଜନସାଧାରଣରେ ଅଧିକ ସଚେତନତା ଜାଗ୍ରତ କରିବା। ଜଙ୍ଗଲ, ପୁଷ୍ଟିକର ଖାଦ୍ୟ ଏବଂ ଖାଦ୍ୟ ସୁରକ୍ଷା ମଧ୍ୟରେ ଥିବା ସମ୍ପର୍କ ସହିତ ସ୍ୱାସ୍ଥ୍ୟକୁ ସଂଯୋଗ କରିବାର ଆବଶ୍ୟକତାକୁ ଅନୁଭବକରି ୨୦୨୩ର ବିଶ୍ୱ ଜଙ୍ଗଲ ଦିବସର ମନୋନୀତ ବିଷୟବସ୍ତୁ ରହିଛି 'ଜଙ୍ଗଲ ଓ ସ୍ୱାସ୍ଥ୍ୟ'। ଖାଦ୍ୟ ସୁରକ୍ଷା ଏବଂ ପୁଷ୍ଟିକର ଖାଦ୍ୟ ଯୋଗାଣ ନିମନ୍ତେ ଜଙ୍ଗଲର ଗୁରୁତ୍ୱ ସାମ୍ପ୍ରତିକ ସମୟରେ ଅଧିକ ଉପଲବ୍ଧି ହେଉଛି। ଜନସମାଜର ସୁସ୍ଥ ଜୀବନଯାପନ ନିମନ୍ତେ ଏକ ସୁସ୍ଥ, ଗୁଣାତ୍ମକ ମାନ ବହନକାରୀ ପରିବେଶ ଏବଂ ଜଙ୍ଗଲର ଉପସ୍ଥିତି ଏକାନ୍ତ ଅପରିହାର୍ଯ୍ୟ। ଜଙ୍ଗଲ ଜଳଚକ୍ର ନିୟନ୍ତ୍ରଣ ସହ ଜଳକୁ ସ୍ୱଚ୍ଛତା ପ୍ରଦାନକରେ, ଅମ୍ଳଜାନ ସୃଷ୍ଟି ଓ ପ୍ରଦୂଷିତ ବାୟୁକୁ ବିଶୁଦ୍ଧ କରେ, ମୃତ୍ତିକା ସଂରକ୍ଷଣ ଓ ପୋଷକ ପୁନଃଚକ୍ରଣ କରେ, ଉତ୍ତାପ ନିୟନ୍ତ୍ରଣ ସହ ଅଙ୍ଗାରକ ଗଚ୍ଛିତୀକରଣ ଦ୍ୱାରା ଜଳବାୟୁ ପରିବର୍ତ୍ତନ ବିରୋଧରେ ଲଢ଼େ, ଖାଦ୍ୟ ପଦାର୍ଥ ଏବଂ ଜୀବନ ରକ୍ଷାକାରୀ ଔଷଧ ଯୋଗାଏ ଏବଂ ଆମର ସୁସ୍ଥତା ରକ୍ଷାରେ ଉନ୍ନତି ସାଧନ କରେ।





ବିଶ୍ୱର ପ୍ରାୟ ୧୬୦ କୋଟି ଅଧିବାସୀଙ୍କର ଜୀବନ, ଜୀବିକା, ସଂସ୍କୃତି ଏବଂ ପରମ୍ପରା ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ଜଙ୍ଗଲ ପରିସଂସ୍ଥା ସହ ଓତପ୍ରୋତ ଭାବରେ ଜଡ଼ିତ। ତେବେ ଜଙ୍ଗଲର ଅମୂଲ୍ୟ ପରିସଂସ୍ଥୀୟ, ଅର୍ଥନୈତିକ, ସାମାଜିକ ଏବଂ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଗୁରୁତ୍ୱ ଥିବା ସତ୍ତ୍ୱେ ଏହା ବିଭିନ୍ନ ଭାବରେ ମାନବୀୟ ନକାରାତ୍ମକ କାର୍ଯ୍ୟକଳାପ ଦ୍ୱାରା କ୍ରମଶଃ ଅବକ୍ଷୟିତ ହୋଇଚାଲିଛି। ଏହି ମୂଲ୍ୟବାନ୍ ପ୍ରାକୃତିକ ସମ୍ପଦକୁ ସୁରକ୍ଷିତ ରଖି ପରବର୍ତ୍ତୀ ପିଢ଼ିକୁ ଏହାର ସେବାରୁ ବଞ୍ଚିତ ନ କରିବା ସାମ୍ପ୍ରତିକ ସମାଜର ଏକ ନୈତିକ ଦାୟିତ୍ୱ। ଜଙ୍ଗଲ ଦିବସ ପାଳନ ଅବସରରେ ଆମେ ପ୍ରତିବଦ୍ଧତା ପ୍ରକାଶ କରିବା ଆବଶ୍ୟକ ଯେ କେବଳ ଜଙ୍ଗଲଠାରୁ ଗ୍ରହଣ କରିବା ନୁହେଁ, ଏହାର ସୁରକ୍ଷା ଏବଂ ସଂରକ୍ଷଣ ନିମନ୍ତେ ବିଜ୍ଞତାର ପ୍ରଦର୍ଶନ ପୂର୍ବକ କାର୍ଯ୍ୟକ୍ରମ ଗ୍ରହଣ କରିବା ଶ୍ରେଷ୍ଠ ଅବଦାନ ହେବ।

ଜଙ୍ଗଲ ପରିବେଶରେ ଆଦି ମାନବର ଆବିର୍ଭାବଠାରୁ ବର୍ତ୍ତମାନର ଅତ୍ୟାଧୁନିକ ମନୁଷ୍ୟ ପର୍ଯ୍ୟନ୍ତ ସମସ୍ତଙ୍କ ଜୀବନର ବିଭିନ୍ନ ଦିଗ ଜଙ୍ଗଲ ପରିସଂସ୍ଥା ସହିତ ନିବିଡ଼ ଭାବରେ ସଂଯୁକ୍ତ ହୋଇଆସିଛି। ଝରଣାର ନିର୍ମଳ ଜଳରେ ତୃଷା ନିବାରଣ କରିବା, ବୃକ୍ଷର ସ୍ୱାଦିଷ୍ଟ ଫଳାହାର ଦ୍ୱାରା କ୍ଷୁଧା ମେଣ୍ଟାଇବା, କାଷ୍ଠର ବିନିଯୋଗରେ ଗୃହ ନିର୍ମାଣ କରିବା, ସଂଗୃହୀତ ବିଭିନ୍ନ ଲଘୁଜାତ ଦ୍ରବ୍ୟର ବ୍ୟବହାରରେ ନିଜର ଆବଶ୍ୟକତା ପୂରଣ କରିବା ଅଥବା ମନୋରମ ଦୃଶ୍ୟର ଉପଭୋଗରେ ଆଧ୍ୟାତ୍ମିକତାର ସନ୍ଧାନ ହାସଲ କରିବା ହେଉଛି ଜଙ୍ଗଲରୁ ଉପଲବ୍ଧ ହେଉଥିବା ହିତସାଧନର କେତୋଟି ଦୃଷ୍ଟାନ୍ତ ମାତ୍ର। ଜଙ୍ଗଲ ବିଶ୍ୱର ପ୍ରାୟତଃ ୨୫୦ କୋଟି ଲୋକଙ୍କୁ ବିବିଧ ସାମଗ୍ରୀ ଏବଂ ସେବା ପ୍ରଦାନ କରେ ତଥା ରୋଜଗାର ଏବଂ ଆୟର ଉତ୍ସ ରୂପେ ସୁଯୋଗ ସୃଷ୍ଟି କରେ। ସମ୍ପ୍ରତି ବିବିଧ ଉନ୍ନୟନ କାର୍ଯ୍ୟ ଏବଂ ସହରାଞ୍ଚଳର ପ୍ରସାରଣ ପରିପ୍ରେକ୍ଷୀରେ ଜଙ୍ଗଲ ବିଧ୍ୱଂସିତ ଓ ସଙ୍କୁଚିତ ହୋଇ ବର୍ଷକୁ ପ୍ରାୟ ୧ କୋଟି ହେକ୍ଟର ଆକାରରେ ହ୍ରାସପାଉଛି। ପ୍ରଚଳିତ ଅସହନୀୟ ବିକାଶର ପରିଣାମରେ ବନାଞ୍ଚଳ ସବୁ ଖଣ୍ଡ ବିଖଣ୍ଡିତ, ଆକାର ସଙ୍କୁଚିତ, ଜୈବ ବିବିଧତାରେ ହ୍ରାସ ଏବଂ ଗୁଣାତ୍ମକ ମାନରେ କ୍ରମ ଅବନତି ଘଟିଚାଲିଛି। ବନାଗ୍ନିରେ ବୃଦ୍ଧି, ମରୁଡ଼ିର ପ୍ରଭାବ, କୀଟପତଙ୍ଗ ଆକ୍ରମଣ, ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନର ଅଭୂତପୂର୍ବ ପ୍ରଭାବରେ ଜଙ୍ଗଲ ଅବକ୍ଷୟିତ ହୋଇ ବିପର୍ଯ୍ୟୟର ସମ୍ମୁଖୀନ ହେଉଛି। ସହରାଞ୍ଚଳର କଂକ୍ରିଟ ଭିତ୍ତିଭୂମିରେ ପ୍ରାକୃତିକ ପରିବେଶର ଅନୁପସ୍ଥିତି କାରଣରୁ ବହୁ ପରିବେଶୀୟ ସମସ୍ୟା ସୃଷ୍ଟି ହେଉଥିବାରୁ ଏବେ 'ନଗର ବନ' ସ୍ଥାପନ ନିମନ୍ତେ ପ୍ରୟାସ ହେଉଛି, ଯାହା ସହରବାସୀଙ୍କ ପାଇଁ ଶୁଭଙ୍କର। ସହରୀ ଜଙ୍ଗଲ ଏବଂ ପଥପାର୍ଶ୍ୱ ବୃକ୍ଷରାଜି ଯେ କେବଳ ଏକ ସୁସ୍ଥ ପରିବେଶ ସୃଷ୍ଟି କରିବାରେ ସହାୟକ ହେବ ତା'ନୁହେଁ, ଏହା ସହ ବିଲୁପ୍ତ ହେଉଥିବା ଜୈବ ବିବିଧତାକୁ ପୁନରୁଜ୍ଜୀବିତ କରିବାରେ ବିଶେଷ ଭୂମିକା ନିର୍ବାହ କରିବେ।

ସମ୍ପ୍ରତି ଜଙ୍ଗଲ ବିଧ୍ୱଂସ, ସହରୀକରଣ, ଶିଳ୍ପ ବିକାଶ, କୃଷି ସମ୍ପ୍ରସାରଣ ଏବଂ ଅସହନୀୟ କୃଷି ପଦ୍ଧତିରୁ ସୃଷ୍ଟ ବର୍ଦ୍ଧିତ ଚାପରେ ପରିବେଶର ଅବନତି ଘଟୁଥିବା ପରିପ୍ରେକ୍ଷୀରେ ଆମକୁ ଜୈବ ବିବିଧତାରେ ସମୃଦ୍ଧ ଜଙ୍ଗଲ ପରିସଂସ୍ଥାକୁ ସୁରକ୍ଷିତ ରଖିବାକୁ ପଡ଼ିବ। ସୁରକ୍ଷିତ ଜଙ୍ଗଲ ଏହା ଉପରେ ନିର୍ଭରଶୀଳ ଗୋଷ୍ଠୀମାନଙ୍କର ସୁସ୍ଥତା ନିମନ୍ତେ ପୁଷ୍ଟିକର ଫଳ, ପୁଷ୍ପ, ପତ୍ର, ଛତୁ ଏବଂ ଅନ୍ୟାନ୍ୟ ପଦାର୍ଥ ତଥା ବହୁ ସଂଖ୍ୟକ ଔଷଧୀୟ ଉଦ୍ଭିଦ ପ୍ରଦାନ କରିବାରେ ସକ୍ଷମ ହେବ। ଏପରି ପୃଷ୍ଠଭୂମିରେ ଜଙ୍ଗଲ ସୁରକ୍ଷା ଓ ସଂରକ୍ଷଣ ପ୍ରସଙ୍ଗରେ ଉତ୍କୃଷ୍ଟ ନୀତି ନିୟମର ପ୍ରଣୟନ ଏବଂ ଉତ୍ତମ ମାନବୀୟ ଅଭ୍ୟାସର ଅବଲମ୍ବନ ହିଁ ବହୁ ପରିବେଶୀୟ ସମସ୍ୟା ସମାଧାନରେ ସହାୟକ ହେବ। କେନିଆର ପୂର୍ବତନ ପରିବେଶ ମନ୍ତ୍ରୀ ଗ୍ରୀନ୍ ବେଲ୍ଟ ଆନ୍ଦୋଳନର ପୁରୋଧା ତଥା ନୋବେଲ ପୁରସ୍କାରପ୍ରାପ୍ତ ୱାଙ୍ଗାରି ମାଥାଇଙ୍କର ଉକ୍ତି ଏହି ପରିପ୍ରେକ୍ଷୀରେ ଅତ୍ୟନ୍ତ ଉପଯୋଗୀ। ଆମ ଗ୍ରହର ଭବିଷ୍ୟତ ଆମ ସମସ୍ତଙ୍କୁ ହିଁ ଜଡ଼ିତ କରେ ଏବଂ ଏହାର ସୁରକ୍ଷା ନିମନ୍ତେ ଯାହା ସମ୍ଭବ ତାହା ହିଁ କରିବା ଉଚିତ। ମୁଁ ବନ ସୁରକ୍ଷା ଅଧିକାରୀ ଏବଂ ମହିଳାମାନଙ୍କୁ ବ୍ୟକ୍ତ କରିଥିଲି ଯେ ତୁମେ ଗଛ ଲଗାଇବା ପାଇଁ କୌଣସି ଡିପ୍ଲୋମାର ଆବଶ୍ୟକତା ନାହିଁ। ଜଙ୍ଗଲ ସୁରକ୍ଷା ଦିଗରେ ନିଜ ଅବଦାନ ରଖିବା ନିମନ୍ତେ ମାଥାଇଙ୍କର ଏହି ବାର୍ତ୍ତାର ଅଭିପ୍ରାୟ ଆମ ସମସ୍ତଙ୍କୁ ଉଦ୍‌ବୁଦ୍ଧ କରୁ।

**ସମ୍ପାଦକ, ଓଡ଼ିଶା ପରିବେଶ ସମିତି, ଭୁବନେଶ୍ୱର**
**ମୋ–୯୪୩୭୦୭୬୧୦୦**

# ଚାଟ୍ ଜିପିଟି



ଡ. ନରେନ୍ଦ୍ର ସେଠୀ

ବିଜ୍ଞାନର ଅଭୂତପୂର୍ବ ଅଗ୍ରଗତି ବଳରେ ଗାଣିତିକ ଆଲଗୋରିଦିମ୍ ଦ୍ୱାରା ଜଣେ ମଣିଷର ଆଚାର, ବ୍ୟବହାର, ରୁଚି ପ୍ରଭୃତିକୁ ଅଧ୍ୟୟନ କରି ସେ କ'ଣ ଚାହେଁ ବା ଇଚ୍ଛା କରୁଥିବାର ଏକ ରଫ୍ ଆକଳନ କରାଯାଇପାରେ। ଏହାକୁ କୃତ୍ରିମ ବୁଦ୍ଧିମତ୍ତା କୁହାଯାଉଛି। ଯଦି ଆପଣ କମ୍ପ୍ୟୁଟରରେ ଇଣ୍ଟରନେଟ ସର୍ଫ କରୁଛନ୍ତି ତାହେଲେ ଆପଣ ଇଚ୍ଛା ପ୍ରକାଶ କରୁଥିବା ଜିନିଷ ପ୍ରଭୃତିର ବିଜ୍ଞାପନ ଆପେ ଆପେ ସ୍କ୍ରିନ୍ ଖାଲି ଜାଗାରେ ବାହାରିଥାଏ। ଅର୍ଥ କୃତ୍ରିମ ବୁଦ୍ଧିମତ୍ତା କବଳରେ ଆମର ଦୈନନ୍ଦିନ ଜୀବନ ବାନ୍ଧି ହେବାକୁ ଲାଗିଛି। ଆମ ଅଜାଣତରେ ଆମର ବ୍ୟବହାର ଓ ଆଚରଣ ଏବେ ଦିନକୁଦିନ କୃତ୍ରିମ ବୁଦ୍ଧିମତ୍ତା ଦ୍ୱାରା ପରିଚାଳିତ। ଖାଲି ସେତିକି ନୁହେଁ କମ୍ପ୍ୟୁଟର ଇଣ୍ଟରନେଟରେ ଆମେ ସବୁଦିନ କ'ଣ ଲେଖି ଖୋଜୁଛେ ତାହାମଧ୍ୟ ଏହି କୃତ୍ରିମ ବୁଦ୍ଧିମତ୍ତା ମନେରଖେ ଓ ଗୋଟିଏ ଶବ୍ଦ ଲେଖୁ ଲେଖୁ ଆପେ ଆପେ ପରବର୍ତ୍ତୀ ଶବ୍ଦଗୁଡ଼ିକ ଲେଖିହୋଇ ଆସେ। ଯେଉଁ ଗୀତ ଶୁଣିବାକୁ ଆମକୁ ଭଲ ଲାଗେ ସେଇ ଗୀତର ସମାହାର ଆପେ ଆପେ ବାହାରି ଆସି ସଙ୍ଗୀତ ୱେବ୍‌ସାଇଟ ସ୍କ୍ରିନ୍‌ରେ ଶ୍ରୋତାକୁ ଉସୁକାଏ। ଏପରିକି କିଛି ଅନ୍‌ଲାଇନ ସାଇଟ ଗାଣିତିକ ଆଲୋଗୋରିଦିମ ବ୍ୟବହାର କରନ୍ତି, ଯାହା ବ୍ୟବହାରକାରୀର କଥାକୁ ଶୁଣି ବିଶ୍ଳେଷଣ କରିପାରେ। ଫେସ୍‌ବୁକ ବ୍ୟବହାରକାରୀର ଫଟୋ ଚିହ୍ନିପାରି ବ୍ୟକ୍ତିକୈନ୍ଦ୍ରିକ ବିଷୟ ଯୋଗାଇ ଦେଇଥାଏ। ଗୁଗଲରେ କିଛି ବିଷୟ ଖୋଜିବା ବେଳେ ଆମେ ପଚାରି କରି ମଧ୍ୟ ଖୋଜିପାରୁ। ୟୁଟ୍ୟୁବରେ ଆମେ ଯେପରି ଭିଡିଓ ଦେଖିବାକୁ ପସନ୍ଦ କରୁ, ହୋମ୍‌ପେଜରେ ସେହିପରି ପ୍ରସ୍ତାବିତ ଭିଡିଓ ସବୁ ଆପେ ଆପେ ଆସିଯାଏ। ତେବେ ଭବିଷ୍ୟତରେ ଏହି କୃତ୍ରିମ ବୁଦ୍ଧିମତ୍ତା ଉଗ୍ରରୂପ ନେବାକୁ ଯାଉଛି।

ଯଦି ବିଜ୍ଞାନରେ ଟିକେ ବି ରୁଚି ରଖିଥିବେ ତାହେଲେ ଏହା ଭିତରେ ଆପଣ ଚାଟ ଜିପିଟି ଶବ୍ଦ ସହ ପରିଚିତ ହୋଇ ସାରିବେଣି। ବର୍ତ୍ତମାନ ବିଜ୍ଞାନ ଜଗତରେ ଚାଟ ଜିପିଟି ନାମକ ଏକ ଯୁଗାନ୍ତକାରୀ ଜ୍ଞାନକୌଶଳ ଆବିର୍ଭାବ ହୋଇ ସମଗ୍ର ସୂଚନାତନ୍ତ୍ରକୁ ପରିବର୍ତ୍ତନ କରିବାକୁ ଯାଉଛି। ଏହି ବୈପ୍ଳବିକ ଚାଟ ଜିପିଟିର ପଦାର୍ପଣ ଗୁଗଲ, ମାଇକ୍ରୋସଫ୍ଟ ଭଳି କମ୍ପାନୀଗୁଡ଼ିକର ଅସ୍ତିତ୍ୱ ଓ ଏକଛତ୍ରବାଦ ପ୍ରତି ପ୍ରଶ୍ନବାଚୀ ଛିଡ଼ା କରିଛି। ଚାଟ ଜିପିଟି କୃତ୍ରିମ ବୁଦ୍ଧିମତ୍ତାର ଏକ ଅନନ୍ୟ ଉଦାହରଣ, ଯାହା ଏକ ଗାଣିତିକ ମଡେଲ ସାହାଯ୍ୟରେ ବ୍ୟବହାରକାରୀର ସବୁ ଜଟିଳ ପ୍ରଶ୍ନ ଓ ଅସୁବିଧାର ସହଜ ସମାଧାନ ଓ ଉତ୍ତର ନିମିଷକେ ପ୍ରଦାନ କରିପାରେ। ଏହାର ନାଁ ଜେନେରେଟିଭ ପ୍ରି–ଟ୍ରେଣ୍ଡ ଟ୍ରାନ୍ସଫର୍ମରରୁ ଆସିଅଛି, ଯାହା ଇଙ୍ଗିତ କରେ ଯେ ଏହା ମଣିଷର ଭାଷାକୁ ବୁଝିପାରେ ଓ ତା'ର ଉତ୍ତର ଠିକ୍ ସେହି ରୂପରେ ପୂର୍ବଲିଖିତ ପ୍ରୋଗ୍ରାମରୁ ବାହାର କରି ପ୍ରଦାନ କରିଥାଏ। ଭବିଷ୍ୟତରେ କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗ କରି କିପରି ମଣିଷ ଜୀବନର ପ୍ରତିଟି ମୁହୂର୍ତ୍ତକୁ ଆନ୍ଦୋଳିତ କରିବାକୁ ଯାଉଛି ତାହା ଏଥିରୁ ଅନୁମାନ ଲଗାଯାଇପାରେ। ତେବେ ଚାଟ ଜିପିଟି ଏକ କମ୍ପ୍ୟୁଟର ସଫ୍ଟୱେର, ଯାହାକୁ ଓପନ ଏଆଇ ନାମକ ଏକ ଆମେରିକୀୟ କୃତ୍ରିମ ବୁଦ୍ଧିମତ୍ତା ପ୍ରୟୋଗଶାଳା ଦ୍ୱାରା ନିର୍ମାଣ କରାଯାଇଛି। ବର୍ତ୍ତମାନ ଏହା କମ୍ପ୍ୟୁଟରରେ ଉପଲବ୍ଧ ଓ ଖୁବ୍ ଶୀଘ୍ର ଏହାର ଆଣ୍ଡ୍ରଏଡ଼ ସଂସ୍କରଣ ମଧ୍ୟ ଆସିଯିବ।





ଯେ କୌଣସି ୱେବ୍ ବ୍ରାଉଜରରେ ଆପଣ ଏହି ଚାଟ ଜିପିଟି ଖୋଲି ନିଜର ଏକ ଆକାଉଣ୍ଟ ତିଆରି କରିପାରିବେ ଓ ଚାଟ ବକ୍ସକୁ ଯାଇ କୌଣସି ବିଷୟରେ ପ୍ରଶ୍ନ ପଚାରିପାରିବେ। ଏହି କୃତ୍ରିମ ବୁଦ୍ଧିମତ୍ତାସମ୍ପନ୍ନ ଚାଟ ଜିପିଟି ଆପଣଙ୍କ ସବୁ ପ୍ରଶ୍ନର ସରଳ ଉତ୍ତର ବିଶେଷ ବିବରଣୀ ସହିତ ଜଣେ ଘନିଷ୍ଠ ବନ୍ଧୁ ପରି ପ୍ରଦାନ କରିବ। ଧରନ୍ତୁ ଆପଣ ଜାଣିବାକୁ ଚାହାନ୍ତି 'କ୍ଷୁଦ୍ର ଗପ କିପରି ଲେଖାଯାଏ ?' ଏହା ବଦଳରେ ଆପଣ ଏକ ସବିଶେଷ ଉତ୍ତର ଲିଖିତ ଆକାରରେ ଏବଂ ଶୁଣି କରି ମଧ୍ୟ ଅଢ଼େଇଶରୁ ଅଧିକ ଶବ୍ଦରେ ପାଇଯିବେ। ସେମିତି ଯଦି କୌଣସି ରୋଗ, ଚିକିତ୍ସା କିମ୍ବା ଅନ୍ୟ କିଛି ବିଷୟରେ ପଚରାଯାଏ ଏହା ସେହିପରି ସବିଶେଷ ଠିକ୍ ଉତ୍ତର ଆପଣଙ୍କୁ ତୁରନ୍ତ ପ୍ରଦାନ କରିବ। ତେଣୁ ଚାଟ ଜିପିଟି ନିକଟ ଭବିଷ୍ୟତରେ ଶିକ୍ଷା, ସ୍ୱାସ୍ଥ୍ୟ, ଡିଜିଟାଲ ସେବା ଓ ବିଜ୍ଞାପନ ଇତ୍ୟାଦିରେ ବୈପ୍ଳବିକ ପରିବର୍ତ୍ତନ ଆଣିବ। ପୂର୍ବରୁ ଆମେ ଆଣ୍ଡ୍ରଏଡ୍ ଫୋନରେ ଗୁଗଲ ସିରି କିମ୍ବା ଆମାଜନ ଆଲେକ୍ସା ସାହାଯ୍ୟରେ ଅଳ୍ପ ବହୁତେ ଏପରି ପ୍ରଶ୍ନ ଉତ୍ତର ଦେଉଥିବା କୃତ୍ରିମ ବୁଦ୍ଧିମତ୍ତା ସହିତ ପରିଚିତ ଥିଲେ ମଧ୍ୟ ଏହି ଚାଟ ଜିପିଟି ଏହାର ବର୍ଦ୍ଧିତ ସଂସ୍କରଣ କହିଲେ ଭୁଲ ହେବ ନାହିଁ।

ଏହି ଯୁଗାନ୍ତକାରୀ ତଥ୍ୟ ପ୍ରଦାନକାରୀ କୃତ୍ରିମ ବୁଦ୍ଧିମତ୍ତାର କିଛି ଅନ୍ଧକାର ଦିଗ ଅଛି। ଏହାର ଦୁର୍ବ୍ୟବହାର କିପରି ରୋକାଯାଇପାରିବ ସେ ବିଷୟରେ ମଧ୍ୟ ଧ୍ୟାନ ଦିଆଯିବା ଦରକାର। ଯେପରିକି ଯୁବଗୋଷ୍ଠୀମାନେ ଏହି ମାଧ୍ୟମରେ ଅସାମାଜିକ ତଥ୍ୟ ସଂଗ୍ରହ ନ କରନ୍ତୁ। ତେବେ ଏହି ଚାଟ ଜିପିଟିକୁ ଚଲେଇବା ପାଇଁ ଓପନ ଏଆଇ କମ୍ପାନୀକୁ ଦିନକୁ ଏକ ଲକ୍ଷ ଡଲାର ଅର୍ଥ ଖର୍ଚ୍ଚ କରିବାକୁ ପଡୁଛି। ତେଣୁ ସେବା ଜାରି ରଖିବା ପାଇଁ କମ୍ପାନୀକୁ ଅର୍ଥ ଯୋଗାଡ଼ କରିବାକୁ ପଡିବ। ବର୍ତ୍ତମାନର ସହଜ ମଡେଲ ଯଦିଓ ମାଗଣାରେ ଉପଲବ୍ଧ ନିକଟରେ କମ୍ପାନୀ ଚାଟ ଜିପିଟି ପ୍ଲସ୍ ଆଣିବାର ଯୋଜନାରେ ଅଛି ଓ ଏଥିପାଇଁ ଗ୍ରାହକଙ୍କୁ ମାସକୁ ପ୍ରାୟ ପାଞ୍ଚ ଶହ ଟଙ୍କା ଦେବାକୁ ପଡ଼ିପାରେ। ତେବେ ଆସିବାକୁ ଥିବା ଏହି ଚାଟ ଜିପିଟି ପ୍ଲସ ପାଇଁ ଲକ୍ଷାଧିକ ଲୋକ ବିଶ୍ୱ ସାରା ଲାଇନ ଲଗେଇ ସାରିଲେଣି। ତେଣୁ ଆପଣ ଯଦି ଏହି ଜ୍ଞାନକୌଶଳର ଲାଭ ଉଠେଇବାକୁ ଇଚ୍ଛୁକ ତାହାଲେ ତୁରନ୍ତ ଲାଇନରେ ଲାଗିଯାଆନ୍ତୁ।

**ମୋ: ୭୦୦୪୦୬୮୧୧୦**

## ଏଇ ଭାରତରେ

ଗରିବଙ୍କୁ ସାହାଯ୍ୟ କରିବାର ଏକ ଭିନ୍ନ ତରିକା ଦେଖିବାକୁ ମିଳିଛି ବେଙ୍ଗାଲୁରୁରେ। ସେଠାକାର ୪ ଜଣ ସାଙ୍ଗ ୧ ଟଙ୍କା ମୂଲ୍ୟରେ ଗରିବ ଲୋକଙ୍କୁ ପୋଷାକ ଯୋଗାଇ ଦେଉଛନ୍ତି। ମେଲିଶା ଜୋରା, ବିନୋଦ ଲୋବେ, ନୀତିନ କୁମାର ଏବଂ ବିଗ୍‌ନେଶ 'ଇମାଜିନ ଟ୍ରଷ୍ଟ' ଗଠନ କରି ତା' ମାଧ୍ୟମରେ ପୋଷାକ ଦେଉଛନ୍ତି। ସମସ୍ତେ ଚାକିରି କରିଛନ୍ତି ଓ ଟ୍ରଷ୍ଟର ସ୍ୱେଚ୍ଛାସେବୀଙ୍କ ଦ୍ୱାରା ଏହି କାର୍ଯ୍ୟ ସଞ୍ଚାଳନ କରୁଛନ୍ତି। ସେମାନେ ଏଥିପାଇଁ 'ଇମାଜିନ୍ ବସ୍ତ୍ର ବ୍ୟାଙ୍କ' ଖୋଲିଛନ୍ତି। ପ୍ରତି ରବିବାର ଏହି 'ବସ୍ତ୍ର ବ୍ୟାଙ୍କ' ଖୋଲା ରହୁଛି। ଗରିବମାନେ ସେଠାକୁ ଯାଇ ସେମାନଙ୍କ ପସନ୍ଦର ପୋଷାକ ମାତ୍ର ୧ ଟଙ୍କାରେ କିଣୁଛନ୍ତି। 'ବସ୍ତ୍ର ବ୍ୟାଙ୍କ'କୁ ପୋଷାକ ଲୋକମାନେ ଦାନ କରୁଛନ୍ତି। ଏହା ବ୍ୟତୀତ ସ୍ୱେଚ୍ଛାସେବୀମାନେ ଲୋକଙ୍କଠାରୁ ବ୍ୟବହୃତ ପୋଷାକ ଯାହା ସମ୍ପୂର୍ଣ୍ଣ ବ୍ୟବହାରଯୋଗ୍ୟ, ତାହାସବୁ ସଂଗ୍ରହ କରୁଛନ୍ତି। ଏହିସବୁ ପୋଷାକକୁ ସଫା କରାଯାଇ ରଖାଯାଉଛି। ତେବେ ବସ୍ତ୍ର ବ୍ୟାଙ୍କର ୱେଷ୍ଟରୁ ବି ପୁନଃ ବ୍ୟବହାରଯୋଗ୍ୟ ଜିନିଷ ପ୍ରସ୍ତୁତ କରାଯାଉଛି। ଯେଉଁ ବସ୍ତ୍ର ଚିରିଯାଉଛି ସେଥିରୁ ତକିଆଖୋଳ କିମ୍ବା ମ୍ୟାଟ୍ ପ୍ରସ୍ତୁତ କରାଯାଇ ଗରିବମାନଙ୍କୁ ମାଗଣାରେ ଦିଆଯାଉଛି। ଲକ୍‌ଡାଉନ୍ ସମୟରେ ଏଭଳି କାର୍ଯ୍ୟ କରିବାକୁ ସେମାନେ ନିଷ୍ପତ୍ତି ନେଇଥିଲେ। ତେବେ ପ୍ରତି ସପ୍ତାହରେ ୧୫୦ରୁ ଅଧିକ ପରିବାର ବସ୍ତ୍ରବ୍ୟାଙ୍କରୁ ପୋଷାକ ନେଉଛନ୍ତି। ଏବେ ସୁଦ୍ଧା ମୋଟ୍‌ରେ ସେମାନେ ୧୦,୦୦୦ ଗରିବ ଲୋକଙ୍କୁ ୧ ଟଙ୍କାରେ ବସ୍ତ୍ର ଯୋଗାଇ ଦେଇସାରିଲେଣି।

## ୨୫ ବର୍ଷ ତଳର ଧରିତ୍ରୀ

**୨୧ ମାର୍ଚ୍ଚ ୧୯୯୮**

- ଦଳୀୟ ବିଧାୟକମାନଙ୍କ ଦାବି ଆଗରେ ମୁଣ୍ଡ ନୁଆଇଁ ରାଜ୍ୟ ମନ୍ତ୍ରିମଣ୍ଡଳର ୧୪ ଜଣ ସଦସ୍ୟଙ୍କ ଇସ୍ତଫା ପ୍ରଦାନ।
- ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସହ ଆଲୋଚନା ପରେ ଓଡ଼ିଶା ବେସରକାରୀ କଲେଜ ଅଧ୍ୟାପକମାନଙ୍କ ପରୀକ୍ଷା ବର୍ଜନ ଆନ୍ଦୋଳନ ପ୍ରତ୍ୟାହୃତ।

## ସୁ-ଡୋ-କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 8 | 5 | | |
| 8 | | 3 | | | | | | |
| | | | 1 | 2 | 6 | | 4 | |
| | | | | 9 | | 4 | 7 | 1 |
| | | | | | 1 | | | |
| 7 | | 5 | | | | | | |
| 6 | | | 8 | | | | | |
| | 3 | | | | | | | 7 |
| 2 | | | | 5 | 9 | 3 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 5 | 6 | 4 | 3 | 2 | 7 | 8 | 1 |
| 4 | 8 | 3 | 9 | 1 | 7 | 5 | 6 | 2 |
| 7 | 1 | 2 | 6 | 8 | 5 | 9 | 4 | 3 |
| 6 | 7 | 8 | 5 | 4 | 1 | 3 | 2 | 9 |
| 2 | 9 | 1 | 7 | 6 | 3 | 4 | 5 | 8 |
| 3 | 4 | 5 | 2 | 9 | 8 | 6 | 1 | 7 |
| 8 | 6 | 9 | 1 | 7 | 4 | 2 | 3 | 5 |
| 1 | 2 | 4 | 3 | 5 | 9 | 8 | 7 | 6 |
| 5 | 3 | 7 | 8 | 2 | 6 | 1 | 9 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଲାଞ୍ଚ ନ ନେଇ ଭୋଟ ଦିଅନ୍ତୁ

ମହାଶୟ,

ଗଣତନ୍ତ୍ର ରକ୍ଷାକର୍ତ୍ତା ସରକାର ନିଜେ କହୁଛନ୍ତି ଲାଞ୍ଚ ନେବା ଓ ଦେବା ଅପରାଧ। କ୍ଷମତା ଦଖଲ କରିବା ପାଇଁ ନେତାମାନେ ଲୋକଙ୍କୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ଟଙ୍କା ବା ବିଭିନ୍ନ ପ୍ରକାର ସାମଗ୍ରୀ ଦେଉଛନ୍ତି। ଏଠି ପ୍ରଶ୍ନ କରିବା ଉଚିତ ଯେ, ଏ ଅର୍ଥ କାହାର ? ବିଭିନ୍ନ ଉପାୟରେ ମିଛ ପ୍ରତିଶ୍ରୁତି ଦେଇ ଆତ୍ମସାତ୍ କରିଥିବା ଅର୍ଥକୁ ଆମକୁ ଦେଇ ଭୋଟ କିଣାଯାଉଛି। ଯେଉଁମାନେ ଭୋଟ ପାଇଁ ଲାଞ୍ଚ ଦେଉଛନ୍ତି ତାଙ୍କୁ ପ୍ରତ୍ୟାଖ୍ୟାନ କରନ୍ତୁ ନିଜ ବିବେକ ଅନୁସାରେ ପ୍ରାର୍ଥୀ ଚୟନ କରନ୍ତୁ ଓ ଭୋଟ ଦିଅନ୍ତୁ। ଟଙ୍କା ନେଇ ଭୋଟ ଦେବା ଗଣତନ୍ତ୍ର ବିରୋଧୀ। ଭୋଟ ଦେବା ଆମ ନାଗରିକ ଅଧିକାର। ଏ ଅଧିକାରକୁ କାହା ବୋଲରେ ବିକନ୍ତୁ ନାହିଁ। ବର୍ତ୍ତମାନ ଦେଶ ଶାସନ କେବଳ ଋଣରେ ଚାଲିଛି। ଲାଞ୍ଚ ନେଇ ଭୋଟ ଦେବାରେ କେବଳ ଆମର କ୍ଷତି ହେଉଛି। ବିରାଟ ବାହୁବଳେ କୀଚକ ରାଜା ପରି ଆମ ଭୋଟରେ ଏ ନେତାମାନେ ଆଜି ମାଲାମାଲ। ଏଣୁ ଅନୁରୋଧ ଲାଞ୍ଚ ନ ନେଇ ନିଜର ପସନ୍ଦ ମୁତାବକ ଲୋକଙ୍କୁ ଭୋଟ ଦିଅନ୍ତୁ।

**–ସଚ୍ଚିଦାନନ୍ଦ ମିଶ୍ର, ଗଡ଼ହଳଦିଆ, ଖୋର୍ଦ୍ଧା**

## ଚିରନ୍ତନୀ

କଣ୍ଠୀ ନୂପୁର କଟୀ ଶୃଙ୍ଖଳ
ହେଉଥିଲେ କେବେ ଆଖିର ଭେଟ
ଆଜି ବା ହୋଇଛି ଜର୍ଜେଟ୍ ଶାଢ଼ି
ବର୍ମା ସ୍ଲିପର ଆପଟୁ–ଡେଟ୍
–(ପ୍ରେମର ଅର୍ଥ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ୨୨ରେ ବିଧାନସଭା ଆଗରେ କୁଷ୍ଠ ପୀଡ଼ିତଙ୍କ ଧାରଣା

ଭୁବନେଶ୍ୱର,୨୦ା୩(ବ୍ୟୁରୋ)- ୮ଦଫା ଦାବି ପୂରଣ ପାଇଁ ରାଜ୍ୟର କୁଷ୍ଠ ପୀଡ଼ିତ (ବିକଳାଙ୍ଗ)ଙ୍କ ଦ୍ୱାରା ୨୨ତାରିଖରେ ବିଧାନସଭା ସମ୍ମୁଖରେ ଧାରଣା ଦିଆଯିବ। ସୁପ୍ରିମକୋର୍ଟଙ୍କ ଆଦେଶ, ଭାରତ ସରକାରଙ୍କର ଲ’ କମିଶନ ରିପୋର୍ଟ ନଂ. ୨୫୬/୨୦୧୫, ଜାତିସଂଘର ମାନବ ଅଧିକାର ଧାରା ୨୦୧୦ ଏବଂ ୨୦୧୯ରେ ରାଜ୍ୟ ସରକାରଙ୍କର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଦ୍ୱାରା ଗଠିତ ରାଜ୍ୟ କୁଷ୍ଠ ବୈଷୟିକ ପ୍ରଥମ କମିଟିର ବୈଠକରେ ନିଆଯାଇଥିବା ନିଷ୍ପତ୍ତି କାର୍ଯ୍ୟକାରୀ କରାଯାଉ ବୋଲି ରାଜ୍ୟର କୁଷ୍ଠ ରୋଗୀ ସଂଗଠନ ସମୂହ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଦାବି ହୋଇଛି। କୁଷ୍ଠ ପୀଡ଼ିତଙ୍କୁ ବିଧାନସଭାରେ ତାଚ୍ଛଲ୍ୟ କରାଯାଇଥିବା କମିଟି ପକ୍ଷରୁ ଅଭିଯୋଗ ହୋଇଛି। ବିଧାୟକ ସୁରେଶ କୁମାର ରାଉତରାୟଙ୍କ ଆପତ୍ତିଜନକ ମନ୍ତବ୍ୟକୁ କମିଟିର ସାଧାରଣ ସଭା ବୈଠକରେ ନିନ୍ଦା କରାଯାଇଥିଲା। ସେହିଭଳି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଉତ୍ତର ପ୍ରସଙ୍ଗରେ ଗୋଖିବାବା ଏବଂ ଲିଙ୍ଗରାଜ କୁଷ୍ଠ କଲୋନୀରେ ଥିବା କୁଷ୍ଠ ପୀଡ଼ିତଙ୍କ ଉନ୍ନତି ଦିଗରେ ରଖିଥିବା ମନ୍ତବ୍ୟ ବିଡ଼ମ୍ବନାର ବିଷୟ ବୋଲି କମିଟିର ସଭାପତି ପ୍ରଭାକର ସାହୁ କହିଛନ୍ତି। ଉକ୍ତ ଦୁଇ ସ୍ଥାନରେ ଘର ତିଆରି ଚାଲିଥିବା ମନ୍ତ୍ରୀ କହିଛନ୍ତି। ତେବେ ରାଜ୍ୟରେ ଥିବା ମୋଟ ୮୬ଟି କଲୋନୀରେ କେବେ ଘର ତିଆରି ହେବ ବୋଲି କମିଟି ପକ୍ଷରୁ ପ୍ରଶ୍ନ କରାଯାଇଛି। ୮୪ଟି କୁଷ୍ଠ କଲୋନୀ, ୧୪ଟି କୁଷ୍ଠ ଚିକିତ୍ସାଳୟ, ୪ଟି କୁଷ୍ଠାଶ୍ରମ ଏବଂ ଜାତୀୟ ସ୍ୱରାଜ୍ୟ ହିନ୍ଦ କୁଷ୍ଠ ନିବାରଣ ସଂଘକୁ ଭାଙ୍ଗିଦେବା ପାଇଁ ଚକ୍ରାନ୍ତ ଚାଲିଥିବା କମିଟିର ସାଧାରଣ ସମ୍ପାଦକ ଦୁର୍ଯ୍ୟୋଧନ ସାହୁ କହିଛନ୍ତି।

### ମାଟ୍ରିକ୍‌ରେ ତ୍ରୁଟିପୂର୍ଣ୍ଣ ପ୍ରଶ୍ନପତ୍ର ପ୍ରକାଶନକୁ ପ୍ରତିବାଦ

ଭୁବନେଶ୍ୱର,୨୦ା୩(ବ୍ୟୁରୋ)- ମାଟ୍ରିକ୍ ତ୍ରୁଟିପୂର୍ଣ୍ଣ ପ୍ରଶ୍ନପତ୍ର ପ୍ରକାଶନକୁ ନେଇ ସୋମବାର ଅଲ୍ ଇଣ୍ଡିଆ ଡେମୋକ୍ରାଟିକ୍ ଷ୍ଟୁଡେଣ୍ଟସ୍ ଅର୍ଗାନାଇଜେଶନ୍ (ଏଆଇଡିଏସ୍‌ଓ) ଓ ଓଡ଼ିଶା ଅଭିଭାବକ ମହାସଂଘ ପକ୍ଷରୁ ପୃଥକ୍ ଭାବେ ପ୍ରତିବାଦ କରାଯାଇଛି। ପ୍ରଶ୍ନପତ୍ରରେ ତ୍ରୁଟିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଏଆଇଡିଏସ୍‌ଓ ଦାବି କରିଛି। ଏନେଇ ଏଆଇଡିଏସ୍‌ଓ ପକ୍ଷରୁ ରାଜ୍ୟ ବ୍ୟାପୀ ପ୍ରତିବାଦ ଆନ୍ଦୋଳନ ସଂଗଠିତ କରାଯାଇଛି। ରାଜ୍ୟ ସମ୍ପାଦକ ସିଦ୍ଧାର୍ଥ ରଥ, ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟା ସ୍ୱପ୍ନିସଙ୍ଗୀତା ଦଳାଇ, କୋଷାଧକ୍ଷ ସପ୍ତର୍ଷିନୀ ରାଉଳ ଏକ ପ୍ରତିନିଧି ଦଳ ଭୁବନେଶ୍ୱରସ୍ଥିତ ମାଧ୍ୟମିକ ଶିକ୍ଷା ପରିଷଦର ଆଞ୍ଚଳିକ କାର୍ଯ୍ୟାଳୟରେ ବୋର୍ଡ ସଭାପତିଙ୍କ ଉଦ୍ଦେଶ୍ୟରେ ଡେପୁଟି ସେକ୍ରେଟାରିଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଅନ୍ୟପଟେ ଓଡ଼ିଶା ଅଭିଭାବକ ମହାସଂଘ ପକ୍ଷରୁ ମାଟ୍ରିକ ପରୀକ୍ଷା ପରିଚାଳନା ପାଇଁ ବୋର୍ଡ ସିବିଏସ୍‌ଇ ଭଳି ଅତ୍ୟାଧୁନିକ ଢାଞ୍ଚା ଆପଣାଉ ବୋଲି ଦାବି ହୋଇଛି। ଅନ୍ୟପଟେ ନିର୍ବିବାଦୀୟ ଓ ଠିକ ପରୀକ୍ଷା ସମ୍ପାଦନା ପାଇଁ ପ୍ରଶ୍ନପତ୍ର ପ୍ରସ୍ତୁତିଠାରୁ ଆରମ୍ଭ କରି ପରୀକ୍ଷା ପରିଚାଳନା ଓ ମୂଲ୍ୟାୟନ ପର୍ଯ୍ୟନ୍ତ ବ୍ୟବସ୍ଥା ଅନୁଧାନ କରିବାକୁ ବରିଷ୍ଠ ଶିକ୍ଷାବିତ, ପୂର୍ବତନ ବୋର୍ଡ ସଭାପତି, ସୁନାମ ଥିବା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଓ ଅନ୍ୟାନ୍ୟ ବ୍ୟକ୍ତିଙ୍କୁ ନେଇ ଏକ ବିଶେଷଜ୍ଞ କମିଟି ଗଠନ କରାଯାଉ ବୋଲି ମହାସଂଘ ଅଧକ୍ଷ ବାସୁଦେବ ଭଟ୍ଟ କହିଛନ୍ତି।

# ନିଃଶୁଳ୍କ ରୋଗ ନିରୂପଣ ପରୀକ୍ଷା ତାଲିକା ୨୨୧କୁ ବୃଦ୍ଧି

ଭୁବନେଶ୍ୱର, ୨୦ା୩(ବ୍ୟୁରୋ)

- ଜିଲା ଚିକିତ୍ସାଳୟରେ ମିଳିବ ୧୪୬ ପ୍ରକାର ପରୀକ୍ଷା ସୁବିଧା
- ସବ୍‌ସେଣ୍ଟରରେ ୧୬, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ୬୫ ପ୍ରକାର ଟେଷ୍ଟ ଉପଲବ୍ଧ ହେବ
- ମାଗଣା ଉପଲବ୍ଧ ପରୀକ୍ଷା ତାଲିକା ସମ୍ପୃକ୍ତ ହସ୍ପିଟାଲରେ ପ୍ରଦର୍ଶିତ ହେବ

ସାର୍ବଜନୀନ ଗୁଣାତ୍ମକ ସ୍ୱାସ୍ଥ୍ୟ ଦିଗରେ ଅନ୍ୟଏକ ବଡ଼ ପଦକ୍ଷେପ ଭାବେ ରାଜ୍ୟ ସରକାର ଜିଲା ସ୍ତରରେ ମିଳୁଥିବା ନିଶୁଳ୍କ ରୋଗ ନିରୂପଣ ପରୀକ୍ଷା ପରିସର ୧୪୬କୁ ବୃଦ୍ଧି କରିଛନ୍ତି। ଫଳରେ ଏଣିକି ମେଡିକାଲ କଲେଜ ଓ ହସ୍ପିଟାଲ ସ୍ତରରେ ୨୨୧ ପ୍ରକାର ଟେଷ୍ଟର ସୁବିଧା ମିଳିବ। ସ୍ୱାସ୍ଥ୍ୟ ସବ୍-ସେଣ୍ଟରଠାରୁ ଆରମ୍ଭ କରି ମେଡିକାଲ କଲେଜ ଓ ହସ୍ପିଟାଲ ପର୍ଯ୍ୟନ୍ତ ସବୁଠି ତାଲିକା ଅନୁସାରେ ଏହିସବୁ ପରୀକ୍ଷା ସୁବିଧା ମିଳିପାରିବ ବୋଲି ସୋମବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଛନ୍ତି। ସେ କହିଛନ୍ତି, ଜାନୁୟାରୀ ୨୦୧୮ରୁ ଆରମ୍ଭ କରାଯାଇଥିବା ‘ନିଦାନ’ ଯୋଜନାରେ ଏହିସବୁ ସୁବିଧା ମିଳିବ। ସରକାରୀ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଯାଉଥିବା ସବୁଲୋକ ଏହି ନିଃଶୁଳ୍କ ମାଗଣା ସେବା ପାଇ ପାରିବେ। ଏ ନେଇ ବିଭାଗୀୟ ଶାସନ ସଚିବ ଶାଳିନୀ ପଣ୍ଡିତ କହିଛନ୍ତି, ରୋଗ ନିରୂପଣ ତଥ୍ୟ ଭିତ୍ତିରେ ରାଜ୍ୟରେ ବିଭିନ୍ନ ରୋଗର ବର୍ତ୍ତମାନର ସ୍ଥିତିକୁ ଲକ୍ଷ୍ୟ କରି ମାଗଣା ରୋଗ ନିରୂପଣ ପରୀକ୍ଷା ତାଲିକା ପ୍ରସ୍ତୁତ କରାଯାଇଛି। ଏଣିକି ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ତରରେ ୧୪୬ ପ୍ରକାର ପରୀକ୍ଷା, ଉପଖଣ୍ଡ ଚିକିତ୍ସାଳୟ ସ୍ତରରେ ୧୨୧, କମ୍ୟୁନିଟି ସ୍ୱାସ୍ଥ୍ୟକେନ୍ଦ୍ର ସ୍ତରରେ ୧୦୩, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସ୍ତରରେ ୬୫ ଏବଂ ସ୍ୱାସ୍ଥ୍ୟ ଉପକେନ୍ଦ୍ର ସ୍ତରରେ ୧୬ ପ୍ରକାର ରୋଗ ନିରୂପଣ ପରୀକ୍ଷା ମାଗଣାରେ କରାଯିବ। ମେଡିକାଲ କଲେଜ ଓ ହସ୍ପିଟାଲ ସ୍ତରରେ ୨୨୧ ପ୍ରକାର ପରୀକ୍ଷା ସୁବିଧା ମିଳିବ। ଖର୍ଚ୍ଚ ବହୁଳ ଓ ସ୍ପେଶାଲିଟି ସେବା ପରୀକ୍ଷାଗୁଡ଼ିକୁ ଦକ୍ଷ ଓ ଅଭିଜ୍ଞ ରୋଗ ନିରୂପକ ସଂସ୍ଥା ମାଧ୍ୟମରେ କରାଯିବ। ଜାତୀୟ ଜେମ୍ସ ଟେଣ୍ଡର ପୋର୍ଟାଲ ମାଧ୍ୟମରେ ଏହି ସଂସ୍ଥାଗୁଡ଼ିକର ଚୟନ କରାଯିବ। ଚୟନ ହୋଇଥିବା ସଂସ୍ଥା ଜିଲା ଉପଖଣ୍ଡ, ବ୍ଲକ ଓ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ସ୍ତରରେ ଆବଶ୍ୟକ ନମୁନା ସଂଗ୍ରହ କେନ୍ଦ୍ର ଖୋଲିବେ। ପ୍ରତି ସ୍ୱାସ୍ଥ୍ୟସେବା ଅନୁଷ୍ଠାନର ଏକ ସୁଦୃଶ୍ୟ ଜାଗାରେ ମାଗଣାରେ ମିଳୁଥିବା ପରୀକ୍ଷା ତାଲିକା ବିଜ୍ଞାପିତ ହେବ ବୋଲି ଶାସନ ସଚିବ କହିଛନ୍ତି। ମିଳିଥିବା ସୂଚନାନୁସାରେ, ପ୍ରାୟ ୫୮ ପ୍ରକାର ଖର୍ଚ୍ଚ ବହୁଳ ସ୍ପେଶାଲିଟି ସେବା ପରୀକ୍ଷାକୁ ‘ନିଦାନ’ ଅନ୍ତର୍ଭୁକ୍ତ କରାଯାଇଛି। ପରୀକ୍ଷାଓ୍ୱାରୀ ରିପୋର୍ଟ ପାଇବାର ସମୟ ମଧ୍ୟ ନିର୍ଦ୍ଧାରଣ କରାଯାଇଛି।

# ‘ଶିଶୁଙ୍କ ପାଇଁ ଦିନଟିଏ’



ଭୁବନେଶ୍ୱର, ୨୦ା୩ (ବ୍ୟୁରୋ)

ସର୍କିଟ ହାଉସ୍‌ଠାରେ ସୋମବାର ‘ଶିଶୁଙ୍କ ପାଇଁ ଦିନଟିଏ’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ଜିଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପାଞ୍ଜଳୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କାର୍ଯ୍ୟକ୍ରମରେ ଶିଶୁ ଅଧିକାର, ଶିଶୁ ସୁରକ୍ଷା ତଥା ବାଲ୍ୟ ବିବାହକୁ ଜିଲାରେ ନାଁ, ଶିଶୁ ଶ୍ରମିକ, ଶିଶୁ ଭିକ୍ଷାବୃତ୍ତି, ବେଆଇନ ପୋଷ୍ୟ ସନ୍ତାନ ଗ୍ରହଣ ଆଦି ଉପରେ ଆଲୋଚନା କରାଯାଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ନିଷ୍ପତ୍ତି ହୋଇଥିଲା। ଜିଲା ଶିଶୁ ସୁରକ୍ଷା ଅଧିକାରୀ ବାଣୀଶ୍ରୀ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଶାନ୍ତନୁ କୁମାର ଦାଶ, ସ୍ୱତନ୍ତ୍ର କିଶୋର ପୋଲିସ ୟୁନିଟ ଭୁବନେଶ୍ୱର ଅଧ୍ୟକ୍ଷ ପ୍ରଦୀପ ରାଉତ, ସ୍ୱତନ୍ତ୍ର କିଶୋର ପୋଲିସ ୟୁନିଟ ଖୋର୍ଦ୍ଧାର ଅଧ୍ୟକ୍ଷ ନିରୂପମା ମଲ୍ଲିକ, ସ୍ୱାତୀ ତନୟା ମିଶ୍ରଙ୍କ ସମେତ ସମସ୍ତ ସିଡିପିଓ, ବିଇଓ, ମେଡିକାଲ ଅଧିକାରୀ,ଏ.ଏଲ.ଓ. ପ୍ରଭାକର ବିଶ୍ୱାଳ ଏବଂ ଚାଇଲ୍ଡ ଲାଇନ ସଦସ୍ୟା ଅଂଶଗ୍ରହଣ କରିଥିଲେ। ଜିଲା ଶିଶୁ ସୁରକ୍ଷା ୟୁନିଟର ଏଲ୍‌ପିଓ ସୌମେନ୍ଦ୍ର ନାୟକ, ରଞ୍ଜନ ଗୋଛାୟତ ଏବଂ ଅନୁପ ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ସତ୍ୟବିହାର ଅଞ୍ଚଳ ବୁଲି ଦେଖିଲେ ମେୟର

## ମୌସୁମୀ ପୂର୍ବରୁ ସମସ୍ୟାର ସମାଧାନ ପାଇଁ ନିର୍ଦ୍ଦେଶ

ଭୁବନେଶ୍ୱର, ୨୦ା୩ (ବ୍ୟୁରୋ)



ସତ୍ୟ ବିହାର ଅଞ୍ଚଳରେ ବିଭିନ୍ନ ସମସ୍ୟା ଲାଗି ରହିଥିବାବେଳେ ଏନେଇ ଭୁବନେଶ୍ୱର ମହାନଗର ନିଗମ (ବିଏମସି) ଅଣ୍ଟାଭିଡିଛି। ଅଞ୍ଚଳବାସୀଙ୍କ ଅଭିଯୋଗକ୍ରମେ ମେୟର ସୁଲୋଚନା ଦାସ ସୋମବାର ସେଠାକୁ ପରିଦର୍ଶନରେ ଯାଇ ବରିଷ୍ଠ ନାଗରିକ ଓ ଅନ୍ୟ ନିବାସୀଙ୍କ ସହ ଆଲୋଚନା କରିଥିଲେ। ସତ୍ୟବିହାର ଅଞ୍ଚଳରେ ଏବେ ରାସ୍ତା ଓ ଡ୍ରେନ ସ୍ଥିତି ଦୟନୀୟ ହୋଇପଡ଼ିଛି। ଅଞ୍ଚଳର ଏକାଧିକ ପ୍ଲଟ୍‌ରେ ନିର୍ମାଣ କାମ ଚାଲିଥିବାରୁ ଭାରିଯାନ ଗୁଡ଼ିକ ନିୟମିତ ପ୍ରବେଶ କରୁଛି। ଯାହା ଫଳରେ ସମ୍ପୃକ୍ତ ଅଞ୍ଚଳରେ ନିର୍ମାଣ ହୋଇଥିବା ଡ୍ରେନ ଓ ରାସ୍ତା ସ୍ଥିତି ଦିନକୁ ଦିନ ଖରାପ ଅବସ୍ଥାକୁ ଚାଲି ଆସିଛି। ସ୍ଥିତ ସମୀକ୍ଷା କରିବା ପରେ ଏଥିପ୍ରତି ବିଏମସି ଅଧିକାରୀ ଦୃଷ୍ଟି ଦେଇ ସ୍ଥାୟୀ ସମାଧାନ କରିବାକୁ ମେୟର ନିର୍ଦ୍ଦେଶ ଦେଇଥିଲେ। ସତ୍ୟବିହାର ଅଞ୍ଚଳଟି ସାଧାରଣତଃ ତଳି ଅଞ୍ଚଳ ଭାବେ ପରିଗଣିତ ହୋଇଥାଏ। ଏଠାରେ ବହୁ ପୂର୍ବରୁ ଲୋକମାନେ ଘର କରି ରହୁଛନ୍ତି। କିଛି ଲୋକ ନିଜ ଘର ଲେଭଲ ରାସ୍ତା ଓ ଡ୍ରେନ ସହ ଥିବାବେଳେ ଆଉ କେତେ ଜଣଙ୍କର ତଳେ ରହିଛି। ଯାହାଫଳରେ ନାନା ସମସ୍ୟା ଉପୁଜୁଛି। ବିଭିନ୍ନ ସମୟରେ ଅଞ୍ଚଳ ଜଳମଗ୍ନ ରହୁଛି। ଏପରିକି କିଛି ସ୍ଥାନରେ ବର୍ଷ ତମାମ ପାଣି ରାସ୍ତା ଉପର ଦେଇ ଯାଉଛି। ଏହାର ସମାଧାନ କରିବାକୁ ସତ୍ୟ ବିହାର ବରିଷ୍ଠ ନାଗରିକମାନେ ମେୟରଙ୍କୁ ଜଣାଇଥିବାରୁ ମେୟର ସେଠାକୁ ଗସ୍ତ କରିଥିଲେ। ଏଥିସହ କିପରି ତୁରନ୍ତ ଡ୍ରେନ ଓ ରାସ୍ତାର କାମ କରାଯିବ, ସହ ଡ୍ରେନ ଏବଂ ରାସ୍ତା ଲେବଲ କିପରି ରହିବ ସେନେଇ ଯୋଜନା କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ତଳି ଅଞ୍ଚଳ ଥିବାରୁ କିପରି ଜଳ ନିଷ୍କାସନ କରାଯାଇପାରିବ ସେନେଇ ବ୍ୟବସ୍ଥା କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଥିବାବେଳେ ଆସନ୍ତା ମୌସୁମୀ ପୂର୍ବରୁ କାମ ସାରିବାକୁ ଲକ୍ଷ୍ୟ ରଖାଯାଇଥିବା ସୂଚନା ଦିଆଯାଇଛି।



କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ନୂଆଦିଲ୍ଲୀ ସ୍ଥିତ ବାସଭବନରେ ପଖାଳ ଖାଇ ପଖାଳ ଦିବସ ପାଳନ କରିଛନ୍ତି। ଏହି ଅବସରରେ ସେ ଟ୍ୱିଟ୍ କରି କହିଛନ୍ତି ଯେ ପଖାଳ ମୋର ପ୍ରିୟ ଖାଦ୍ୟ। ଏହା ଆମ ଓଡ଼ିଆଙ୍କ ସ୍ୱତନ୍ତ୍ର ପରିଚୟ। ଏହି ଦିବସରେ ପଖାଳ ଖାଇବାର ମଜା ଅଲଗା। ସମସ୍ତ ଓଡ଼ିଶାବାସୀଙ୍କୁ ଏହି ଦିବସରେ ଅଭିନନ୍ଦନ।

# ବିଏମ୍‌ସି ଅଧିକାରୀଙ୍କୁ ନୂଆ ଦାୟିତ୍ୱ

ଭୁବନେଶ୍ୱର,୨୦ା୩(ବ୍ୟୁରୋ)

## ଅତିରିକ୍ତ କମିଶନରଙ୍କ ଜରିଆରେ କମିଶନରଙ୍କୁ ମିଳିବ ତଥ୍ୟ

ବିଏମ୍‌ସି ଅଧିକାରୀମାନଙ୍କୁ ସୋମବାର ନୂଆ ଦାୟିତ୍ୱ ବଣ୍ଟା ହୋଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁସାରେ, ବିଏମ୍‌ସି ଉପାୟୁକ୍ତ, ଜୋନାଲ ଡେପୁଟି କମିଶନର, ସିଏଚ୍‌ଓ, ଏଡିୟୁପିଏଚ୍‌ଓ ଏବଂ ସିଏମ୍‌ଏମ୍‌ଓ ଏବେ ନିଜ ନିଜ ବିଭାଗର ସମସ୍ତ ଦସ୍ତାବିଜ ଅତିରିକ୍ତ କମିଶନରଙ୍କ ଜରିଆରେ କମିଶନରଙ୍କ ନିକଟକୁ ପଠାଇବେ। ୩ ଅତିରିକ୍ତ କମିଶନରଙ୍କୁ ଏ ନେଇ ଦାୟିତ୍ୱ ଦିଆଯାଇଛି। ଅତିରିକ୍ତ କମିଶନର ୧ ଲକ୍ଷ୍ମୀକାନ୍ତ ସେଠୀ ମୋଟ ୯ ବିଭାଗର ଦାୟିତ୍ୱ ନେବେ। ଉପାୟୁକ୍ତ ରମେଶଚନ୍ଦ୍ର ଜେନା, ସପନ ନନ୍ଦ, ସରୋଜ ପଣ୍ଡା, ରାଜକିଶୋର ଜେନା, ଅଶୋକ ଲେଙ୍କା, ସହାୟକ ଆୟୁକ୍ତ ଏନ୍. ଗଣେଶ ବାବୁ, ଡିଏସ୍‌ଏସ୍‌ଓ ପ୍ରଶାନ୍ତ ନାୟକ, ସହର ଶିକ୍ଷା ଅଧିକାରୀ ଅମ୍ରିତା ପ୍ରିତିନନ୍ଦା ଓ ଉପାୟୁକ୍ତ ମନୋରଞ୍ଜନ ସାହୁ ନିଜ ବିଭାଗ କାର୍ଯ୍ୟ ଅଗ୍ରଗତି ନେଇ ଅତିରିକ୍ତ କମିଶନର ୧ଙ୍କୁ ଅବଗତ କରାଇବେ। ସେହିପରି ଅତିରିକ୍ତ କମିଶନର ୨ ଶୁଭେନ୍ଦୁ ସାହୁଙ୍କୁ ଉପାୟୁକ୍ତ ମନୋରଞ୍ଜନ ସାହୁ, ରାଜକିଶୋର ଜେନା, ଗାୟତ୍ରୀ ସାମନ୍ତରାୟ, ସହାୟକ ଆୟୁକ୍ତ ଏନ୍. ଗଣେଶ ବାବୁ, ପରିମଳ ବିଭାଗ ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର ଅସୀମ କୁମାର ମିଶ୍ର ନିଜ ବିଭାଗ ଅଗ୍ରଗତି ନେଇ ତଥ୍ୟ ଦେବେ। ସେହିପରି ଅତିରିକ୍ତ କମିଶନର୩ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କୁ ଉପଆୟୁକ୍ତ ରମେଶଚନ୍ଦ୍ର ଜେନା, ଡିଏସଏସଓ ପ୍ରଶାନ୍ତ କୁମାର ନାୟକ, ଉପଆୟୁକ୍ତ ଅଶୋକ ଲେଙ୍କା, ରାଜକିଶୋର ଜେନା, ସପନକୁମାର ନନ୍ଦ, ସରୋଜ ପଣ୍ଡା, ପରିବେଶ ଅଧିକାରୀ ବସନ୍ତ ମଲ୍ଲିକ, ଉପଆୟୁକ୍ତ ମନୋରଞ୍ଜନ ସାହୁ ନିଜ ବିଭାଗର ତଥ୍ୟ ଦେବେ। ବିଏମ୍‌ସି ବିତ୍ତ ଅଧିକାରୀ ଓଏଫ୍‌ଏସ୍ ଲାବଣ୍ୟ ଶବରଙ୍କୁ ଅଡିଟ ସୁପରିଣ୍ଟେଣ୍ଡେଣ୍ଟ ଇତିଶ୍ରୀ ମହାରଣା ରିପୋର୍ଟ କରିବେ। ବିଏମ୍‌ସି ସହରଯନ୍ତ୍ରୀ ଅରୁଣ କୁମାର ନାୟକଙ୍କୁ ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର୧ ହୃଷୀକେଶ ସାହୁ, ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର୨ ପ୍ରଶାନ୍ତ କୁମାର ମିଶ୍ର, ପରିମଳ ବିଭାଗ ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର ଅସୀମ କୁମାର ମିଶ୍ର, ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର ଡ୍ରେନେଜ ଗୌତମ ଦାସ ନିଜ ବିଭାଗ ତଥ୍ୟ ପ୍ରଦାନ କରିବେ। ସିଟି ପ୍ଲାନର ଲିଙ୍ଗରାଜ ପ୍ରସାଦ ପଟ୍ଟନାୟକଙ୍କୁ ପ୍ଲାନିଂ ବିଭାଗର ଆସିଷ୍ଟାଣ୍ଟ ଟାଉନ ପ୍ଲାନର୍ସମାନେ ନିଜ ଫାଇଲ ପ୍ରଦାନ କରିବେ। ଏହି ଆଦେଶକୁ ତୁରନ୍ତ ଲାଗୁ କରିବା ସହ ବିଏମ୍‌ସିର ସମସ୍ତ ଅଧିକାରୀ, ୩ ଜୋନର ଜେଡିସି, ସିଏଫ୍‌ଓ, ସିଏମ୍‌ଏମ୍‌ଓ, ସିଏଚ୍‌ଓଙ୍କ ସମେତ ଅନ୍ୟ ବିଭାଗକୁ ପଠାଯାଇଛି।

## ଗେଟ୍ ସ୍କୋର ଆଧାରରେ ଓପିଏସ୍‌ସି ମନୋନୟନକୁ ବିରୋଧ

ଭୁବନେଶ୍ୱର,୨୦ା୩(ବ୍ୟୁରୋ)

ସରକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ (ଏଇଇ)- ସିଭିଲରେ ୩୬୨ ଏବଂ ମେକାନିକାଲର ୨୯ଟି ପଦରେ ନିଯୁକ୍ତି ନିମନ୍ତେ ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ବିଜ୍ଞାପନ ପ୍ରକାଶ କରିଛି। ଏହାର ମନୋନୟନ ପ୍ରକ୍ରିୟାକୁ ଅନେକ ଆଶାୟୀ ପ୍ରଶ୍ନ କରିବା ସହ ଗ୍ରାଜୁଏଟ ଆପ୍ଟିଚ୍ୟୁଡ ଟେଷ୍ଟ ଇନ୍ ଇଞ୍ଜିନିୟରିଂ (ଗେଟ୍) ସ୍କୋର ଆଧାରରେ ମନୋନୟନକୁ ବିରୋଧ କରିଛନ୍ତି। ଏନେଇ ସୋମବାର ଆଶାୟୀମାନେ ଭୁବନେଶ୍ୱରରେ ପହଞ୍ଚି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଦାବିପତ୍ର ପ୍ରଦାନ କରିଛନ୍ତି। ଓପିଏସ୍‌ସି ଟେଷ୍ଟ ବଦଳରେ ଗେଟ ସ୍କୋରରେ ମନୋନୟନ କରାଗଲେ ଦୀର୍ଘବର୍ଷ ଧରି ଅପେକ୍ଷା କରି ରହିଥିବା ପ୍ରାୟ ୧୨ହଜାର ଆଶାୟୀ ସୁଯୋଗରୁ ବଞ୍ଚିତ ହେବେ ବୋଲି ଆଶାୟୀମାନେ ଅଭିଯୋଗ କରିଛନ୍ତି। ଏନେଇ ସନ୍ତୋଷ ଜେନା, କୀର୍ତ୍ତିମାନ ନାୟକ, ଦେବାଶିଷ ମିଶ୍ର ପ୍ରମୁଖଙ୍କ ନେତୃତ୍ୱରେ ଆଶାୟୀମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି।

## ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ ବରମୁଣ୍ଡା ବସ୍ ଟର୍ମିନାଲ

ଭୁବନେଶ୍ୱର, ୨୦ା୩ (ବ୍ୟୁରୋ)

ବହୁ ପ୍ରତିକ୍ଷୀତ ବରମୁଣ୍ଡା ଆନ୍ତଃରାଜ୍ୟ ବସ୍ ଟର୍ମିନାଲ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ। ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାରୁ ଲୋକମାନେ ଯଥାଶୀଘ୍ର ଏହାର ସୁବିଧା ପାଇ ପାରିବେ ବୋଲି ସୂଚନା ଦିଆଯାଇଛି। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଦ୍ୱାରା ୧୫.୫ ଏକର ପରିମିତ ଅଞ୍ଚଳରେ ଆଇଏସ୍‌ବିଟି ବରମୁଣ୍ଡାର ବିକାଶ ଜାରି ରହିଛି। କୋଭିଡ୍ ଯୋଗୁଁ ନିର୍ମାଣ କାର୍ଯ୍ୟରେ ବିଳମ୍ବ ହୋଇଛି। ତେବେ ତୁରନ୍ତ ବଳକା କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିପାଇଁ ନିୟମିତ ଭାବେ ସମୀକ୍ଷା ମଧ୍ୟ କରାଯାଉଛି। କିଛିଦିନ ତଳେ ବିଡିଏ ଉପାଧ୍ୟକ୍ଷ ବଲଓ୍ୱନ୍ତ ସିଂ ବସ୍ ଟର୍ମିନାଲ ବୁଲି ସମୀକ୍ଷା କରିଥିବାବେଳେ ରବିବାର ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ମଧ୍ୟ ସ୍ଥିତି ସମୀକ୍ଷା କରିଥିଲେ।

୧୮୦ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହେଉଥିବା ଏହି ଆନ୍ତଃରାଜ୍ୟ ବସ୍ ଟର୍ମିନାଲରେ ୩୫ଟି ବସ୍‌ବେଡ୍ ସହ ୨୦୦ରୁ ଅଧିକ ବସ ପାର୍କିଂ ପାଇଁ ବ୍ୟବସ୍ଥା ରହିଛି। ସେହିପରି ୬ଟି ବ୍ଲକରେ ପ୍ରାୟ ୧୨୨ଟି ଦୋକାନ ଗୃହ ରହିବ। ପ୍ରଥମ ବ୍ଲକରେ ୧୦ଟି ଦୋକାନ, ଫୁଡ କୋର୍ଟ, ଶୌଚାଳୟ, ବିଦ୍ୟୁତ ସରଞ୍ଜାମ ଗୃହ, ଡର୍ମିଟୋରୀ, ବିଶ୍ରାମ ଗୃହ, କ୍ୟାଣ୍ଟିନ ଆଦି ସୁବିଧା ରହିବ। ଦ୍ୱିତୀୟ ବ୍ଲକ୍‌ରେ ଲିଫ୍ଟ, ଏକ୍ସାଲେଟର, ଶୌଚାଳୟ, ଟିକେଟ କାଉଣ୍ଟର, ଲବି, ଏଟିଏମ, କୋରିଅର ସେବା, ଲିଫ୍ଟ ଲବି, ପୋଲିସ ଆଉଟପୋଷ୍ଟ, ଆଶୋସିଏସନ ଅଫିସ, ରିଟେଲ ଅଫିସ, ବ୍ଲକ-୩ରେ ଘରୋଇ କଠୋରୀ, ହେଲ୍ପ ଡେସ୍କ, ଲଗେଜ ସ୍କାନର, କିଓସ୍କ, ପ୍ରତୀକ୍ଷାସ୍ଥଳ, ହକର୍ସ ଜୋନ, କରିଡର ଆଦି ରହିବ। ସେହିପରି ବ୍ଲକ-୪ରେ ପ୍ରାୟ ୨୩ ଜଣ ବ୍ୟବସାୟୀ ଦୋକାନର ସୁବିଧା ପାଇପାରିବେ। ପଞ୍ଚମ ବ୍ଲକରେ ୨୭ ଜଣ ବ୍ୟବସାୟୀଙ୍କୁ ଦୋକାନ ଘର ମିଳିବା ସହ ଅନ୍ୟାନ୍ୟ ସୁବିଧା ଏବଂ ରେଭିନ୍ୟୁ ଅଫିସ, ମେଣ୍ଟେନାନ୍ସ ଷ୍ଟାଫ ରୁମ, କଣ୍ଟ୍ରୋଲର ରୁମ ଆଦି ରହିବ। ସେହିପରି ଷଷ୍ଠ ବ୍ଲକର ଗ୍ରାଉଣ୍ଡ ଫ୍ଲୋରରେ ୨୮ଟି ଏବଂ ପ୍ରଥମ ମହାଲାରେ ୩୨ ଦୋକାନ ରହିବ ବୋଲି ସୂଚନା ରହିଛି।

# ଓଡ଼ିଆ ସଂସ୍କୃତିରେ ପଖାଳ ଏକ ଅବିଚ୍ଛେଦ୍ୟ ଅଙ୍ଗ

ଭୁବନେଶ୍ୱର,୨୦ା୩(ବ୍ୟୁରୋ)

ଜଗନ୍ନାଥ ସଂସ୍କୃତି ପରିଷଦ ପକ୍ଷରୁ ସୋମବାର ବିଶ୍ୱ ପଖାଳ ଦିବସ ଗୁରୁ କେଲୁଚରଣ ଗବେଷଣା କେନ୍ଦ୍ର ଉତ୍କଳ ରଙ୍ଗ ମଞ୍ଚଠାରେ ଅନୁଷ୍ଠିତ ହୋଇଯାଇଛି। ଭାବର ଠାକୁର ମହାପ୍ରଭୁ ଜଗନ୍ନାଥ ହେଉଛନ୍ତି ସାରା ବ୍ରହ୍ମାଣ୍ଡର ଆଧ୍ୟାତ୍ମିକତା ଓ ଆସ୍ଥାର କେନ୍ଦ୍ର। ଜଗନ୍ନାଥ ସଂସ୍କୃତି ସରା ବିଶ୍ୱ ପାଇଁ ମାନବବାଦର ଏକ ପ୍ରେରଣାର ଉତ୍ସ। ପ୍ରଭୁ ଜଗନ୍ନାଥ ଓ ଜଗନ୍ନାଥ ସଂସ୍କୃତିରେ ପଖାଳ ଏକ ଅବିଚ୍ଛେଦ୍ୟ ଅଙ୍ଗ ବୋଲି ଜଗନ୍ନାଥ ସଂସ୍କୃତି ପରିଷଦ ପକ୍ଷରୁ ଆୟୋଜିତ ବିଶ୍ୱ ପଖାଳ ଦିବସରେ ଯୋଗଦେଇ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଅନୁଷ୍ଠାନର ସଭାପତି ସଞ୍ଚିତା ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାମଚନ୍ଦ୍ର ଦାଶ ମହାପାତ୍ର ଯୋଗଦେଇ କହିଲେ, ଜଗନ୍ନାଥ ବା ଓଡ଼ିଆ ସଂସ୍କୃତିକୁ ନିକଟରୁ ନିରିଖି ଦେଖିଲେ ପ୍ରତ୍ୟେକ ଦିଗରେ ବିଶ୍ୱ କଲ୍ୟାଣ ଓ ବିଶ୍ୱ ଭାତୃଭାବର ବାର୍ତ୍ତା ମିଳିଥାଏ। ଯେଉଁଥିପାଇଁ ଆଜି ସାରା ବିଶ୍ୱବାସୀ ଏହି ସଂସ୍କୃତି ପ୍ରତି ବହୁଳ ଭାବେ ଆକୃଷ୍ଟ ହେଉଛନ୍ତି। ସମ୍ମାନିତ ଅତିଥି ଭାବେ ରବିନାରାୟଣ ମହାପାତ୍ର, ଡ. ଶୈଳେଶ୍ୱର ନନ୍ଦ, ମୁଖ୍ୟବକ୍ତା ଡ. ଅସିତ ମହାନ୍ତି, ସମ୍ମାନିତ ବକ୍ତା ସୁଦର୍ଶନ ସାହୁ ଯୋଗଦେଇ ଜଗନ୍ନାଥ ସଂସ୍କୃତି ଓ ପଖାଳ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଡ. ନନ୍ଦଙ୍କ ପୁସ୍ତକ ଉନ୍ମୋଚିତ ହୋଇଥିଲା। ସମ୍ପାଦକ ନାରାୟଣ ମହାପାତ୍ର ଉତ୍ସବ ପରିଚାଳନା କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଯୁଗ୍ମ ସମ୍ପାଦକ ଅଜୟ ହରିଚନ୍ଦନ ଧନ୍ୟବାଦ ଅର୍ପଣ କରିଥିଲେ।




# ପଖାଳକୁ ଶ୍ରୀଜଗନ୍ନାଥଙ୍କ ପ୍ରସାଦ ମନେକରୁ

ଭୁବନେଶ୍ୱର,୨୦ା୩(ବ୍ୟୁରୋ)

## ନିମନ୍ତ୍ରଣ ପକ୍ଷରୁ ବିଶ୍ୱ ପଖାଳ ଦିବସ



ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ଓଟିଡିସି ଅଧକ୍ଷ ଡ. ଲେନିନ ମହାନ୍ତି ଓ ଅନ୍ୟମାନେ ପଖାଳ ଖାଉଛନ୍ତି।

ପଖାଳ ଏକ ସୁସ୍ୱାଦୁ ଓ ସାଦାସିଧା ଉତ୍କୃଷ୍ଟ ଓଡ଼ିଆ ଖାଦ୍ୟ। ଏହା ଅତ୍ୟନ୍ତ ପୁଷ୍ଟିକର। ପଖାଳ ବିଭିନ୍ନ ଭାବରେ ଖିଆଯାଇଥାଏ। ଓଡିଶାର ‘ପଖାଳ’ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ସହିତ ସମ୍ପର୍କ ରହିଛି। ଏଣୁ ପଖାଳକୁ ଆମେ ଶ୍ରୀଜଗନ୍ନାଥଙ୍କ ପ୍ରସାଦ ବୋଲି ମନେ କରୁ। ଏହା କେଉଁ ଆବହମାନ କାଳରୁ ରହିଆସିଛି। ପଖାଳ ଖାଇ ଆମେ ଦିନସାରା ନିଜ ପାଇଁ ଶକ୍ତି ସଞ୍ଚୟ କରୁ। ବିଶ୍ୱ ପଖାଳ ଦିବସ ପାଳନ କରି ଅନ୍ତର୍ଜାତୀୟ ସ୍ତରରେ ଓଡିଶା ‘ପଖାଳ’ର ପ୍ରଚାର ପ୍ରସାର ତଥା ଲୋକପ୍ରିୟତା ବୃଦ୍ଧି କରାଯାଉଛି ବୋଲି ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର କହିଛନ୍ତି। ସୋମବାର ଓଡିଶା ପର୍ଯ୍ୟଟନ ଉନ୍ନୟନ ନିଗମ (ଓଟିଡିସି)ର ରେଷ୍ଟୁରାଣ୍ଟ ଚେନ୍ ‘ନିମନ୍ତ୍ରଣ’ ପକ୍ଷରୁ ବିଶ୍ୱ ପଖାଳ ଦିବସରେ ଦିବସରେ ମନ୍ତ୍ରୀ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି। ସମ୍ମାନିତ ଅତିଥି ଭାବେ ଓଟିଡିସି ଅଧକ୍ଷ ଡ. ଲେନିନ ମହାନ୍ତି ଯୋଗଦେଇ ‘ପଖାଳ’ର ଉପକାରିତା ଏବଂ ପୁଷ୍ଟିକାରିତା ସମ୍ପର୍କରେ ଆଲୋକପାତ କରିଥିଲେ। ସେ କହିଲେ, ପଖାଳ ହେଉଛି ଆମ ଐତିହ୍ୟର ପରିଚୟ। ଗରିବ, ମଜଦୁରଙ୍କଠାରୁ ମଧ୍ୟବିତ୍ତ ଓ ଧନୀ ପର୍ଯ୍ୟନ୍ତ, ଏପରିକି ମୁଖ୍ୟମନ୍ତ୍ରୀ ମଧ୍ୟ ପଖାଳ ଖାଇଥା’ନ୍ତି। ରାଜ୍ୟ ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ କହିଲେ, ପଖାଳ ଏବେ କେବଳ ଗରିବ ଲୋକଙ୍କ ଖାଦ୍ୟ ହୋଇ ରହିନାହିଁ, ବରଂ ସମସ୍ତଙ୍କର ପ୍ରିୟ ଖାଦ୍ୟ ଭାବେ ବିଶ୍ୱସ୍ତରରେ ଆଦୃତି ଲାଭ କରିଛି। ଓଟିଡିସିର ସାଧାରଣ ପରିଚାଳକ ଲଗ୍ନଜିତ୍ ରାଉତ କହିଲେ, ଓଡିଆମାନଙ୍କର ପ୍ରିୟ ଖାଦ୍ୟ ପଖାଳକୁ ବିଶ୍ୱରେ ଅଧିକରୁ ଅଧିକ ପରିଚିତ କରାଇବା ଓଟିଡିସିର ପ୍ରମୁଖ ପ୍ରୟାସ ରହିଛି। କିମ୍ସ ହସ୍ପିଟାଲର ଡ. ସଂଘମିତ୍ରା ନାୟକ କହିଲେ, ପଖାଳ ଓ ପଖାଳରେ ଲୁଣ ସହ ଖିଆଯାଉଥିବା ବିଭିନ୍ନ ବ୍ୟଞ୍ଜନ ଯଥା-ଭଜା, ଶାଗ, ବଡ଼ି, ଲଙ୍କା, ଲେମ୍ବୁ ଓ ଅନ୍ୟାନ୍ୟ ଖାଦ୍ୟରେ ଶରୀରକୁ ବିଭିନ୍ନ ପ୍ରକାର ଭିଟାମିନ, ଖଣିଜ ପୋଷକ ଯଥା ସୋଡିୟମ, ପୋଟାସିୟମ, କ୍ୟାଲସିଅମ ଏବଂ ପଖାଳ ତୋରାଣୀରୁ ଇଲେକ୍ଟ୍ରୋଲାଇଟ ଆଦି କଠିନ ପରିଶ୍ରମ ପାଇଁ ଶକ୍ତି ଯୋଗାଇଥାଏ। ଏହି ଅବସରରେ ଅଭିନେତା ରୁଷି ପଟ୍ଟନାୟକ, ମାଷ୍ଟର ସେଫ୍ ସ୍ମୃତିଶ୍ରୀ ସିଂ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ପର୍ଯ୍ୟଟନ ବିଭାଗ ଅତିରିକ୍ତ ଶାସନ ସଚିବ ଅନନ୍ତ ନାରାୟଣ ସିଂ ଲାଗୁରୀ, ବିଭାଗର ସ୍ୱତନ୍ତ୍ର ଅଧିକାରୀ ଅଂଶୁମାନ ରଥଙ୍କ ସମେତ ବିଭାଗ ତଥା ଓଟିଡିସିର ସମସ୍ତ ଅଧିକାରୀ, କର୍ମଚାରୀ ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। ଉପସ୍ଥାପିକା ସୁଲଗ୍ନା ରାଉତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପରେ ସମସ୍ତେ ନିମନ୍ତ୍ରଣ ପକ୍ଷରୁ ପ୍ରସ୍ତୁତ ପଖାଳ ଖାଇଥିଲେ।।

## ସଂକ୍ଷେପରେ

### ୮ ଦଫା ଦାବିରେ ଧାରଣା ଦେବେ କୁଷ୍ଠ ପୀଡ଼ିତ

ଭୁବନେଶ୍ୱର,୨୦।୩(ବ୍ୟୁରୋ): ୮ ଦଫା ଦାବି ପୂରଣ ପାଇଁ ରାଜ୍ୟର କୁଷ୍ଠ ପିଡ଼ିତ (ବିକଳାଙ୍ଗ)ଙ୍କ ଦ୍ୱାରା ୨୨ ତାରିଖ ବିଧାନ ସଭା ସମ୍ମୁଖରେ ଧାରଣା ଦିଆଯିବ। ସୁପ୍ରିମକୋର୍ଟଙ୍କ ଆଦେଶ, ଭାରତ ସରକାରଙ୍କର 'ଲ' କମିଶନ ରିପୋର୍ଟ ନଂ ୨୫୬/୨୦୧୫, ଜାତିସଂଘର ମାନବ ଅଧିକାର ଧାରା ୨୦୧୦ ଏବଂ ୨୦୧୯ରେ ରାଜ୍ୟ ସରକାରଙ୍କର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ଶସକ୍ତିକରଣ ବିଭାଗ ଦ୍ୱାରା ଗଠିତ ରାଜ୍ୟ କୁଷ୍ଠ ବୈଷୟିକ ପ୍ରଥମ କମିଟିର ବୈଠକରେ ନିଆଯାଇଥିବା ନିଷ୍ପତ୍ତି କାର୍ଯ୍ୟକାରୀ କରାଯାଉ ବୋଲି ରାଜ୍ୟର କୁଷ୍ଠ ରୋଗୀ ସଂଗଠନ ସମୂହ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଦାବି ହୋଇଛି। କୁଷ୍ଠ ପୀଡ଼ିତଙ୍କୁ ବିଧାନସଭାରେ ତାସ୍ଛଲ୍ୟ କରାଯାଇଥିବା କମିଟି ପକ୍ଷରୁ ଅଭିଯୋଗ ହୋଇଛି। ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ମାର୍ଚ୍ଚ ୧୭ ତାରିଖରେ ଆପତ୍ତିଜନକ ମନ୍ତବ୍ୟ ରଖିଥିଲେ। କମିଟିର ସାଧାରଣ ସଭା ବୈଠକରେ ନିନ୍ଦା ପ୍ରସ୍ତାବ ଆଗତ କରାଯାଇ ଏହାର ପ୍ରତିବାଦ କରାଯାଇଥିଲା। ବିଧାୟକ ଜାଆଁଳା ଯାଇ ସେଠାରେ କୁଷ୍ଠ ପିଡ଼ିତ ବ୍ୟକ୍ତିଙ୍କ ସଂଖ୍ୟା ସହ ସେଠାରେ କେତେ ସରକାରୀ ଡ଼ାକ୍ତର, ନର୍ସ ଏବଂ ସହାୟକ ଅଛନ୍ତି ତାହାର ଏକ ତାଲିକା ବିଧାନସଭାରେ ଉପସ୍ଥାପନ କରନ୍ତୁ ବୋଲି କମିଟିର ସଦସ୍ୟ କହିଛନ୍ତି। ସେହିଭଳି ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଉତ୍ତର ପ୍ରସଙ୍ଗରେ ଗୋଖିବାବା ଏବଂ ଲିଙ୍ଗରାଜ କୁଷ୍ଠ କଲୋନୀରେ ଥିବା କୁଷ୍ଠ ପିଡ଼ିତଙ୍କ ଉନ୍ନତି ଦିଗରେ ରଖିଥିବା ମନ୍ତବ୍ୟ ବିଡ଼ମ୍ବନାର ବିଷୟ ବୋଲି କମିଟିର ସଭାପତି ପ୍ରଭାକର ସାହୁ କହିଛନ୍ତି। ଉକ୍ତ ଦୁଇ ସ୍ଥାନରେ ଘର ତିଆରି ଚାଲିଥିବା ମନ୍ତ୍ରୀ କହିଛନ୍ତି। ତେବେ ରାଜ୍ୟରେ ଥିବା ମୋଟ୍ ୮୬ଟି କଲୋନୀରେ କେବେ ଘର ତିଆରି ହେବ ବୋଲି କମିଟି ପକ୍ଷରୁ ପ୍ରଶ୍ନ କରାଯାଇଛି। ୮୪ଟି କଷ୍ଟେ କଲୋନୀ, ୧୪ଟି କୁଷ୍ଠ ଚିକିତ୍ସାଳୟ, ୪ଟି କୁଷ୍ଠାଶ୍ରମ ଏବଂ ଜାତୀୟ ପ୍ରରାୟ ହିନ୍ଦ କୁଷ୍ଠ ନିବାରଣ ସଂଘକୁ ଭାଙ୍ଗିଦେବା ପାଇଁ ଚକ୍ରାନ୍ତ ଚାଲିଥିବା କମିଟିର ସାଧାରଣ ସମ୍ପାଦକ ଦୁର୍ଯ୍ୟୋଧନ ସାହୁ କହିଛନ୍ତି।

### 'ଶିଶୁଙ୍କ ପାଇଁ ଦିନଟିଏ' କାର୍ଯ୍ୟକ୍ରମ

ଭୁବନେଶ୍ୱର, ୨୦।୩ (ବ୍ୟୁରୋ): ସତନ୍ତ୍ର ପ୍ରଦକ୍ଷଣ ଗୃହ(ସର୍କିଟ ହାଉସ) ଠାରେ ସୋମବାର 'ଶିଶୁଙ୍କ ପାଇଁ ଦିନଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ଜିଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପାଞ୍ଜଳୀ ମିଶ୍ରଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ବାଣୀଶ୍ରୀ ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରି କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଶିଶୁ ଅଧିକାର, ଶିଶୁ ସୁରକ୍ଷା ତଥା ବାଲ୍ୟ ବିବାହକୁ ଜିଲାରେ ନାଁ, ଶିଶୁ ଶ୍ରମିକ, ଶିଶୁ ଭିକ୍ଷାବୃତ୍ତି, ବେଆଇନ ପୋଷ୍ୟ ସନ୍ତାନ ଗ୍ରହଣ ଇତ୍ୟାଦି ଉପରେ ଆଲୋଚନା କରାଯାଇ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶିଶୁ ମଙ୍ଗଳ କମିଟିର ଅଧକ୍ଷ ଶାନ୍ତନୁ କୁମାର ଦାଶ, ପ୍ରଦୀପ ରାଉତ, ନିରୂପମା ମଲ୍ଲିକ, ସ୍ୱାତୀ ତନୟା ମିଶ୍ର ଏବଂ ସମସ୍ତ ସିଡିପିଓ, ବ୍ଲକ ଶିକ୍ଷା ଅଧିକାରୀ, ମେଡିକାଲ ଅଧିକାରୀ, ପ୍ରଭାକର ବିଶ୍ୱାଳ ଏବଂ ଚାଇଲ୍ଡ ଲାଇନ ସଦସ୍ୟା ଅଂଶଗ୍ରହଣ କରିଥିଲେ।

# ୨୬୨ କୋଟି ୪୯ ଲକ୍ଷର ବ୍ୟୟ ଅଟକଳ

ପୁରୀ ଅଫିସ, ୨୦।୩



ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବ ଏବଂ ଅନ୍ୟମାନେ।

**ଶ୍ରୀମନ୍ଦିର ଅର୍ଥ ସବ୍ କମିଟି ବୈଠକ**

- ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ବଜେଟ
- ପରିକ୍ରମା ମାର୍ଗ ପରିଚାଳନାର ବୋଝ ବଢୁଛି

ଶ୍ରୀମନ୍ଦିର ଅର୍ଥ ସବ୍ କମିଟି ବୈଠକ ସୋମବାର ବଡ଼ଦାଣ୍ଡସ୍ଥିତ ଶ୍ରୀମନ୍ଦିର ପ୍ରଶାସନିକ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବ ଅଧ୍ୟକ୍ଷତା କରିଥିଲେ। ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ବଜେଟ ଅଟକଳ ସହ ୨୦୨୨-୨୩ ଆର୍ଥିକ ବର୍ଷର ସଂଶୋଧିତ ବିବରଣୀ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଛି। ଆଗାମୀ ପରିଚାଳନା କମିଟି ବୈଠକରେ ବଜେଟ ଅନୁମୋଦନ କରାଯିବ। ୩୦୦ କୋଟି ୭୯ ଲକ୍ଷ ଟଙ୍କାର ଆୟ ରହିଥିବାବେଳେ ବଜେଟରେ ୨୬୨ କୋଟି ୪୯ ଲକ୍ଷର ବ୍ୟୟ ଅଟକଳ କରାଯାଇଛି। ତେବେ ୩୮ କୋଟି ୩୦ ଲକ୍ଷ ଟଙ୍କାର ବଳକା ବଜେଟ ପ୍ରସ୍ତୁତ କରାଯାଇଛି।

ରାଜ୍ୟ ସରକାରଙ୍କ ସୂତ୍ରରୁ ୧୧୮ କୋଟି ୯୪ ଲକ୍ଷ, କର୍ପସ ଫଣ୍ଡ ସୁଧରୁ ୬୦ କୋଟି ୩୨ ଲକ୍ଷ ଟଙ୍କା ମିଳିବ। ସେହିପରି ହୁଣ୍ଡି ଓ ବିଭିନ୍ନ ଦାନରୁ ୩୧ କୋଟି ୩୯ ଲକ୍ଷ, ଜମି ଅଧିଗ୍ରହଣ କ୍ଷତିପୂରଣରୁ ୫୦ କୋଟି, ଭକ୍ତ ନିବାସଗୁଡ଼ିକରୁ ଆୟ ହିସାବରେ ୧୦ କୋଟି ୩୦ ଲକ୍ଷ, ବିଭିନ୍ନ ରସିଦ ବାବଦରୁ ୧୪ କୋଟି ୮୪ ଲକ୍ଷ ଟଙ୍କା ମିଳିବ। ଅପରପକ୍ଷରେ ବ୍ୟୟ ଅଟକଳ ମଧ୍ୟରେ ରଥଯାତ୍ରା ଓ ସ୍ନାନଯାତ୍ରା ପାଇଁ ୧୬.୬୨ କୋଟି, କର୍ପସ ଫଣ୍ଡ ଜମା ବାବଦରେ ୫୯.୪୬ କୋଟି, ପାଳିଆ ସେବାୟତଙ୍କୁ ପୁରସ୍କାର ବାବଦରେ ୧୮ କୋଟି ଟଙ୍କା ଖର୍ଚ୍ଚ ହେବ। ପାରିମାଣିକ ଭିତରକାଠ ଦର୍ଶନ ପାଳିଆ ଟଙ୍କା ପ୍ରଦାନ ବାବଦକୁ ୭ କୋଟି, ଅନ୍ୟାନ୍ୟ ନୀତି ପାଇଁ ୮ କୋଟି ୮୯ ଲକ୍ଷ, ପ୍ରଶାସନିକ ଖର୍ଚ୍ଚ ପାଇଁ ୩୦ କୋଟି ୫୬ ଲକ୍ଷ, କର୍ମଚାରୀ ଓ ପରିମଳ କର୍ମଚାରୀଙ୍କ ଦରମା ୪୫ କୋଟି ୯୩ ଲକ୍ଷ ଟଙ୍କା, ସେବାୟତ ପରିବାର ସ୍ୱାସ୍ଥ୍ୟବୀମା ବାବଦକୁ ୫କୋଟି, ସେବକ କଲ୍ୟାଣ ପାଣ୍ଠି ନିମନ୍ତେ ୫ କୋଟି ୫୧ ଲକ୍ଷ, ସେବକ ଆବାସ ଯୋଜନା ପାଇଁ ୩ କୋଟି ୫୦ ଲକ୍ଷ, ଶ୍ରୀମନ୍ଦିର ଆଦର୍ଶ ଗୁରୁକୁଳ ପାଇଁ ୫ କୋଟି, ମନ୍ଦିର ସଂରଚନା ସହ ଅନ୍ୟାନ୍ୟ ମରାମତି ଓ ରକ୍ଷଣାବ୍ୟକ୍ଷଣା ପାଇଁ ୨୬ କୋଟି ୮ଲକ୍ଷ, ସଂସ୍କୃତି, ପ୍ରଚାର, ଦାନ ଓ ଅନ୍ୟାନ୍ୟ ଖର୍ଚ୍ଚ ବାବଦରେ ୩ କୋଟି ୭ଲକ୍ଷ, ଫାଉଣ୍ଡେଶନ ଫଣ୍ଡ ଅଧୀନରେ ୨୧ କୋଟି ୫୦ ଲକ୍ଷ, ଶ୍ରୀମନ୍ଦିର ପାରିମାଣିକ ଆକାଉଣ୍ଟକୁ ଦାନ ୧୭ ଲକ୍ଷ, ଯୋଜନା କଲ୍ୟାଣ ପାଣ୍ଠି ଅଧୀନରେ ଦାନ ୫କୋଟି ଏବଂ ଅନ୍ୟାନ୍ୟ ଖର୍ଚ୍ଚ ବାବଦରେ ୧ କୋଟି ୨୦ ଲକ୍ଷ ଟଙ୍କା ଖର୍ଚ୍ଚ ଅଟକଳ କରାଯାଇଥିବା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଯାଦବ କହିଛନ୍ତି। ଗତ ୨୦୨୨-୨୩ ବର୍ଷ ପାଇଁ ଶ୍ରୀମନ୍ଦିର ପରିଚାଳନା କମିଟିରେ ୨୪୮ କୋଟି ୫୧ ଲକ୍ଷ ଟଙ୍କାର ବଜେଟ ପାରିତ ହୋଇଥିଲା। ବଜେଟରେ ବିଭିନ୍ନ ଯାନିଯାତ୍ରା, ପାଳିଆ ସେବକ ପାଉଣା, କର୍ମଚାରୀଙ୍କ ଦରମା, କର୍ପସ ଫଣ୍ଡ ଜମା ଆଦି ବିଭିନ୍ନ ସଂକ୍ରାନ୍ତରେ ଖର୍ଚ୍ଚ ନେଇ ଆଲୋଚନା ହୋଇଛି। ଏଥିସହ ହୁଣ୍ଡିରୁ ଆମଦାନୀ, ବିଭିନ୍ନ କର୍ପସ ଫଣ୍ଡର ସୁଧ, ସରକାରୀ ଅନୁଦାନ, ଜମି ଅଧିଗ୍ରହଣ ସହାୟତା ରାଶି ଦିଗରୁ ଆୟ ସମ୍ପର୍କରେ ଆଲୋଚନା ହୋଇଥିବା ମୁଖ୍ୟ ପ୍ରଶାସକ କହିଛନ୍ତି। ବୈଠକରେ ବଜେଟ ଉପରେ ଆଲୋଚନା ହୋଇଛି। ଯାହା ନିଷ୍ପତ୍ତି ନିଆଯାଇଛି ତାହା ପରିଚାଳନା କମିଟି ବୈଠକରେ ଉପସ୍ଥାପନ କରାଯିବ। ଏହି ବୈଠକରେ ଆସନ୍ତା ବର୍ଷର ବଜେଟ ଅନୁମୋଦନ କରାଯିବ। ସେହିପରି ରାଜସ୍ୱ କିପରି ବୃଦ୍ଧି କରାଯିବ ତା' ଉପରେ ଆଲୋଚନା ହୋଇଛି। ପରେ ସେ ନେଇ ଏକ ବୈଠକ ବସିବ। ପରିଚାଳନା ବୈଠକ ଅନୁଷ୍ଠିତ ହେବା ପରେ ବଜେଟ ଅନୁମୋଦନ କରାଯିବ ବୋଲି ଯାଦବ କହିଛନ୍ତି। ସେହିପରି ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମାଧବ ଚନ୍ଦ୍ର ମହାପାତ୍ର କହିଛନ୍ତି, ବଜେଟ ସମ୍ପର୍କରେ ଆଲୋଚନା କରାଗଲା। ବ୍ୟାଙ୍କରେ ଥିବା ଶ୍ରୀମନ୍ଦିର ଗଚ୍ଛିତ ଟଙ୍କାର ସୁଧରୁ ଆୟ ହେଉଛି। ତେଣୁ ଅନ୍ୟ ମାଧ୍ୟମରୁ କିପରି ଆୟ ବୃଦ୍ଧି କରାଯିବ ସେ ସେଇ ଆଲୋଚନା ହୋଇଥିଲା। ପରିକ୍ରମା ମାର୍ଗ ପରିଚାଳନାର ବୋଝ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି, ଯାହା ବାବଦକୁ ବର୍ଷକୁ ୪ରୁ ୫ କୋଟି ଟଙ୍କା ଖର୍ଚ୍ଚ ହେଉଛି। ତେବେ ପରିକ୍ରମା ମାର୍ଗ ସମ୍ପୂର୍ଣ୍ଣ ହେବା ପରେ ତା'ର ପରିଚାଳନା ଅର୍ଥ ବୃଦ୍ଧି ପାଇବ। ପ୍ରାୟ ୫୦ରୁ ୬୦ କୋଟି ଟଙ୍କା ଖର୍ଚ୍ଚ ହୋଇପାରେ, ଯାହା ସମସ୍ୟା ଦେଖାଦେଇପାରେ। ତେଣୁ ରାଜ୍ୟ ସରକାର ଏବଂ ଅର୍ଥ ବିଭାଗ ସହ ସ୍ୱତନ୍ତ୍ର ବୈଠକ କରି ଏ ସମ୍ପର୍କରେ ଆଲୋଚନା କରାଯିବ ବୋଲି ମହାପାତ୍ର ସୂଚନା ଦେଇଛନ୍ତି।

### ପ୍ରେମିକା, ପୁରୁଷ ବନ୍ଧୁଙ୍କ ନାମରେ ମାମଲା

#### ଡିଜେ ଆଜେକ୍ସ ଆତ୍ମହତ୍ୟା ଘଟଣା

ଭୁବନେଶ୍ୱର,୨୦।୩(ବ୍ୟୁରୋ)

ଲୋକପ୍ରିୟ ଡିଜେ ଆଜେକ୍ସ ଓରଫ୍ ଅକ୍ଷୟ କୁମାର ମହାରଣାଙ୍କ ଆତ୍ମହତ୍ୟା ଘଟଣାରେ ଖାରବେଳନଗର ଥାନା ପୋଲିସ ତଦନ୍ତକୁ ଅଧିକ ଜୋରଦାର କରିଛି। ବିଶେଷକରି ଜବତ ହୋଇଥିବା ଅକ୍ଷୟଙ୍କ ମୋବାଇଲକୁ ଯାଞ୍ଚ କରି ପୋଲିସ ମାମଲା ସଂକ୍ରାନ୍ତରେ ପ୍ରମାଣ ଖୋଜାଖୋଜି କରିବା ସହ ପ୍ରେମିକା ଓ ତାଙ୍କ ନୂଆ ପୁରୁଷ ବନ୍ଧୁଙ୍କ ନାମରେ ମାମଲା ରୁଜୁ ହୋଇଛି। ଏନେଇ ଜୋନ୍ ଏସିପି ମାନସ ଗଡ଼ନାୟକ କହିଛନ୍ତି, ଥାନାଧିକାରୀଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ପ୍ରଶିକ୍ଷଣପ୍ରାପ୍ତ ପୋଲିସ ଟିମ୍ ତଦନ୍ତ କରୁଛି। ବହୁ ଖୋଜାଖୋଜି କରିବା ପରେ ଅକ୍ଷୟଙ୍କ ମୋବାଇଲ ପାସୱାର୍ଡ ମିଳିଛି। ଏହାପରେ ତାଙ୍କ ମୋବାଇଲରେ ଥିବା ଚାଟ୍ ଓ ଅନ୍ୟ ତଥ୍ୟକୁ ବିଶ୍ଲେଷଣ କରିବା ପରେ କିଛି ନିର୍ଦ୍ଦିଷ୍ଟ ତଥ୍ୟ ମିଳିଛି। ଏହି ତଥ୍ୟକୁ ନେଇ ଆମେ ଅଧିକ ତଦନ୍ତ ଜାରି ରଖିଛୁ। ତଦନ୍ତ ସମୟରେ ଯେଉଁମାନଙ୍କ ନାଁ ଆସିବା ସହ ନିର୍ଯାତନାରେ ସମ୍ପୃକ୍ତି ଥିବା ପ୍ରମାଣ ମିଳିବ, ସେମାନଙ୍କୁ ଆମେ ତଦନ୍ତ ପରିସରଭୁକ୍ତ କରିବୁ। ସେମାନଙ୍କୁ ଜେରା କରିବା ସହ ତଦନ୍ତର ନିର୍ଣ୍ଣାୟକ ମୋଡ଼କୁ ନେବୁ ବୋଲି ଏସିପି କହିଛନ୍ତି।

# ଓଡ଼ିଶାର ପରମ୍ପରା ବହନ କରୁଛି ପଖାଳ



ବାଲୁଗାଁ/ବେଗୁନିଆ/ଜଟଣୀ, ୨୦।୩(ଡି.ଏନ୍.ଏ.)

ସାରା ଓଡ଼ିଶାରେ ସୋମବାର ପଖାଳ ଦିବସ ପାଳନ ହୋଇଛି। ତେବେ ରାଜ୍ୟ ପର୍ଯ୍ୟଟନ ବିଭାଗୀୟ ନିର୍ଦ୍ଦେଶକ୍ରମେ ଚଳିତ ବର୍ଷ ପ୍ରଥମ ଥର ବଡ଼କୁଳ ପାନ୍ଥନିବାସ ପରିଚାଳକ ସବ୍ୟସାଚୀ କରଙ୍କ ତତ୍ତ୍ୱାବଧାନରେ ଏହି ପଖାଳ ଦିବସ ପାଳିତ ହୋଇଥିଲା। ସ୍ୱତନ୍ତ୍ର ଅତିଥିଭାବେ ଚିଲିକା ତହସିଲଦାର ଦିଲ୍ଲୀପ ଷଡ଼ଙ୍ଗୀ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ଉତ୍ସାହିତ କରିଥିଲେ। ଛୁଙ୍କ ଦହି ପଖାଳ ସହ ବଡ଼ିଚୁରା, ଶାଗବଡ଼ି, ବାଇଗଣ ଭର୍ତ୍ତା, ଆମ୍ବ ଚଟଣି, ପଣସ ପକଡ଼ା, ଆଳୁ ଭର୍ତ୍ତା, ଛତୁ ଭଜା, ପାମ୍ପଡ଼ ଏବଂ ଆମିଷ କ୍ଷେତ୍ରରେ ମାଛ ଭଜା ଓ ପାତୁଆ ପକଡ଼ାର ପର୍ଯ୍ୟଟକଙ୍କ ସହିତ ସ୍ଥାନୀୟ ଅଞ୍ଚଳର ବହୁ ବ୍ୟକ୍ତି ସ୍ୱାଦ ନେଇଥିଲେ।

ସେହିପରି ବେଗୁନିଆ ସଦର ମହକୁମାସ୍ଥିତ ଆଦର୍ଶ କ୍ଲବ ପରିସରରେ ମା'ପଦ୍ମାଳୟା ଗୃହିଣୀ ସମାଜ ଆନୁକୂଲ୍ୟରେ ପଖାଳ ଦିବସ ପାଳିତ ହୋଇଥିଲା। ଅନୁଷ୍ଠାନର ସଭାନେତ୍ରୀ ମମତା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଏକ ସଭା ହୋଇଥିଲା। ପ୍ରାରମ୍ଭରେ ଶ୍ରୀଜଗନ୍ନାଥଙ୍କ ନିକଟରେ ପଖାଳ ଭୋଗ ସମର୍ପଣ କରାଯାଇଥିଲା। ଏଥିରେ ଗୃହିଣୀ ସମାଜର ଉପଦେଷ୍ଟା ସୁରମା ଦେବୀ, ତରଙ୍ଗବାଳା ବେଉରା, ପୂର୍ବତନ ପ୍ରଶାସନିକ ଅଧିକାରୀ ସୁଧାକର ସାମନ୍ତରାୟ, ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ, ଶିକ୍ଷାବିତ ଶରତ ପଣ୍ଡା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଉପସ୍ଥିତ ସମସ୍ତ ସଭ୍ୟାସଭ୍ୟ ପଖାଳ ଭୋଜନରେ ଅଂଶଗ୍ରହଣ କରିଥିଲେ। ପ୍ରତିମା ପ୍ରଧାନ, ରଶ୍ମି ରଞ୍ଜିତା ମହାପାତ୍ର, ସଂଘମିତ୍ରା ରଥ, ବସନ୍ତ ସାହୁ, ବିଜୟ ପ୍ରଧାନ, ପ୍ରସନ୍ନ ବାରିକ, ସୋମନାଥ ସାହୁ ପ୍ରମୁଖ ଯୋଗଦେଇଥିଲେ। ବାସନ୍ତୀ ପ୍ରଧାନ ଧନ୍ୟବାଦ ଦେଇଥିଲେ। ଜଟଣୀ ଉତ୍ତରାୟଣୀ କ୍ଲବ ପରିସରରେ ନାଟ୍ୟକାର ବିପ୍ଲବ କେଶରୀ ଶତପଥୀଙ୍କ ନେତୃତ୍ୱରେ ପଖାଳ ଦିବସ ପାଳିତ ହୋଇଯାଇଛି। ଅତିଥିଭାବେ ନାଟ୍ୟଚେତନାର ନିର୍ଦ୍ଦେଶକ ସୁବୋଧ ପଟ୍ଟନାୟକ, ଶିଶୁ ସାହିତ୍ୟିକ ତ୍ରିଲୋଚନ ମହାପାତ୍ର ଯୋଗଦେଇଥିଲେ। ବିଭିନ୍ନ ବ୍ୟଞ୍ଜନ ଅତିଥିଙ୍କୁ କଦଳୀପତ୍ର ଓ ମାଟିପାତ୍ରରେ ପରସା ଯାଇଥିଲା। ଏହି କାର୍ଯ୍ୟକ୍ରମରେ କମେଡିଆନ ସ୍ମୃତିରଞ୍ଜନ ମହାନ୍ତି (ନଟିଆ), ଉମାଶଙ୍କର ଦାଶ, ଦିଲୀପ ଦାଶ, ମନୋଜ ଶତପଥୀ, ବାଲୁ ଶତପଥୀ, ପ୍ରିୟା ସାମଲ, ପ୍ରୀତି ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### ମାଛ ବେପାରୀଙ୍କୁ ଖଣ୍ଡାରେ ହାଣି ସଫେଇ କର୍ମଚାରୀ ଗିରଫ

ଭୁବନେଶ୍ୱର,୨୦।୩(ବ୍ୟୁରୋ)

ଜିଲା ନାମକରଣକୁ ନେଇ ଟାହିଟାପରାରୁ ଗଞ୍ଜାମର ଜଣେ ମାଛ ବେପାରୀ ଓ ବିଏମ୍‌ସିରେ ସଫେଇ କର୍ମଚାରୀ ଭାବେ କାର୍ଯ୍ୟ କରୁଥିବା ନୟାଗଡର ଜଣେ ବ୍ୟକ୍ତିଙ୍କ ମଧ୍ୟରେ ଖଣ୍ଡଯୁଦ୍ଧ ହୋଇଛି। ପାଞ୍ଚ ଟଙ୍କିଆ ମିଲ୍-ନୟାଗଡ ଭାଲୁ କହିବାରୁ ଏଥିରେ ଉତ୍‌କ୍ଷିପ୍ତ ହୋଇ ସଫେଇ କର୍ମଚାରୀ ଜଣକ ମାଛ ବେପାରୀ ପପୁ ବେହେରାଙ୍କ କାନକୁ ଖଣ୍ଡାରେ ହାଣି ଦେଇଛନ୍ତି। ଅଭିଯୋଗ ପରେ ଏୟାରପୋର୍ଟ ଥାନା ପୋଲିସ ଆକ୍ରମଣକାରୀ ନୟାଗଡର ବାସିନ୍ଦା ସନ୍ତୋଷ ନାଏକଙ୍କୁ ଗିରଫ କରିଛି। ଆହତ ପପୁ ଏହି ଥାନା ଅନ୍ତର୍ଗତ କାରଗିଲ ବସ୍ତିରେ ରହି ମାଛ ବେପାର କରନ୍ତି। ଉକ୍ତ ବସ୍ତିରେ ନୟାଗଡର ସନ୍ତୋଷ ରହିବା ସହ ବିଏମ୍‌ସି ସଫେଇ କର୍ମଚାରୀ ଭାବେ କାମ କରନ୍ତି। ଉଭୟେ ଅଧିକାଂଶ ସମୟରେ ନିଜ ଜିଲା ନାମକୁ ନେଇ ପରସ୍ପର ମଧ୍ୟରେ ଟାହିଟାପରା ହୁଅନ୍ତି। ସନ୍ତୋଷଙ୍କୁ ପପୁ ନୟାଗଡ ଭାଲୁ ଡାକିବା ସହ ୫ ଟଙ୍କିଆ ମିଲ ଏବଂ ଅଭିଯୁକ୍ତ ସନ୍ତୋଷ ପପୁଙ୍କୁ ଗଞ୍ଜାମିଆ ଡାକି ଟାହିଟାପରା ହୁଅନ୍ତି। ବେଳେ ବେଳେ ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡା ହୁଏ। ରବିବାର ପୂର୍ବପରି ଉଭୟ ପପୁ ଓ ଅଭିଯୁକ୍ତ ସନ୍ତୋଷ ଜିଲା ନାମକୁ ନେଇ ପାଟିତୁଣ୍ଡ ଲାଗିଥିଲେ। ଅଭିଯୁକ୍ତ ସନ୍ତୋଷ ପପୁଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଘରୁ ଖଣ୍ଡା ଆଣି ଜୀବନରୁ ହତ୍ୟା କରିବା ଉଦ୍ଦେଶ୍ୟରେ ବେକକୁ ଏକ ଚୋଟ ପକାଇଥିଲେ। ଖଣ୍ଡାଟି ପୀଡିତଙ୍କ କାନରେ ବାଜି ପ୍ରଚୁର ରକ୍ତ ସ୍ରାବ ହୋଇଥିଲା। ଏହାପରେ ପପୁଙ୍କୁ ସ୍ଥାନୀୟ ଲୋକେ ପ୍ରଥମେ କ୍ୟାପିଟାଲ ହସ୍ପିଟାଲ ଭର୍ତ୍ତି କରିଥିଲେ। ସେଠାରୁ ପରେ କଟକ ଏସ୍‌ସିବିକୁ ସ୍ଥାନାନ୍ତର କରାଯାଇଥିଲା। ଏନେଇ ପପୁଙ୍କ ସ୍ତ୍ରୀ ଥାନାରେ ଅଭିଯୋଗ କରିଥିଲେ।

# ୧୬୦ ବୁଣାକାରଙ୍କ ହେଲା ଚକ୍ଷୁ ପରୀକ୍ଷା



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଖୋର୍ଦ୍ଧା ଅଫିସ/ବୋଲଗଡ଼, ୨୦।୩(ଡି.ଏନ୍.ଏ.)

**୭୩ ଜଣ ପାଇବେ ଚଷମା**

ଖୋର୍ଦ୍ଧା ବୟନ ମଣ୍ଡଳ ଅନ୍ତର୍ଗତ ଧଳାପଥର ତନ୍ତୁବାୟ ସହଯୋଗ ସମିତି ଲିଃ. ସହଯୋଗରେ ହସ୍ତତନ୍ତ କ୍ଷେତ୍ରରେ ନିୟୋଜିତ ବୁଣାକାର ଓ ଆନୁସଙ୍ଗିକ କର୍ମୀମାନଙ୍କ ନିମନ୍ତେ ସୁନେତ୍ର ଯୋଜନରେ ଚକ୍ଷୁ ପରୀକ୍ଷା ଶିବିର ସ୍ଥାନୀୟ ପଞ୍ଚାୟତ କଲ୍ୟାଣ ମଣ୍ଡପଠାରେ ସହକାରୀ ବୟନ ଶିଳ୍ପ ନିର୍ଦ୍ଦେଶକ ଖୋର୍ଦ୍ଧାଙ୍କ ଆନୁକୂଲ୍ୟରେ ଆୟୋଜିତ ହୋଇଯାଇଛି। ଶିବିରରେ କୋଟଶିଘା, ଶଙ୍କରପୁର ସାଗୁରଗାଁ, କୋଦବେରେଣୀ, ଶାମୁକାପାଟଣା, ଗେଡିଆପଲ୍ଲୀ ସୋମନାଥପୁର, ତେଲିରଙ୍ଗଣୀ ପାଟଣା, ଧଳାପଥର, ଗୋପୀନାଥପୁର ଆଦି ଗ୍ରାମର ୧୬୦ଜଣ ବୁଣାକାର ଯୋଗଦେଇଥିଲେ। ସେମାଙ୍କ ମଧ୍ୟରୁ ୭୩ ଜଣ ବୁଣାକାର ଚଷମା ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ବେଳେ ଅନ୍ୟମାନେ ଅଧିକ ଚିକିତ୍ସା ପାଇଁ ଜିଲା ମହକୁମା ଚକ୍ଷୁ ବିଭାଗରେ ପରୀକ୍ଷା କରାଇ ସେମାନଙ୍କର ଚକ୍ଷୁ ଅସ୍ତ୍ରୋପଚାର କରାଇବା ପାଇଁ ପରାମର୍ଶ ଦିଆଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟର ଚକ୍ଷୁ ବିଭାଗର ଟିମ ଯୋଗଦେଇ ଚକ୍ଷୁ ପରୀକ୍ଷା କରିଥିଲେ। ହସ୍ତତନ୍ତ ବୁଣାକାରଙ୍କ ନିମନ୍ତେ ସରକାର ପ୍ରଚଳନ କରିଥିବା ବିଭିନ୍ନ ଉନ୍ନୟନମୂଳକ ଯୋଜନା ଯଥା, ବୁଣାକାରଙ୍କ କର୍ମଶାଳା, ତନ୍ତ ଉପକରଣ, ବଳିଆ ଯୋଜନା ଏବଂ ମୁଖ୍ୟମନ୍ତ୍ରୀ ବୟନ ଜ୍ୟୋତି ଯୋଜନାରେ ବିଦ୍ୟୁତ୍ ସଂଯୋଗ ଥିବା କର୍ମଶାଳାକୁ ଇନଭର୍ଟର ଯୋଗାଣ ଉପରେ ବିଭାଗୀୟ କର୍ମଚାରୀ ଉପସ୍ଥିତ ବୁଣାକାରଙ୍କୁ ଅବଗତ କରାଇଥିଲେ। ଉକ୍ତ ଶିବିରରେ ଧଳାପଥର ତନ୍ତୁବାୟ ସହଯୋଗ ସମିତି ଲିଃର ସଭାପତି ବ୍ରଜବନ୍ଧୁ ରାଉତ, ସ୍ଥାନୀୟ ସରପଞ୍ଚ ନାରାୟଣ ସାହୁ, ସମିତିସଭ୍ୟ ବିଜୟ କୁମାର ସୁବୁଦ୍ଧି, ସମିତିର ପୂର୍ବତନ ସଭାପତି ବୃନ୍ଦାବନ ସାହୁ ଉପସ୍ଥିତ ଥିଲେ। ସହକାରୀ ବୟନ ଶିଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟର କର୍ମଚାରୀ ପରିଚାଳନା କରିଥିଲେ। ସମିତିର କ୍ଷେତ୍ର କର୍ମଚାରୀ ଲକ୍ଷ୍ମୀଧର ସାହୁ, ବୟନ ଶିଳ୍ପ ନିରୀକ୍ଷକ ଏବଂ ବିଭାଗୀୟ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

# ଅପହରଣ ପରେ ମୁଣ୍ଡ ଜାମିନ ରଖି ଟଙ୍କା ଦାବି

ଭୁବନେଶ୍ୱର,୨୦।୩(ବ୍ୟୁରୋ)

- ଅର୍ଦ୍ଧନିର୍ମିତ ଘରୁ ଅପହୃତ ଶ୍ରମିକ ଉଦ୍ଧାର, ୩ ଗିରଫ
- କାମ ଦେବାକୁ କହି କାରରେ ନେଇଯାଇଥିଲେ

ରାଜଧାନୀରୁ ଜଣେ ଶ୍ରମିକଙ୍କୁ ଅପହରଣ ପରେ ମୁଣ୍ଡ ଜାମିନ ରଖି ୫ ଲକ୍ଷ ଟଙ୍କା ଦାବି କରୁଥିଲେ ଅପହରଣକାରୀ। ଅଭିଯୋଗ ପରେ ମୈତ୍ରୀବିହାର ଥାନା ପୋଲିସ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଗାଡକଣ ଅଞ୍ଚଳରେ ଥିବା ଏକ ଅର୍ଦ୍ଧ ନିର୍ମିତ ଘରେ ଚଢ଼ାଉ କରି ଅପହୃତ ଶ୍ରମିକ ମନୋଜ ସେଠୀଙ୍କୁ ଉଦ୍ଧାର କରିବା ସହ ସଂପୃକ୍ତ ୩ ଅପହରଣକାରୀଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ନୟାଗଡର ସୁନୀଲ କୁମାର ସ୍ୱାଇଁ, ଗଞ୍ଜାମର ସଞ୍ଜୟ କୁମାର ପ୍ରଧାନ ଏବଂ କେନ୍ଦ୍ରାପଡାର ସୁଶାନ୍ତ ତ୍ରିପାଠୀ। ଏନେଇ ପୋଲିସ ମାମଲା ( ନଂ. ୮୫/୨୩) ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନ ମିଳିବାରୁ ସେମାନଙ୍କୁ ଝାରପଡାସ୍ଥିତ ଜେଲ ହାଜତକୁ ପଠାଇ ଦିଆଯାଇଛି। ତେବେ ଏହି ଘଟଣାରେ ସମ୍ପୃକ୍ତ ଥିବା ଆଉ କେତେଜଣ ଫେରାର ହୋଇଯାଇଥିବାରୁ ସେମାନଙ୍କୁ କାବୁ କରିବାକୁ ପୋଲିସ ଉଦ୍ୟମ ଚଳାଇଛି। ତେବେ ଦୁର୍ବୃତ୍ତମାନେ କାହିଁକି ଅପହରଣ କରିଥିଲେ ସେନେଇ ପୋଲିସ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ।

ସୂଚନାନୁଯାୟୀ, ଅପହୃତ ମନୋଜ ଗତ ଶନିବାର ସନ୍ଧ୍ୟାରେ ଶ୍ରୀ ଲିଙ୍ଗରାଜ ଅଞ୍ଚଳରେ କାମ ସାରି ଘରକୁ ଫେରୁଥିବା ସମୟରେ ଭିଏସ୍‌ଏସ୍‌ନଗରସ୍ଥିତ ହନୁମାନ ମନ୍ଦିର ନିକଟରେ ଅଛି, ଆଉ ଟିକେ ପରେ ଘରକୁ ଯିବି ବୋଲି ସ୍ତ୍ରୀକୁ ଫୋନ କରି କହିଥିଲେ। ହେଲେ ଦୀର୍ଘ ସମୟ ଅପେକ୍ଷା ପରେ ସେ ଘରେ ନ ପହଞ୍ଚିବାରୁ ସ୍ତ୍ରୀ ତାଙ୍କ ଫୋନ୍ କଲ୍ କରିଥିଲେ ମଧ୍ୟ ତାହା ସୁଇଚ୍ ଅଫ୍ ଦେଖାଇଥିଲା। ଏହାର କିଛି ଘଣ୍ଟା ପରେ ମନୋଜଙ୍କ ମୋବାଇଲରୁ ତାଙ୍କ ସ୍ତ୍ରୀଙ୍କ ପାଖକୁ ଏକ କଲ୍ ଆସିଥିଲା। ତେବେ କଲ୍ କରିଥିବା ବ୍ୟକ୍ତିମାନେ ୫ଲକ୍ଷ ଟଙ୍କା ଦାବି କରିଥିଲେ। ଏନେଇ ମନୋଜଙ୍କ ସ୍ତ୍ରୀ ଥାନାରେ ଅଭିଯୋଗ ପରେ ଏକ ଅର୍ଦ୍ଧନିର୍ମିତ ଘରୁ ମନୋଜଙ୍କୁ ସେମାନଙ୍କ କବଳରୁ ଉଦ୍ଧାର କରିଥିଲେ।

# 'ସ୍ୱପ୍ନ, କଠିନ ପରିଶ୍ରମ ଲକ୍ଷ୍ୟରେ ପହଞ୍ଚାଇଥାଏ'

ଖୋର୍ଦ୍ଧା ଅଫିସ,୨୦।୩




ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଉପସ୍ଥିତ ଅତିଥିମାନେ।

**ଜୈତୁନ ନିଶା ସରକାରୀ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦ୍‌ଯାପିତ**

- ହଟକିଶୋରଙ୍କୁ ଜୀବନବ୍ୟାପୀ ସାଧନା
- ପୁରାତନ ଛାତ୍ରୀଛାତ୍ର, ଶହୀଦ ପରିବାରଙ୍କୁ ସମ୍ବର୍ଦ୍ଧନା

ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ଜଇତୁନ ନିଶା ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ରବିବାର ଉଦ୍‌ଯାପିତ ହୋଇଯାଇଛି। ଶିକ୍ଷାବିତ୍ ଶମିମ ଅହମ୍ମଦ ଏଥିରେ ସଭାପତିତ୍ୱ କରିଥିଲେ। ପ୍ରଥମ ଅଧିବେଶନରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ମୁଖ୍ୟ ଅତିଥି, ପ୍ରଫେସର ପୁରୁଷୋତ୍ତମ ସାହୁ ମୁଖ୍ୟ ବକ୍ତା, ଅବସରପ୍ରାପ୍ତ ପୋଲିସ ଅଧିକାରୀ ଏହେସାନୁଲ ହକ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସ୍ୱପ୍ନ ଦେଖିବା ସହ କଠିନ ପରିଶ୍ରମ କର। ସଫଳ ନ ହେବା ପର୍ଯ୍ୟନ୍ତ ଉଦ୍ୟମ ଜାରି ରଖ। ମା'ବାପା, ଗୁରୁଜନଙ୍କ ଆଶୀର୍ବାଦ ସଫଳତାର ଶୀର୍ଷରେ ପହଞ୍ଚାଇବ। ସେମାନଙ୍କୁ ଯଥୋଚିତ ସମ୍ମାନ ଦିଅ ବୋଲି ଅତିଥିମାନେ ଛାତ୍ରୀଛାତ୍ରଙ୍କୁ କହିଥିଲେ। ଦେଶ ପାଇଁ ପ୍ରାଣବଳୀ ଦେଇଥିବା ଶହୀଦ ପୁରାତନ ଛାତ୍ରଙ୍କ ପରିବାରକୁ ମରଣୋତ୍ତର ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା।

ଉଦ୍‌ଯାପନୀ ସମାରୋହରେ ହାଇସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ତଥା ଜୁବୁଲି କମିଟିର ସଭାନେତ୍ରୀ ମିନତୀ ମହାନ୍ତି ସଭାପତିତ୍ୱରେ ସାମାଜିକ କର୍ମୀ ଡ.ସନ୍ତୋଷ ଜେନା ମୁଖ୍ୟ ଅତିଥି ଏବଂ ଶିକ୍ଷାବିତ ସୁରେଶ ଚନ୍ଦ୍ର ରଥ ସମ୍ମାନିତ ଅତିଥିଭାବେ ଯୋଗଦେଇ ସମାଜରେ ଛାତ୍ରୀଛାତ୍ରଙ୍କ ଭୂମିକା, ଦାୟିତ୍ୱ ସମ୍ପର୍କରେ କହିଥିଲେ। କେବଳ ନିଜେ ଆଗକୁ ବଢିଲେ ହେବନି, ସହପାଠୀଙ୍କୁ ବି ସହଯୋଗ କର। ପରସ୍ପର ମଧ୍ୟରେ ସ୍ନେହ, ଶ୍ରଦ୍ଧାଭାବ ରଖିଲେ ବିକାଶ ଘଟିବ। ଏହି ଅବସରରେ ହାଇସ୍କୁଲର ୧୯୬୬ରୁ ୨୦୧୬ ମସିହା ପର୍ଯ୍ୟନ୍ତ ସର୍ବାଧିକ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଥିବା ପୁରାତନ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିସହ ପୂର୍ବତନ ପ୍ରଧାନ ଶିକ୍ଷକ ହଟକିଶୋର ପଟ୍ଟନାୟକଙ୍କୁ ଜୀବନବ୍ୟାପୀ ସାଧନା ଲାଗି ସମ୍ବର୍ଦ୍ଧନା ଦିଆଯାଇଥିଲା। ସେହିପରି ସ୍ୱର୍ଗତ ଖାନବାହାଦୁର ମୁଷାହେବ ଖାନ ଏବଂ ଜୈତୁନ ନିଶା ବେଗମଙ୍କ ଦୁଇ ନାତୁଣୀ ଦାୟଦ ରୌଶନ ଆରା ଏବଂ ହୁସନେ ଆରାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ଅର୍ଜୁନପୁରର ମୁର୍ଚ୍ଛନା ଆଖଡ଼ା ଦଳ ଦ୍ୱାରା ସମରକଳା ପ୍ରଦର୍ଶନ ଏବଂ ଛାତ୍ରୀଛାତ୍ରମାନେ ଦଳଗତଭାବେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।



**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**

୨୦।୩।୨୦୨୩

| | |
|---|---|
| ୫,୧୨,୩୨୭ ଟଙ୍କା | |
| ସୁନା | ୬.୫୦୦ ଗ୍ରାମ୍ |
| ରୁପା | ୮୦.୬୦୦ ଗ୍ରାମ୍ |

# ୨୬୨ କୋଟି ୪୯ ଲକ୍ଷର ବ୍ୟୟ ଅଟକଳ

**ପୁରୀ ଅଫିସ, ୨୦।୩:**

ଶ୍ରୀମନ୍ଦିର ଅର୍ଥ ସବ୍ କମିଟି ବୈଠକ ସୋମବାର ବଡ଼ଦାଣ୍ଡସ୍ଥିତ ଶ୍ରୀମନ୍ଦିର ପ୍ରଶାସନିକ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବ ଅଧ୍ୟକ୍ଷତା କରିଥିଲେ। ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ବଜେଟ ଅଟକଳ ସହ ୨୦୨୨-୨୩ ଆର୍ଥିକ ବର୍ଷର ସଂଶୋଧିତ ବିବରଣୀ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଛି। ଆଗାମୀ ପରିଚାଳନା କମିଟି ବୈଠକରେ ବଜେଟ ଅନୁମୋଦନ କରାଯିବ। ୩୦୦ କୋଟି ୭୯ ଲକ୍ଷ ଟଙ୍କାର ଆୟ ରହିଥିବାବେଳେ ବଜେଟରେ ୨୬୨ କୋଟି ୪୯ ଲକ୍ଷର ବ୍ୟୟ ଅଟକଳ କରାଯାଇଛି। ତେବେ ୩୮ କୋଟି ୩୦ ଲକ୍ଷ ଟଙ୍କାର ବଳକା ବଜେଟ ପ୍ରସ୍ତୁତ କରାଯାଇଛି।

ରାଜ୍ୟ ସରକାରଙ୍କ ସୂତ୍ରରୁ ୧୧୮ କୋଟି ୯୪ ଲକ୍ଷ, କର୍ପସ ଫଣ୍ଡ ସୁଧରୁ ୬୦ କୋଟି ୩୨ ଲକ୍ଷ ଟଙ୍କା ମିଳିବ। ସେହିପରି ହୁଣ୍ଡି ଓ ବିଭିନ୍ନ ଦାନରୁ ୩୧ କୋଟି ୩୯ ଲକ୍ଷ, ଜମି ଅଧିଗ୍ରହଣ କ୍ଷତିପୂରଣରୁ ୫୦ କୋଟି, ଭକ୍ତ ନିବାସଗୁଡ଼ିକରୁ ଆୟ ହିସାବରେ ୧୦ କୋଟି ୩୦ ଲକ୍ଷ, ବିଭିନ୍ନ ରସିଦ ବାବଦରୁ ୧୪ କୋଟି ୮୪ ଲକ୍ଷ ଟଙ୍କା ମିଳିବ। ଅପରପକ୍ଷରେ ବ୍ୟୟ ଅଟକଳ ମଧ୍ୟରେ ରଥଯାତ୍ରା ଓ ସ୍ନାନଯାତ୍ରା ପାଇଁ ୧୬.୬୨ କୋଟି, କର୍ପସ ଫଣ୍ଡ ଜମା ବାବଦରେ ୫୯.୪୬ କୋଟି, ପାଳିଆ ସେବାୟତଙ୍କୁ ପୁରସ୍କାର ବାବଦରେ ୧୮ କୋଟି ଟଙ୍କା ଖର୍ଚ୍ଚ ହେବ। ପାରମାଣିକ ଭିତରକାଠ ଦର୍ଶନ ପାଳିଆ ଟଙ୍କା ପ୍ରଦାନ ବାବଦକୁ ୭ କୋଟି, ଅନ୍ୟାନ୍ୟ ନୀତି ପାଇଁ ୮ କୋଟି ୮୯ ଲକ୍ଷ, ପ୍ରଶାସନିକ ଖର୍ଚ୍ଚ ପାଇଁ ୩୦ କୋଟି ୫୬ ଲକ୍ଷ, କର୍ମଚାରୀ ଓ ପରିମଳ କର୍ମଚାରୀଙ୍କ ଦରମା ୪୫ କୋଟି ୯୩ ଲକ୍ଷ ଟଙ୍କା, ସେବାୟତ ପରିବାର ସ୍ୱାସ୍ଥ୍ୟବୀମା ବାବଦକୁ ୫କୋଟି, ସେବକ କଲ୍ୟାଣ ପାଣ୍ଠି ନିମନ୍ତେ ୫ କୋଟି ୫୧ ଲକ୍ଷ, ସେବକ ଆବାସ ଯୋଜନା ପାଇଁ ୩ କୋଟି ୫୦ ଲକ୍ଷ, ଶ୍ରୀମନ୍ଦିର ଆଦର୍ଶ ଗୁରୁକୁଳ ପାଇଁ ୫ କୋଟି, ମନ୍ଦିର ସଂରଚନା ସହ ଅନ୍ୟାନ୍ୟ ମରାମତି ଓ ରକ୍ଷଣାବେକ୍ଷଣା ପାଇଁ ୨୬ କୋଟି ୮ଲକ୍ଷ, ସଂସ୍କୃତି, ପ୍ରଚାର, ଦାନ ଓ ଅନ୍ୟାନ୍ୟ ଖର୍ଚ୍ଚ ବାବଦରେ ୩ କୋଟି ୭ଲକ୍ଷ, ଫାଉଣ୍ଡେଶନ ଫଣ୍ଡ ଅଧୀନରେ ୨୧ କୋଟି ୫୦ ଲକ୍ଷ, ଶ୍ରୀମନ୍ଦିର ପାରମାଣିକ ଆକାଉଣ୍ଟକୁ ଦାନ ୧୭ ଲକ୍ଷ, ଯୋଜନା କଲ୍ୟାଣ ପାଣ୍ଠି ଅଧୀନରେ ଦାନ ୫କୋଟି ଏବଂ ଅନ୍ୟାନ୍ୟ ଖର୍ଚ୍ଚ ବାବଦରେ ୧ କୋଟି ୨୦ ଲକ୍ଷ ଟଙ୍କା ଖର୍ଚ୍ଚ ଅଟକଳ କରାଯାଇଥିବା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଯାଦବ କହିଛନ୍ତି। ଗତ ୨୦୨୨-୨୩ ବର୍ଷ ପାଇଁ ଶ୍ରୀମନ୍ଦିର ପରିଚାଳନା କମିଟିରେ ୨୪୮ କୋଟି ୫୧ ଲକ୍ଷ ଟଙ୍କାର ବଜେଟ ପାରିତ ହୋଇଥିଲା। ବଜେଟରେ ବିଭିନ୍ନ ଯାନିଯାତ୍ରା, ପାଳିଆ ସେବକ ପାଉଣା, କର୍ମଚାରୀଙ୍କ ଦରମା, କର୍ପସ ଫଣ୍ଡ ଜମା ଆଦି ବିଭିନ୍ନ ସଂକ୍ରାନ୍ତରେ ଖର୍ଚ୍ଚ ନେଇ ଆଲୋଚନା ହୋଇଛି। ଏଥିସହ ହୁଣ୍ଡିରୁ ଆମଦାନୀ, ବିଭିନ୍ନ କର୍ପସ ଫଣ୍ଡର ସୁଧ, ସରକାରୀ ଅନୁଦାନ, ଜମି ଅଧିଗ୍ରହଣ ସହାୟତା ରାଶି ଦିଗରୁ ଆୟ ସମ୍ପର୍କରେ ଆଲୋଚନା ହୋଇଥିବା ମୁଖ୍ୟ ପ୍ରଶାସକ କହିଛନ୍ତି। ବୈଠକରେ ବଜେଟ ଉପରେ ଆଲୋଚନା ହୋଇଛି। ଯାହା ନିଷ୍ପତ୍ତି ନିଆଯାଇଛି ତାହା ପରିଚାଳନା କମିଟି ବୈଠକରେ ଉପସ୍ଥାପନ କରାଯିବ। ଏହି ବୈଠକରେ ଆସନ୍ତା ବର୍ଷର ବଜେଟ ଅନୁମୋଦନ କରାଯିବ। ସେହିପରି ରାଜସ୍ୱ କିପରି ବୃଦ୍ଧି କରାଯିବ ତା' ଉପରେ ଆଲୋଚନା ହୋଇଛି। ପରେ ସେ ନେଇ ଏକ ବୈଠକ ବସିବ। ପରିଚାଳନା ବୈଠକ ଅନୁଷ୍ଠିତ ହେବା ପରେ ବଜେଟ ଅନୁମୋଦନ କରାଯିବ ବୋଲି ଯାଦବ କହିଛନ୍ତି। ସେହିପରି ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମାଧବ ଚନ୍ଦ୍ର ମହାପାତ୍ର କହିଛନ୍ତି, ବଜେଟ ସମ୍ପର୍କରେ ଆଲୋଚନା କରାଗଲା। ବ୍ୟାଙ୍କରେ ଥିବା ଶ୍ରୀମନ୍ଦିର ଗଚ୍ଛିତ ଟଙ୍କାର ସୁଧରୁ ଆୟ ହେଉଛି। ତେଣୁ ଅନ୍ୟ ମାଧ୍ୟମରୁ କିପରି ଆୟ ବୃଦ୍ଧି କରାଯିବ ସେ ସେଇ ଆଲୋଚନା ହୋଇଥିଲା। ପରିକ୍ରମା ମାର୍ଗ ପରିଚାଳନାର ବୋଝ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି, ଯାହା ବାବଦକୁ ବର୍ଷକୁ ୪ରୁ ୫ କୋଟି ଟଙ୍କା ଖର୍ଚ୍ଚ ହେଉଛି। ତେବେ ପରିକ୍ରମା ମାର୍ଗ ସମ୍ପୂର୍ଣ୍ଣ ହେବା ପରେ ତା'ର ପରିଚାଳନା ଅର୍ଥ ବୃଦ୍ଧି ପାଇବ। ପ୍ରାୟ ୫୦ରୁ ୬୦ କୋଟି ଟଙ୍କା ଖର୍ଚ୍ଚ ହୋଇପାରେ, ଯାହା ସମସ୍ୟା ଦେଖାଦେଇପାରେ। ତେଣୁ ରାଜ୍ୟ ସରକାର ଏବଂ ଅର୍ଥ ବିଭାଗ ସହ ସ୍ୱତନ୍ତ୍ର ବୈଠକ କରି ଏ ସମ୍ପର୍କରେ ଆଲୋଚନା କରାଯିବ ବୋଲି ମହାପାତ୍ର ସୂଚନା ଦେଇଛନ୍ତି।



ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବ ଏବଂ ଅନ୍ୟମାନେ।

**ଶ୍ରୀମନ୍ଦିର ଅର୍ଥ ସବ୍ କମିଟି ବୈଠକ**

- ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ବଜେଟ
- ପରିକ୍ରମା ମାର୍ଗ ପରିଚାଳନାର ବୋଝ ବଢ଼ୁଛି

## ମହାପ୍ରଭୁଙ୍କ ଖସାପଡ଼ା ନୀତି ସମ୍ପନ୍ନ

**ପୁରୀ ଅଫିସ, ୨୦।୩:**

ଚୈତ୍ର ମାସ କୃଷ୍ଣ ପକ୍ଷ ଚତୁର୍ଦ୍ଦଶୀ ତିଥି ଅବସରରେ ସୋମବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଖସାପଡ଼ା ନୀତି ସମ୍ପନ୍ନ ହୋଇଛି। ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ସେବକ ଦଇତାପତିମାନେ ଏହି ନୀତି ସମ୍ପାଦନ କରିଥିଲେ। ଦ୍ୱିତୀୟ ଭୋଗମଣ୍ଡପ ପରେ ଦକ୍ଷିଣୀଘର ଭୋଗ ଓ ମଇଲମ ନୀତି ଅନୁଷ୍ଠିତ ହୋଇଥିଲା। ଶ୍ରୀଦେବୀ, ଭୂଦେବୀ ଖଟଶେଯ ଘରକୁ ବିଜେ କରିବା ପରେ ଜୟବିଜୟ ଦ୍ୱାର ବନ୍ଦ କରାଯାଇଥିଲା। ଏହାପରେ ଖସାପଡ଼ା ନୀତି ନିମନ୍ତେ ଦଇତାପତିମାନେ ଗର୍ଭଗୃହକୁ ପ୍ରବେଶ କରିଥିଲେ। ସନ୍ଧ୍ୟା ୬ଟା ୧୫ରେ ନୀତି ଆରମ୍ଭ ହୋଇଥିଲା। ଦଇତାପତିମାନେ ଗୁପ୍ତନୀତି ସାରି ବିଳମ୍ବିତ ରାତିରେ ଶ୍ରୀମନ୍ଦିର ଗର୍ଭଗୃହରୁ ବାହାରିଥିଲେ। ପରେ ସିଂହାସନ ଧୁଆଯାଇ ମହାପ୍ରଭୁଙ୍କ ମହାସ୍ନାନ କରାଯାଇ ଥିଲା। ପରେ ଅନ୍ୟାନ୍ୟ ନୀତି ବଢ଼ିଥିଲା। ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଏହି ସମୟରେ ମହାପ୍ରଭୁଙ୍କ ଦର୍ଶନ ବନ୍ଦ ରହିଥିଲା। ସୂଚନାଯୋଗ୍ୟ, ଏହି ନୀତି ପାଇଁ ରବିବାର ଦେଉଳକରଣ ଧଳାକନା ଧୋଇ ଶୁଖାଇ ଗାରଦରେ ଜମା ଦେଇଥିଲେ। ଶୁଦ୍ଧସୁଆର ଖଳି, କଇଁଥ ଅଠା ଯୋଗାଇଥିଲେ। ଏହି ଧଳାକନା, ଖଳି ଓ କଇଁଥ ଅଠାକୁ ବ୍ୟବହାର କରି ଦଇତାପତି ସେବକମାନେ ଖସାପଡ଼ା ନୀତି ସମ୍ପନ୍ନ କରିଥିଲେ।

**ସଂକ୍ଷେପରେ**

## ଶ୍ରୀଜଗନ୍ନାଥଙ୍କ ଜମି ପଞ୍ଜୀକରଣ ଦାବି

ପୁରୀ ଅଫିସ, ୨୦।୩: ପୁରୀ ଜିଲା ଭିଟାମାଟି ଅଧିକାର ମଞ୍ଚର ପରିବର୍ଦ୍ଧିତ କାର୍ଯ୍ୟକାରୀ କମିଟି ବୈଠକ ସୋମବାର ଅବକାଶ ଲେନ୍‌ସ୍ଥିତ ମଞ୍ଚର କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସଦସ୍ୟମାନେ ଲ୍ୟାଣ୍ଡ କମିଟିର ପ୍ରସ୍ତାବକୁ ସ୍ୱାଗତ କରିଥିଲେ। ତେବେ ୨୦୨୩ ୟୁନିଫାଏଡ ପଲିସି ଆଇନ ଦ୍ୱାହି ଦେଇ ପଞ୍ଜୀକରଣ କାର୍ଯ୍ୟକୁ ପୁନର୍ବାର ବିଳମ୍ବ କରୁଥିବାରୁ ଭିଟାମାଟି ଅଧିକାର ମଞ୍ଚ ଏହାକୁ ବରଦାସ୍ତ କରିବ ନାହିଁ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ଦୀର୍ଘ ୨୦ ବର୍ଷ ଧରି ପୁରୀ ସହରବାସୀ ତଥା ଗ୍ରାମାଞ୍ଚଳର ହଜାର ହଜାର ଲୋକ ମାନସିକ ନିର୍ଯାତନା ଭୋଗୁଥିବା ବେଳେ ଶ୍ରୀମନ୍ଦିର ପ୍ରଶାସକ ଓ ରାଜ୍ୟ ସରକାରଙ୍କ ଖାମଖିଆଲି ମନୋଭାବ କଟା ଘାରେ ଚୂନ ସଦୃଶ ହୋଇଛି। ଏହାକୁ ବିରୋଧ କରି ପଥପ୍ରାନ୍ତ ସଭା, ସମାବେଶ ତଥା ଜେଲଭରୋ ଆନ୍ଦୋଳନ କରାଯିବାକୁ ନିଷ୍ପତ୍ତି ହୋଇଛି। ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ଅଧ୍ୟକ୍ଷ ତଥା ଗଜପତି ମହାରାଜାଙ୍କୁ ଦାବିପତ୍ର ଦେବା ସହିତ ପରିଚାଳନା କମିଟି ସଦସ୍ୟମାନଙ୍କୁ ଏ ସମ୍ବନ୍ଧରେ ଅବଗତ କରାଯାଇଥିଲା। କିନ୍ତୁ ବର୍ତ୍ତମାନ ସୁଦ୍ଧା ପଦକ୍ଷେପ ନିଆଯାଇ ନ ଥିବାରୁ ଲୋକେ ଜମି ପଞ୍ଜୀକରଣ କରିପାରୁନାହାନ୍ତି। ବୈଠକରେ ସାମାଜିକ କର୍ମୀ ରାଜେଶ କୁମାର ମିଶ୍ର ସଭାପତିତ୍ୱ କରିଥିଲେ। ଶ୍ରୀକାନ୍ତ ପରିଜା, କାଳି ପ୍ରସାଦ ନାୟକ, ଭୀମସେନ ସ୍ୱାଇଁ, ପବିତ୍ର ମୋହନ ଦଳାଇ, ଦୁର୍ଗା ପ୍ରସନ୍ନ ଆଚାର୍ଯ୍ୟ, ସ୍ମୃତିରଞ୍ଜନ ପତି, ଘନଶ୍ୟାମ ସାହୁ, ଭ୍ରମରବର ପ୍ରଧାନ, ଦୀନବନ୍ଧୁ ପ୍ରଧାନ, ରତ୍ନାକର ଦାସ ଏବଂ ଗୋପାଳ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଚିତ୍ରା ହରିଣ ଉଦ୍ଧାର

ପୁରୁଣା ଭୁବନେଶ୍ୱର,୨୦।୩(ଡି.ଏନ୍.ଏ.): ରାଜଧାନୀ ଉପକଣ୍ଠ ଧଉଳି ଅଞ୍ଚଳରୁ ସୋମବାର ଏକ ଚିତ୍ରା ହରିଣ ଉଦ୍ଧାର କରାଯାଇଛି। ବାଲିସାହି ସ୍ଥିତ ଖଣ୍ଡୁଆଳ ମନ୍ଦିର ନିକଟରେ ଏକ ହରିଣ ବୁଲୁଥିବା ଦେଖି ସ୍ଥାନୀୟ ଲୋକ ଭିଡ଼ ଜମାଇଥିଲେ। ଫଳରେ ହରିଣଟି ଭୟଭୀତ ହୋଇ ନିକଟରେ ଥିବା ସିମେଣ୍ଟ ନନ୍ଦ ଫ୍ୟାକ୍ଟ୍ରି ଭିତରକୁ ପଶିଯାଇଥିଲା। ଏନେଇ ଲୋକେ ବାଲିପାଟଣା ବନ ବିଭାଗକୁ ଫୋନ ମାଧ୍ୟମରେ ଜଣାଇଥିଲେ। ଖବରପାଇ ବନ ବିଭାଗ କର୍ମଚାରୀ ପହଞ୍ଚି ଜାଲ ବିଛାଇ ହରିଣକୁ ଉଦ୍ଧାର କରିଥିଲେ। ବାଲକାଟୀ ସ୍ଥିତ ପ୍ରାଣି ଚିକିତ୍ସାଳୟରେ ହରିଣକୁ ଚିକିତ୍ସା ପରେ ଭଅଁରାଗଡ଼ ଗ୍ରାମ୍ୟ ଜଙ୍ଗଲରେ ଛଡ଼ାଯିବ ବୋଲି ରେଞ୍ଜର ମାନସ ରଞ୍ଜନ ମହାନ୍ତି ସୂଚନା ଦେଇଛନ୍ତି।

## ଓଡ଼ିଶାର ଐତିହ୍ୟ, ପରମ୍ପରା ଉଜ୍ଜୀବିତ ରଖିବାକୁ ପ୍ରୟାସ

**କୋଣାର୍କ,୨୦।୩(ଡି.ଏନ୍.ଏ.)**

କୋଣାର୍କ ଯାତ୍ରୀନିବାସଠାରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ସୋମବାର ବିଶ୍ୱ ପଖାଳ ଦିବସ ପାଳିତ ହୋଇଛି। କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମିୟ ସେଠୀ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ କରିଥିଲେ। ଅତିଥି ଭାବେ କୋଣାର୍କ ଥାନା ଅଧିକାରୀ ରଞ୍ଜନ ମଲ୍ଲିକ, ସାମାଜିକ କର୍ମୀ ହରିଶ୍ଚନ୍ଦ୍ର ଦାଶଙ୍କ ସମେତ କେତେଜଣ ପର୍ଯ୍ୟଟକ ଯୋଗ ଦେଇଥିଲେ। ଓଡ଼ିଶାର ଐତିହ୍ୟ ଓ ପରମ୍ପରା ଉଜ୍ଜୀବିତ ରଖିବାକୁ ଆୟୋଜିତ ପଖାଳ ଦିବସର ତାତ୍ପର୍ଯ୍ୟ ଉପରେ ଅତିଥିମାନେ ଆଲୋକପାତ କରିଥିଲେ। କୋଣାର୍କ ଯାତ୍ରୀନିବାସରେ ପଖାଳ ସହ ବଡ଼ିଚୁରା, ଶାଗ ଭଜା, ଆଳୁଭର୍ତ୍ତା ସମେତ ୨୫ ପ୍ରକାରର ସ୍ୱାଦିଷ୍ଟ ବ୍ୟଞ୍ଜନ ପର୍ଯ୍ୟଟକ, ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ଓ ଗଣମାଧ୍ୟମ ପ୍ରତିନିଧିଙ୍କୁ ପରଷା ଯାଇଥିଲା। ସେହିପରି ଗୋଷ୍ଠୀ ବେତାର କେନ୍ଦ୍ର ରେଡିଓ ନମସ୍କାର ଏବଂ କୁରୁଜଙ୍ଗ ମହିଳା ମହାସଂଘର ମିଳିତ ସହଯୋଗରେ ପଖାଳ ଦିବସ ପାଳିତ ହୋଇଛି। ଏଥିରେ ତାଳସୁଆଁ ଗ୍ରାମର ଶତାଧିକ ମହିଳା ପଖାଳ ସାଙ୍ଗକୁ ୧୦୦ରୁ ଊର୍ଦ୍ଧ୍ୱ ସ୍ୱାଦିଷ୍ଟ ବ୍ୟଞ୍ଜନ ପ୍ରସ୍ତୁତ କରି ପ୍ରଦର୍ଶନ କରିଥିଲେ। ଅତିଥି ଭାବେ ମହାସଂଘ ସଭାନେତ୍ରୀ ଝରଣା ପରିଡ଼ା, ନାରୀନେତ୍ରୀ ସୁହାସିନୀ ମହାପାତ୍ର, ରେଡିଓ ନମସ୍କାର ସଂଯୋଜିକା ଏସ୍ କାଜଲ, କାର୍ଯ୍ୟନିର୍ବାହୀ ଅଧିକାରୀ ରୋଜାଲିନ୍ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଘରୋଇ ହିଂସା, ଶିଶୁଶ୍ରମିକ, ବାଲ୍ୟବିବାହକୁ ବିରୋଧ, ସ୍ୱଚ୍ଛତା, ଶିକ୍ଷା, ସ୍ୱାସ୍ଥ୍ୟ ପ୍ରଭୃତି ସମ୍ପର୍କରେ ଆଲୋଚନା ହୋଇଥିଲା। ପରେ ମହିଳାଙ୍କୁ ନେଇ ସ୍ୱାସ୍ଥ୍ୟଭିତ୍ତିକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ କୃତୀ ମହିଳାଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସୁଜିତ ବେହେରା, କବିତା ମଞ୍ଜରୀ ବାରିକ, ମିନତି ଜେନା, ରାଜଲକ୍ଷ୍ମୀ ବିଶ୍ୱାଳ, ପିଙ୍କିନା ପାତ୍ର, ମନ୍ଦାକିନୀ କାଣ୍ଡି ପ୍ରମୁଖ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ତାଳସୁଆଁ ଗ୍ରାମର ମହିଳାମାନେ ପଖାଳ ପ୍ରସ୍ତୁତ କରି ପ୍ରଦର୍ଶନ କରୁଛନ୍ତି ।

## ଜିଲାରେ ୨୧ ହଜାର ୭୮୭ ପିଲା ପରୀକ୍ଷା ଦେଲେ

**ପୁରୀ ଅଫିସ, ୨୦।୩:**

ଚଳିତ ବର୍ଷର ଦଶମ ଶ୍ରେଣୀ ସମ୍ମେଟିଭ-୨ (ମାଟ୍ରିକ) ପରୀକ୍ଷା ସୋମବାର ଶେଷ ହୋଇଛି। ପୁରୀ ଜିଲାରେ ମୋଟ ୧୨୨ଟି ପରୀକ୍ଷା କେନ୍ଦ୍ରରେ ୨୧ ହଜାର ୭୮୭ ଜଣ ଛାତ୍ରୀଛାତ୍ର ଏହି ପରୀକ୍ଷା ଦେଇଛନ୍ତି। ପରୀକ୍ଷା ସୁପରିଚାଳନା ପାଇଁ ୧୨ଟି ନୋଡାଲ୍ ସେଣ୍ଟର୍ କରାଯାଇଥିଲା। ସେହିପରି ପୁରୀ ପୌରାଞ୍ଚଳରେ ୧୪ଟି ପରୀକ୍ଷା କେନ୍ଦ୍ର କରାଯାଇଥିବାବେଳେ ଗୋଟିଏ ନୋଡାଲ ସେଣ୍ଟର ହୋଇଥିଲା। ପୁରୀ ପୌରାଞ୍ଚଳରେ ପ୍ରାୟ ୩ ହଜାର ପିଲା ପରୀକ୍ଷା ଦେଇଥିଲେ। ଜିଲାରେ ୭୦୦ରୁ ଊର୍ଦ୍ଧ୍ୱ ପିଲା ପରୀକ୍ଷା ସମୟରେ ଅନୁପସ୍ଥିତ ଥିବା ଜିଲା ଶିକ୍ଷା ବିଭାଗ ପକ୍ଷରୁ ଜଣାପଡ଼ିଛି। ଶାନ୍ତିଶୃଙ୍ଖଳାର ସହ ସୁଚାରୁ ରୂପେ ପରୀକ୍ଷା ଶେଷ ହୋଇଥିବା ଜିଲା ଶିକ୍ଷାଧିକାରୀ ବିଶ୍ୱଜିତ ଘୋଷ କହିଛନ୍ତି।

## ୨୬ରେ ଗାନ୍ଧୀ ସ୍ମାରକୀ ସମ୍ମିଳନୀ

**ଡେଲାଙ୍ଗ,୨୦।୩(ଡି.ଏନ୍.ଏ.)**

ଆସନ୍ତା ୨୬ ତାରିଖ ବେରବୋଇ ଗାନ୍ଧୀ ପୀଠରେ ସ୍ମାରକୀ ସମ୍ମିଳନୀ ଅନୁଷ୍ଠିତ ହେବା ନେଇ ସ୍ମାରକୀ ସମିତି ପକ୍ଷରୁ ସୂଚନା ମିଳିଛି। ଏନେଇ ଗତ ରବିବାର ସମ୍ମିଳନୀ ପାଇଁ ବୃତ୍ତାନ୍ତ ବୈଠକ ଅନୁଷ୍ଠିତ ହୋଇଥିଲା। ଗାନ୍ଧୀ ସ୍ମାରକୀ ସମିତି ସଭାପତି ଇଂ. ବିଚିତ୍ରାନନ୍ଦ ମହାନ୍ତି ବୈଠକରେ ଅଧ୍ୟକ୍ଷତା କରିଥିଲେ। ସମିତି ଉପସଭାପତି ତଥା ଶିକ୍ଷାବିତ୍ କୁନ୍ତଳା ବିଶ୍ୱାଳ, ସମ୍ପାଦକ ଚନ୍ଦ୍ରଶେଖର ବିଶ୍ୱାଳ, ଗାନ୍ଧୀପ୍ରେମୀ ଅନାମ ମଲ୍ଲିକ, ବରିଷ୍ଠ ସଭ୍ୟ ବଲ୍ଲଭ ବିଶ୍ୱାଳ, କସ୍ତୁରବା ଟ୍ରଷ୍ଟ ସଂଚାଳିକା କବିତାରାଣୀ ପରିଡ଼ା, ବରିଷ୍ଠ ଖବରଦାତା ପ୍ରସନ୍ନ ତ୍ରିପାଠୀ, କୋଷାଧ୍ୟକ୍ଷ ଭାଗୀରଥି ପରିଡ଼ା, ଦ୍ୱିତୀକୃଷ୍ଣ ରାଉତ, ସଂସ୍କୃତିପ୍ରେମୀ ଶିକ୍ଷକ ଅଭୟ ଚରଣ ସାହୁ ପ୍ରମୁଖ ଯୋଗଦେଇ ହେବାକୁ ଥିବା ଗାନ୍ଧୀ ସ୍ମାରକୀ ସମ୍ମିଳନୀ ସମ୍ପର୍କରେ ବିଶେଷ ଆଲୋଚନା କରିଥିଲେ। ବୈଠକରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ, ପ୍ରାର୍ଥନା ମଣ୍ଡପ ନିର୍ମାଣ କାର୍ଯ୍ୟ ସମାପନ ଓ ଗାନ୍ଧୀ ପୀଠର ଅସମ୍ପୂର୍ଣ୍ଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ନିମନ୍ତେ ସରକାରଙ୍କୁ ଅବଗତ କରାଯାଇ ଯଥାଶୀଘ୍ର କାର୍ଯ୍ୟଶେଷ କରିବାକୁ ସମିତି ପକ୍ଷରୁ ଅନୁରୋଧ କରାଯାଇଥିଲା। ସମ୍ମିଳନୀରେ ଅତିଥି ଓ ବକ୍ତାଭାବେ ପୁରୀ ସର୍ବୋଦୟ ମେଳା କମିଟି ସଭାପତି ଉମାବଲ୍ଲଭ ମହାପାତ୍ର, ସମ୍ପାଦକ ଶିବ ପ୍ରସାଦ ମିଶ୍ର, ପ୍ରଫେସର ସହଦେବ ପାତ୍ର, ଡେଲାଙ୍ଗ ତହସିଲଦାର ସୁଶ୍ରୀ ନିବେଦିତା ପରିଡ଼ା, ବ୍ଲକ ଉନ୍ନୟନ ଅଧିକାରୀ ଲାବନ୍ୟେନ୍ଦୁ ମହାନ୍ତି, ଡେଲାଙ୍ଗ ଗାଦିବ୍ରହ୍ମ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସରୋଜ ପଣ୍ଡା, ପ୍ରସ୍ତକାର ଗୌରାଙ୍ଗ ପରିଡ଼ା ପ୍ରମୁଖ ଯୋଗ ଦେବେ ବୋଲି ଜଣାପଡ଼ିଛି। ଏହାସହ ଗାନ୍ଧୀ ଦର୍ଶନର ସାମ୍ପ୍ରତିକ ସମାଜରେ ପ୍ରାସଙ୍ଗିକତା ଓ ଗାନ୍ଧୀ ତତ୍ତ୍ୱର ପ୍ରଚାରପ୍ରସାର ସମ୍ପର୍କରେ ଆଲୋଚନାଚକ୍ର ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ହୋଇଛି। ସଂସ୍କୃତିପ୍ରେମୀ ଶିକ୍ଷକ ସାହୁ ଧନ୍ୟବାଦ ଦେଇଥିଲେ।

ସୂଚନା ଥାଉକି ଏହି ଐତିହ୍ୟ ପୀଠରେ ୧୯୩୮ ମସିହା ମାର୍ଚ୍ଚ ୨୫ରେ ଜାତିର ପିତା ମହାତ୍ମା ଗାନ୍ଧୀ ୪ର୍ଥ ସମ୍ମିଳନୀ ପାଇଁ ସ୍ତ୍ରୀ, ପୁତ୍ର, ପୁତ୍ରବଧୂ, ସ୍ୱାଧୀନତା ସଂଗ୍ରାମୀ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ, ଡ. ରାଜେନ୍ଦ୍ର ପ୍ରସାଦ, ଆଚାର୍ଯ୍ୟ କୃପାଳିନୀ, ମା' ରମାଦେବୀ ଓ କୃପାସିନ୍ଧୁ ହୋତା ଓ ଅନ୍ୟ ଦେଶସେବକଙ୍କ ସହିତ ଯୋଗ ଦେଇଥିଲେ। ପୀଠରେ ଦୀର୍ଘ ୭ ଦିନ ଧରି ରହିଥିବାବେଳେ ଦେଶ ସ୍ୱାଧୀନତା ପାଇଁ ଅଞ୍ଚଳବାସୀଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ଗାନ୍ଧିଜୀଙ୍କ ଜନ୍ମ ଶତବାର୍ଷିକ ପାଳନ ଅବସରରେ ୧୯୬୯ ମସିହାରେ ଗାନ୍ଧୀ ସ୍ମାରକୀ ସମିତି ଗଠିତ ହୋଇଥିଲା। ସେବେଠାରୁ ସମିତି ପକ୍ଷରୁ ଏହି ସମ୍ମିଳନୀ ହୋଇଆସୁଛି।



ବୈଠକରେ ସ୍ମାରକୀ ସମିତିର ସଦସ୍ୟମାନେ ଆଲୋଚନା କରୁଛନ୍ତି ।

## ସୁପ୍ରଭାଙ୍କ ପାଇଁ ଆଖି ସାଜିଲେ ସାଇଲକ୍ଷ୍ମୀ

**ପୁରୀ ଅଫିସ, ୨୦।୩:**

ପୁରୀ ସରକାରୀ ଉଚ୍ଚ ବିଦ୍ୟାଳୟର ଦିବ୍ୟାଙ୍ଗ ଛାତ୍ରୀ ସୁପ୍ରଭା ସାମନ୍ତରାୟ ଚଳିତବର୍ଷର ମାଟ୍ରିକ ପରୀକ୍ଷା ଦେଇଛନ୍ତି। ତାଙ୍କ ପାଠ ପଢିବାର ଇଚ୍ଛାଶକ୍ତି ଆଗରେ ସମସ୍ତ ପ୍ରତିବନ୍ଧକ ବିଫଳ ହୋଇଛି। ସୁପ୍ରଭା ପିଲାଟି ବେଳୁ ଆଖି ସମସ୍ୟାରେ କବଳିତ। ଡୋଳା ଦୁଇଟିର ଅବସ୍ଥା ତାଙ୍କ ପାଇଁ ଅସହ୍ୟ କଷ୍ଟ ଦେଉଥିଲା। ତଥାପି ସେ ସ୍ୱପ୍ନ ଦେଖିବା ଛାଡ଼ିନାହାନ୍ତି। ଝିଅର ପାଠ ପଢିବା ପ୍ରତି ଆଗ୍ରହକୁ ଦେଖି ମା', ବାପା ସିଲେଇ କାମ କରି ଅର୍ଥ ଯୋଗୋଇ ଦେଇଥିଲେ। ସୁପ୍ରଭାଙ୍କ ପରୀକ୍ଷା କେନ୍ଦ୍ର ବଳଗଣ୍ଡି ଉଚ୍ଚ ବିଦ୍ୟାଳୟରେ ହୋଇଥିଲା। ସେ ପରୀକ୍ଷା କେନ୍ଦ୍ରକୁ ଆସି ପରୀକ୍ଷା ଦେଇଥିଲେ। ଆଉ ତାଙ୍କର ଆଖି ସାଜିଥିଲେ ନବମ ଶ୍ରେଣୀର ଛାତ୍ରୀ ସାଇଲକ୍ଷ୍ମୀ ସାହୁ। ପରୀକ୍ଷା ନିୟମ ଅନୁଯାୟୀ ସାଇଲକ୍ଷ୍ମୀ ଦିବ୍ୟାଙ୍ଗ ସୁପ୍ରଭାଙ୍କୁ ପରୀକ୍ଷାରେ ସହଯୋଗ କରିଛନ୍ତି। ସେ ସୁପ୍ରଭାଙ୍କ ଆଖି ସାଜି ତାଙ୍କ ଭାଷାକୁ ପରୀକ୍ଷା ଖାତାରେ ଉତାରିଛନ୍ତି। ଏନେଇ ସୁପ୍ରଭା କହିଛନ୍ତି, ସେ ଲେଖିବାରେ ସମସ୍ୟା ହେଉଥିବାରୁ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ବିଦ୍ୟାଳୟ ପକ୍ଷରୁ ତାଙ୍କୁ ପରୀକ୍ଷାରେ ସାହାଯ୍ୟ କରିବା ପାଇଁ ସାଇଲକ୍ଷ୍ମୀଙ୍କୁ ଚୟନ କରାଯାଇଥିଲା। ତାଙ୍କର ପରୀକ୍ଷା ଦେବାର ସ୍ୱପ୍ନକୁ ସାଇଲକ୍ଷ୍ମୀ ପୂରଣ କରିଥିବାରୁ ସେ ଖୁସି ପ୍ରକାଶ କରିଛନ୍ତି। ସେହିପରି ସାଇଲକ୍ଷ୍ମୀ କହିଛନ୍ତି, ସୁପ୍ରିୟା ଦେଖିପାରୁ ନ ଥିବାରୁ ତାଙ୍କ ପାଇଁ ପରୀକ୍ଷା ଦେଇଛି। ସମସ୍ତ ପେପର ଭଲ ହେଇଛି। ୯ମ ଶ୍ରେଣୀରେ ପଢୁଥିଲେ ମଧ୍ୟ ମାଟ୍ରିକ ପରୀକ୍ଷା ଦେଇ ନୂଆ ଅଭିଜ୍ଞତା ଲାଭ କରିଛି। ଆସନ୍ତା ବର୍ଷ ସେ ମାଟ୍ରିକ ପରୀକ୍ଷା ଦେବେ। ତେଣୁ ଏହି ପରୀକ୍ଷା ବେଶ ସହାୟକ ହେବ ବୋଲି ସାଇଲକ୍ଷ୍ମୀ କହିଛନ୍ତି। ବଳଗଣ୍ଡି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସବିତା ମହାପାତ୍ର କହିଛନ୍ତି, ଚଳିତ ବର୍ଷ ବିଦ୍ୟାଳୟରେ ୧୭୯ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ପରୀକ୍ଷା ନିୟମ ଅନୁଯାୟୀ, ସୁପ୍ରଭାଙ୍କୁ ସୁବିଧା ଦିଆଯାଇଥିଲା।



ସୁପ୍ରଭା ସାମନ୍ତରାୟ ଏବଂ ସାଇଲକ୍ଷ୍ମୀ ସାହୁ ।

## ବର୍ଷା ପାଇଁ ଫିକା ପଡ଼ିଲା ଲୋକ ମହୋତ୍ସବ




ଲୋକମହୋତ୍ସବରେ ମଞ୍ଚାସୀନ ଅତିଥିମାନେ ।

**ଗୋପ,୨୦।୩(ଡି.ଏନ୍.ଏ.)**

ଗୋପ ଲୋକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା ସୋମବାର ମଣ୍ଡପରେ ରାଜନୈତିକ ଆଲୋଚନାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ମହୋତ୍ସବରେ ଭାଜପାର ପୂର୍ବତନ ବିଧାୟକ ବାଇଧର ମଲ୍ଲିକ, ରାଜ୍ୟ ଭାଜପା ମହିଳା ଉପସଭାପତି ପ୍ରଭାତୀ ପରିଡ଼ା ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଗୋପ ଷ୍ଟେଟ୍‌ବ୍ୟାଙ୍କ ଶାଖା ପ୍ରବନ୍ଧକ ରାଜକୁମାର ମହାନ୍ତି ଯୋଗ ଦେଇଥିଲେ। ଗୋପ ସାଗର ସ୍ନାନ ମେଳଣ ତଥା ଗୋପ ଲୋକ ମହୋତ୍ସବ ବର୍ଷା ଯୋଗୁ ଫିକା ପଡ଼ିଛି। ମେଳଣରେ ଉପସ୍ଥିତ ଅତିଥିମାନେ ରାଜନୈତିକ ଆଲୋଚନା କରିବା ଘଟଣାକୁ ନେଇ ଅସନ୍ତୋଷ ଦେଖାଦେଇଥିଲା। ଅତିଥିମାନେ କିପରି ହଜିଯାଉ ଥିବା ସଂସ୍କୃତି, ପରମ୍ପରା ଓ ଭାଇଚାରା ମାଧ୍ୟମରେ ପୂର୍ବ ଗୌରବ ଫେରାଇ ଆଣିବା ମତ ରଖିବା ବଦଳରେ ଏପରି ଆକ୍ଷେପ କରିବା ଠିକ୍ ନୁହେଁ ବୋଲି କେତେଜଣ ମତ ଦେଇଥିଲେ। ଏହି ଲୋକ ମହୋତ୍ସବରେ ମହୋତ୍ସବ କମିଟି ସଭାପତି ସତ୍ୟପ୍ରିୟ ନାୟକ, ସମ୍ପାଦକ ନରେନ୍ଦ୍ର ଦାଶ, ଗୋପ ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ଖଟୋଇ ଯୋଗଦେଇ ସଂସ୍କୃତି ପରମ୍ପରା ତଥା ଭାଇଚାରା ଏହି ମେଳଣର ମୁଖ୍ୟ ଉଦ୍ଦେଶ୍ୟ ବୋଲି ମତପୋଷଣ କରିଥିଲେ। କାର୍ଯ୍ୟକ୍ରମରେ ସ୍ୱୀକୃତି ପ୍ରଦାନ କରିଥିବା ପୁରୀ ସଦର ବିଧାୟକ ଜୟନ୍ତ ଷଡ଼ଙ୍ଗୀ ଯୋଗ ନ ଦେବାକୁ ନେଇ ମଧ୍ୟ ଅସନ୍ତୋଷ ପ୍ରକାଶ ପାଇଥିଲା। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଭଜନ ସମାରୋହ କରାଯାଇଥିଲା।

**ରାଜନୈତିକ ଆଲୋଚନାକୁ ନେଇ ଅସନ୍ତୋଷ**

## କାମ କରୁନି କୀଟନାଶକ, ଚିନ୍ତାରେ ମୁଗ ଚାଷୀ

**ପିପିଲି,୨୦।୩(ଡି.ଏନ୍.ଏ.)**

ପିପିଲି ବ୍ଲକ ଅଞ୍ଚଳରେ ମୁଗ ଚାଷ କରୁଥିବା ଚାଷୀମାନେ ଏବେ ଚିନ୍ତାରେ ପଡ଼ିଛନ୍ତି। କାରଣ ମୁଗ ଚାଷ ସମୟରେ ବିଲରେ ପ୍ରୟୋଗ କରୁଥିବା କୀଟନାଶକ ଠିକ୍ ଭାବେ କାମ କରୁନାହିଁ। ବଜାରରୁ ଯେତେ ପ୍ରକାରର କୀଟନାଶକ ଆଣି ପ୍ରୟୋଗ କଲେ ମଧ୍ୟ ମୁଗରେ ପୋକ ଲାଗିଯିବା ସହ ତାହା ନଷ୍ଟ ହୋଇଯାଉଥିବା ଦେଖିବାକୁ ମିଳିଛି। କେଉଁଠାରେ ମୁଗ ଗଛ ହଳଦିଆ ପଡି ନଷ୍ଟ ହେଲାଣି ତ କେଉଁଠାରେ ଗୁଣ୍ଡି ଓ ନୀଳ ପୋକ ମୁଗର ଗର୍ଭ ସମୟରେ ଗଛ ଖାଇ ନଷ୍ଟ କଲାଣି। ପିପିଲିର ହେକ୍ଟର ହେକ୍ଟର ଚାଷ ହୋଇଥିବା ମୁଗଜମିରେ ଏବେ ମୁଗ ପୋକ ତା'ର କାୟା ବିସ୍ତାର କଲାଣି। ଜିଲାରେ ପିପିଲି ଏକ କୃଷି ପ୍ରଧାନ ଅଞ୍ଚଳ ହୋଇଥିବା ବେଳେ ଶତକଡ଼ା ୯୦ ପ୍ରତିଶତ ଲୋକ ଚାଷ ଉପରେ ନିର୍ଭର କରି ନିଜ ପରିବାର ଭରଣପୋଷଣ କରିଥାନ୍ତି। ଚଳିତ ରବି ଫସଲରେ ବ୍ଲକର ୨୫ଟି ପଞ୍ଚାୟତରେ ହଜାର ହଜାର ହେକ୍ଟର ଚାଷ ହୋଇଥିବା ମୁଗ ଜମିରେ କୀଟନାଶକ କାମ କରୁ ନ ଥିବାରୁ ନଷ୍ଟ ହେବା ଆଶଙ୍କା କରିଛନ୍ତି ଚାଷୀ।

ବିଶେଷକରି ଓରକଳ ପଞ୍ଚାୟତ ଗୋବର୍ଦ୍ଧନପୁର ସୁଲତାନଗର ଅଞ୍ଚଳରେ ଥିବା ଏକର ଏକର ମୁଗ ଜମି ଏବେ ନଷ୍ଟ ହେବାକୁ ବସିଲାଣି। ଦିନକୁ ଦୁଇଥର ଲେଖାଏ କୀଟନାଶକ ପ୍ରୟୋଗ କରି ମଧ୍ୟ ପୋକ ଦମନ ହେଉନାହିଁ। ଯାହାକୁ ନେଇ ଚିନ୍ତା ପ୍ରକଟ କରିଥିବା ବେଳେ ଋଣ କିଭଳି ଶୁଝିବ ତାହା ମଧ୍ୟ ଚାଷୀଙ୍କୁ ଚିନ୍ତା ଘାରିଛି। କେବଳ ଓରକଳ ନୁହେଁ ରୂପଦେଇପୁର, ଚନ୍ଦ୍ରାଦେଇପୁର, ଦୁର୍ଗାଦାସପୁର ଆଦି ପଞ୍ଚାୟତରେ ମୁଗ ସବୁ ହଳଦିଆ ପଡିଯାଉଥିବା ବେଳେ ଗଛ ପୋଡି ନଷ୍ଟ ହୋଇଯାଉଛି। ସରକାରୀ ଭାବରେ କୀଟନାଶକର ସେଭଳି କୌଣସି ସୁବିଧା ସରକାରୀ ସ୍ତରରେ ମିଳୁ ନ ଥିବାରୁ ବାଧ ହୋଇ ବାହାରୁ କୀଟନାଶକ କିଣି ବ୍ୟବହାର ଚାଷୀ କରୁଥିଲେ ମଧ୍ୟ ପୋକ ଦମନ କେବଳ କାଗଜ କଲମରେ ସୀମିତ ରହିଛି। ପ୍ରଶାସନିକ ସ୍ତରରେ ଅଧିକାରୀମାନେ ଆସି ଏଭଳି ମୁଗର ଅବସ୍ଥା ଦେଖିବା ସହ ଏହାର ସମାଧାନ ଦିଗରେ ପଦକ୍ଷେପ ନେବାକୁ ଚନ୍ଦ୍ରାଦେଇପୁର ପଞ୍ଚାୟତର ମୁଗ ଚାଷୀ ଶଶିକାନ୍ତ ନାୟକ, ନରେନ୍ଦ୍ର ସ୍ୱାଇଁ, ଅନାମ ସ୍ୱାଇଁ ପ୍ରମୁଖ ଦାବି କରିଛନ୍ତି। ଅପରପକ୍ଷେ ମୁଗ ନଷ୍ଟ ହେଉଥିବା କଥାକୁ ପିପିଲି ବ୍ଲକ କୃଷି ଅଧିକାରୀ ପୀୟୂଷ ବଲ୍ଲଭ ପରିଡ଼ା ସ୍ୱୀକାର କରିଥିବା ବେଳେ ଏହା ଭାଇରସ ଜନିତ ରୋଗ,ଏଥିରେ ପରାମର୍ଶ ଅନୁସାରେ କୀଟନାଶକ ପ୍ରୟୋଗ କରାଗଲେ ପୋକକୁ ଦମନ କରାଯାଇ ପାରିବ ବୋଲି ପରାମର୍ଶ ଦେଇଛନ୍ତି। ସେହିପରି ସାହାବି ରୋଗ ପାଇଁ ମୁଗ ଗଛ ହଳଦିଆ ପଡୁଥିବା ବେଳେ ନଷ୍ଟ ହେଉଥିବା କହିଛନ୍ତି। ଏକ ମାଛି ଦ୍ୱାରା ଏହି ରୋଗ ବ୍ୟାପୀ ଥାଏ। ଏହି ମାଛିକୁ କୀଟନାଶକ ପ୍ରୟୋଗ କରି ରୋକାଯାଇପାରିବ, ବଜାରରୁ କିଣିବା ସହିତ ସବ୍‌ସିଡି ମାଧ୍ୟମରେ ଏହା ଚାଷୀମାନଙ୍କୁ ଯୋଗାଇ ଦିଆଯାଉଛି। ଚାଷୀ ଏହା ନେଇ ପ୍ରୟୋଗ କଲେ ରୋଗ ପୋକ ଦମନ କରି ପାରିବ ବୋଲି କୃଷି ଅଧିକାରୀ ପରିଡ଼ା କହିଛନ୍ତି।

**ପୋକ ଲାଗିବା ସହ ହଳଦିଆ ପଡୁଛି ଗଛ**



ଜଣେ ଚାଷୀ ମୁଗ କ୍ଷେତରେ କୀଟନାଶକ ସିଞ୍ଚନ କରୁଛନ୍ତି ।

ଧରିତ୍ରୀ DHARITRI
ଭୁବନେଶ୍ୱର, ମଙ୍ଗଳବାର, ୨୧ ମାର୍ଚ୍ଚ, ୨୦୨୩

**କର୍କଟ ରୋଗୀଙ୍କୁ ସହାୟତା**

କଟକ ସଦର,(ଡି.ଏନ୍.ଏ.): କଟକ ସଦର ବ୍ଲକ ଅନ୍ତର୍ଗତ କିଶୋର ନଗରସ୍ଥିତ ସ୍ୱେଚ୍ଛାସେବୀ ସଂଗଠନ ବିପଦର ବନ୍ଧୁ ସେବା ସଙ୍ଗଠନ ତରଫରୁ କର୍କଟ ରୋଗୀ ମେନକା ବିଟଙ୍କୁ ଆର୍ଥିକ ସହାୟତା, ଶୁଖିଲା ଖାଦ୍ୟ ଓ ବସ୍ତ୍ର ସୋମବାର ପ୍ରଦାନ କରାଯାଇଥିଲା। ପରେ ମୁକ୍ତେଶ୍ୱର ମହାଦେବଙ୍କ ପୀଠରେ ସଭାପତି ଭୈରବ ସେଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ସଙ୍ଗଠନର କାର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିରେ ସଙ୍ଗଠନର ସମ୍ପାଦକ ସୁଧାକର ଦାସ, ଅଜୟ ପଟନାୟକ, କାଙ୍ଗାଳି ଚରଣ ବେହେରା, ସ୍ୱାମୀ ଅଦତୋନନ୍ଦ, କୈଳାସ ଚନ୍ଦ୍ର ଦାସ, ଜାବେର ଅଲ୍ଲୀ, ଜୟନ୍ତୀ ପାତ୍ର, ଉମେଶ ପାଢ଼ୀ, ଆଲୋକ ମଣ୍ଡଳ, ଜ୍ୟୋତି ପ୍ରକାଶ ମହାନ୍ତି ପ୍ରମୁଖ ଅଂଶଗ୍ରହଣ କରିଥିଲେ।



## ସଂକ୍ଷେପରେ

### ବିଜୁ ଯୁବ ଛାତ୍ର ଜନତା ଦଳ ପାଳିବ ବଳିଦାନ ଦିବସ

ଆଠଗଡ଼,୨୦।୩(ସ୍ୱ.ପ୍ର.): ଶହୀଦ୍ ଭଗତ ସିଂହ ଓ ତାଙ୍କ ସାଥୀ ରାଜଗୁରୁ, ସୁଖଦେବଙ୍କର ବଳିଦାନ ଦିବସ ଆଠଗଡ଼ ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ମାର୍ଚ୍ଚ ୨୫ରେ ପାଳନ କରାଯିବ। ଉକ୍ତଦିନ ଯୁବଛାତ୍ରଙ୍କୁ ନେଇ ଏକ ବାଇକ୍ ଶୋଭାଯାତ୍ରା ସହରର ବିଭିନ୍ନ ସ୍ଥାନରୁ ବାହାରି ଅପରାହ୍ନରେ ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ଏକତ୍ର ହେବେ। ଏହା ପରେ ପୁରୁଣା ବସ୍‌ଷ୍ଟାଣ୍ଡ ଲକ୍ଷ୍ମୀବଜାର ମଣ୍ଡପ ପର୍ଯ୍ୟନ୍ତ ମଶାଲ ଶୋଭାଯାତ୍ରା ଯିବାପରେ ସେଠାରେ ଆଲୋଚନାଚକ୍ର ଓ ସାଧାରଣ ସଭା ଅନୁଷ୍ଠିତ ହେବ। ଏଥିରେ ରାଜ୍ୟ ତଥା ଜାତୀୟ ସ୍ତରରେ ବହୁ ବକ୍ତା ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଏ ନେଇ ସ୍ଥାନୀୟ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପରେ ସୋମବାର ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏଥିରେ ଯୁବ ବିଜେଡି ସଭାପତି ବିନୋଦ କୁମାର ମାଝି, ଏନ୍‌ଏସି ସଭାପତି ଶିବଶଙ୍କର ଜେନା, ଛାତ୍ର ବିଜେଡି ସଭାପତି ସତ୍ୟପ୍ରିୟ ମହାନ୍ତି, ମହମ୍ମଦ ଖଲିଦ, ତୋଫାନ ସାମଲ ପ୍ରମୁଖ ଯୋଗ ଦେଇଥିଲେ।

### ସ୍ୱାମୀ ଆଦ୍ୟାନନ୍ଦଙ୍କ ପାଇଁ ପ୍ରାର୍ଥନା ସଭା

କଟକ ଅଫିସ, ୨୦।୩: ଆଧାତ୍ମିକ ଗୁରୁ ସ୍ୱାମୀ ଆଦ୍ୟାନନ୍ଦ ସରସ୍ୱତୀଙ୍କ ତିରୋଧାନରେ ଏକ ପ୍ରାର୍ଥନା ସଭା ସୋମବାର ଅନୁଷ୍ଠିତ ହୋଇଯାଇଛି। ମର୍କତନଗର ସେକ୍ଟର-୮ସ୍ଥିତ ଶିବଶକ୍ତି ସିଦ୍ଧଯୋଗ ଆଶ୍ରମରେ ଆୟୋଜିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ଆଦ୍ୟାନନ୍ଦଙ୍କ ଭକ୍ତ, ଶିଷ୍ୟ ଓ ଅନୁଗାମୀମାନେ ଯୋଗଦେଇଥିଲେ। ଯୋଗ ଓ ଉପାସନା ସହିତ ସେ ସମାଜର ଦରିଦ୍ର, ଅସହାୟ ଓ ଦଳିତ ଲୋକଙ୍କ କଲ୍ୟାଣ ପାଇଁ ଅନେକ କାର୍ଯ୍ୟ ସମ୍ପାଦନା କରିଯାଇଛନ୍ତି ବୋଲି ବକ୍ତାମାନେ କହିଥିଲେ। ଡ. ସତ୍ୟ ରାୟଙ୍କ ଅଧକ୍ଷତାରେ ଆୟୋଜିତ ଏହି ସଭାରେ ସଭାପତି ଇଂ ଶଶୀଭୂଷଣ ସ୍ୱାଇଁ, ସ୍ୱାମୀ ରାସେଶ୍ୱରାନନ୍ଦ ମହାରାଜ, ହେମନ୍ତ କୁମାର ପରିଡ଼ା, ରାଜକିଶୋର ଦାଶ, ମିଳନ କୁମାର ବଡୁ, ଉତ୍କଳ ଭୂଷଣ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

### ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ରଜତ ଜୟନ୍ତୀ ମହୋତ୍ସବ

ବାଙ୍କୀ,୨୦।୩(ସ୍ୱ.ପ୍ର.): ବାଙ୍କୀ ବ୍ଲକର ରଜୀବ ଗାଁରେ ଥିବା ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ରଜତ ଜୟନ୍ତୀ ମହୋତ୍ସବ ସୋମବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ଡ. ପ୍ରତିଭା ମହାରଥୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କଳାପଥର ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଯାଜ୍ଞସିନୀ ଭଉଣୀ ସମ୍ମାନିତ ଅତିଥି ଏବଂ ବାଙ୍କୀର ସଞ୍ଚାଳିକା ରୀନା ଭଉଣୀ ଅତିଥି ଭାବେ ଯୋଗଦେଇଥିଲେ। ଅବସରପ୍ରାପ୍ତ ଶିକ୍ଷକ ଟଙ୍କଧର କର, ଗୁରୁଚରଣ ବଳିୟାରସିଂହ, ସଂକୀର୍ତ୍ତନ ଗାୟକ କବିର ବେହେରା, ଫିରୋଜ କୁମାର ବରାଳ ପ୍ରମୁଖ କାର୍ଯ୍ୟ ସମ୍ପାଦନା କରିଥିଲେ। ୨୫ବର୍ଷ ପୂର୍ତ୍ତି ଅବସରରେ ୩୦ଜଣ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ଶ୍ରୀରାମ ଚରିତ ମାନସ ଚରିତ୍ର ଗଠନରେ ମାର୍ଗଦର୍ଶିକା

ନିଶ୍ଚିନ୍ତକୋଇଲି,୨୦।୩(ସ୍ୱ.ପ୍ର.): ସାମ୍ପ୍ରତିକ ସମୟରେ ଆଧାତ୍ମିକ ଚେତନା ଦିନକୁ ଦିନ ଅବକ୍ଷୟ ହେଉଥିବାରୁ ସାମାଜିକ ବିଶୃଙ୍ଖଳା ଓ ପାରିବାରିକ କଳହ ବଢ଼ିବାରେ ଲାଗିଛି। ରାମ ଚରିତ ମାନସ ସର୍ବଦା ସମାଜ ଗଠନ ପାଇଁ ମାର୍ଗଦର୍ଶନ କରିଥାଏ। ଉତ୍ତମ ଚରିତ୍ରବାନ ମଣିଷ ଗଠନ ପାଇଁ ଏହା ଏକ ମାର୍ଗଦର୍ଶିକା ବୋଲି ମାନସ ମଣ୍ଡପରେ ପ୍ରବକ୍ତାମାନେ କହିଛନ୍ତି। ନିଶ୍ଚିନ୍ତକୋଇଲି ବ୍ଲକ ହାଟ ପଡ଼ିଆରେ ଥିବା ସିଦ୍ଧ ହନୁମାନ ଜୀଉଙ୍କ ପ୍ରାଙ୍ଗଣରେ ୯ ଦିନ ବ୍ୟାପୀ ଶ୍ରୀରାମ ଚରିତ ମାନସ ଓ ନର୍ବାହ୍ନ ପାରାୟଣ ଅନୁଷ୍ଠିତ ହୋଇଯାଇଛି। ରଘୁନାଥ ଅନୁକମ୍ପା ପରିଷଦର ସଭାପତି ବଂଶୀଧର ପଣ୍ଡାଙ୍କ ମାର୍ଗଦର୍ଶନରେ ଆୟୋଜିତ କାର୍ଯ୍ୟକ୍ରମରେ କର୍ତ୍ତାଭାବେ ଅନୁଷ୍ଠାନର ସମ୍ପାଦକ ପ୍ରଶାନ୍ତ ପରିଡ଼ା ଦାୟିତ୍ୱ ତୁଲାଇଥିଲେ। ବ୍ୟାସଭାବେ ବାବା ସଚ୍ଚି ମହାରାଜ ପ୍ରତ୍ୟହ ରାମଚରିତ ମାନସ ପାରାୟଣ କରିବା ସହ ସନ୍ଧ୍ୟାରେ ହନୁମାନ ଚାଳିଶା ପାଠ କରିଥିଲେ। ଓଡ଼ିଶାର ସୁନାମଧନ୍ୟ ପ୍ରବକ୍ତା ମୃତ୍ୟୁଞ୍ଜୟ ଚୌଧୁରୀ, ପ୍ରବଚିକା ସନ୍ତୋଷୀ ମିଶ୍ର ଓ ସାରଦା କର ସନ୍ଧ୍ୟାରେ ପ୍ରବଚନ ଦେଇଥିଲେ।



ବର୍ଷା ପ୍ରଭାବରେ ନଷ୍ଟ ହୋଇଥିବା ଫସଲ।



କୁଆପଥର ମାଡ଼ରେ ଭାଙ୍ଗିଥିବା ଆଜବେଷ୍ଟସ।

# କୁଆପଥର ମାଡ଼: ୨୦ ପଞ୍ଚାୟତ ପ୍ରଭାବିତ

**■ଉଜୁଡ଼ିଗଲା ପନିପରିବା ସାଙ୍ଗକୁ ମୁଗ, ବିରି ଫସଲ**
**■ସରକାରୀ ସହାୟତା ପାଇଁ ଦାବି**

ମାହାଙ୍ଗା:୨୦।୩(ସ୍ୱ.ପ୍ର.)

ପଶ୍ଚିମାବାୟୁ ଝଡ଼ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ଝଡ଼ତୋଫାନ, କୁଆପଥର ବୃଷ୍ଟି ସହ ବର୍ଷା ଓ ବଜ୍ରପାତ ହୋଇଛି। ମାହାଙ୍ଗା ବ୍ଲକରେ ସୋମବାର ଅପରାହ୍ନରେ ପ୍ରାୟ ଅଧଘଣ୍ଟା ଧରି ବର୍ଷା, ପବନ ସାଙ୍ଗକୁ ପ୍ରବଳ କୁଆପଥର ମାଡ଼ ହୋଇଥିଲା। ଏହାଦ୍ୱାରା ଅନେକ ସ୍ଥାନରେ ଘରର ଆଜବେଷ୍ଟସ ଭାଙ୍ଗିଯାଇଛି। ଫଳରେ ଘର ଭିତରେ ଥିବା ଲୋକେ କୁଆପଥର ମାଡ଼ରେ ଆହତ ହୋଇଛନ୍ତି। ସେହିପରି ଅନେକ ଗାଡ଼ିର କାଚ ଭାଙ୍ଗିଯାଇଥିବାବେଳେ ପବନ ଯୋଗୁ କେତେକ ସ୍ଥାନରେ ଚାଳ ଛପର ମଧ୍ୟ ଉଡ଼ିଯାଇଛି। ପନିପରିବା ସାଙ୍ଗକୁ ମୁଗ, ବିରି ଫସଲ ଉଜୁଡ଼ି ଯାଇଛି। ଏହାକୁ ନେଇ ଚାଷୀ ଏବେ ଚିନ୍ତାରେ ପଡିଛନ୍ତି। ତୁରନ୍ତ କ୍ଷୟକ୍ଷତିର ଆକଳନ କରାଯାଇ ସରକାରୀ ସହାୟତା ଯୋଗାଇ ଦେବାକୁ ଚାଷୀମାନେ ଦାବି କରୁଛନ୍ତି। ସମସରପୁର, କଇଥା, ମୂଳବସନ୍ତ, କୁଣ୍ଡି, କୁହୁଣ୍ଡା, ଜଳେଶ୍ୱରପୁର, ବାଜପୁରା, କୁସୁପୁର, କୋଳିଅଠା, ବାସୁଦେବପୁର, ଶ୍ରୀକୃଷ୍ଣପୁର, ପଣସପୁର, ମଉଦା, ନୃତାଙ୍ଗ, ଭେଡ଼ା, ଆନନ୍ଦପୁର, ଚାପହାପଡ଼ା, ରାହାଣିଆ, ଉଷୁମା ସମେତ ୨୦ରୁ ଉର୍ଦ୍ଧ୍ୱ ପଞ୍ଚାୟତ ପ୍ରଭାବିତ ହୋଇଛି। ଲୋକଙ୍କ କହିବା ଅନୁଯାୟୀ, ୫୦ବର୍ଷ ମଧ୍ୟରେ ଏଭଳି କୁଆପଥର ବୃଷ୍ଟି ହୋଇନାହିଁ। ବିଧାୟକ ପ୍ରତାପ ଜେନା କ୍ଷୟକ୍ଷତି ଆକଳନ କରି ସରକାରୀ ସହାୟତା ଯୋଗାଇ ଦେବା ନିମନ୍ତେ କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ସହ ସନ୍ଧ୍ୟାରେ ଆଲୋଚନା କରିଛନ୍ତି। ଆଲୋଚନା ପରେ ତୁରନ୍ତ କ୍ଷୟକ୍ଷତିର ଆକଳନ କରି ରିପୋର୍ଟ ଦେବା ପାଇଁ ଜିଲାପାଳ ଚୟନୀ ମାହାଙ୍ଗା ତହସିଲଦାର ଉମାକାନ୍ତ ବିଶ୍ୱାଳଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ପରେ ତହସିଲଦାର ବିଶ୍ୱାଳ ପ୍ରଭାବିତ ଅଞ୍ଚଳକୁ ଯାଇ ପରିଦର୍ଶନ କରିବା ସହ ତଦନ୍ତ ଆରମ୍ଭ କରିଛନ୍ତି।

## ସାଇ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପଖାଳ ଦିବସ

ସାଲେପୁର,୨୦।୩(ଡି.ଏନ୍.ଏ.)

ସାଲେପୁର ବ୍ଲକ ଅଧୀନ ସତ୍ୟଭାମାପୁର ଗାଁର ଗୋପୀନାଥପୁର ସାଇ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ସୋମବାର ପଖାଳ ଦିବସ ପାଳିତ ହୋଇଯାଇଛି। ଲେଖକ ଇଂ. ଉଦ୍ଧବ ଚରଣ ନାୟକ ଏଥିରେ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଧାୟକ ପ୍ରଶାନ୍ତ ବେହେରା ଯୋଗଦେଇ ଓଡ଼ିଆ ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ କରିବାକୁ ବିଦ୍ୟାମନ୍ଦିରର ଏଭଳି ପ୍ରୟାସକୁ ପ୍ରଶଂସା କରିଥିଲେ। ବିଦ୍ୟାମନ୍ଦିରର ପ୍ରତିଷ୍ଠାତା ପ୍ରଶାନ୍ତ କୁମାର ଭୂୟାଁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ କବି ସମ୍ବିତ ଦାସ ମଞ୍ଚ ପରିଚାଳନା କରିଥିଲେ। ଅତିଥି ଭାବେ ଗାଳ୍ପିକ ଡ. ଗିରିଶ ଚନ୍ଦ୍ର ସାହୁ ଯୋଗଦେଇ ଓଡ଼ିଆଙ୍କ ଆରାଧ୍ୟ ମହାପ୍ରଭୁ ଜଗନ୍ନାଥଙ୍କ ପ୍ରିୟ ପଖାଳ ସମ୍ପର୍କରେ କହିଥିଲେ। ମୁଖ୍ୟବକ୍ତା ଅବସରପ୍ରାପ୍ତ ଶିକ୍ଷା ଅଧିକାରୀ ରଜନୀକାନ୍ତ ଦାଶ ଯୋଗଦେଇ କବିତା ମାଧ୍ୟମରେ ପଖାଳ ଦିବସ ବିଷୟରେ କହିଥିଲେ। ସମ୍ମାନିତ ଅତିଥି ଭାବେ ଖବରଦାତା ଶାରଦା ପ୍ରସନ୍ନ ପଣ୍ଡା, ବହୁଗ୍ରାମ ଡିଗ୍ରୀ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ଅଧ୍ୟାପିକା ନଳିନୀ ବେହେରା, ଯୁବ କଣ୍ଠଶିଳ୍ପୀ ସଞ୍ଜୀବ ସାହୁ, ଶିକ୍ଷୟିତ୍ରୀ ନମିତା ଷଡଙ୍ଗୀ ପ୍ରମୁଖ ଯୋଗଦେଇଥିଲେ। ପରେ ବିଦ୍ୟାମନ୍ଦିର ପରିସରରେ ସମସ୍ତ ଅତିଥି, କର୍ମକର୍ତ୍ତା, କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା କବୟିତ୍ରୀକବି ଦହି ପଖାଳ ଖାଇଥିଲେ।



ବିଧାୟକ ପ୍ରଶାନ୍ତ ବେହେରା ଓ ଅନ୍ୟମାନେ ପଖାଳ ଖାଉଛନ୍ତି।

## ଚର୍ଚ୍ଚିକା ମନ୍ଦିର ଉନ୍ନୟନ ନେଇ ଜିଲାପାଳଙ୍କ ସମୀକ୍ଷା



ଜିଲାପାଳ ଭବାନୀ ଶଙ୍କର ଚୟନୀ ମନ୍ଦିର ଉନ୍ନୟନ କାର୍ଯ୍ୟର ସମୀକ୍ଷା କରୁଛନ୍ତି।

ବାଙ୍କୀ,୨୦।୩(ସ୍ୱ.ପ୍ର.)

୫-ଟି ସଚିବ ଭି.କେ.ପାଣ୍ଡିଆନ ବାଙ୍କୀର ଅଧିଷ୍ଠାତ୍ରୀ ଦେବୀ ମା'ଚର୍ଚ୍ଚିକା ମନ୍ଦିର ଆସନ୍ତା ୨୨ ତାରିଖରେ ପରିଦର୍ଶନ କରିବେ। ଏହାପୂର୍ବରୁ ସୋମବାର ଅପରାହ୍ନରେ କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ ମନ୍ଦିର ପରିଦର୍ଶନ କରି ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ସେବାୟତଙ୍କ ସହ ଆଲୋଚନା କରିଛନ୍ତି। ସେବାୟତଙ୍କୁ ଉପଯୁକ୍ତ ଥଇଥାନ କରାଗଲେ ମନ୍ଦିର ଉନ୍ନତୀକରଣ ପାଇଁ ସେମାନେ ସମ୍ପୂର୍ଣ୍ଣ ଭାବେ ସହଯୋଗ କରିବେ ବୋଲି ଜିଲାପାଳଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଚର୍ଚ୍ଚିକା ମନ୍ଦିର ପାଦଦେଶରେ ଥିବା ରେଣୁକା ନଦୀକୁ ଘରୋଇ ମାଲିକାନାରୁ ଅଣାଯାଇ ଗୋଟିଏ ଜଳକ୍ରୀଡ଼ା ପ୍ରକଳ୍ପ କରାଗଲେ ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧି ପାଇବା ସହ ଆୟ ବୃଦ୍ଧି ହେବ ବୋଲି ସେବାୟତମାନେ କହିଛନ୍ତି। ମନ୍ଦିରର ଉନ୍ନତୀକରଣ ସମୟରେ ଉଚ୍ଛେଦ ହେବାକୁ ଥିବା ସେବାୟତଙ୍କୁ ଯେଉଁ ଜାଗାରେ ଥଇଥାନ କରାଯିବ, ସେ ସ୍ଥାନକୁ ଜିଲାପାଳ ପରିଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ଉପଜିଲାପାଳ ରଞ୍ଜନ କୁମାର ଜେନା, ବାଙ୍କୀ ତହସିଲଦାର ପ୍ରଜ୍ଞାପରମିତା ପୃଷ୍ଟି, ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ କୁମାରୀ ସବିତା ସୁରେନ, କନିଷ୍ଠଯନ୍ତ୍ରୀ ବିଜୟ କୁମାର ପଣ୍ଡା, ବିଦ୍ୟୁତ୍ ବିଭାଗ ସହକାରୀ ଯନ୍ତ୍ରୀ ସୌମ୍ୟରଞ୍ଜନ ମହାପାତ୍ର, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅଜିତ୍ ନାରାୟଣ ପ୍ରସାଦ ଗିରି, ଚର୍ଚ୍ଚିକା ମନ୍ଦିର ଟ୍ରଷ୍ଟି କାଳନ୍ଦୀ ମହାପାତ୍ର, ଉପନଗରପାଳ ତଥା ସେବାୟତ ସନ୍ତୋଷ କୁମାର ରଣା, ନଗରପାଳଙ୍କ ପ୍ରତିନିଧି ସନାତନ ବେହେରା, ସେବାୟତ ପ୍ରତାପ ଚନ୍ଦ୍ର ମହାପାତ୍ର, ନୀଳମଣି ମହାପାତ୍ରଙ୍କ ସମେତ ବହୁ ସେବାୟତ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଛନ୍ତି।

### ଜୀବାଣୁ ବିନାଶ କରି ଜୀବନ ରକ୍ଷା କରେ ଆଣ୍ଟିବାୟୋଟିକ

କଟକ ଅଫିସ,୨୦।୩

ଆଣ୍ଟିବାୟୋଟିକ ଠିକ୍ ଉପଯୋଗୀ ବିଷୟରେ ଅଭିନବ ବିତାନାସୀ ପଥଚାରୀ ସଂଘ ଆନୁକୂଲ୍ୟରେ ଏକ ସ୍ୱାସ୍ଥ୍ୟ ସଚେତନତା ସଭା ସିଡିଏ ସେକ୍ଟର-୭ସ୍ଥିତ ସଂଘର ବୈଠକସ୍ଥଳରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଦେବେନ୍ଦ୍ର ସୂତାରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ପ୍ରଫେସର ଡା.ନିରଞ୍ଜନ ମହାନ୍ତି ଯୋଗଦେଇ କହିଥିଲେ, ଆଣ୍ଟିବାୟୋଟିକ୍ ଗୋଟିଏ ଖଣ୍ଡାର ଦୁଇପଟେ ଧାର ପରି। ଏହାକୁ ଠିକ୍ ବ୍ୟବହୃତ ହେଲେ ଏହା ରୋଗ ଜୀବାଣୁ ବିନାଶ କରି ଜୀବନ ରକ୍ଷା କରେ। ସେହିପରି ଅପଯୋଗ ଦ୍ୱାରା ଶରୀରରେ ଥିବା ଜୀବନ ରକ୍ଷାକାରୀ ଜୀବାଣୁକୁ ବିନାଶ କରି ଶରୀରର ପ୍ରତିରୋଧକ ଶକ୍ତି କମାଇଦିଏ। ଏହା ଦ୍ୱାରା ବ୍ୟକ୍ତିବିଶେଷ ବାରମ୍ବାର ରୋଗାଗ୍ରସ୍ତ ହୁଏ। ଆଣ୍ଟିବାୟୋଟିକ ଠିକ ଉପଯୋଗ ପାଇଁ ରୋଗ ଜୀବାଣୁଜନିତ କି ନୁହେଁ, କେଉଁ ଆଣ୍ଟିବାୟୋଟିକ୍ ସେଥିପାଇଁ ପ୍ରଯୁଜ୍ୟ ଓ ତାହାର ଠିକ୍ ମାତ୍ରା, କେତେଦିନ ଦିଆଯିବ ଇତ୍ୟାଦି ପରୀକ୍ଷା କରି, ଆବଶ୍ୟକସ୍ଥଳେ ରକ୍ତ, ମଳ, ମୂତ୍ର ଇତ୍ୟାଦିର ପରୀକ୍ଷା କରି ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ଚିକିତ୍ସା କରିବା ଆବଶ୍ୟକ ବୋଲି ସେ କହିଥିଲେ। ଅନୁଷ୍ଠାନର ସମ୍ପାଦକ ରମେଶ ଚନ୍ଦ୍ର ସାହୁ ବିବରଣୀ ପାଠ, ପ୍ରଦୀପ ସିହ୍ନା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ସଭାରେ ଡା. ପ୍ରସନ୍ନ ନାୟକ, ରବୀନ୍ଦ୍ରନାଥ ସ୍ୱାଇଁ, ଅନିଲ ରାୟ, ଡ. ବିଷ୍ଣୁଚରଣ ସାହୁ, ଦୁର୍ଗାପ୍ରସାଦ ମିଶ୍ର, କୁଞ୍ଜବିହାରୀ ପଣ୍ଡା, ଡ. ହେମନ୍ତ ପରିଡା, ଶ୍ୟାମସୁନ୍ଦର ମହାନ୍ତି, ଚିତ୍ତରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ବାଙ୍କୀ କ୍ରୀଡ଼ା ସଂସଦ ବିଜୟୀ

**ଜିଲାସ୍ତରୀୟ କ୍ରିକେଟ୍**

ବାଙ୍କୀ,୨୦।୩(ସ୍ୱ.ପ୍ର.)

ବାଙ୍କୀ ଆଥେଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ କଚେରୀ ପଡ଼ିଆରେ ୨୨ତମ ଜିଲାସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ଉତ୍ସବରେ କ୍ରୀଡ଼ା ସଂସଦ ସମ୍ପାଦକ ସନ୍ତୋଷ କୁମାର ରଣା, ପ୍ରେସ୍ କ୍ଲବ ଉପସଭାପତି ସମରେନ୍ଦ୍ର ମହାପାତ୍ର, ନଗରପାଳଙ୍କ ପ୍ରତିନିଧି ସନାତନ ବେହେରା, କ୍ରୀଡାବିତ୍ ପ୍ରଶାନ୍ତ ଦାସ ଅତିଥି ଭାବେ ଯୋଗ ଦେଇଥିଲେ। ବାଙ୍କୀ କ୍ରୀଡ଼ା ସଂସଦ ଓ ଝାରପଡ଼ା ଭୁବନେଶ୍ୱର ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ବାଙ୍କୀ ପ୍ରଥମେ ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୧୮ ଓଭରରେ ୪ ଉଇକେଟ ହରାଇ ବାଙ୍କୀ ୨୬୪ରନ୍ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ଆଲୋକ ବେହେରା ୪୬ ବଲରୁ ୧୦୮ରନ ସଂଗ୍ରହ କରିଥିଲେ। ସାଗର ବେହେରା ୩୯ ବଲ୍‌ରୁ ୭୯ ରନ ସଂଗ୍ରହ କରିଥିଲେ। ଜବାବରେ ଝାରପଡ଼ା ଦଳ ୨୧୪ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ରାଜା ଜେନା ୩୭ ବଲରୁ ୬୪ ରନ ଓ ଯାମିନୀକାନ୍ତ ନାୟକ ୩୩ ବଲ୍‌ରୁ ୮୦ ରନ ସଂଗ୍ରହ କରିଥିଲେ। ବାଙ୍କୀ କ୍ରୀଡ଼ା ସଂସଦ ୫୧ ରନରେ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ବାଙ୍କୀର ଆଲୋକ ବେହେରା ଖେଳରେ ମ୍ୟାନ ଅଫ୍ ଦି ମ୍ୟାଚ ଘୋଷିତ ହୋଇଥିଲେ। ବସନ୍ତ ଦାସ ଓ ରାଜକିଶୋର ମହାପାତ୍ର ଖେଳ ପରିଚାଳନା କରିଥିଲେ। ମଙ୍ଗଳବାର ଖେଳ ମାଜେଷ୍ଟିକ ଆଠଗଡ଼ ଓ ବିନ୍ଧାଣିମା ମଧ୍ୟରେ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।



ଅତିଥିଙ୍କ ଗହଣରେ ଖେଳାଳି ଓ ଅନ୍ୟମାନେ।

## ଅଂଶୁଘାତ ମୁକାବିଲା ପାଇଁ ସିଏମ୍‌ସି ପ୍ରସ୍ତୁତ

**୩୮ ସ୍ଥାନରେ ଅସ୍ଥାୟୀ ଭାବେ ରହିବ ଟାଙ୍କି**

କଟକ ଅଫିସ,୨୦।୩

ଆଗାମୀ ଦିନରେ ପ୍ରବଳ ଖରାର ସମ୍ଭାବନାକୁ ଦୃଷ୍ଟିରେ ରଖି କଟକ ମହାନଗର ନିଗମ(ସିଏମ୍‌ସି) ପ୍ରସ୍ତୁତି ଆରମ୍ଭ କରିଛି। ତେବେ ଅଂଶୁଘାତ ମୁକାବିଲା ପାଇଁ ସିଏମସି ପକ୍ଷରୁ ସ୍ଥାନୀୟ ବିଜୁ ଭବନରେ ସୋମବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ମେୟର ସୁବାସ ସିଂ ଅଧକ୍ଷତା କରିଥିବା ବେଳେ ସିଏମସି କମିଶନର ନିଖିଲ ପୱନ କଲ୍ୟାଣଙ୍କ ସମେତ ଜିଲା ପ୍ରଶାସନର ବରିଷ୍ଠ ଅଧିକାରୀ ଓ ସିଏମସିର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ। ୨୪ ଘଣ୍ଟିଆ ସେବା ଯୋଗାଇଦେବାକୁ ଏକ କଣ୍ଟ୍ରୋଲ ରୁମ୍ ଖୋଲିବ । ସେହିପରି ସହରରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପ୍ରାଥମିକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ ପର୍ଯ୍ୟାପ୍ତ ପରିମାଣର ଓଆର୍‌ଏସ୍ ପାଉଡର ଓ ସାଲାଇନ୍ ମହଜୁଦ ରଖାଯିବ। ଅଂଶୁଘାତରେ ପୀଡିତ ବ୍ୟକ୍ତିବିଶେଷଙ୍କୁ ସହରର ଯେକୌଣସି ସ୍ଥାନରୁ ଡାକ୍ତରଖାନାରେ ପହଞ୍ଚାଇବା ପାଇଁ ପରିବହନ ବ୍ୟବସ୍ଥା କରାଯିବ। ୱାଟ୍‌କୋ ପକ୍ଷରୁ ସହରର ୩୮ଟି ସ୍ଥାନରେ ଅସ୍ଥାୟୀ ଭାବେ ପାନୀୟ ଜଳ ଟାଙ୍କି ସ୍ଥାପନ କରାଯିବ ଓ ସେଠାରେ ଜଣକୁ ନିୟୁତ୍ୟନ କରାଯିବ। ଏତଦ୍‌ବ୍ୟତୀତ ଅଂଶୁଘାତ ମୁକାବିଲା ଲାଗି ଜନ ସଚେତନତା ସୃଷ୍ଟି ପାଇଁ ସହରରେ ଡାକବାଜି ଯନ୍ତ୍ରରେ ପ୍ରଚାର ସହ, ସହରରେ ଲିଫଲେଟ୍, ପୋଷ୍ଟର ମରାଯାଇ ସଚେତନତା ସୃଷ୍ଟି କରାଯିବ ବୋଲି ସିଏମ୍‌ସି ପକ୍ଷରୁ କୁହାଯାଇଛି। ସହରର ୫୪ଟି ସ୍ଥାନରେ ବିଭିନ୍ନ ବ୍ୟାଙ୍କ ସହାୟତାରେ ପାନୀୟ ଜଳ ବିତରଣ କେନ୍ଦ୍ର ଖୋଲିବା ପ୍ରସ୍ତାବ ରହିଛି ବୋଲି ବୈଠକରେ ମେୟର ସିଂ କହିଛନ୍ତି। ସେହିପରି ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ସାଙ୍ଗରେ ଛତା, ପାଣି ବୋତଲ ରଖିବାକୁ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଥିବା ବେଳେ ଅତ୍ୟଧିକ ଖରାରେ ପଦାକୁ ନ ବାହାରିବାକୁ କୁହାଯାଇଛି। ପ୍ରସ୍ତୁତି ବୈଠକରେ ଡେପୁଟି ମେୟର ଦମୟନ୍ତୀ ମାଝି, ଅତିରିକ୍ତ କମିଶନର ଅନାମ ପାତ୍ର, ଡେପୁଟି କମିଶନର ଅମିୟ ପଣ୍ଡା, ୱାଟକୋର ଜେନେରାଲ ମ୍ୟାନେଜର ଦେବଦତ୍ତ ମହାନ୍ତି, ସିଟି ଇଞ୍ଜିନିୟର ଅତନୁ ସାମନ୍ତ, ଜିଲା ଜରୁରିକାଳୀନ ଅଧିକାରୀ ଏନ୍. ରାଜଲକ୍ଷ୍ମୀ ଓଝା, ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ଡା. ସତ୍ୟବ୍ରତ ମହାପାତ୍ର, ସିଡିପିଓ ୧ ଓ ୨, ନିର୍ବାହୀ ଯନ୍ତ୍ରୀ ଦିବ୍ୟରଞ୍ଜନ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ

**ସାନ୍ତପୁର ପଞ୍ଚାୟତ**
**■ଆସୁନାହାନ୍ତି ବିଭାଗୀୟ ଅଧିକାରୀ**
**■ଉନ୍ନୟନମୂଳକ କାର୍ଯ୍ୟ ବାଧାପ୍ରାପ୍ତ**
**■ଅଭିଯୋଗସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ନାହିଁ**




ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନରେ ବସିଥିବା ପଞ୍ଚାୟତବାସୀ।

ନିଶ୍ଚିନ୍ତକୋଇଲି,୨୦।୩(ସ୍ୱ.ପ୍ର.)

ନିଶ୍ଚିନ୍ତକୋଇଲି ବ୍ଲକ ସାନ୍ତପୁର ପଞ୍ଚାୟତକୁ ବିଭାଗୀୟ ଅଧିକାରୀ ଆସୁନାହାନ୍ତି। ଏଥିଯୋଗୁ ଉନ୍ନୟନମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଏଭଳିଅଭିଯୋଗ ଆଣି ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସରପଞ୍ଚ ଓ ପଞ୍ଚାୟତର ବହୁ ଲୋକେ ସୋମବାର ଆମରଣ ଅନଶନ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, କଟକ ସଦର ନିର୍ବାଚନ ମଣ୍ଡଳୀ ତଥା ନିଶ୍ଚିନ୍ତକୋଇଲି ବ୍ଲକ ସାନ୍ତପୁର ପଞ୍ଚାୟତରେ କାର୍ଯ୍ୟରତ ୩ ଜଣ ଅଧିକାରୀ ଉଦ୍ଦେଶ୍ୟମୂଳକଭାବେ ପଞ୍ଚାୟତ କାର୍ଯ୍ୟାଳୟକୁ ଆସୁନାହାନ୍ତି। ସମ୍ପୃକ୍ତ ଅଧିକାରୀମାନେ ପଞ୍ଚାୟତକୁ ଅଣଦେଖା କରିବା ସହ ଅନୁପସ୍ଥିତ ରହିବା ଯୋଗୁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଫଳରେ ଅସହାୟ ବୃଦ୍ଧା,ବୃଦ୍ଧ, ଦିବ୍ୟାଙ୍ଗ ଓ ବିଧବାମାନେ ଭତ୍ତା ନ ପାଇ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏସମ୍ପର୍କରେ ସ୍ଥାନୀୟ ସରପଞ୍ଚ ରମାକାନ୍ତ ନାୟକ ଏକାଧିକବାର ବିଭାଗୀୟ ଉଚ୍ଚ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଥିଲେ। ଏହାପରେ ସମ୍ପୃକ୍ତ ଅଧିକାରୀମାନଙ୍କୁ ଅନ୍ୟ ପଞ୍ଚାୟତକୁ ବଦଳି କରାଯାଇଥିଲେ ମଧ୍ୟ ସେମାନେ ନୂତନ ଅଧିକାରୀଙ୍କୁ ଦାୟିତ୍ୱ ହସ୍ତାନ୍ତର କରୁନାହାନ୍ତି। ସରପଞ୍ଚ ନାୟକଙ୍କ ସମେତ ୱାର୍ଡ ସଭ୍ୟାସଭ୍ୟ ଓ ଗ୍ରାମବାସୀ ଏସମ୍ପର୍କରେ ୫-ଟି ସଚିବ, ଜିଲାପାଳ, ଉପଜିଲାପାଳ, ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ଅଧିକାରୀ, ନିଶ୍ଚିନ୍ତକୋଇଲି ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଏହାସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଏନେଇ ସରପଞ୍ଚ ନାୟକଙ୍କ ନେତୃତ୍ୱରେ ପଞ୍ଚାୟତର ୱାର୍ଡ ସଭ୍ୟାସଭ୍ୟ ଓ ଗ୍ରାମବାସୀ ଏକତ୍ରିତ ହୋଇ ପ୍ରତିବାଦ କରିଥିଲେ। ଦୀର୍ଘ ସମୟ ଧରି ଅନଶନରେ ବସିବା ପରେ ବିଡିଓ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ ପହଞ୍ଚି ଅନଶନକାରୀଙ୍କ ସହ ଆଲୋଚନା କରିଥିଲେ। ମାତ୍ର ସମାଧାନର ବାଟ ବାହାରି ନ ଥିଲା। ରିପୋର୍ଟ ଲେଖା ହେବା ବେଳକୁ ଅନଶନ ଜାରି ରହିଥିଲା।

# କର୍ମଚାରୀଙ୍କୁ ଗୋଡ଼ାଇ ଫାର୍ସାରେ ଆକ୍ରମଣ

## କଳ୍ପନା ପେଟ୍ରୋଲ୍ ପମ୍ପରେ ଆତଙ୍କରାଜ




ସିସିଟିଭି ଫୁଟେଜ୍‌ରେ ଆକ୍ରମଣ ସମୟର ଦୃଶ୍ୟ : ଜଣେ ଅଭିଯୁକ୍ତ ହାତରେ ଫାର୍ସା ଧରି ଅତଙ୍କ ଖେଳାଉଥିବାବେଳେ ଆକ୍ରମଣ ସହ ଭଙ୍ଗାରୁଜା କରୁଛନ୍ତି।

- ଅଭିଯୁକ୍ତଙ୍କୁ କାବୁ କଲେ ସ୍ଥାନୀୟ ଲୋକ
- ୪ କର୍ମଚାରୀ ଆହତ, ୩ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨୦।୩(ବ୍ୟୁରୋ)

ରାଜଧାନୀରେ କିଛିଦିନର ବ୍ୟବଧାନ ପରେ ଖଣ୍ଡା ଓ ଫାର୍ସା ବୁଲିଛି। ପେଟ୍ରୋଲ ପମ୍ପରେ ବାଇକ୍‌ରେ ତେଲ ପକାଇବା ପରେ ଟଙ୍କା ମାଗିବାରୁ କର୍ମଚାରୀଙ୍କୁ ୩ ଯୁବକ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିଛନ୍ତି। ବଡ଼ଗଡ଼ ଥାନା ଅନ୍ତର୍ଗତ କଳ୍ପନାଛକସ୍ଥିତ ଭାରତ ପେଟ୍ରୋଲିୟମ୍‌ର ଏକ ପେଟ୍ରୋଲ ପମ୍ପରେ ସୋମବାର ସନ୍ଧ୍ୟାରେ ଏଭଳି ଆତଙ୍କରାଜ ଦେଖିବାକୁ ମିଳିଛି। ଆକ୍ରମଣରେ ପେଟ୍ରୋଲ ପମ୍ପର ୪ଜଣ କର୍ମଚାରୀ ଆହତ ହୋଇଛନ୍ତି। ସେମାନଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇଥିବାବେଳେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅନ୍ୟପକ୍ଷରେ ଆକ୍ରମଣକାରୀ ୩ ଯୁବକଙ୍କୁ ସ୍ଥାନୀୟ ଲୋକେ କାବୁ କରି ନିସ୍ତୁକ ମାଡ଼ ମାରିବା ପରେ ପୋଲିସକୁ ଜିମା ଦେଇଥିଲେ। ପରେ ପୋଲିସ ଏହି ଘଟଣାରେ ହତ୍ୟା ଉଦ୍ୟମ ସହ ଆଇପିସିର ବିଭିନ୍ନ ଦଫାରେ ଏକ ମାମଲା (ନଂ.୧୫୩/୨୦୨୩) ରୁଜୁକରି ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ସତ୍ୟନଗର ଅଞ୍ଚଳର ମାନସ ବାରିକ, ବିକ୍ରମ ଦାସ ଓ ଚିନ୍ମୟ ଖୁଣ୍ଟିଆ। ମଙ୍ଗଳବାର ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

ସୂଚନା ଅନୁଯାୟୀ, ସୋମବାର ଅପରାହ୍ନ ପ୍ରାୟ ୫ଟା ୩୦ରେ ମାନସ ଏକ ବାଇକ ଧରି ଉକ୍ତ ପେଟ୍ରୋଲ ପମ୍ପକୁ ତେଲ ପକାଇବାକୁ ଆସିଥିଲେ। ତେଲ ପକାଇବା ସମୟରେ କର୍ମଚାରୀ ତାଙ୍କୁ ନ ପଚାରି ୨୩୩ ଟଙ୍କାର ତେଲ ଭରିଥିଲେ। ମାନସଙ୍କ ପାଖରେ ସେତିକି ଟଙ୍କା ନ ଥିବାରୁ ଏଥିପାଇଁ ଅଳ୍ପକିଛି ଟଙ୍କା ନେବାକୁ କହିଥିଲେ। ହେଲେ କର୍ମଚାରୀ ତାଙ୍କୁ ପୂରା ଟଙ୍କା ଦେବାକୁ କହିବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏହି ସମୟରେ ବାଇକରୁ ଅବଶିଷ୍ଟ ତେଲ କାଢ଼ିଦେବାକୁ କର୍ମଚାରୀ କହିବାରୁ ଝଗଡ଼ା ସୃଷ୍ଟି ହୋଇଥିଲା। ପରେ ମାନସ ସେଠାରେ ତାଙ୍କ ବାଇକ ଛାଡ଼ି ପଳାଇଯାଇଥିଲେ। ଏପରିକି ଗଲାବେଳେ କର୍ମଚାରୀଙ୍କୁ ସେ ଧମକ ମଧ୍ୟ ଦେଇଥିଲେ। ସନ୍ଧ୍ୟା ପ୍ରାୟ ୭ଟାରୁ ୭ଟା ୩୦ରେ ଆଉ ଏକ ବାଇକରେ ମାନସ ତାଙ୍କ ସହଯୋଗୀ ବିକ୍ରମ ଓ ଚିନ୍ମୟଙ୍କ ସହ ସେଠାକୁ ଆସି ଗାଳିଗୁଲଜ କରିଥିଲେ। ସେମାନେ ଆଣିଥିବା ଏକ ଫାର୍ସା ଓ ଖଣ୍ଡା ଧରି ପେଟ୍ରୋଲ ପମ୍ପ କର୍ମଚାରୀମାନଙ୍କୁ ହାଣିବାକୁ ଗୋଡ଼ାଇଥିଲେ। ଏହାଦେଖି ସେଠାରେ ଥିବା କିଛିଲୋକ ଭୟରେ ଦୌଡ଼ି ପଳାଇଯାଇଥିଲେ। ୩ଜଣ କିଛି ସମୟ ଧରି ଆତଙ୍କରାଜ ଘଟାଇବା ସହ କର୍ମଚାରୀଙ୍କୁ ଆକ୍ରମଣ କରିଥିଲେ। ଏଥିସହ ପେଟ୍ରୋଲ ପମ୍ପରେ ଭଙ୍ଗାରୁଜା କରିଥିଲେ। ଏଥିରେ କେତେଜଣ ଆହତ ହେବା ପରେ ଅନ୍ୟ କର୍ମଚାରୀ ଓ ଉପସ୍ଥିତ ଲୋକମାନେ ୩ଯୁବକଙ୍କୁ କାବୁ କରି ପୋଲିସକୁ ଖବର ଦେଇଥିଲେ। ଅନ୍ୟପକ୍ଷରେ ସପ୍ତାହକ ମଧ୍ୟରେ ରାଜଧାନୀର ୨ଟି ଭିନ୍ନ ସ୍ଥାନରେ ବୋମାମାଡ ଘଟଣା ମନରୁ ଯାଇ ନ ଥିବାବେଳେ ଅପରାଧୀଙ୍କ ଏଭଳି ଆତଙ୍କରାଜ ଘଟଣା କମିଶନରେଟ ପୋଲିସ ପକ୍ଷରୁ ହେଉଥିବା 'ସେଫ୍ ସିଟି ଡ୍ରାଇଭ୍' ଅଭିଯାନକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ସଂକ୍ଷେପରେ

### ଯୁବତୀଙ୍କୁ ଅସଦାଚରଣ, ଜଣେ ଗିରଫ

ଭୁବନେଶ୍ୱର,୨୦।୩(ବ୍ୟୁରୋ) : ଜଣେ ଯୁବତୀଙ୍କୁ ଅସଦାଚରଣ କରିବା ଅଭିଯୋଗରେ ଭରତପୁର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେ ହେଲେ ଉକ୍ତ ଥାନା ଅଞ୍ଚଳର ଅରୁଣ ନାଏକ। ସୂଚନାନୁଯାୟୀ ପୀଡିତା ଭରତପୁର ଅଞ୍ଚଳରେ ତାଙ୍କ ଭଉଣୀଙ୍କ ସହ ଦୀର୍ଘଦିନରୁ ରହିଆସୁଥିଲେ। ଅଭିଯୁକ୍ତ ଅରୁଣ ଉକ୍ତ ଯୁବତୀଙ୍କ ପଡ଼ୋଶୀ ଭାବେ ରୁହନ୍ତି। ଗତ ୧୮ ତାରିଖ ରାତିରେ ପୀଡିତା ତାଙ୍କ ଘରେ ଶୋଇଥିବା ସମୟରେ ଅଭିଯୁକ୍ତ ଅରୁଣ ଘରେ ପଶି ଅସଦାଚରଣ କରିଥିଲେ। ପୀଡିତା ପାଟି କରିବାରୁ ଅଭିଯୁକ୍ତ ସେମାନଙ୍କୁ ଗାଳି ଗୁଲଜ କରିବା ସହ ଏକ ଠେଙ୍ଗାରେ ଆକ୍ରମଣ କରିଥିଲେ। ଏନେଇ ଯୁବତୀ ଜଣକ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

### ୩ ମୃତ ବିଦେଶୀ ପକ୍ଷୀ ଜବତ

#### ୨ ଶିକାରୀ ଗିରଫ



ଟାଙ୍ଗୀ(ଖୋର୍ଦ୍ଧା),୨୦।୩(ଡି.ଏନ୍.ଏ.) ଚିଲିକାରେ ଏବେ ବି ଚାଲିଛି ପକ୍ଷୀ ଶିକାର। ପକ୍ଷୀ ଶିକାର ପରେ ଦୁଇ ଜଣ ଶିକାରୀ ବ୍ୟାଗରେ ମୃତ ବିଦେଶୀ ପକ୍ଷୀ ଧରି ଆସୁଥିଲେ। କୌଣସି ସୂତ୍ରରୁ ଖବରପାଇ ଟାଙ୍ଗୀ ବନ୍ୟପ୍ରାଣୀ ରେଞ୍ଜ ଅନ୍ତର୍ଗତ ହାଟବରଡି ରେଳ ଫାଟକ ନିକଟରେ ବିଭାଗୀୟ କର୍ମଚାରୀମାନେ ଚଢ଼ାଉ କରି ୨ ଶିକାରୀଙ୍କୁ ଗିରଫ କରିଥିଲେ। ସେମାନେ ହେଲେ ହାଟବରଡି ଗ୍ରାମର ସୁବାସ ଚନ୍ଦ୍ର ବେହେରା ଓ ଝାଡ଼ଖଣ୍ଡର ଜୟକୃଷ୍ଣ ସିଂ। ଏମାନଙ୍କ ନିକଟରୁ ୩ଟି ମୃତ ଲାର୍ଜ ହୁଇସ୍ଲିଙ୍ଗ ପକ୍ଷୀ, ଗୋଟିଏ ବାଇକ୍, ଦୁଇଟି ମୋବାଇଲ ଫୋନ ଜବତ କରାଯାଇଛି। ଗିରଫ ଅଭିଯୁକ୍ତ ଦ୍ୱୟଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଥିବା ରେଞ୍ଜର ଚୁଡ଼ାମଣି ମୁର୍ମୁ କହିଛନ୍ତି।

# ବରମୁଣ୍ଡା ବସ୍‌ଷ୍ଟାଣ୍ଡ ସମେତ ୪ ଅଞ୍ଚଳରୁ ହଟିଲା ଜବରଦଖଲ

ଭୁବନେଶ୍ୱର, ୨୦।୩ (ବ୍ୟୁରୋ)

ହକି ବିଶ୍ୱକପ୍ ପରଠାରୁ ବିଡିଏ ଓ ବିଏମ୍‌ସି ପକ୍ଷରୁ ସହରରେ ଉଚ୍ଛେଦକୁ ବ୍ୟାପକ କରାଯାଇଛି। ଗଳିକନ୍ଦିଠାରୁ ଆରମ୍ଭ କରି ମୁଖ୍ୟ ରାସ୍ତାଯାଏ ସବୁଠି ଜବରଦଖଲ ହଟାଯାଉଛି। ୨୪ ଘଣ୍ଟାରେ ଭୁବନେଶ୍ୱରର ୪ ସ୍ଥାନରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ବରମୁଣ୍ଡାସ୍ଥିତ ଆନ୍ତଃରାଜ୍ୟ ବସ୍ ଟର୍ମିନାଲ କାର୍ଯ୍ୟ ଯଥାଶୀଘ୍ର ସାରିବାକୁ ନିର୍ଦ୍ଦେଶ ଆସିବା ପରେ ଏଠାରୁ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟାକୁ ଆହୁରି ତ୍ୱରାନ୍ୱିତ କରାଯାଇଛି। ସୋମବାର ବିଡିଏର ସ୍କ୍ୱାଡ୍ ୧ ଓ ୩ ପକ୍ଷରୁ ଏଠାରେ ଥିବା ୧୩ଟି ବେଆଇନ୍ ନିର୍ମାଣକୁ ଧ୍ୱଂସ କରାଯାଇଛି। ଏଥିସହ ୫୦ଫୁଟ୍‌ର ବାଉଁଶ ବାଡ଼କୁ ମଧ୍ୟ ନଷ୍ଟ କରାଯାଇଛି। ଶାନ୍ତିଶୃଙ୍ଖଳାର ସହ ଉଚ୍ଛେଦ କାର୍ଯ୍ୟ କରାଯାଇଥିଲା। ଏହାପରେ ଆର୍‌ବିଆଇ ନିକଟରେ ଥିବା କେଶରୀ ଟକିଜ୍‌ରୁ ୨ଟି କ୍ୟାବିନ୍‌କୁ ଉଠାଯାଇଥିଲା। ଫାଲ୍‌କନ କାର୍ଯ୍ୟାଳୟରୁ କିମ୍ସ ହସ୍ପିଟାଲ ଯାଏ ଉଭୟ ପାର୍ଶ୍ୱ ରାସ୍ତାରୁ ଜବରଦଖଲମୁକ୍ତ କରାଯାଇଛି। ଏଥିସହ ୩ଟି କବାଡ଼ି ଗୋଦାମ, ୫ଟି ବାଉଁଶ, ପଲିଥିନ୍ ସେଡ୍, ୪ଟି ଟିଣ ସେଡ୍ ଦୋକାନ ଏବଂ ୧୪ଟି କାଠ/ ଲୁହା କ୍ୟାବିନ ଭଙ୍ଗା ଯାଇଥିଲା। ଶେଷରେ ନବୀନ ନିବାସଠାରୁ ପୁନାମା ଗେଟ୍ ପର୍ଯ୍ୟନ୍ତ ଅଞ୍ଚଳରୁ ୨ଟି ବଡ କ୍ୟାବିନ, ୪ଟି ଫାଷ୍ଟଫୁଡ ଦୋକାନ, ଗୋଟିଏ ହୋଟେଲ ଏବଂ ଗୋଟିଏ କ୍ୟାଟରିଂ ଦୋକାନ ଭଙ୍ଗା ଯାଇଥିଲା।

# ମାଛ ବେପାରୀଙ୍କୁ ଖଣ୍ଡାରେ ହାଣି ସଫେଇ କର୍ମଚାରୀ ଗିରଫ

## ଟାହିଟାପରାରୁ ଖଣ୍ଡଯୁଦ୍ଧ

ଭୁବନେଶ୍ୱର,୨୦।୩(ବ୍ୟୁରୋ)

ଜିଲା ନାମକରଣକୁ ନେଇ ଟାହିଟାପରାରୁ ଗଞ୍ଜାମର ଜଣେ ମାଛ ବେପାରୀ ଓ ବିଏମ୍‌ସିରେ ସଫେଇ କର୍ମଚାରୀ ଭାବେ କାର୍ଯ୍ୟ କରୁଥିବା ନୟାଗଡର ଜଣେ ବ୍ୟକ୍ତିଙ୍କ ମଧ୍ୟରେ ଖଣ୍ଡଯୁଦ୍ଧ ହୋଇଛି। ପାଞ୍ଚ ଟଙ୍କିଆ ମିଲ୍-ନୟାଗଡ ଭାଲୁ କହିବାରୁ ଏଥିରେ ଉତ୍‌କ୍ଷିପ୍ତ ହୋଇ ସଫେଇ କର୍ମଚାରୀ ଜଣକ ମାଛ ବେପାରୀ ପପୁ ବେହେରାଙ୍କ କାନକୁ ଖଣ୍ଡାରେ ହାଣି ଦେଇଛନ୍ତି। ଅଭିଯୋଗ ପରେ ଏୟାରପୋର୍ଟ ଥାନା ପୋଲିସ ଆକ୍ରମଣକାରୀ ନୟାଗଡର ବାସିନ୍ଦା ସନ୍ତୋଷ ନାଏକଙ୍କୁ ଗିରଫ କରିଛି।

ଆହତ ପପୁ ଏହି ଥାନା ଅନ୍ତର୍ଗତ କାରଗିଲ ବସ୍ତିରେ ରହି ମାଛ ବେପାର କରନ୍ତି। ଉକ୍ତ ବସ୍ତିରେ ନୟାଗଡର ସନ୍ତୋଷ ରହିବା ସହ ବିଏମ୍‌ସି ସଫେଇ କର୍ମଚାରୀ ଭାବେ କାମ କରନ୍ତି। ଉଭୟେ ଅଧିକାଂଶ ସମୟରେ ନିଜ ଜିଲା ନାମକୁ ନେଇ ପରସ୍ପର ମଧ୍ୟରେ ଟାହିଟାପରା ହୁଅନ୍ତି। ସନ୍ତୋଷଙ୍କୁ ପପୁ ନୟାଗଡ ଭାଲୁ ଡାକିବା ସହ ୫ ଟଙ୍କିଆ ମିଲ ଏବଂ ଅଭିଯୁକ୍ତ ସନ୍ତୋଷ ପପୁଙ୍କୁ ଗଞ୍ଜାମିଆ ଡାକି ଟାହିଟାପରା ହୁଅନ୍ତି। ବେଳେ ବେଳେ ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡା ହୁଏ। ରବିବାର ପୂର୍ବପରି ଉଭୟ ପପୁ ଓ ଅଭିଯୁକ୍ତ ସନ୍ତୋଷ ଜିଲା ନାମକୁ ନେଇ ପାଟିତୁଣ୍ଡ ଲାଗିଥିଲେ। ଅଭିଯୁକ୍ତ ସନ୍ତୋଷ ପପୁଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଘରୁ ଖଣ୍ଡା ଆଣି ଜୀବନରୁ ହତ୍ୟା କରିବା ଉଦ୍ଦେଶ୍ୟରେ ବେକକୁ ଏକ ଚୋଟ ପକାଇଥିଲେ। ଖଣ୍ଡାଟି ପୀଡିତଙ୍କ କାନରେ ବାଜି ପ୍ରଚୁର ରକ୍ତ ସ୍ରାବ ହୋଇଥିଲା। ଏହାପରେ ପପୁଙ୍କୁ ସ୍ଥାନୀୟ ଲୋକେ ପ୍ରଥମେ କ୍ୟାପିଟାଲ ହସ୍ପିଟାଲ ଭର୍ତ୍ତି କରିଥିଲେ। ସେଠାରୁ ପରେ କଟକ ଏସ୍‌ସିବିକୁ ସ୍ଥାନାନ୍ତର କରାଯାଇଥିଲା। ଏନେଇ ପପୁଙ୍କ ସ୍ତ୍ରୀ ଥାନାରେ ଅଭିଯୋଗ କରିଥିଲେ।

# ଚିତ୍ରା ହରିଣ ଉଦ୍ଧାର

ପୁରୁଣା ଭୁବନେଶ୍ୱର, ୨୦।୩(ଡି.ଏନ୍.ଏ.)

ରାଜଧାନୀ ଉପକଣ୍ଠ ଧଉଳି ଅଞ୍ଚଳରୁ ସୋମବାର ଏକ ଚିତ୍ରା ହରିଣ ଉଦ୍ଧାର କରାଯାଇଛି। ବାଲିସାହି ସ୍ଥିତ ଖଣ୍ଡୁଆଳ ମନ୍ଦିର ନିକଟରେ ଏକ ହରିଣ ବୁଲୁଥିବା ଦେଖି ସ୍ଥାନୀୟ ଲୋକ ଭିଡ଼ ଜମାଇଥିଲେ। ଫଳରେ ହରିଣଟି ଭୟଭୀତ ହୋଇ ନିକଟରେ ଥିବା ସିମେଣ୍ଟ ନନ୍ଦ ଫ୍ୟାକ୍ଟ୍ରି ଭିତରକୁ ପଶିଯାଇଥିଲା। ଏନେଇ ଲୋକେ ବାଲିପାଟଣା ବନ ବିଭାଗକୁ ଫୋନ ମାଧ୍ୟମରେ ଜଣାଇଥିଲେ। ଖବରପାଇ ବନ ବିଭାଗ କର୍ମଚାରୀ ପହଞ୍ଚି ଜାଲ ବିଛାଇ ହରିଣକୁ ଉଦ୍ଧାର କରିଥିଲେ। ବାଳକାଟୀ ସ୍ଥିତ ପ୍ରାଣି ଚିକିତ୍ସାଳୟରେ ହରିଣକୁ ଚିକିତ୍ସା ପରେ ଭଅଁରାଗଡ଼ ଗ୍ରାମ୍ୟ ଜଙ୍ଗଲରେ ଛଡ଼ାଯିବ ବୋଲି ରେଞ୍ଜର ମାନସ ରଞ୍ଜନ ମହାନ୍ତି ସୂଚନା ଦେଇଛନ୍ତି।

# ଅପହରଣ ପରେ ମୁଣ୍ଡ ଜାମିନ ରଖି ଟଙ୍କା ଦାବି

- ଅର୍ଦ୍ଧନିର୍ମିତ ଘରୁ ଅପହୃତ ଶ୍ରମିକ ଉଦ୍ଧାର, ୩ ଗିରଫ
- କାମ ଦେବାକୁ କହି କାରରେ ନେଇଯାଇଥିଲେ

ଭୁବନେଶ୍ୱର,୨୦।୩(ବ୍ୟୁରୋ)

ରାଜଧାନୀରୁ ଜଣେ ଶ୍ରମିକଙ୍କୁ ଅପହରଣ ପରେ ମୁଣ୍ଡ ଜାମିନ ରଖି ୫ ଲକ୍ଷ ଟଙ୍କା ଦାବି କରୁଥିଲେ ଅପହରଣକାରୀ। ଅଭିଯୋଗ ପରେ ମୈତ୍ରୀବିହାର ଥାନା ପୋଲିସ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଗାଡକଣ ଅଞ୍ଚଳରେ ଥିବା ଏକ ଅର୍ଦ୍ଧ ନିର୍ମିତ ଘରେ ଚଢ଼ାଉ କରି ଅପହୃତ ଶ୍ରମିକ ମନୋଜ ସେଠୀଙ୍କୁ ଉଦ୍ଧାର କରିବା ସହ ସଂପୃକ୍ତ ୩ ଅପହରଣକାରୀଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ନୟାଗଡର ସୁନୀଲ କୁମାର ସ୍ୱାଇଁ, ଗଞ୍ଜାମର ସଞ୍ଜୟ କୁମାର ପ୍ରଧାନ ଏବଂ କେନ୍ଦ୍ରାପଡାର ସୁଶାନ୍ତ ତ୍ରିପାଠୀ। ଏନେଇ ପୋଲିସ ମାମଲା ( ନଂ. ୮୫/୨୩) ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନ ମିଳିବାରୁ ସେମାନଙ୍କୁ ଝାରପଡାସ୍ଥିତ ଜେଲ ହାଜତକୁ ପଠାଇ ଦିଆଯାଇଛି। ତେବେ ଏହି ଘଟଣାରେ ସମ୍ପୃକ୍ତ ଥିବା ଆଉ କେତେଜଣ ଫେରାର ହୋଇଯାଇଥିବାରୁ ସେମାନଙ୍କୁ କାବୁ କରିବାକୁ ପୋଲିସ ଉଦ୍ୟମ ଚଳାଇଛି। ତେବେ ଦୁର୍ବୃତ୍ତମାନେ କାହିଁକି ଅପହରଣ କରିଥିଲେ ସେନେଇ ପୋଲିସ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ।

ସୂଚନାନୁଯାୟୀ, ଅପହୃତ ମନୋଜ ଗତ ଶନିବାର ସନ୍ଧ୍ୟାରେ ଶ୍ରୀ ଲିଙ୍ଗରାଜ ଅଞ୍ଚଳରେ କାମ ସାରି ଘରକୁ ଫେରୁଥିବା ସମୟରେ ଭିଏସ୍‌ଏସ୍‌ନଗରସ୍ଥିତ ହନୁମାନ ମନ୍ଦିର ନିକଟରେ ଅଛି, ଆଉ ଟିକେ ପରେ ଘରକୁ ଯିବି ବୋଲି ସ୍ତ୍ରୀକୁ ଫୋନ କରି କହିଥିଲେ। ହେଲେ ଦୀର୍ଘ ସମୟ ଅପେକ୍ଷା ପରେ ସେ ଘରେ ନ ପହଞ୍ଚିବାରୁ ସ୍ତ୍ରୀ ତାଙ୍କ ଫୋନ୍ କଲ୍ କରିଥିଲେ ମଧ୍ୟ ତାହା ସୁଇଚ୍ ଅଫ୍ ଦେଖାଇଥିଲା। ଏହାର କିଛି ଘଣ୍ଟା ପରେ ମନୋଜଙ୍କ ମୋବାଇଲରୁ ତାଙ୍କ ସ୍ତ୍ରୀଙ୍କ ପାଖକୁ ଏକ କଲ୍ ଆସିଥିଲା। ତେବେ କଲ୍ କରିଥିବା ଅଚିହ୍ନା ବ୍ୟକ୍ତିମାନେ ୫ଲକ୍ଷ ଟଙ୍କା ଦେଲେ ସ୍ୱାମୀକୁ ଫେରି ପାଇବ, ନଚେତ ମାରି ଦେବାକୁ ଧମକ ଦେଇଥିଲେ। ଏନେଇ ମନୋଜଙ୍କ ସ୍ତ୍ରୀ ମୈତ୍ରୀ ବିହାର ଥାନାରେ ଅଭିଯୋଗ ପରେ ପୋଲିସ ମୋବାଇଲ ଫୋନ ଟ୍ରାକ୍ କରି ଗାଡକଣ ଅଞ୍ଚଳରେ ଥିବା ଏକ ଅର୍ଦ୍ଧନିର୍ମିତ ଘରୁ ମନୋଜଙ୍କୁ ସେମାନଙ୍କ କବଳରୁ ଉଦ୍ଧାର କରିଥିଲେ। ହନୁମାନ ମନ୍ଦିର ନିକଟରେ ଛିଡା ହୋଇଥିବାବେଳେ ଅଭିଯୁକ୍ତମାନେ ତାଙ୍କୁ କାମ ଦେବା ବାହାନାରେ ଏକ କାରରେ ଅପହରଣ କରିନେଇ ମୁଣ୍ଡ ଜାମିନ ରଖିଥିଲେ ବୋଲି ମନୋଜ ପୋଲିସକୁ କହିଛନ୍ତି।



ସୋମବାର ଅପରାହ୍ନରେ ରାଜଧାନୀରେ ହୋଇଥିବା ବର୍ଷାରେ ରସୁଲଗଡ଼ ଜିଜିପି କଲୋନୀ ଅଞ୍ଚଳର ଦୃଶ୍ୟ।

# ମିଳିଲା ତଥ୍ୟ: ପ୍ରେମିକା, ପୁରୁଷ ବନ୍ଧୁଙ୍କ ନାଁରେ ମାମଲା

## ଡିଜେ ଆଜେକ୍ସ ଆତ୍ମହତ୍ୟା ଘଟଣା

ଭୁବନେଶ୍ୱର,୨୦।୩(ବ୍ୟୁରୋ)

ଲୋକପ୍ରିୟ ଡିଜେ ଆଜେକ୍ସ ଓରଫ୍ ଅକ୍ଷୟ କୁମାର ମହାରଣାଙ୍କ ଆତ୍ମହତ୍ୟା ଘଟଣାରେ ଖାରବେଳନଗର ଥାନା ପୋଲିସ ତଦନ୍ତକୁ ଅଧିକ ଜୋରଦାର କରିଛି। ବିଶେଷକରି ଜବତ ହୋଇଥିବା ଅକ୍ଷୟଙ୍କ ମୋବାଇଲକୁ ଯାଞ୍ଚ କରି ପୋଲିସ ମାମଲା ସଂକ୍ରାନ୍ତରେ ପ୍ରମାଣ ଖୋଜାଖୋଜି କରିବା ସହ ପ୍ରେମିକା ଓ ତାଙ୍କ ନୂଆ ପୁରୁଷ ବନ୍ଧୁଙ୍କ ନାମରେ ମାମଲା ରୁଜୁ ହୋଇଛି। ଏନେଇ ଜୋନ୍ ଏସିପି ମାନସ ଗଡ଼ନାୟକ କହିଛନ୍ତି, ଥାନାଧିକାରୀଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ପ୍ରଶିକ୍ଷଣପ୍ରାପ୍ତ ପୋଲିସ ଟିମ୍ ତଦନ୍ତ କରୁଛି। ବହୁ ଖୋଜାଖୋଜି କରିବା ପରେ ଅକ୍ଷୟଙ୍କ ମୋବାଇଲ ପାସ୍‌ୱାର୍ଡ ମିଳିଛି। ଏହାପରେ ତାଙ୍କ ମୋବାଇଲରେ ଥିବା ଚାଟ୍ ଓ ଅନ୍ୟ ତଥ୍ୟକୁ ବିଶ୍ଲେଷଣ କରିବା ପରେ କିଛି ନିର୍ଦ୍ଦିଷ୍ଟ ତଥ୍ୟ ମିଳିଛି। ଏହି ତଥ୍ୟକୁ ନେଇ ଆମେ ଅଧିକ ତଦନ୍ତ ଜାରି ରଖିଛୁ। ତଦନ୍ତ ସମୟରେ ଯେଉଁମାନଙ୍କ ନାଁ ଆସିବା ସହ ନିର୍ଯାତନାରେ ସମ୍ପୃକ୍ତି ଥିବା ପ୍ରମାଣ ମିଳିବ, ସେମାନଙ୍କୁ ଆମେ ତଦନ୍ତ ପରିସରଭୁକ୍ତ କରିବୁ। ଏଥିସହ ସେମାନଙ୍କୁ ଜେରା କରିବା ସହ ତଦନ୍ତର ନିର୍ଣାୟକ ମୋଡ଼କୁ ନେବୁ ବୋଲି ଏସିପି କହିଛନ୍ତି। ତେବେ ଅକ୍ଷୟଙ୍କ ପ୍ରେମିକା ଓ ତାଙ୍କ ନୂଆ ପୁରୁଷ ବନ୍ଧୁ ପୋଲିସ ଜେରାର ସମ୍ମୁଖୀନ ହୋଇପାରନ୍ତି ବୋଲି ସୂଚନା ମିଳିଛି।

ସୂଚନାଯୋଗ୍ୟ, ଶନିବାର ରାତିରେ ଖାରବେଳନଗର ଥାନା ଅନ୍ତର୍ଗତ ଇଣ୍ଡଷ୍ଟ୍ରିଆଲ୍ କଲୋନୀସ୍ଥିତ ବାସଭବନରେ ଅକ୍ଷୟ ଫ୍ୟାନ୍‌ରେ ବେଡ୍‌ଶିଟ୍ ଦ୍ୱାରା ଝୁଲି ଆତ୍ମହତ୍ୟା କରିଥିଲେ। ତେବେ ଏହାପଛରେ ପ୍ରେମିକା ଓ ତାଙ୍କ ନୂଆ ପୁରୁଷବନ୍ଧୁଙ୍କ ସମ୍ପୃକ୍ତି ଥିବା ପରିବାର ପକ୍ଷରୁ ଅଭିଯୋଗ କରାଯାଇଥିଲା। ପୋଲିସ ଆଇପିସି ଦଫା ୩୦୬ (ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା)ରେ ଏକ ମାମଲା (ନଂ.୧୨୧/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# 'ଭାରତରେ ଶିକ୍ଷା ହବ୍ ପାଲଟିଛି ଓଡ଼ିଶା'

## କଳିଙ୍ଗ ଟିଭିର କନକ୍ଲେଭ 'ପ୍ରଗତି ପଥେ ଓଡ଼ିଶା'

ଭୁବନେଶ୍ୱର,୨୦।୩(ବ୍ୟୁରୋ)

କଳିଙ୍ଗ ଟିଭିର କନକ୍ଲେଭ 'ପ୍ରଗତି ପଥେ ଓଡ଼ିଶା' ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ କହିଥିଲେ, ସମଗ୍ର ଭାରତରେ ଓଡ଼ିଶା ଏକ ଶିକ୍ଷା ହବ ପାଲଟିଛି। ଓଡ଼ିଶାର ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଦେଶ ବିଦେଶରେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେବା ସହ ଭଲ ର୍‍ୟାଙ୍କ କରି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ସେହିଭଳି କିଟ୍ ଅନୁଷ୍ଠାନରେ ୧ ଲକ୍ଷ ପିଲା ପଢ଼ିବା ପ୍ରଶଂସାର ବିଷୟ। ଏକ ଅଗ୍ରଣୀ ରାଜ୍ୟ ଭିତରେ ଓଡ଼ିଶା ଏବେ ବହୁ ଆଗରେ ଅଛି ବୋଲି ମନ୍ତ୍ରୀ ଦାଶ କହିଛନ୍ତି। ସେହିଭଳି ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ ଯୋଗଦେଇ ଜୀବିକା ପାଇଁ ଆଗକୁ ବାହାର ରାଜ୍ୟର ଯୁବକ ଓଡ଼ିଶା ଆସିବେ ବୋଲି କହିଥିଲେ। ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ କହିଥିଲେ, ନବୀନଙ୍କ ଯୁଗ ଭିତ୍ତିଭୂମି ବିକାଶ ସହ ମହିଳାଙ୍କ ପାଇଁ ସୁବର୍ଣ୍ଣ ସୁଯୋଗର ଯୁଗ। ଓଡ଼ିଶାର ଉନ୍ନତି ଓ ପ୍ରଗତିକୁ ନେଇ ସାରା ବିଶ୍ୱରେ ପ୍ରଶଂସା ହେଉଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶମୂଳକ କାର୍ଯ୍ୟକୁ ନେଇ ବିଶ୍ୱରେ ଚର୍ଚ୍ଚା ଚାଲିଛି। ଇପିକଲ ଏମ୍‌ଡି ଭୂପେନ୍ଦ୍ର ସିଂ ପୁନିଆ କହିଛନ୍ତି, ଓଡ଼ିଶା ଏବେ ନିବେଶ ଅନୁକୂଳ ଭିତ୍ତିଭୂମି ରହିଛି। ଦେଶ ବିଦେଶର ଉଦ୍ୟୋଗୀମାନେ ଓ ନିବେଶ ପାଇଁ ଆଗ୍ରହୀ। ଶିଳ୍ପାୟନ ନୀତି ପ୍ରଣୟନରେ ଦେଶରେ ଓଡ଼ିଶା ଶ୍ରେଷ୍ଠ। ଶାସନ ଓ ଅର୍ଥନୀତିରେ ସ୍ଥିରତା ଉଦ୍ୟୋଗ ସ୍ଥାପନ ପାଇଁ ଅନୁକୂଳ ରହିଛି। ଶିଳ୍ପାୟନ ପାଇଁ ସବୁ ପ୍ରକାର ସୁବିଧାସୁଯୋଗ ଯୋଗାଇବାକୁ ସରକାର ପ୍ରସ୍ତୁତ ରହିଥିବା ସେ କହିଥିଲେ। କଳିଙ୍ଗ ଟିଭି ଆଡ୍‌ଭାଇଜର ଉମାପତି ବୋଷ କହିଥିଲେ, ନିବେଶ ପାଇଁ ଓଡ଼ିଶାରେ ପ୍ରଚୁର ସମ୍ଭାବନା ରହିଛି। ବିଗତ ୨୦ ବର୍ଷରେ ଓଡ଼ିଶାର ସ୍ଥିତିରେ ଅଭୂତପୂର୍ବ ପରିବର୍ତ୍ତନ ହୋଇଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କନକ୍ଲେଭରେ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ଏହାଦ୍ୱାରା ଓଡ଼ିଶାର ପ୍ରସାର ବିଶ୍ୱରେ ବିଦିତ ହୋଇପାରିବ ବୋଲି ମତପ୍ରକାଶ କରିଥିଲେ।

# ଉତ୍କଳ ବିଶ୍ୱବିଦ୍ୟାଳୟରେ ଛାତ୍ରଙ୍କ ବିକ୍ଷୋଭ

## ନିମ୍ନମାନର କାମକୁ ନେଇ ଗଣ୍ଡଗୋଳ

## ପୋଲିସ କାର୍ଯ୍ୟାନୁଷ୍ଠାନରେ ଅସନ୍ତୋଷ

ଭୁବନେଶ୍ୱର,୨୦।୩(ବ୍ୟୁରୋ)



ଗୋପବନ୍ଧୁ ଛାତ୍ରାବାସ ସାମ୍ନାରେ ଛାତ୍ରମାନେ ଟାୟାର ଜାଳି ବିକ୍ଷୋଭ କରୁଛନ୍ତି।

ଶହୀଦନଗର ଥାନା ପୋଲିସର କାର୍ଯ୍ୟାନୁଷ୍ଠାନରେ ଅସନ୍ତୋଷ ପ୍ରକାଶ କରି ଶତାଧିକ ଛାତ୍ର ଉତ୍କଳ ବିଶ୍ୱବିଦ୍ୟାଳୟ ଗୋପବନ୍ଧୁ ଛାତ୍ରାବାସ ସାମ୍ନାରେ ସୋମବାର ସନ୍ଧ୍ୟାରେ ବିକ୍ଷୋଭ କରିଛନ୍ତି। ସେମାନେ ଟାୟାର ଜାଳି ବିଶ୍ୱ ବିଦ୍ୟାଳୟ କୁଳପତି ଓ ପୋଲିସ ବିରୋଧରେ ନାରାବାଜି ଦେଇଥିଲେ। ସେମାନଙ୍କ ଅଭିଯୋଗ ହେଲା, ବିଶ୍ୱ ବିଦ୍ୟାଳୟରେ ପୋଲିସ ହାଉସିଂବୋର୍ଡ ପକ୍ଷରୁ ବିଭିନ୍ନ କାର୍ଯ୍ୟ ହେଉଛି। ରବିବାର ପ୍ରେସ୍ ବିଲ୍ଡିଂଠାରେ ହେଉଥିବା କାର୍ଯ୍ୟ ନିମ୍ନମାନର ଅଭିଯୋଗ ଆଣି ସମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗର ଛାତ୍ର ସରୋଜ ବାରିକ ଏହାକୁ ବିରୋଧ କରିଥିଲେ। ହେଲେ କନିଷ୍ଠ ଯନ୍ତ୍ରୀ (ଜେଇ)ଙ୍କ ସମେତ ୩ରୁ ଅଧିକ ବ୍ୟକ୍ତି ସେମାନଙ୍କୁ ମାଡ଼ ମାରିଥିଲେ। ହେଲେ ଏନେଇ ଅଭିଯୋଗ ଦିଆଯାଇଥିଲେ ମଧ୍ୟ ପୋଲିସ କାର୍ଯ୍ୟାନୁଷ୍ଠାନ ନେଉନାହିଁ। ଏପରିକି ଏଲ୍‌ଏଲ୍‌ବି ଛାତ୍ର ଅନନ୍ତ ପ୍ରସାଦ ସାମନ୍ତରାୟଙ୍କୁ ମିଥ୍ୟା ମାମଲାରେ ୨ରୁ ଅଧିକ ଘଣ୍ଟା ଅଟକ ରଖିବା ନିନ୍ଦନୀୟ ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏନେଇ ଥାନାଧିକାରୀ ମନୋଜ କୁମାର ଶତପଥୀ କହିଛନ୍ତି, ବିଶ୍ୱ ବିଦ୍ୟାଳୟରେ କାର୍ଯ୍ୟରତ ଜେଇ ଆଶିଷ ସାମନ୍ତରାୟଙ୍କୁ କେତେଜଣ ଛାତ୍ର କାମ ପାଇଁ ଟଙ୍କା ମାଗିବା ସହ ମାରଧର କରିଥିଲେ। ଏନେଇ ଅଭିଯୋଗ ହେବା ପରେ ଅନନ୍ତ ପ୍ରସାଦଙ୍କ ସମେତ ୪ଜଣଙ୍କ ନାମରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଛି। ଏହାକୁ ବିରୋଧ କରି ଛାତ୍ରଙ୍କ ପକ୍ଷରୁ ରବିବାର ରାତିରେ ମିଥ୍ୟା ଅଭିଯୋଗ ଦିଆଯାଇଥିଲା। ତେବେ ଛାତ୍ରଙ୍କ ପକ୍ଷରୁ ହୋଇଥିବା ଅଭିଯୋଗ ଭିତ୍ତିହୀନ ବୋଲି ସେ କହିଛନ୍ତି।

**ସିଏମ୍‌ସିର ଅଭିଯୋଗ ସମାଧାନ ସଭା**

କଟକ ଅଫିସ: କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ସ୍ଥାନୀୟ ବାଦାମବାଡ଼ିସ୍ଥିତ ବିକାଶ ଭବନ କାର୍ଯ୍ୟାଳୟରେ ସୋମବାର ଏକ ଅଭିଯୋଗ ସମାଧାନ ସଭା ଅନୁଷ୍ଠିତ ହୋଇଯାଇଛି । ସିଏମ୍‌ସି କମିଶନର ନିଖିଳ ପଵନ କଲ୍ୟାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଭିନ୍ନ ଅଭିଯୋଗର ପ୍ରତିକାର ନେଇ ଶୁଣାଣି କରାଯାଇଥିଲା । ଏଥିରେ ସମୁଦାୟ ୮ଟି ଅଭିଯୋଗର ଶୁଣାଣି ହୋଇଥିଲା । ସେଥିମଧ୍ୟରେ ଗୋଟିଏ ପାନୀୟଜଳ ସମ୍ପର୍କିତ ହୋଇଥିବା ବେଳେ ଗୋଟିଏ ବସ୍ତି ଉନ୍ନୟନ, ଦୁଇଟି ଏନଫୋର୍ସମେଣ୍ଟ, ଗୋଟିଏ ଜମିବାଡି ସଂକ୍ରାନ୍ତ, ଗୋଟିଏ ଇଞ୍ଜିନିୟରିଂ ଓ ଭୂସମ୍ପତ୍ତି ଉପରେ ଦୁଇଟି ଅଭିଯୋଗର ସମାଧାନ କରାଯାଇଥିଲା । ସଭାରେ ଅତିରିକ୍ତ କମିଶନର ଅନାମ ପାତ୍ର, ଡେପୁଟି କମିଶନର ଅମିୟ ପଣ୍ଡା, ସିଟି ଇଞ୍ଜିନିୟର ଅତନୁ ସାମନ୍ତ ଓ ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ଅବକାରୀ ଚଢ଼ାଉ, ୭ ଗିରଫ

କଟକ ଅଫିସ,୨୦।୩: ଅବକାରୀ ବିଭାଗ ପକ୍ଷରୁ ସୋମବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ବହୁ ପରିମାଣର ଗଞ୍ଜେଇ ଓ ଭାଙ୍ଗ ଜବତ ହୋଇଛି। ବାଦାମବାଡ଼ି ଏକ୍ସିସ୍ ବ୍ୟାଙ୍କ ନିକଟରୁ ୧୭ କେଜି ଭାଙ୍ଗ ଜବତ ହେବା ସହ ଅଭିଯୁକ୍ତ ପଶ୍ଚିମବଙ୍ଗ ଦକ୍ଷିଣ ୨୪ ପ୍ରଗଣାର ରାଜା ମୋଲା(୨୨)ଙ୍କୁ ଗିରଫ କରାଯାଇଛି। ପାଲାମଣ୍ଡପ ଛକ ନିକଟରୁ ୧୫୦ କେଜି ଭାଙ୍ଗ ଜବତ ହେବା ସହ ଅଭିଯୁକ୍ତ ପଶ୍ଚିମବଙ୍ଗ ନବଦ୍ୱୀପର ମିହିର ଦତ୍ତ(୨୭)ଙ୍କୁ ଗିରଫ କରାଯାଇଛି। ଖାନନଗର ଟ୍ରାଫିକ ନିକଟରୁ ୧୨୦ କେଜି ଭାଙ୍ଗ ଜବତ କରାଯାଇ ଅଭିଯୁକ୍ତ ଗୋପାଳ ସାହା(୩୫)ଙ୍କୁ ଗିରଫ କରାଯାଇଛି। ସେହିପରି ବାଦାମବାଡ଼ି ମୋନାଲିସା ହୋଟେଲ ନିକଟରୁ ଅଭିଯୁକ୍ତ ଦକ୍ଷିଣ ୨୪ ପ୍ରଗଣାର ୟାକୁବ ମୋଲା(୨୭)ଙ୍କୁ ଗିରଫ କରାଯାଇ ୧୨ କେଜି ଗଞ୍ଜେଇ ଜବତ କରାଯାଇଛି। ପ୍ରତାପନଗରୀ ଧାକୁଲେଇ ଗେଟ୍ ନିକଟରୁ ୨୨ କେଜି ଗଞ୍ଜେଇ ଜବତ କରାଯାଇ ଅଭିଯୁକ୍ତ ଗଜପତି ଜିଲାର ସିମ୍ପୁଲ ରାଜ ନାୟକ(୨୨)ଙ୍କୁ ଗିରଫ କରାଯାଇଛି। ଆଇଆଇସି ସଞ୍ଜିତ ବର୍ଲାଙ୍କ ସମେତ ଅର୍ପିତା ସାହୁ, ମେନାକ ସିଂହଙ୍କ ନେତୃତ୍ୱରେ ଉପରୋକ୍ତ ସ୍ଥାନଗୁଡ଼ିକରେ ପୃଥକ ଭାବେ ଚଢ଼ାଉ କରାଯାଇଥିଲା। ସେହିପରି ଅବକାରୀ ବିଭାଗ ପକ୍ଷରୁ ଟାଙ୍ଗୀ ଟୋଲ ଗେଟ୍ ନିକଟରେ ଚଢ଼ାଉ କରାଯାଇ ପ୍ରାୟ ୭.୫ ଲକ୍ଷ ଟଙ୍କାର ୭୫ କେଜି ଗଞ୍ଜେଇ ସହ ୧୦ ଲକ୍ଷ ଟଙ୍କା ମୂଲ୍ୟର ଏକ ମାରୁତି କାର୍ ଜବତ କରାଯାଇଛି। ଏହି କାରବାରରେ ଜଡ଼ିତ ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଅଭିଯୁକ୍ତଦ୍ୱୟ ହେଲେ ବିହାର ରାଜ୍ୟ ରୋହତାସ୍ ଜିଲାର ମନୋଜ କୁମାର ଓ ଶ୍ରୀସାନ୍ତ କୁମାର। ଏନେଇ କେସ୍ ନଂ ୬୭୭/୨୩ ରୁଜୁ କରାଯାଇଛି। ଏହି ଗଞ୍ଜେଇ ଫୁଲବାଣୀରୁ ବିହାର ଚାଲାଣ ହେଉଥିଲା। ଅବକାରୀ ଡିଏସ୍‌ପି ପ୍ରତାପ କୁମାର ଦାସ, ଇନ୍‌ସ୍ପେକ୍ଟର ସତ୍ୟଜିତ ଖଟୁଆଙ୍କ ସମେତ ଅନ୍ୟମାନେ ଚଢ଼ାଉରେ ସାମିଲ ଥିଲେ।

### ସୁନାଚେନ୍ ଲୁଟ ଘଟଣାରେ ୨ ମହିଳା ଗିରଫ

ଖୁଣ୍ଟୁଣୀ,୨୦।୩( ଡି.ଏନ୍.ଏ. ): ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ବ୍ରହ୍ମପୁର ବାରୁଣୀ ଘାଟକୁ ରବିବାର ବୁଡ଼ ପକାଇବା ପାଇଁ ଆସିଥିବା ୨ ମହିଳାଙ୍କ ବେକରୁ ସୁନାଚେନ ଲୁଟ ଘଟଣାରେ ଅଟକ ୨ ମହିଳାଙ୍କୁ ସୋମବାର ଖୁଣ୍ଟୁଣୀ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ପୁରୀ ପେଣ୍ଠକଟା ସାହିର ଗାୟତ୍ରୀ ନାଏକ ଓ କାଲି ନାଏକ। ରବିବାର ଟାଙ୍ଗି ଥାନା ବ୍ରାହ୍ମଣ ଭୋଗ ଗ୍ରାମର ବନ୍ଦନା ପ୍ରଧାନ ଓ ଆଠଗଡ଼ ଥାନା ବାଉଁଶଦଣ୍ଡା ଗ୍ରାମର ତିଳୋତ୍ତମା ପାଣି ବ୍ରହ୍ମପୁର ବାରୁଣୀ ସ୍ନାନ ପାଇଁ ଆସିଥିବା ବେଳେ ଭିଡର ସୁଯୋଗ ନେଇ ଅଭିଯୁକ୍ତା ଦୁଇ ମହିଳା ସେମାନଙ୍କର ଦୁଇଟି ସୁନା ଚେନ ଲୁଟି ନେଇଯାଇଥିଲେ। ଏ ନେଇ ଚୋରିର ଶିକାର ହୋଇଥିବା ମହିଳାଦ୍ୱୟ ଥାନାରେ ଅଭିଯୋଗ କରିବା ପରେ ପୋଲିସ ପୃଥକ ଭାବେ ୨ଟି ମାମଲା(ନଂ.୫୨,୫୩/୨୩) ରୁଜୁ କରି ତଦନ୍ତ କରିଥିଲା। ଅନ୍ୟପଟେ ଲୁଟ ବେଳେ ସେଠାରେ ଉପସ୍ଥିତ ଥିବା ଜଣେ ଶ୍ରଦ୍ଧାଳୁ ମହିଳା ଅଭିଯୁକ୍ତା ମହିଳାଦ୍ୱୟଙ୍କୁ କାବୁ କରି ପୋଲିସଙ୍କୁ କହି ଜିମା ଦେଇଥିଲେ। ଅଭିଯୁକ୍ତା ମହିଳାଦ୍ୱୟଙ୍କୁ ଥାନାରେ ଅଟକ ରଖି ପଚରାଉଚରା ବେଳେ ଜଣେ ମହିଳାଙ୍କ ଠାରୁ ଗୋଟିଏ ଚେନ ମିଳିଥିଲା ଏବଂ ସେମାନେ ସୁନାଚେନ ଚୋରି କରିବାର ସ୍ୱୀକାର କରିଥିଲେ ବୋଲି ଆଇଆଇସି ଭବାନୀ ଶଙ୍କର ଖୁଣ୍ଟିଆ କହିଛନ୍ତି।

# ୫୫ନଂ. ଜାତୀୟ ରାଜପଥରେ ବଢୁଛି ଦୁର୍ଘଟଣା

- ଦୁର୍ଘଟଣାରେ ମାଟ୍ରିକ୍ ପରୀକ୍ଷାର୍ଥୀ ଗୁରୁତର
- ଘଟଣାସ୍ଥଳରେ ସ୍ଥାନୀୟ ଲୋକଙ୍କ ରାସ୍ତାରୋକୋ

ଚୌଦ୍ୱାର,୨୦।୩(ଡି.ଏନ୍.ଏ):

୫୫ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟର ବିଳମ୍ବ ହେତୁ ଚୌଦ୍ୱାର ସହରରେ ଛୋଟମୋଟ ଦୁର୍ଘଟଣା ଘଟିବା ଏକ ନିତିଦିନିଆ ଘଟଣାରେ ପରିଣତ ହେଲାଣି। ରବିବାର ଗୋଟିଏ ଟ୍ରକ ପଛରେ ଆଉ ଏକ ଟ୍ରକ ପିଟି ହେବାରୁ ଟ୍ରକ କ୍ଷତିଗ୍ରସ୍ତ ହେବା ସହିତ ଡ୍ରାଇଭର ଅଳ୍ପକେ ବର୍ତ୍ତିଯାଇଥିଲା। ସୋମବାର ପୁଣି ଏକ ଦୁର୍ଘଟଣାରେ ଜଣେ ମାଟ୍ରିକ ପରୀକ୍ଷାର୍ଥୀ ଗୁରୁତର ଆହତ ହୋଇ ଚିକିତ୍ସାଧୀନ ଅବସ୍ଥାରେ ଅଛନ୍ତି। ସୋମବାର ପରୀକ୍ଷା ଶେଷ ହେବା ପରେ ଖୁସିରେ ଘରକୁ ଫେରୁଥିବା ବେଳେ ବାଟରେ ଦୁର୍ଘଟଣାର ଶିକାର ହୋଇଥିଲେ ଜଣେ ମାଟ୍ରିକ୍ ପରିକ୍ଷାର୍ଥୀ। ଯାହାକୁ ନେଇ ଘଟଣାସ୍ଥଳରେ ଚାପା ଉତ୍ତେଜନା ପ୍ରକାଶ ପାଇବା ସହ ରାଜରାସ୍ତାରେ ପୂର୍ବାହ୍ନ ୧୦ଟା ୩୦ମିସମୟରୁ ୧୧ଟା ୩୦ମି ଘଣ୍ଟାଏ କାଳ ଯାନବାହନ ଚଳାଚଳ ବନ୍ଦ ହୋଇଯାଇଥିଲା।

ମିଳିଥିବା ସୂଚନା ଅନୁଯାୟୀ, ଟାଙ୍ଗୀ ଥାନା ସର୍ଦ୍ଧୋଳା ଗ୍ରାମର ତପସ୍ୱିନୀ ସାହୁ ବ୍ରାହ୍ମଣଭୋଗ ବିଦ୍ୟାପୀଠରେ ପାଠ ପଢୁଥିବା ବେଳେ ଚଳିତବର୍ଷ ମାଟ୍ରିକ ପରୀକ୍ଷା କେନ୍ଦ୍ର ଚୌଦ୍ୱାର କଳିଙ୍ଗ ବିଦ୍ୟାପୀଠରେ ହୋଇଥିଲା। ସୋମବାର ପରୀକ୍ଷା ଶେଷ ହେବାପରେ ବାପାଙ୍କ ସହିତ ମୋଟରସାଇକେଲ ଯୋଗେ ଘରକୁ ଫେରୁଥିଲେ। ହେଲେ ଓଟିଏମ ଦୁର୍ଗାବଜାର ନିକଟ ସର୍ଭିସ ରୋଡରେ ଏକ ଟ୍ରେଲର ତାଙ୍କ ପାର୍ଶ୍ୱରେ ଯିବାବେଳେ ଗାଡ଼ିର ଆଗଚକା ତପସ୍ୱିନୀଙ୍କ ଗୋଡରେ ଲାଗିଯିବାରୁ ତଳେ ଖସି ପଡିଥିଲେ। ତାଙ୍କ ଡାହାଣ ଗୋଡରେ ଚକା ଘସି ହୋଇ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ନିକଟସ୍ଥ ଘରୋଇ ଚିକିତ୍ସାଳୟକୁ ପଠାଇଥିଲେ। ଅନ୍ୟପଟେ ସ୍ଥାନୀୟ ଲୋକେ ଟ୍ରେଲରକୁ ଅଟକ ରଖିବା ସହିତ ଉତ୍ତ୍ୟକ୍ତ ହୋଇଯିବାରୁ ରାସ୍ତାରେ ଯାନବାହନ ଚଳାଚଳ ବନ୍ଦ କରି ଦେଇଥିଲେ। ଲୋକଙ୍କ କହିବାନୁଯାୟୀ, ଜାତୀୟ ରାଜପଥ ମୁଖ୍ୟରାସ୍ତା ଅବସ୍ଥା ଖରାପ ଥିବା ହେତୁ ସର୍ଭିସ ରୋଡ୍‌ରେ ଭାରିଯାନ ଓ ଯାତ୍ରୀବାହୀ ବସ୍‌ଗୁଡିକ ଚଳାଚଳ କରୁଛନ୍ତି। ଫଳରେ ଦୈନନ୍ଦିନ ଦୁର୍ଘଟଣା ଘଟୁଛି। ପୋଲିସକୁ ଭାରିଯାନ ଚଳାଚଳ ଉପରେ ରୋକ ଲଗାଇବା ପାଇଁ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ କୌଣସି ସୁଫଳ ମିଳୁନାହିଁ। ତେଣୁ ଏହାର ସ୍ଥାୟୀ ସମାଧାନ ପାଇଁ ଲୋକେ ଅଡ଼ି ବସି ରାସ୍ତାରୋକୋ କରିଥିଲେ। ଖବରପାଇ ଚୌଦ୍ୱାର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରେଲରକୁ ଜବତ କରିବା ସହିତ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଏହା ଉପରେ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯିବା ପାଇଁ ଆଇଆଇସି ବିରଞ୍ଚି ନାରାୟଣ ପତି ପ୍ରତିଶ୍ରୁତି ଦେବା ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା ।



ଉତ୍ତ୍ୟକ୍ତ ଆନ୍ଦୋଳନକାରୀଙ୍କୁ ପୋଲିସ ବୁଝାଶୁଝା କରୁଛି ।



ରେଭେନ୍‌ଶା କଲିଜିଏଟ୍ ସ୍କୁଲ ପରୀକ୍ଷା କେନ୍ଦ୍ରରୁ ମାଟ୍ରିକ୍ ପରୀକ୍ଷା ସରିବା ପରେ ଛାତ୍ରୀମାନେ ପରସ୍ପର ମଧ୍ୟରେ ଖୁସି ମନାଉଛନ୍ତି ।

# ଶେଷ ଦିନରେ ୪୧୬ ପରୀକ୍ଷାର୍ଥୀ ଅନୁପସ୍ଥିତ

କଟକ ଅଫିସ,୨୦।୩

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ (ସପ୍ଲେମେଣ୍ଟିଭ-୨) ପରୀକ୍ଷା ସୋମବାର ଶେଷ ହୋଇଛି। ଶେଷଦିନରେ ଗଣିତ ପରୀକ୍ଷା ହୋଇଥିଲା। ସମସ୍ତ କେନ୍ଦ୍ରରେ ସୁଚାରୁ ରୂପେ ପରୀକ୍ଷା ଶେଷ ହୋଇଥିବା ଜିଲା ଶିକ୍ଷାଧିକାରୀ (ଡିଇଓ) କୃଷ୍ଣଚନ୍ଦ୍ର ନାୟକ କହିଛନ୍ତି। ପରୀକ୍ଷା ଶେଷ ପରେ ଛାତ୍ରୀଛାତ୍ରମାନେ ରଙ୍ଗ ଖେଳି ଖୁସି ମନାଇଥିଲେ। କଟକ ଜିଲାରେ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ନିମନ୍ତେ ୨୮ ହଜାର ୪୨୯ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି ଓ ୪୧୬ଜଣ ଅନୁପସ୍ଥିତ ରହିଥିଲେ। ସେହିଭଳି ସଂସ୍କୃତ ମଧ୍ୟମାରେ ୧୨୧ଜଣ ପରୀକ୍ଷା ଦେଇଥିବା ବେଳେ ୧୭ଜଣ ଅନୁପସ୍ଥିତ ଥିଲେ। ରାଜ୍ୟ ମୁକ୍ତ ବିଦ୍ୟାଳୟର ୨୭୬ଜଣ ପରୀକ୍ଷା ଦେଇଥିବାବେଳେ ୨୫ଜଣ ଅନୁପସ୍ଥିତ ରହିଥିଲେ। ଅନ୍ୟପକ୍ଷରେ ଡିଇଓ ପରୀକ୍ଷା ପରିଚାଳନା ବ୍ୟବସ୍ଥାର ତଦାରଖ କରିଥିଲେ। ସେ ସୁନ୍ଦରଗ୍ରାମ ହାଇସ୍କୁଲ, ଜଲାରପୁର ହାଇସ୍କୁଲ ଏବଂ ନିଆଳି ମାଧବ ହାଇସ୍କୁଲରେ ହୋଇଥିବା ପରୀକ୍ଷା କେନ୍ଦ୍ର ବୁଲି ଦେଖିଥିଲେ। ସୂଚନାଯୋଗ୍ୟ, କଟକ ଜିଲାର ୫୦୩ଟି ହାଇସ୍କୁଲର ୨୮ ହଜାର ୮୪୫ ଛାତ୍ରୀଛାତ୍ର ଦଶମ ଶ୍ରେଣୀ ସପ୍ଲେମେଣ୍ଟିଭ-୨ ପରୀକ୍ଷା ଦେଇଛନ୍ତି। ସେମାନଙ୍କ ନିମନ୍ତେ ୧୫୬ଟି ପରୀକ୍ଷାକେନ୍ଦ୍ରର ବ୍ୟବସ୍ଥା ହୋଇଥିଲା। ଡିଇଓଙ୍କ ସମେତ ଜିଲାପାଳ ଭବାନୀ ଶଙ୍କର ଚୟନୀ ବିଭିନ୍ନ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ।

# ବାସନ୍ତୀ ଦୁର୍ଗା ପୂଜା, ଭସାଣି ଉତ୍ସବ ପ୍ରସ୍ତୁତି ସଭା

କଟକ ଅଫିସ,୨୦।୩

**ମାର୍ଚ୍ଚ ୩୧, ଏପ୍ରିଲ ୧ରେ ଭସାଣି**

ଫିରିଙ୍ଗିବଜାରସ୍ଥିତ ମା' ବୈଷ୍ଣବଦେବୀ ପରିବାର ନିମନ୍ତ୍ରଣକ୍ରମେ କଟକ ମହାନଗର ଶାନ୍ତି କମିଟି ପକ୍ଷରୁ ବାସନ୍ତୀ ଦୁର୍ଗା ପୂଜା ଓ ଭସାଣି ଉତ୍ସବ ପ୍ରସ୍ତୁତି ସଭା ମାଣିକଘୋଷ ବଜାରସ୍ଥିତ ମାରୁୱାଡି କ୍ଲବରେ ସୋମବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଶାନ୍ତି କମିଟି ସଭାପତି ଦେବେନ୍ଦ୍ରନାଥ ସାହୁ ଅଧ୍ୟକ୍ଷତା କରିଥିବାବେଳେ ମା' ବୈଷ୍ଣବଦେବୀ ପରିବାରର ସଭାପତି ଶ୍ରୀକାନ୍ତ ସାହୁ ମଞ୍ଚାସୀନ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସମ୍ପାଦକ ନରେଶଚନ୍ଦ୍ର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଶାନ୍ତି କମିଟି ସାଧାରଣ ସମ୍ପାଦକ ଭିକାରୀ ଦାସ ଚଳିତବର୍ଷ ବାସନ୍ତୀ ଦୁର୍ଗା ପୂଜା ଓ ଭସାଣି ଉତ୍ସବ ସଂକ୍ରାନ୍ତୀୟ ଏକ ପ୍ରସ୍ତାବ ଆଗତ କରିଥିଲେ। ଏହା ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା। ମାର୍ଚ୍ଚ ୨୬ ମହାଷଷ୍ଠୀରୁ ବାସନ୍ତୀ ଦୁର୍ଗା ପୂଜା ଆରମ୍ଭ ହୋଇ ମାର୍ଚ୍ଚ ୩୧ ଓ ଏପ୍ରିଲ ୧ ଦୁଇ ଦିନ ବ୍ୟାପୀ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ଭସାଣି ଶୋଭାଯାତ୍ରା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ନିମନ୍ତେ ପୋଲିସ ପ୍ରଶାସନ ପକ୍ଷରୁ ଅନୁମତି ପ୍ରଦାନ କରିବାକୁ ନିବେଦନ କରାଯାଇଥିଲା। ଭସାଣି ଶୋଭାଯାତ୍ରାରେ ପ୍ରତିବନ୍ଧକ ସୃଷ୍ଟି କରୁଥିବା ଗଛଡାଳ କାଟିବା ସହ ଆବଶ୍ୟକ ସ୍ଥଳେ ରାସ୍ତାଘାଟ ମରାମତି ଓ ଶୋଭାଯାତ୍ରା ଯାଉଥିବା ରାସ୍ତାରେ ଜାଇକା କାମକୁ ଦୁଇ ଦିନ ପାଇଁ ବନ୍ଦ ରଖିବା ପାଇଁ ଜିଲା ପ୍ରଶାସନ ଓ କଟକ ମହାନଗର ନିଗମକୁ ଅନୁରୋଧ କରାଯାଇଛି। ପୁରୀଘାଟସ୍ଥିତ ଦେବୀଗଡାର ଉଭୟ ପାର୍ଶ୍ୱର ରାସ୍ତାର ମରାମତି ଏବଂ ୩୧ ଓ ୧ ଦୁଇ ଦିନ ବ୍ୟାପୀ ମୂର୍ତ୍ତି ବିସର୍ଜନ ନିମନ୍ତେ ଦୁଇଟି କୃତ୍ରିମ ପୋଖରୀ ଖୋଳି ଜଳ ଭର୍ତ୍ତି କରିବାକୁ ସିଏମ୍‌ସିକୁ ନିବେଦନ କରାଯାଇଛି। ମହାସପ୍ତମୀ ଓ ମହାଷ୍ଟମୀ ତିଥିରେ ଶାନ୍ତି କମିଟି କର୍ମକର୍ତ୍ତାମାନେ ବିଭିନ୍ନ ବାସନ୍ତୀ ଦୁର୍ଗା ମଣ୍ଡପ ପରିଦର୍ଶନ କରିବେ। ଏହି ସଭାରେ କଟକ ମହାନଗର ମେୟର ସୁବାସ ସିଂ, ବିଧାୟକ ଇଂ. ମହମ୍ମଦ ମୋକିମ, କଟକ ଉପ-ଜିଲାପାଳ କମଳଜିତ ଦାସ, ଏଡିସିପି ଅନିଲ ମିଶ୍ର ଓ କର୍ପୋରେଟର ଲକ୍ଷ୍ମୀଧର ବେହେରା ପ୍ରମୁଖ ସଭାର ଉପସ୍ଥିତ ଥିଲେ। ଉପସଭାପତି ତାପସ ପ୍ରହରାଜ ଧନ୍ୟବାଦ ଦେଇଥିଲେ।

# ୫୭ ଅଭିଯୋଗରୁ ୧୫ ତ୍ୱରିତ ସମାଧାନ

କଟକ ଅଫିସ,୨୦।୩:

**ଯୁଗ୍ମ ଜନଅଭିଯୋଗ ଶୁଣାଣି**

ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଓସ୍ୱାନ ସମ୍ମିଳନୀ କକ୍ଷରେ ଯୁଗ୍ମ ଜନଅଭିଯୋଗ ଶୁଣାଣି ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଅଧ୍ୟକ୍ଷତା କରିଥିଲେ। ଉକ୍ତ ଶୁଣାଣି ଶିବିରରେ ମୋଟ ୫୭ଟି ଅଭିଯୋଗ ପ୍ରଶାସନର ହସ୍ତଗତ ହୋଇଥିଲା। ସେଥିମଧ୍ୟରେ ସାମୁହିକ ଅଭିଯୋଗ ୩ଟି ଏବଂ ବ୍ୟକ୍ତିଗତ ଅଭିଯୋଗ ୫୪ଟି ରହିଥିଲା। ଜିଲାପାଳ ଚୟନୀ ଶିବିରରେ ବିଭିନ୍ନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇ ୧୫ଟି ଅଭିଯୋଗର ତ୍ୱରିତ ସମାଧାନ କରିଥିଲେ। ଏଥିସହ କୟଳପଡା ବାସିନ୍ଦା ବସନ୍ତ ନାୟକ, ନିଆଳିର ଶିବପ୍ରସାଦ ନାୟକ, ପୁରୁଣାହାଟର ରୀନା ଚୟନୀ ଏବଂ ମଧୁପାଟଣାର ସାବିତ୍ରୀ ପ୍ରଧାନଙ୍କୁ ଚିକିତ୍ସା ନିମନ୍ତେ ରେଡ୍‌କ୍ରସ୍ ପାଣ୍ଠିରୁ ୫୦୦୦ଟଙ୍କା ଲେଖାଏ ଆର୍ଥିକ ସହାୟତା ଜିଲାପାଳ ଚୟନୀ ଦେଇଥିଲେ। ଶିବିରରେ ଜିଲା ପରିଷଦ ନିର୍ବାହୀ ଅଧିକାରୀ ଅମ୍ବର କର, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସତ୍ୟବ୍ରତ ଛୋଟରାୟ, ଅତିରିକ୍ତ ଜିଲାପାଳ ଶିବ ଟପ୍ପୋ, ଅତିରିକ୍ତ ପୋଲିସ ଉପଆୟୁକ୍ତ ଏସ୍.କେ. ସରିଫୁଦ୍ଦିନ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ କୃଷ୍ଣପ୍ରସାଦ ପଟ୍ଟନାୟକ ପ୍ରମୁଖ ସହାୟତା କରିଥିଲେ। କଟକ ସଦର ଉପଜିଲାପାଳ କମଳଜିତ ଦାସ, ତହସିଲଦାର ଡ. ମାନସ ରଞ୍ଜନ ଭୋଇ, ଜିଲା ମୁଖ୍ୟ କୃଷି ଅଧିକାରୀ ସୁଦାମ ନାୟକ, ଏସିଏଫ କଟକ ବନଖଣ୍ଡ ମନୋରଞ୍ଜନ ସ୍ୱାଇଁ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମନୋଜ ରଥ, ଜିଲା ମଙ୍ଗଳ ଅଧିକାରୀ ମଧୁସ୍ମିତା ମହାପାତ୍ର, ଜିଲା ଜରୁରୀ ଅଧିକାରୀ ଏନ୍.ଏନ୍. ରାଜଲକ୍ଷ୍ମୀ ଓଝା ପ୍ରମୁଖ ଉପସ୍ଥିତ ଥିଲେ।

# ବିଶ୍ୱ ଘରଚଟିଆ ଦିବସ ପାଳିତ

ନିଆଳି,୨୦।୩:(ଡି.ଏନ୍.ଏ.):

ନିଆଳିର ବିଶ୍ୱ ଘରଚଟିଆ ଦିବସ ଓଡ଼ିଶା ବାୟା ଚଢ଼େଇ ସୁରକ୍ଷା ଅଭିଯାନ ପକ୍ଷରୁ ସ୍ଥାନୀୟ ମହିମା ଅଲେଖ ଆଶ୍ରମ ପରିସରରେ ପାଳିତ ହୋଇଯାଇଛି। ଅନୁଷ୍ଠାନର ସମ୍ପାଦକ ସାମାଜିକ କର୍ମୀ ପାବନୀ ବସ୍ତିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପିତାମ୍ବର ରାଉତ, ନ୍ୟାୟବ୍ରତ ରାଉତ, ନମିତା ସେଠୀ, ଡଲି ରାଉତ ପ୍ରମୁଖ ଯୋଗଦେଇ ଘରଚଟିଆ ଚଢ଼େଇଙ୍କୁ କିଭଳି ସୁରକ୍ଷା ଦିଆଯିବ, ତାହା ଉପରେ ଗୁରୁତ୍ୱାରୋପ କରିଥିଲେ। ପକ୍ଷୀ ଜଗତର ସୁରକ୍ଷା ବଂଶ ବୃଦ୍ଧି ନିମନ୍ତେ ଜନସମାଜ ଚାରାରୋପଣ କରିବାକୁ ନିବେଦନ କରାଯାଇଥିଲା। ସେହିପରି ଗ୍ରୀଷ୍ମ ଦାଉରୁ ପକ୍ଷୀଙ୍କୁ ସୁରକ୍ଷା ଦେବାକୁ ନିଜ ଘର ଛାତ, ଅଗଣା, ବାହାରେ ପାଣିକୁଣ୍ଡ ରଖିବାକୁ ନିବେଦନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଆଶ୍ରମର ବାବା ଗୋକୁଳାନନ୍ଦ, ଅଧ୍ୟାପକ ସୁକାନ୍ତ ବଡୁ, ରମେଶ ସ୍ୱାଇଁ ଆଦି ପକ୍ଷୀମାନଙ୍କର ସୁରକ୍ଷା ଉଦ୍ଦେଶ୍ୟରେ ସମୂହ ଦୀପଦାନ କରିଥିଲେ।

# ଡିଭାଇନ ନଗରରେ ସ୍ୱାସ୍ଥ୍ୟ, ଆରୋଗ୍ୟ କେନ୍ଦ୍ର ଉଦ୍‌ଘାଟିତ

କଟକ ଅଫିସ,୨୦।୩

୪୭ନଂ. ୱାର୍ଡସ୍ଥିତ ଡିଭାଇନ ନଗରରେ ସୋମବାର ସିଏମ୍‌ସି ପକ୍ଷରୁ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ ତତ୍ତ୍ୱାବଧାନରେ ଏକ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଚୌଦ୍ୱାର କଟକ ବିଧାୟକ ସୌଭିକ ବିଶ୍ୱାଳ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିବା ବେଳେ ମେୟର ସୁବାସ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ସିଏମ୍‌ସି କମିଶନର ନିଖିଳ ପଵନ କଲ୍ୟାଣ ଯୋଗଦେଇଥିଲେ। ୱାର୍ଡ କର୍ପୋରେଟର ସୁବ୍ରତ ଘଡେଇଙ୍କ ଉଦ୍ୟମରେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯାଇଛି। କାର୍ଯ୍ୟକ୍ରମରେ ଡେପୁଟି ମେୟର ଦମୟନ୍ତୀ ମାଝି, ସ୍ୱାସ୍ଥ୍ୟ ଓ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ଦୀପ୍ତିମୟୀ ମୂଳିଆ, କର୍ପୋରେଟର ପ୍ରଳୟ ବେଉରା, ପଦ୍ମିନୀ ସାହୁ, ବିଶ୍ୱବନ୍ଦିତା ପଣ୍ଡା, ଅରବିନ୍ଦ ଜେନା, ମୀନା ସାହୁ, ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ କର୍ମକର୍ତ୍ତା ଏଲିନା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଭାରତ ମସଲା ପରିଚାଳନା ନିର୍ଦ୍ଦେଶକଙ୍କୁ ସମ୍ବର୍ଦ୍ଧନା

କଟକ ସଦର,୨୦।୩(ଡି.ଏନ୍.ଏ.)

ଓଡ଼ିଶା ଶିଳ୍ପ ସଙ୍ଗଠନର ନବନିର୍ବାଚିତ ଅଧ୍ୟକ୍ଷ ତଥା ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡାଙ୍କୁ ରବିବାର କଟକ ସଦର ବିକାଶ ମଞ୍ଚ ତରଫରୁ ରାଜହଂସରେ ସମ୍ବର୍ଦ୍ଧନା ଦିଆଯାଇଥିଲା। କଟକ ସଦର ବିକାଶ ମଞ୍ଚ ସଭାପତି ସୁବୋଧ ବେହେରାଙ୍କ ପୌରୋହିତ୍ୟାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ବକ୍ତା ଭାବେ ବିଜେଡିର ବରିଷ୍ଠ ନେତା ପ୍ରଫୁଲ୍ଲ କୁମାର ସିଂହ, ସମ୍ମାନିତ ଅତିଥି ଭାବେ ବସୁନ୍ଧରାର ପରିଚାଳିକା ଅର୍ଚ୍ଚନା ମହାନ୍ତି, ପରିଷଦର ଉପଦେଷ୍ଟା ଡ. ଦେବଦତ୍ତ ନନ୍ଦ, ପରମହଂସ ସରପଞ୍ଚ ତ୍ରିଲୋଚନ ପାତ୍ର, ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ମହାଳୀ ପ୍ରମୁଖ ଯୋଗ ଦେଇ ପଣ୍ଡାଙ୍କର ଶିଳ୍ପ କ୍ଷେତ୍ରରେ ନିଷ୍ଠା ଓ ଏକାଗ୍ରତା ପାଇଁ ଆଜି ଭାରତ ମସଲା ବିଦେଶରେ ବେଶ୍ ଆଦୃତ ହୋଇପାରିଛି। ସେଥିପାଇଁ ରାଜ୍ୟର ଶିଳ୍ପ ଜଗତର ସେ ଶୀର୍ଷ ପଦବୀରେ ଆସିନ୍ନ ହୋଇପାରିଛନ୍ତି ବୋଲି ବକ୍ତାମାନେ କହିଥିଲେ। ସେହିପରି ସମ୍ବର୍ଦ୍ଧନାକୁ ଗ୍ରହଣ କରି ନିଜ ଗାଁ, ପଞ୍ଚାୟତ ଓ ରାଜ୍ୟର ଉନ୍ନତି ପାଇଁ ନିରବଚ୍ଛିନ୍ନ ଉଦ୍ୟମ ଜାରି ରଖିବା ବୋଲି ଅଧକ ପଣ୍ଡା କହିଥିଲେ। ଶେଷରେ ଆୟଉପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ତ୍ରିଲୋଚନ ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସରପଞ୍ଚ ଅନିରୁଦ୍ଧ ରାଉଳ, ଅକ୍ଷୟ ପରିଡ଼ା, ଦୈତାରି ବେହେରା, ସେକ ବାବୁଲା, ବିକାଶ ମଞ୍ଚର ସଭ୍ୟ ଚିତ୍ତରଞ୍ଜନ ମହାପାତ୍ର, ପ୍ରଭାକର ବେହେରା, କୌଶର ମହମ୍ମଦ ପ୍ରମୁଖ ଉକ୍ତ ସଭାରେ ଉପସ୍ଥିତ ଥିଲେ।



ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡାଙ୍କୁ ସମ୍ମାନିତ କରାଯାଉଛି ।

# ଏସ୍‌ଏଚ୍‌ଜି ମହିଳା ସଦସ୍ୟଙ୍କୁ ଆର୍ଥିକ ସହାୟତା

କଟକ ଅଫିସ,୨୦।୩

**ଶୁଖିଲା ଖାଦ୍ୟ ପ୍ରସ୍ତୁତି ପାଇଁ ୫୧ଜଣଙ୍କୁ ୧୯.୭୪ ଲକ୍ଷ**

ଖାଦ୍ୟ ସଂକ୍ରାନ୍ତ କ୍ଷୁଦ୍ର ବ୍ୟବସାୟ ନିମନ୍ତେ ପ୍ରଧାନମନ୍ତ୍ରୀ ଫର୍ମାଲାଇଜେଶନ ଅଫ୍ ମାଇକ୍ରୋ ଫୁଡ୍ ଏଣ୍ଟରପ୍ରାଇଜ୍ ସ୍କିମ୍ (ପିଏମ୍‌ଏଫ୍‌ଏମ୍‌ଇ) ଯୋଜନା ମାଧ୍ୟମରେ ସୋମବାର ସହରର ୧୬ଟି ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି)ର ୫୧ କ୍ଷୁଦ୍ର ମହିଳା ଉଦ୍ୟୋଗୀଙ୍କୁ ୧୯ଲକ୍ଷ ୭୪ହଜାର ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି। ସିଏମ୍‌ସି ବିଜୁ ଭବନରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ପିଏମ୍‌ଏଫ୍‌ଏମ୍‌ଇ ଯୋଜନାରେ ମନୋନୀତ ହୋଇଥିବା ଏସ୍‌ଏଚ୍‌ଜି ମହିଳା ଉଦ୍ୟୋଗୀମାନେ ମେୟର ସୁବାସ ସିଂ ଓ କମିଶନର ନିଖିଳ ପଵନ କଲ୍ୟାଣଙ୍କଠାରୁ ଚେକ୍ ମାଧ୍ୟମରେ ବ୍ୟବସାୟ ନିମନ୍ତେ ଉଦ୍ଦିଷ୍ଟ ଅର୍ଥରାଶି ଗ୍ରହଣ କରିଥିଲେ। ପ୍ରକାଶ ଥାଉକି, ସହରାଞ୍ଚଳ ମହିଳାମାନଙ୍କ ଆର୍ଥିକ ଉତ୍‌ଥାନ ତଥା ସେମାନଙ୍କୁ ସ୍ୱାବଲମ୍ବୀ କରିବା ସକାଶେ ପିଏମ୍‌ଏଫ୍‌ଏମ୍‌ଇ ଯୋଜନା କାର୍ଯ୍ୟକାରୀ କରାଯାଇଥିଲା। କଟକ ମହାନଗର ନିଗମ ଅଞ୍ଚଳରେ କାର୍ଯ୍ୟ କରୁଥିବା ୫ଟି ସ୍ୱୟଂ ସହାୟକ ମହାସଂଘ ଅଧୀନରେ ଥିବା ୧୬ଟି ଏସ୍‌ଏଚ୍‌ଜିର ୫୧ସଦସ୍ୟଙ୍କୁ ଏହି ଯୋଜନାରେ ସାମିଲ କରାଯାଇଥିଲା। ଯେପରି ସେମାନେ ଶୁଖିଲା ଖାଦ୍ୟ ପ୍ରସ୍ତୁତ ଓ ପ୍ୟାକିଂ କରି ବଜାରରେ ବିକ୍ରି କରିପାରିବେ, ସେ ସମ୍ପର୍କରେ ଅନୁଧ୍ୟାନ କରାଯିବା ପରେ ଉପରୋକ୍ତ ଅର୍ଥରାଶି ଦିଆଯାଇଛି। କାର୍ଯ୍ୟକ୍ରମରେ ଡେପୁଟି ମେୟର ଦମୟନ୍ତୀ ମାଝୀ, ଡେପୁଟି କମିଶନର ଶ୍ୱେତପଦ୍ମା ଶତପଥୀଙ୍କ ସମେତ ମହିଳା ଏସ୍‌ଏଚ୍‌ଜିର ଶତାଧିକ ସଦସ୍ୟ ଉପସ୍ଥିତ ଥିଲେ।

# ମେୟର ଏକାଦଶକୁ ହରାଇ ମିଡିଆ ଏକାଦଶ ଚାମ୍ପିୟନ



ବାରବାଟୀ ଷ୍ଟାଡିୟମ୍‌ରେ ଆୟୋଜିତ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ଟୁର୍ନାମେଣ୍ଟରେ ଉପସ୍ଥିତ ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳିମାନେ ।

କଟକ ଅଫିସ,୨୦।୩

ସିଏମ୍‌ସି ଆନୁକୂଲ୍ୟରେ ଏବଂ ଓଡ଼ିଶା କ୍ରିକେଟ୍ ଆସୋସିଏଶନ ସହଯୋଗରେ ବାରବାଟୀ ଷ୍ଟାଡିୟମରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ଟୁର୍ନାମେଣ୍ଟ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମେୟର ଏକାଦଶ, ସିଏମ୍‌ସି କମିଶନର ଏକାଦଶ ଓ କଟକ ମିଡିଆ ଏକାଦଶ ଦଳ ଅଂଶଗ୍ରହଣ କରିଥିଲେ। ସିଏମ୍‌ସି କମିଶନର ଏକାଦଶ ଲଗାତର ଦୁଇଟି ମ୍ୟାଚ୍ ହାରି ପ୍ରତିଯୋଗିତାରୁ ବାଦ୍ ପଡିଥିବାବେଳେ ମିଡିଆ ଏକାଦଶ ଏବଂ ମେୟର ଏକାଦଶ ଫାଇନାଲକୁ ଯାଇଥିଲେ। ମିଡିଆ ଏକାଦଶ ପ୍ରଥମେ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୦ ଓଭର୍‌ରେ ୬ ଉଇକେଟ୍ ହରାଇ ୧୨୪ରନ୍ କରିଥିଲା। ଜବାବରେ ମେୟର ଏକାଦଶ ଟିମ୍ ୫ ଉଇକେଟ ହରାଇ ୯୨ ରନ କରି ପରାଜୟ ହୋଇଥିଲେ। ମିଡିଆ ଏକାଦଶ ପକ୍ଷରୁ ସୁଶାନ୍ତ ଜେନା ୩ଟି ଓ ଦିପେଶ୍ ମହାପାତ୍ର ଗୋଟିଏ ଉଇକେଟ୍ ନେଇଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ମେୟର ସୁବାସ ସିଂ ଓ ଡେପୁଟି ମେୟର ଦମୟନ୍ତୀ ମାଝୀ ଉପସ୍ଥିତ ରହି ଚାମ୍ପିୟନ ଦଳ ମିଡିଆ ଏକାଦଶ ଟିମ୍‌କୁ ପୁରସ୍କାର ଦେଇଥିଲେ। ବସନ୍ତ ବେହେରା ମ୍ୟାନ୍ ଅଫ୍ ଦି ସିରିଜ୍, ଅଶୋକ ବାରିକ ଶ୍ରେଷ୍ଠ ବ୍ୟାଟ୍ସ ମ୍ୟାନ୍, ସୁଶାନ୍ତ ଜେନା ଶ୍ରେଷ୍ଠ ବୋଲର୍, ସୁକେଶ ବେହେରା ମ୍ୟାନ୍ ଅଫ୍ ଦି ଫାଇନାଲ୍ ଓ ସିଟି ଇଞ୍ଜିନିୟର ଅତନୁ ସାମନ୍ତ ମ୍ୟାନ୍ ଅଫ୍ ଦି ସ୍ପିରିଟ୍ ଟ୍ରଫି ହାସଲ କରିଥିଲେ। ଡେପୁଟି କମିଶନର ଅଜୟ ମହାନ୍ତି, ଅମିୟ ପଣ୍ଡାଙ୍କ ସହ ସମସ୍ତ କର୍ପୋରେଟର ଓ ଖବରଦାତା ସହଯୋଗ କରିଥିଲେ।

# କୋଚିଲେଇଙ୍କ ପୀଠରେ ଅଷ୍ଟପ୍ରହର ନାମଯଜ୍ଞ

ଫୁଲନଖରା,୨୦।୩:(ଡି.ଏନ୍.ଏ.):

କଟକ ସଦର ଥାନା ଅନ୍ତର୍ଗତ ରାୟପୁର ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ବୁଢ଼ୀ କୋଚିଲେଇ ଦେବୀଙ୍କ ପୀଠରେ ଅଷ୍ଟାଦଶ ବାର୍ଷିକ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀଙ୍କ ତତ୍ତ୍ୱାବଧାନରେ ୩ଦିନ ବ୍ୟାପି ଏହି ଅଷ୍ଟପ୍ରହର ନାମ ଯଜ୍ଞ ପାଳନ ହୋଇଥିଲା। ୩ଦିନ ବ୍ୟାପି ଅନୁଷ୍ଠିତ ଅଷ୍ଟପ୍ରହରୀ ଉତ୍ସବରେ ସମଗ୍ର ଗାଁ ଉତ୍ସବମୁଖର ହୋଇଉଠିଛି। ଗତ ଶନିବାର ଶୁଭାଧିବାସ, କଳସ ଶୋଭାଯାତ୍ରା, ଘଟ ସ୍ଥାପନ, ଅଖଣ୍ଡ ଦୀପ ପ୍ରଜ୍ୱଳନ ସହ ରାଧାକୃଷ୍ଣ ଫଟୋ ଚିତ୍ର ମଣ୍ଡପରେ ସ୍ଥାପନ କରାଯାଇଥିଲା। ରବିବାର ନାମ ସଙ୍କୀର୍ତ୍ତନ, ସୋମବାର ଅପରାହ୍ନରେ ନଗର ଭ୍ରମଣ ଉତ୍ସବ ହୋଇଥିଲ। କୀର୍ତ୍ତନ ମଣ୍ଡଳିଙ୍କ ସହ କଳସଧାରୀମାନେ ଗ୍ରାମ ପରିକ୍ରମା କରିଥିଲେ। ମାନସିକଧାରୀମାନେ ରାସ୍ତାରେ କଳସ ସ୍ଥାପନ କରି ଅଧିଆପଡି ଆଶିଷ ଗ୍ରହଣ କରିଥିଲେ।

# ତହସିଲଦାରଙ୍କ ପ୍ରସ୍ତାବକୁ ଗ୍ରାମବାସୀଙ୍କ ପ୍ରତ୍ୟାଖ୍ୟାନ

କଣ୍ଠାପଡା,୨୦।୩(ଡି.ଏନ୍.ଏ.)

**ବାଲି ଉତ୍ତୋଳନ ବନ୍ଦ ବିରୋଧରେ ଧାରଣା ଚତୁର୍ଥ ଦିନରେ**

ବାଲି ଉତ୍ତୋଳନରେ ଅନିୟମିତତା ଦର୍ଶାଇ କଣ୍ଠାପଡା ତହସିଲ ଅନ୍ତର୍ଗତ ସଇରାତ ନିଲାମପ୍ରାପ୍ତ ଏକ ବାଲିଘାଟକୁ ତହସିଲ ପ୍ରଶାସନ ସାମୟିକ ଭାବେ ବନ୍ଦ କରିବା ଓ ଅନ୍ୟ ଏକ ସଇରାତ ନିଲାମପ୍ରାପ୍ତ ବାଲିଘାଟକୁ ଅନୁକମ୍ପା ଦେଖାଇବା ପ୍ରତିବାଦରେ ସ୍ଥାନୀୟ ଗ୍ରାମବାସୀ କଣ୍ଠାପଡା ତହସିଲ ସମ୍ମୁଖରେ ଗତ ଶୁକ୍ରବାରଠାରୁ ଧାରଣାରେ ବସିଛନ୍ତି। ତେବେ ଧାରଣା ସୋମବାର ଚତୁର୍ଥ ଦିନରେ ପହଞ୍ଚିଥିବା ବେଳେ କଣ୍ଠାପଡା ତହସିଲଦାର ମୀତାଞ୍ଜଳି ଦାସ ଓ ଆନ୍ଦୋଳନରତ ଗ୍ରାମବାସୀଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ହେଲେ ଏପ୍ରିଲରେ ଏ ସମ୍ପର୍କରେ ନିଷ୍ପତ୍ତି ନେବା ପାଇଁ ତହସିଲଦାର ଦେଇଥିବା ପ୍ରସ୍ତାବକୁ ଆନ୍ଦୋଳନକାରୀମାନେ ପ୍ରତ୍ୟାଖ୍ୟାନ କରିଦେବାରୁ ଧାରଣା ଚାଲୁରହିଛି। ଖବରରୁ ପ୍ରକାଶ, କଣ୍ଠାପଡା ତହସିଲ ଅଧୀନରେ ଅରିଶୋଳ, ବଳଦା ଓ ତୀର୍ଥପଡା-୧ ବାଲି ସଇରାତକୁ ନିଲାମ ଦିଆଯାଇଥିଲା। ୨୦୨୨-୨୩ ବର୍ଷ ପାଇଁ ବଳଦା ସଇରାତରୁ ୨୫୦୦୦ କ୍ୟୁବିକ ମିଟର ବାଲି ଉତ୍ତୋଳନ ପାଇଁ ଧାର୍ଯ୍ୟ କରାଯାଇଥିବା ବେଳେ, ତୀର୍ଥପଡା-୧ ସଇରାତର ୧୫୦୦୦ କ୍ୟୁବିକ ମିଟର ବାଲି ଓ ଅରିଶୋଳ ଘାଟରୁ ୮୦୦୦ କ୍ୟୁବିକ ମିଟର ବାଲି ଉତ୍ତୋଳନ ପାଇଁ ଚୁକ୍ତି କରାଯାଇଥିଲା। ତେବେ ପ୍ରଶାସନ ଦ୍ୱାରା ନିର୍ଦ୍ଧାରିତ ପରିମାଣଠାରୁ ବଳଦା ସଇରାତରୁ ଅଧିକ ପରିମାଣର ବାଲି ଉଠାଯାଇଥିବା ଅଭିଯୋଗରେ ପ୍ରଶାସନ ଉକ୍ତ ଘାଟରୁ ବାଲି ଉତ୍ତୋଳନ ବନ୍ଦ କରିଦେବା ସହ ନିଲାମଧାରୀଙ୍କ ଉପରେ ମୋଟାଅଙ୍କର ଅର୍ଥ ଜରିମାନା ଧାର୍ଯ୍ୟ କରିଥିଲା। ବାଲିଘାଟ ବନ୍ଦ ଯୋଗୁ ସ୍ଥାନୀୟ ଅଞ୍ଚଳର ଗରିବ ଜନସାଧାରଣ ଘର କରିବାକୁ ହଇରାଣ ହେଉଥିବା ଅଭିଯୋଗ କରି ବନ୍ଦକୁ ବିରୋଧ କରିଛନ୍ତି। ଅନ୍ୟପଟେ ତୀର୍ଥପଡା ୧ ଘାଟରେ ପ୍ରଶାସନିକ ଅଧିକାରୀ ଅନୁକମ୍ପା ଦେଖାଇଥିବା ଗ୍ରାମବାସୀ ଜାଣିବା ପରେ ଏହାର ତଦନ୍ତ ଦାବିକରି ବ୍ରାହ୍ମଣବାଟୀ, ଅଣ୍ଟେଇସାହି, ବଳଦା ଆଦି ଗ୍ରାମର ଶତାଧିକ ବ୍ୟକ୍ତି କଣ୍ଠାପଡା ତହସିଲ ଆଗରେ ଧାରଣା ଦେଇଛନ୍ତି। ସୋମବାର ତହସିଲଦାର ଧାରଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ପ୍ରତିନିଧିଙ୍କ ସହ ଆଲୋଚନା କରିବା ସତ୍ତ୍ୱେ ତାହା ବିଫଳ ହୋଇଥିଲା। ଏ ନେଇ ତହସିଲଦାର ଦାସ କୁହନ୍ତି, ବଳଦା ସଇରାତରୁ ସରକାରୀ ଧାର୍ଯ୍ୟଠାରୁ ଅଧିକ ପରିମାଣର ବାଲି ଉଠାଯାଇଥିବା ତଦନ୍ତବେଳେ ଜଣାପଡିବାରୁ ଏହାକୁ ବନ୍ଦ କରାଯାଇଛି। ତେବେ ତୀର୍ଥପଡା ଘାଟରୁ ବାଲି ଉତ୍ତୋଳନ ସମ୍ପର୍କରେ ହୋଇଥିବା ଅଭିଯୋଗ ନେଇ ତହସିଲଦାର କିଛି କହିବାକୁ ମନାକରିବା ସହ ସମ୍ପୃକ୍ତ ଘାଟ ସମ୍ପର୍କରେ ତଦନ୍ତ ରିପୋର୍ଟ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟକୁ ପଠାଇ ଦିଆଯାଇଛି ବୋଲି କହିଥିଲେ।

## ସଂକ୍ଷେପରେ

### ଭାର୍ଗବୀ କୂଳରୁ ଜବତ ମୃତଦେହର ପରିଚୟ ମିଳିଲା

ସାକ୍ଷୀଗୋପାଳ,୨୦।୩(ଡି.ଏନ୍.ଏ.): ପୁରୀ ଜିଲା ସତ୍ୟବାଦୀ ଥାନା ଅନ୍ତର୍ଗତ ଚିଲପାଟଣା ଗ୍ରାମ ନିକଟ ଭାର୍ଗବୀ ନଦୀକୂଳରୁ ମିଳିଥିବା ଅଖାରେ ବନ୍ଧା ମହିଳାଙ୍କ ମୃତଦେହର ପରିଚୟ ମିଳିଛି। ସେ ହେଲେ ନିମାପଡ଼ା ବ୍ଲକ ବଳଙ୍ଗା ଥାନା ଉଛୁପୁର ପଞ୍ଚାୟତର ପାର୍ବତୀପୁର ନିକଟ ଖଡ଼ିକୁଦା ଗ୍ରାମର କପିଳ ସାହୁ( ୭୨)ଙ୍କ ସ୍ତ୍ରୀ ଶଶୀ ସାହୁ (୭୦)। କପିଳଙ୍କ କହିବା ଅନୁଯାୟୀ, ଗତ ୧୪ ତାରିଖରେ କୌଣସି କାରଣରୁ ଶଶୀ ଦେହରେ କିରୋସିନ ଢାଳି ନିଆଁ ଲଗାଇ ଆତ୍ମହତ୍ୟା କରିଥିଲେ। ଲୋକନିନ୍ଦା ଭୟରେ ସେ ଓ ତାଙ୍କ ପୁଅ ମିଶି ସ୍ତ୍ରୀଙ୍କ ମୃତଦେହକୁ ଏକ ଅଖାରେ ବାନ୍ଧି ଆଣି ବ୍ରିଜ୍ ଉପରୁ ଭାର୍ଗବୀ ନଦୀକୁ ଫୋପାଡ଼ି ଦେଇଥିଲେ। ଏନେଇ ସତ୍ୟବାଦୀ ଥାନା ପୋଲିସ ଏକ ମୃତ୍ୟୁ ମାମଲା (ନଂ.୨୨/୨୩) ରୁଜୁ କରିଛି। ପୁରୀରୁ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଥାନା ଅଧିକାରୀ ବିଜୟ କେତନ ବେହେରା ସୂଚନା ଦେଇଛନ୍ତି। ତେବେ କପିଳ ଏବଂ ପୁଅ ଅଭିମନ୍ୟୁ ସାହୁଙ୍କୁ ପୋଲିସ ଅଟକ ରଖି ପଚରାଉଚରା ଚଳାଇଛି।

### ଚିତ୍ରାହରିଣ ଉଦ୍ଧାର

ପୁରୁଣା ଭୁବନେଶ୍ୱର,୨୦।୩(ଡି.ଏନ୍.ଏ.): ରାଜଧାନୀ ଉପକଣ୍ଠ ଧଉଳି ଅଞ୍ଚଳରୁ ସୋମବାର ଏକ ଚିତ୍ରା ହରିଣ ଉଦ୍ଧାର କରାଯାଇଛି। ବାଲିସାହି ସ୍ଥିତ ଖଣ୍ଡୁଆଳ ମନ୍ଦିର ନିକଟରେ ଏକ ହରିଣ ବୁଲୁଥିବା ଦେଖି ସ୍ଥାନୀୟ ଲୋକ ଭିଡ଼ ଜମାଇଥିଲେ। ଫଳରେ ହରିଣଟି ଭୟଭୀତ ହୋଇ ନିକଟରେ ଥିବା ସିମେଣ୍ଟ ନନ୍ଦ ଫ୍ୟାକ୍ଟ୍ରି ଭିତରକୁ ପଶିଯାଇଥିଲା। ଏନେଇ ଲୋକେ ବାଲିପାଟଣା ବନ ବିଭାଗକୁ ଫୋନ ମାଧମରେ ଜଣାଇଥିଲେ। ଖବରପାଇ ବନ ବିଭାଗ କର୍ମଚାରୀ ପହଞ୍ଚି ଜାଲ ବିଛାଇ ହରିଣକୁ ଉଦ୍ଧାର କରିଥିଲେ। ବାଳକାଟୀ ସ୍ଥିତ ପ୍ରାଣି ଚିକିତ୍ସାଳୟରେ ହରିଣକୁ ଚିକିତ୍ସା ପରେ ଭଅଁରାଗଡ଼ ଗ୍ରାମ୍ୟ ଜଙ୍ଗଲରେ ଛଡ଼ାଯିବ ବୋଲି ରେଞ୍ଜର ମାନସ ରଞ୍ଜନ ମହାନ୍ତି ସୂଚନା ଦେଇଛନ୍ତି।

### ଯୁବତୀଙ୍କୁ ଅସଦାଚରଣ , ଜଣେ ଗିରଫ

ଭୁବନେଶ୍ୱର,୨୦।୩(ବ୍ୟୁରୋ) : ଘରେ ଶୋଇଥିବା ବେଳେ ଜଣେ ଯୁବତୀଙ୍କୁ ଅସଦାଚରଣ କରିବା ଅଭିଯୋଗରେ ଭରତପୁର ଥାନା ପୋଲିସ ଜଣେ ଯୁବକକୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେ ହେଲେ ଅରୁଣ ନାଏକ। ସୂଚନା ମୁତାବକ, ପୀଡିତା ଭରତପୁର ଅଞ୍ଚଳରେ ତାଙ୍କ ଭଉଣୀଙ୍କ ସହ ଦୀର୍ଘ ଦିନରୁ ରହିଆସୁଥିଲେ। ଅଭିଯୁକ୍ତ ଉକ୍ତ ଯୁବତୀଙ୍କ ପଡ଼ୋଶୀ ଭାବେ ରୁହେ । ଗତ ୧୮ ତାରିଖ ରାତିରେ ପୀଡିତା ତାଙ୍କ ଘରେ ଶୋଇଥିବା ବେଳେ ଅରୁଣ ତାଙ୍କ ଘରେ ପଶି ଅସଦାଚରଣ କରିଥିଲେ । ଏହା ଦେଖି ପୀଡିତା ଏବଂ ତାଙ୍କ ଭଉଣୀ ଅଭିଯୁକ୍ତ ବାପିନାଙ୍କୁ ବିରୋଧ କରିବାରୁ ଅଭିଯୁକ୍ତ ବାପୀନା ସେମାନଙ୍କୁ ଅଶ୍ଲୀଳ ଭାଷାରେ ଗାଳିଗୁଲଜ କରିବା ସହ ଏକ ଠେଙ୍ଗାରେ ଆକ୍ରମଣ କରିଥିଲେ। ଏନେଇ ଯୁବତୀ ଥାନାରେ ଅଭିଯୋଗ କରିଥିଲେ।

# ଥାନାଧିକାରୀଙ୍କ ଦୁର୍ବ୍ୟବହାର ପ୍ରତିବାଦରେ ଧାରଣା

ଜଟଣୀ,୨୦।୩(ଡି.ଏନ୍.ଏ.)



ଥାନା ସମ୍ମୁଖରେ ବିଜେଡି ନେତା, କର୍ମୀଙ୍କ ସହ ଗ୍ରାମବାସୀ ଧାରଣାରେ ବସିଛନ୍ତି।

- ସରପଞ୍ଚଙ୍କ ପ୍ରତିନିଧିଙ୍କୁ ଦୁର୍ବ୍ୟବହାରଏବଂ ଗ୍ରାମବାସୀଙ୍କୁ ଗାଳିଗୁଲଜ ଅଭିଯୋଗ
- ଜୋନ-୨ ଏସିପିଙ୍କୁ ଅଭିଯୋଗପତ୍ର ପ୍ରଦାନ

ଜଟଣୀ ବ୍ଲକ ଅଧୀନ ଜାମୁକୋଳି ଗ୍ରାମରେ ଗତ ଗୁରୁବାର ରାତିରେ କୌଣସି କାରଣକୁ ନେଇ ଦୁଇ ବ୍ୟକ୍ତିଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏହି ଘଟଣାକୁ ନେଇ ଦୁଇ ପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ଏୟାରଫିଲ୍ଡ ଥାନା ଅଧିକାରୀ (ଆଇଆଇସି) ଅଶୋକ କୁମାର ନାୟକଙ୍କୁ ଭେଟିବା ସହ ଆଲୋଚନା କରିଥିଲେ। ତେବେ ମାମଲା ରୁଜୁ କରିବାକୁ ନେଇ ସେଠାରେ ଆଇଆଇସି ସେମାନଙ୍କୁ ଦୁର୍ବ୍ୟବହାର ସହ ଗ୍ରାମବାସୀଙ୍କୁ ଗାଳିଗୁଲଜ କରିଥିବା ପ୍ରତିନିଧିମାନେ ଅଭିଯୋଗ ଆଣିଛନ୍ତି। ଆଇଆଇସିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ସୋମବାର ଜଟଣୀ ନିର୍ବାଚନମଣ୍ଡଳୀର ଶତାଧିକ ବିଜେଡି କର୍ମୀ ଓ ଗ୍ରାମବାସୀ ଥାନା ଆଗରେ ଧାରଣା ଦେଇଥିଲେ।

ସୂଚନା ମୁତାବକ, ଜାମୁକୋଳି ଗ୍ରାମରେ କୌଣସି କାରଣକୁ ନେଇ ଦୁଇ ବ୍ୟକ୍ତିଙ୍କ ମଧ୍ୟରେ ଗୁରୁବାର ରାତିରେ ଗଣ୍ଡଗୋଳ ହୋଇଥିଲା। ତେବେ ଗଣ୍ଡଗୋଳରେ ଆହତ ହୋଇଥିବା ବ୍ୟକ୍ତି ଜଣଙ୍କ ପ୍ରଥମେ ଥାନାରେ ଅଭିଯୋଗ କରିଥିଲେ। ଏନେଇ ଥାନାରେ ଏକ ମାମଲା (ନଂ.୭୫/୨୩) ରୁଜୁ ହୋଇଛି। କିଛି ଘଣ୍ଟା ପରେ ଅପରପକ୍ଷର ବ୍ୟକ୍ତି ଜଣଙ୍କ ଥାନାରେ ପହଞ୍ଚି ଅଭିଯୋଗ କରିବା ସହ ମାମଲା ରୁଜୁ କରାଯାଉ ବୋଲି କହିଥିଲେ। ତେବେ ମାମଲାର ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଇଆଇସି କହିଥିଲେ। ଥାନାରୁ ଆସିବା ପରେ ସମ୍ପୃକ୍ତ ବ୍ୟକ୍ତି ଜଣଙ୍କ ଜାମୁକୋଳି ସରପଞ୍ଚଙ୍କ ପ୍ରତିନିଧି ମାନସ ରାଉଳ ଏବଂ ପଞ୍ଚୁପଲ୍ଲୀ ସରପଞ୍ଚଙ୍କ ପ୍ରତିନିଧି ଦୀପକ ଜେନାଙ୍କୁ ସାଥିରେ ନେଇ ପୁଣି ଥାନାରେ ପହଞ୍ଚିଥିଲେ। ତେବେ ମାମଲା ରୁଜୁ କରିବାକୁ ନେଇ ଥାନା ଅଧିକାରୀ ଓ ଦୁଇ ସରପଞ୍ଚ ପ୍ରତିନିଧିଙ୍କ ମଧ୍ୟରେ ବଚସା ହୋଇଥିଲା। ଏହା ପରେ ମଧ ସମ୍ପୃକ୍ତ ବ୍ୟକ୍ତିଙ୍କ ଅଭିଯୋଗକ୍ରମେ ଥାନାରେ ଏକ ମାମଲା (ନଂ.୭୬/୨୩) ରୁଜୁ ହୋଇଥିଲା। ତେବେ ବଚସା ସମୟରେ ଥାନା ଅଧିକାରୀ ପ୍ରତିନିଧିମାନଙ୍କୁ ଦୁର୍ବ୍ୟବହାର ସହ ଗ୍ରାମବାସୀଙ୍କୁ ଗାଳିଗୁଲଜ କରିଥିଲେ ବୋଲି ପ୍ରତିନିଧିମାନେ ଅଭିଯୋଗ ଆଣିଥିଲେ। ଏହାର ପ୍ରତିବାଦରେ ସୋମବାର ସକାଳେ ଶତାଧିକ ବିଜେଡି କର୍ମୀ ଓ ଗ୍ରାମବାସୀ ଏୟାରଫିଲ୍ଡ ଥାନା ସମ୍ମୁଖରେ ଧାରଣା ଦେଇଥିଲେ। ଖବରପାଇ ଅତିରିକ୍ତ ଡିସିପି ପ୍ରକାଶ ଚନ୍ଦ୍ର ପାଲ, ଜୋନ-୨ ଏସିପି ଅନିରୁଦ୍ଧ ରାଉତରାୟ ଏବଂ ଅନ୍ୟ ପୋଲିସ ଅଧିକାରୀ ପହଞ୍ଚିଥିଲେ। ପ୍ରତିନିଧି ଓ ଗ୍ରାମବାସୀଙ୍କ ପକ୍ଷରୁ ଆଇଆଇସିଙ୍କ ବିରୋଧରେ ଏକ ଅଭିଯୋଗପତ୍ର ପ୍ରଦାନ କରାଯାଇଥିଲା। ପୋଲିସ ଅଧିକାରୀମାନେ ବୁଝାଶୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଅନ୍ୟପକ୍ଷରେ ଏ ସମ୍ପର୍କରେ ଥାନା ଅଧିକାରୀ ଅଶୋକ କୁମାର ନାୟକ କହିଛନ୍ତି, ଅଭିଯୋଗ ପରେ ତଦନ୍ତ କରି ମାମଲା ରୁଜୁ କରିଥିଲି। କୌଣସି ସରପଞ୍ଚଙ୍କ ପ୍ରତିନିଧିଙ୍କୁ ଦୁର୍ବ୍ୟବହାର କିମ୍ବା ଗ୍ରାମବାସୀଙ୍କୁ ଗାଳିଗୁଲଜ କରିନାହିଁ ବୋଲି ସେ କହିଛନ୍ତି।

## ମହାପ୍ରଭୁଙ୍କ ଖସାପଡ଼ା ନୀତି ସମ୍ପନ୍ନ

ପୁରୀ ଅଫିସ, ୨୦।୩

ଚୈତ୍ର ମାସ କୃଷ୍ଣ ପକ୍ଷ ଚତୁର୍ଦ୍ଦଶୀ ତିଥି ଅବସରରେ ସୋମବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଖସାପଡ଼ା ନୀତି ସମ୍ପନ୍ନ ହୋଇଛି। ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ସେବକ ଦଇତାପତିମାନେ ଏହି ନୀତି ସମ୍ପାଦନ କରିଥିଲେ। ଦ୍ୱିତୀୟ ଭୋଗମଣ୍ଡପ ପରେ ଦକ୍ଷିଣୀଘର ଭୋଗ ଓ ମଇଲମ ନୀତି ଅନୁଷ୍ଠିତ ହୋଇଥିଲା। ଶ୍ରୀଦେବୀ, ଭୂଦେବୀ ଖଟଶେଯ ଘରକୁ ବିଜେ କରିବା ପରେ ଜୟବିଜୟ ଦ୍ୱାର ବନ୍ଦ କରାଯାଇଥିଲା। ଏହାପରେ ଖସାପଡ଼ା ନୀତି ନିମନ୍ତେ ଦଇତାପତିମାନେ ଗର୍ଭଗୃହକୁ ପ୍ରବେଶ କରିଥିଲେ। ସନ୍ଧ୍ୟା ୬ଟା ୧୫ରେ ନୀତି ଆରମ୍ଭ ହୋଇଥିଲା। ଦଇତାପତିମାନେ ଗୁପ୍ତନୀତି ସାରି ବିଳମ୍ବିତ ରାତିରେ ଶ୍ରୀମନ୍ଦିର ଗର୍ଭଗୃହରୁ ବାହାରିଥିଲେ। ପରେ ସିଂହାସନ ଧୁଆଯାଇ ମହାପ୍ରଭୁଙ୍କ ମହାସ୍ନାନ କରାଯାଇଥିଲା। ପରେ ଅନ୍ୟାନ୍ୟ ନୀତି ବଢ଼ିଥିଲା। ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଏହି ସମୟରେ ମହାପ୍ରଭୁଙ୍କ ଦର୍ଶନ ବନ୍ଦ ରହିଥିଲା। ଏହି ନୀତି ପାଇଁ ଦେଉଳକରଣ ଧଳାକନା ଧୋଇ ଶୁଖାଇ ଗାରଦରେ ଜମା ଦେଇଥିଲେ। ଶୁଦ୍ଧସୁଆର ଖଳି, କଇଁଥ ଅଠା ଯୋଗାଇଥିଲେ। ଧଳାକନା, ଖଳି ଓ କଇଁଥ ଅଠାକୁ ବ୍ୟବହାର କରି ଦଇତାପତି ସେବକ ଖସାପଡ଼ା ନୀତି ସମ୍ପନ କରିଥିଲେ।

# ଉପୁଡ଼ିଲା ଗଛ, ରାସ୍ତାରେ ଡ୍ରେନ୍ ପାଣି

## କାଳବୈଶାଖୀ ପ୍ରଭାବ

ନିରାକାରପୁର,୨୦।୩(ଡି.ଏନ୍.ଏ.)

କାଳବୈଶାଖୀ ପ୍ରଭାବରେ ସୋମବାର ଖୋର୍ଦ୍ଧା ଜିଲା ନିରାକାରପୁର ଅଞ୍ଚଳରେ ଗଛ ଉପୁଡ଼ିବା ସହ ୧୧କେଭି ତାର ଛିଡ଼ିଯାଇଥିଲା। ସେହିପରି ବର୍ଷା ଯୋଗୁ ଡ୍ରେନ୍‌ରେ ପାଣି ନିଷ୍କାସନ ହୋଇ ନ ପାରିବାରୁ ରାସ୍ତାରେ ପାଣି ଜମିରହିଥିବା ଦେଖିବାକୁ ମିଳିଥିଲା। ଫଳରେ ଉକ୍ତ ରାସ୍ତାରେ ଯାତାୟାତ କରୁଥିବା ଲୋକେ ନାହିଁ ନ ଥିବା ହଇରାଣ ହୋଇଥିଲେ।

ଅପରାହ୍ଣ ପ୍ରାୟ ସାଢେ ୩ଟାରେ ହଠାତ୍ ବର୍ଷା ହେବା ସହ ପବନ ବୋହିଥିଲା। ଫଳରେ ନିରାକାରପୁର ଗେଟ ବଜାର ନୂଆ ଜଗନ୍ନାଥ ସଡକ କଡରେ ଥିବା ଏକ ପଣସ ଗଛ ଉପୁଡି ରାସ୍ତା ଉପରେ ପଡିଯିବାରୁ ରାସ୍ତା ଜାମ ହୋଇଥିଲା। ସ୍ଥାନୀୟ ଯୁବକମାନେ ଗଛକୁ ରାସ୍ତା ଉପରୁ ହଟାଇବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ସେହିପରି ନୂଆ ଜଗନ୍ନାଥ ସଡକରୁ କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟର ମଝି ରାସ୍ତା କଡରେ ଥିବା ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟ ପରିସରରୁ ଏକ ଗଛ ଉପୁଡି ରାସ୍ତାରେ ପଡିଯିବାରୁ ରାସ୍ତା ଜାମ ହେବା ସହିତ ୧୧କେଭି ବିଦ୍ୟୁତ୍ ତାର ଛିଡି ଯାଇଥିଲା। ବିଦ୍ୟୁତ୍ ବିଭାଗ କର୍ମଚାରୀ ସ୍ଥାନୀୟ ଯୁବକଙ୍କ ସହାୟତାରେ ଗଛକୁ ରାସ୍ତାରୁ ହଟାଇବା ସହିତ ବିଦ୍ୟୁତ୍ ତାର ଠିକ୍ କରିଥିଲେ। ଗେଟ ବଜାରରେ ରାସ୍ତାକଡରେ ଥିବା ବିଏସ୍‌ଏନଏଲ ଷ୍ଟାଣ୍ଡପୋଷ୍ଟ ଓଲଟି ପଡିଛି। ନିରାକାରପୁର ବଜାରରେ ଥିବା ଡ୍ରେନରୁ ପାଣି ନିଷ୍କାସନ ହୋଇ ନ ପାରିବାରୁ ଆଣ୍ଠୁଏ ଉଚ୍ଚର ପାଣି ନୂଆ ଜଗନ୍ନାଥ ସଡକରେ ପ୍ରବାହିତ ହୋଇଥିଲା। ଫଳରେ ଯାତାୟାତ କରୁଥିବା ଲୋକେ ହଇରାଣ ହୋଇଥିଲେ। ଏଥିପ୍ରତି ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।



ଉପୁଡ଼ି ଯାଇଥିବା ଗଛ।



ରାସ୍ତାରେ ଡ୍ରେନ ପାଣି ଜମି ରହିଛି।

## ପ୍ରାରମ୍ଭ ତାଲିମ ଶିବିର ଉଦ୍‌ଯାପିତ

ବାଣପୁର/ଗମ୍ଭାରୀମୁଣ୍ଡା, ୨୦।୩ (ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବାଣପୁର ବିଜ୍ଞାପିତ ଅଞ୍ଚଳ ଅନ୍ତର୍ଗତ ଗୋଦାବରୀଶ ସରକାରୀ ହାଇସ୍କୁଲଠାରେ ଗତ ୧୭ ତାରିଖଠାରୁ ଚାରିଦିନ ଧରି ଚାଲିଥିବା ପ୍ରାରମ୍ଭ ତାଲିମ୍ ଶିବିର ସୋମବାର ଅପରାହ୍ଣରେ ଉଦ୍‌ଯାପିତ ହୋଇଯାଇଛି। ବାଣପୁର ବ୍ଲକ ଶିକ୍ଷାଧିକାରୀ ସନାତନ ଜାଲିଙ୍କ ନିର୍ଦ୍ଦେଶକ୍ରମେ ବିଆର୍‌ସିସି ତଥା ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ସନ୍ଧ୍ୟାରାଣୀ ହରିଚନ୍ଦନଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମ ଚାଲିଥିଲା। ଆଇଡିଆଇଇଟିର ବରିଷ୍ଠ ପ୍ରଶିକ୍ଷକ ପ୍ରତାପ କୁମାର ମହାପାତ୍ର ପରିଚାଳନାରେ ସହଯୋଗ କରିଥିଲେ। ତେବେ ଏହି ପ୍ରଶିକ୍ଷଣ ଶିବିରରେ ୪ଜଣ ଆର୍ପି , ୨ଜଣ ଏବିଇଓଙ୍କ ସମେତ ସମସ୍ତ ସିଆରସିସି ଉପସ୍ଥିତ ଥିଲେ। ପ୍ରଶିକ୍ଷଣ ନେଇଥିବା ପ୍ରଶିକ୍ଷାର୍ଥୀଙ୍କୁ ପ୍ରଶିକ୍ଷଣର ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି ପ୍ରଶିକ୍ଷଣ ଶିବିରରେ ୩ଟି କ୍ଲଷ୍ଟରର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଶିକ୍ଷକ ଅଂଶଗ୍ରହଣ କରିଥିଲେ।

## ଗାଁ ସାଥୀ ସଂଘର ସାଙ୍ଗଠନିକ ବୈଠକ

ଖୋର୍ଦ୍ଧା ଅଫିସ,୨୦।୩

ବରୁଣେଇ ପୀଠରେ ଖୋର୍ଦ୍ଧା ଜିଲା ଗାଁ ସାଥୀ ସଂଘର ସାଙ୍ଗଠନିକ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ମାୟାଧର ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ଜିଲାର ୧୦ଟି ବ୍ଲକର ବହୁ କର୍ମକର୍ତ୍ତା ଯୋଗଦେଇଥିଲେ। ସଙ୍ଗଠନାତ୍ମକ ରଚନା ଓ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ଗାଁ ସାଥୀ ୨୦୦୮ ମସିହାରୁ ପ୍ରତ୍ୟକ ରାଜସ୍ୱ ଗ୍ରାମରେ ୨ଜଣ ପୁରୁଷ ଓ ମହିଳା ନିଯୁକ୍ତି ପାଇଛନ୍ତି। ପଞ୍ଚାୟତସ୍ତରରେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ବିଭିନ୍ନ କାମ କରୁଛନ୍ତି। କୋଭିଡ୍ ସମୟରେ ଗାଁ ସାଥୀମାନଙ୍କ କାମ ପ୍ରଶଂସନୀୟ ରହିଥିଲା। ସବୁ ସମୟରେ ପ୍ରଶାସନକୁ ସହଯୋଗ କରି ଆସୁଛନ୍ତି। ହେଲେ ସ୍ଥାନୀୟ ବ୍ଲକ ପକ୍ଷରୁ ଗାଁ ସାଥୀଙ୍କୁ ଅବହେଳା କରାଯାଉଛି। ଆଜି ପର୍ଯ୍ୟନ୍ତ ସରକାରୀସ୍ତରରେ କୌଣସି ସୁବିଧା କରାଯାଇନାହିଁ। ମାସିକ ପ୍ରୋତ୍ସାହନ, ଉତ୍ତମ ପ୍ରଶିକ୍ଷଣ, ପରିଚୟ ପତ୍ର ଓ ଅନ୍ୟାନ୍ୟ ଦାବି ଉପରେ ଦୃଷ୍ଟି ଦେବାକୁ ବୈଠକରେ ଦାବି ଉପସ୍ଥାପନ ହୋଇଥିଲା। ଏଥିସହ ଆଗାମୀ କାର୍ଯ୍ୟପନ୍ଥା ଉପରେ ଏକ ବାର୍ଷିକ ଖସଡ଼ା ପ୍ରସ୍ତୁତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସଙ୍ଗଠକ ତପନ ବେବର୍ତ୍ତା ପଟ୍ଟନାୟକ, କ୍ଷୀରୋଦ ପରିଡା, ଖୋର୍ଦ୍ଧା ବ୍ଲକ ସଭାପତି ପ୍ରମୋଦ କୁମାର ମାନସିଂ, ସନ୍ତୋଷ କୁମାର ମାଣିଆ, ଗୋପାଳକୃଷ୍ଣ ପ୍ରଧାନ, ମାନସ ସାହୁ, ସଞ୍ଜୟ ବରାଳ, ଜୟନ୍ତୀ ସାହୁ, ଦୀନବନ୍ଧୁ ଭୋଇ, ପ୍ରସନ୍ନ କୁମାର ପଣ୍ଡା, ଲକ୍ଷ୍ମୀପ୍ରିୟା ଦାସ, ସୁମନ୍ତ ସାମନ୍ତରାୟ, ଧ୍ରୁବ ଚରଣ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ସମ୍ପାଦିକା ସୀମାରାଣୀ ପ୍ରଧାନ ଧନ୍ୟବାଦ ଦେଇଥିଲେ।




ସାଙ୍ଗଠନିକ ବୈଠକରେ ଗାଁ ସାଥୀ କର୍ମକର୍ତ୍ତାମାନେ।

# ୩ ମୃତ ବିଦେଶୀ ପକ୍ଷୀ ଜବତ

## ୨ ଶିକାରୀ ଗିରଫ

ଟାଙ୍ଗୀ(ଖୋର୍ଦ୍ଧା),୨୦।୩(ଡି.ଏନ୍.ଏ.)

ଚିଲିକାରେ ଏବେ ବି ଚାଲିଛି ପକ୍ଷୀ ଶିକାର। ପକ୍ଷୀ ଶିକାର ପରେ ଦୁଇ ଜଣ ଶିକାରୀ ବ୍ୟାଗରେ ମୃତ ବିଦେଶୀ ପକ୍ଷୀ ଧରି ଆସୁଥିଲେ। କୌଣସି ସୂତ୍ରରୁ ଖବରପାଇ ଟାଙ୍ଗୀ ବନ୍ୟପ୍ରାଣୀ ରେଞ୍ଜ ଅନ୍ତର୍ଗତ ହାଟବରଡି ରେଳ ଫାଟକ ନିକଟରେ ବିଭାଗୀୟ କର୍ମଚାରୀମାନେ ଚଢ଼ାଉ କରି ୨ ଶିକାରୀଙ୍କୁ ଗିରଫ କରିଥିଲେ। ସେମାନେ ହେଲେ ହାଟବରଡି ଗ୍ରାମର ସୁବାସ ଚନ୍ଦ୍ର ବେହେରା ଓ ଝାଡ଼ଖଣ୍ଡର ଜୟକୃଷ୍ଣ ସିଂ। ଏମାନଙ୍କ ନିକଟରୁ ୩ଟି ମୃତ ଲାର୍ଜ ହୁଇସ୍‌ଲିଙ୍ଗ ପକ୍ଷୀ, ଗୋଟିଏ ବାଇକ୍, ଦୁଇଟି ମୋବାଇଲ ଫୋନ ଜବତ କରାଯାଇଛି। ଗିରଫ ଅଭିଯୁକ୍ତ ଦ୍ୱୟଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଥିବା ରେଞ୍ଜର ଚୁଡ଼ାମଣି ମୁର୍ମୁ କହିଛନ୍ତି।




ଗିରଫ ୨ ଅଭିଯୁକ୍ତ ଏବଂ ଜବତ ହୋଇଥିବା ୩ ବିଦେଶାଗତ ପକ୍ଷୀ।

# ହରିହର ଭେଟ ପରେ ବାହୁଡ଼ିଲେ ଠାକୁର

ଜଟଣୀ,୨୦।୩(ଡି.ଏନ୍.ଏ.)

ଜଟଣୀ ପୌରାଞ୍ଚଳ ଅଧୀନ କୁଦିଆରୀ ଦଶଦୋଳ ମେଳଣ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଶେଷ ଦିବସରେ ଗୋଧୂଳି ବେଳାରେ ମେଳଣ ଯାତ୍ରାର ସ୍ଥାନାଧିପତି ପତିତପାବନ ଦେବ ଓ ଚନ୍ଦ୍ରଶେଖର ଦେବଙ୍କ ହରିହର ଭେଟ ପରେ ମନ୍ଦିରକୁ ଫେରିଛନ୍ତି। ଗତ ୧୭ ତାରିଖ ଶୁକ୍ରବାର ରାତିରେ ଜମାଣ ଉତ୍ସାବ ପରେ ଠାକୁରଙ୍କ ମେଳଣ ଆରମ୍ଭ ହୋଇଥିଲା। ମେଳଣରେ ଜଟଣୀ ବ୍ଲକ ବୁଢାପଡ଼ା ଗ୍ରାମର ସୋମନାଥ ଦେବ, ଗୋପାଳଜୀ ଦେବ, ପାଞ୍ଚୁପଲି ଗ୍ରାମର ନୀଳକଣ୍ଠେଶ୍ୱର ଦେବ, ଝିଖରଡାର ବାଲୁଙ୍କେଶ୍ୱର ଦେବ, ମଳିପଡ଼ାର ବାଲୁଙ୍କେଶ୍ୱର ଦେବ, ତଟାସାହିର ରାଧାକୃଷ୍ଣ ଦେବ, ପାତ୍ରସାହିର ଚନ୍ଦ୍ରଶେଖର ଦେବ, ଜୋରକଣିର ନୀଳକଣ୍ଠେଶ୍ୱର ଦେବ, ବାରିମୁଳର ଗୋପାଳ ଦେବ, ବାଲୁଙ୍କେଶ୍ୱର ଦେବ, ନିରଞ୍ଜନପୁରର ଲକ୍ଷ୍ମୀନାରାୟଣ ଦେବ, କନ୍ତିଆର ରାଧାକୃଷ୍ଣ ଦେବ, ମାଣିତ୍ରିର ରାଧାକୃଷ୍ଣ ଦେବ, ଧଳସାହିର ଚନ୍ଦ୍ରଶେଖର ଦେବ, ରଥିପୁରର ମଦନମୋହନ ଦେବ, ଗୋପାଳ ଦେବ, କନ୍ତିଆର ରାଧାକୃଷ୍ଣ ଦେବ, ଜୋରକଣିର ଗୋପୀନାଥ ଦେବ, ବେଗୁହାର ବାଲୁଙ୍କେଶ୍ୱର ଦେବ, ବାଲିଛକ ସାହିର ପଞ୍ଚଲିଙ୍ଗେଶ୍ୱର ଦେବ, ନାଗ ଦେବ, ତରଡ଼ାର ରାଧାକୃଷ୍ଣ ଦେବ, କୁହାର ରାଧାମୋହନ ଦେବ, ଚମ୍ପପୁର(ନିଆଳ)ର ରାଧାକୃଷ୍ଣ ଦେବ, ଗଡ଼ନିଆଳର କେଦାରେଶ୍ୱର ଦେବ, ପଞ୍ଚଗାର ଲକ୍ଷ୍ମୀନାରାୟଣ ଦେବ, ବରକୁଦାର ପତିତପାବନ ଦେବ, ଗଡ଼ରଥିପୁରର ସାଗଡ଼ିଆ ବାଲୁଙ୍କେଶ୍ୱର ଦେବ, ସଙ୍ଗିବ୍ରହ୍ମହପୁରର ଲକ୍ଷ୍ମୀନାରାୟଣ ଦେବ, କନ୍ତିଆ ଉପରସାହିର ରାଧାକୃଷ୍ଣ ଦେବ, ମୁଣ୍ଡଳର ରାଧାମୋହନ ଦେବ ଗୋପୀନାଥପୁରର ଗୋପୀନାଥ ଦେବ, ଷଣ୍ଢପୁରର କୁଣ୍ଡକେଶ୍ୱର ଦେବ, କାକୁଡ଼ିଆର ଗୋପୀନାଥ ଦେବ, ସୀତାରାମଛକର ବାଲୁଙ୍କେଶ୍ୱର ଦେବ ଏବଂ ରଙ୍ଗଣୀ ସାହିର ଶ୍ରୀ ଚୈତନ୍ୟ ଦେବ ପ୍ରମୁଖ ୪୦ ଗ୍ରାମର ଠାକୁର ନିମନ୍ତ୍ରଣ ରକ୍ଷା କରି ହରିହର ଭେଟ ଓ ମେଳଣ ଯାତ୍ରାରେ ସାମିଲ ହୋଇ ଖୁଣ୍ଟି ଲାଗି ହୋଇଥିଲେ। ଗୋଧୂଳି ବେଳାରେ ଆମନ୍ତ୍ରିତ ଠାକୁରଙ୍କ ନିକଟରେ ଭୋଗ ଆଟିକା ଲାଗି ହେବା ପରେ ମେଳଣ ଅନୁଷ୍ଠିତ ହୋଇ ଠାକୁରମାନେ ମେଲାଣି ନେଇଥିଲେ। ଖୋର୍ଦ୍ଧା ଜିଲା ବିଜେଡି ସଭାପତି ବିଭୂତି ଭୂଷଣ ବଳବନ୍ତରାୟ, ବିଜେଡି ନେତା ଡ. ସନ୍ତୋଷ ଜେନା, ସାମାଜିକକର୍ମୀ ସୁବ୍ରତ ମହାନ୍ତି ପ୍ରମୁଖ ମେଳଣରେ ସାମିଲ ହୋଇଥିଲେ। ଶାନ୍ତିଶୃଙ୍ଖଳା ପାଇଁ କମିଶନେରେଟ ପୋଲିସ ଜଟଣୀ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯଇଥିଲା। ଶ୍ରୀପତିତପାବନ ଓ ଚନ୍ଦ୍ରଶେଖର ଦେବ ମେଳଣ ପରିଚାଳନା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯଇଥିଲା। ମେଳଣ ପରିଚାଳନା କମିଟିର ସଭାପତି ସୁଦର୍ଶନ ସୁନ୍ଦରାୟ, ସମ୍ପାଦକ ଲୁଫେନ ରାୟ, ଶଶାଙ୍କ ଶେଖର ରାୟ, ହରପ୍ରସାଦ ପ୍ରଧାନ, କୈଳାସ ଚନ୍ଦ୍ର ମହାପାତ୍ର, କେଳୁଚରଣ ଜେନା, ପଞ୍ଚେଶ୍ୱର ମହାପାତ୍ର, ଅକ୍ଷୟ ଦାଶ, ଦିନେଶ ମଙ୍ଗରାଜ, ରଞ୍ଜନ ଛୋଟରାୟ, ଲୁସେନ ରାୟଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।



ମେଳଣରେ ପତିତପାବନ ଦେବ, ଚନ୍ଦ୍ରଶେଖର ଓ ସୋମନାଥ ଦେବ।

## ସରିଲା କୁଦିଆରୀ ଦଶଦୋଳ ମେଳଣ

## କରଡ଼ଗାଡ଼ିଆରେ ୧୨ଦୋଳ ଯାତ୍ରା ଆରମ୍ଭ

ବେଗୁନିଆ,୨୦।୩(ଡି.ଏନ୍.ଏ.)



ବେଗୁନିଆ ବ୍ଲକ କରଡ଼ଗାଡିଆ ଗ୍ରାମରେ ସୋମବାର ଭୋରରୁ ଆରମ୍ଭ ହୋଇଛି ୧୨ଦୋଳ ଯାତ୍ରା। ଗ୍ରାମବାସୀଙ୍କ ପକ୍ଷରୁ ଆୟୋଜିତ ଯାତ୍ରାରେ ପାରମ୍ପରିକ ରୀତିନୀତି ଅନୁଯାୟୀ ଆଟପ ପଟୁଆରରେ ହଟ୍ଟକେଶ୍ୱର ଦେବଙ୍କୁ ସ୍ୱାଗତ କରାଯାଇଥିଲା। ପରେ ନିମନ୍ତ୍ରିତ ରାଧାଗୋବିନ୍ଦ ଦେବ, ଗୋପାଳଜୀଉ, କୁଞ୍ଜବିହାରୀ, ଲୋକନାଥ ଦେବ, ରଘୁନାଥ ଦେବ, ରସିକ ବିହାରୀ ଦେବ ପ୍ରମୁଖଙ୍କ ଚଳନ୍ତି ପ୍ରତିମା ବିମାନରେ ବସି ପଡ଼ିଆରେ ପୂଜା ପାଉଛନ୍ତି। କମିଟି ପକ୍ଷରୁ ଚଳିତ ବର୍ଷ ୩ରାତି ପାଇଁ ଯାତ୍ରା ପାର୍ଟିର ବ୍ୟବସ୍ଥା କରାଯାଇଛି। ଭଳିକି ଭଳି ମନୋହରି ସାମଗ୍ରୀ, ହାତ ଖୋଦେଇ କାଠ ଓ ପଥର ବସ୍ତୁ ଦୋକାନରେ ଶ୍ରଦ୍ଧାଳୁଙ୍କ ଭିଡ ଜମୁଛି। ବୁଧବାର ସକାଳେ ମେଳଣ ପରେ ଠାକୁରମାନେ ସ୍ୱ ମନ୍ଦିର ପ୍ରତ୍ୟାବର୍ତ୍ତନ କରିବେ ବୋଲି ଯାତ୍ରା କମିଟି ପକ୍ଷରୁ କୁହାଯାଇଛି।

## ସଂକ୍ଷେପରେ

### ଭାର୍ଗବୀ କୂଳରୁ ଜବତ ମୃତଦେହର ପରିଚୟ ମିଳିଲା

ସାକ୍ଷୀଗୋପାଳ,୨୦।୩(ଡି.ଏନ୍.ଏ./ସ୍ୱ.ପ୍ର.): ସତ୍ୟବାଦୀ ଥାନା ଅନ୍ତର୍ଗତ ଚିଲପାଟଣା ଗ୍ରାମ ନିକଟ ଭାର୍ଗବୀ ନଦୀକୂଳରୁ ମିଳିଥିବା ଅଖାରେ ବନ୍ଧା ମହିଳାଙ୍କ ମୃତଦେହର ପରିଚୟ ମିଳିଛି। ସେ ହେଲେ ନିମାପଡ଼ା ବ୍ଲକ ବଳଙ୍ଗା ଥାନା ଉଚ୍ଛୁପୁର ପଞ୍ଚାୟତର ପାର୍ବତୀପୁର ନିକଟ ଖଡ଼ିକୁଦା ଗ୍ରାମର କପିଳ ସାହୁ( ୭୨)ଙ୍କ ସ୍ତ୍ରୀ ଶଶୀ ସାହୁ (୭୦)। କପିଳଙ୍କ କହିବା ଅନୁଯାୟୀ, ଗତ ୧୪ ତାରିଖରେ କୌଣସି କାରଣରୁ ଶଶୀ ଦେହରେ କିରୋସିନ ଢାଳି ନିଆଁ ଲଗାଇ ଆତ୍ମହତ୍ୟା କରିଥିଲେ। ଲୋକନିନ୍ଦା ଭୟରେ ସେ ଓ ତାଙ୍କ ପୁଅ ମିଶି ସ୍ତ୍ରୀଙ୍କ ମୃତଦେହକୁ ଏକ ଅଖାରେ ବାନ୍ଧି ଆଣି ବ୍ରିଜ୍ ଉପରୁ ଭାର୍ଗବୀ ନଦୀକୁ ଫୋପାଡ଼ି ଦେଇଥିଲେ। ଏନେଇ ସତ୍ୟବାଦୀ ଥାନା ପୋଲିସ ଏକ ମୃତ୍ୟୁ ମାମଲା (ନଂ.୨୨/୨୩) ରୁଜୁ କରିଛି। ପୁରୀରୁ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଥାନା ଅଧିକାରୀ ବିଜୟ କେତନ ବେହେରା ସୂଚନା ଦେଇଛନ୍ତି। କପିଳ ଏବଂ ପୁଅ ଅଭିମନ୍ୟୁ ସାହୁଙ୍କୁ ପୋଲିସ ଅଟକ ରଖି ପଚରାଉଚରା ଚଳାଇଛି।

### ୩ ମୃତ ବିଦେଶୀ ପକ୍ଷୀ ଜବତ,୨ ଶିକାରୀ ଗିରଫ

ଟାଙ୍ଗୀ(ଖୋର୍ଦ୍ଧା),୨୦।୩(ଡି.ଏନ୍.ଏ.): ଚିଲିକାରେ ଏବେ ବି ଚାଲିଛି ପକ୍ଷୀ ଶିକାର। ପକ୍ଷୀ ଶିକାର ପରେ ଦୁଇ ଜଣ ଶିକାରୀ ବ୍ୟାଗରେ ମୃତ ବିଦେଶୀ ପକ୍ଷୀ ଧରି ଆସୁଥିଲେ। କୌଣସି ସୂତ୍ରରୁ ଖବରପାଇ ଟାଙ୍ଗୀ ବନ୍ୟପ୍ରାଣୀ ରେଞ୍ଜ ଅନ୍ତର୍ଗତ ହାଟବରଡି ରେଳ ଫାଟକ ନିକଟରେ ବିଭାଗୀୟ କର୍ମଚାରୀମାନେ ଚଢ଼ାଉ କରି ୨ ଶିକାରୀଙ୍କୁ ଗିରଫ କରିଥିଲେ। ସେମାନେ ହେଲେ ହାଟବରଡି ଗ୍ରାମର ସୁବାସ ଚନ୍ଦ୍ର ବେହେରା ଓ ଝାଡ଼ଖଣ୍ଡର ଜୟକୃଷ୍ଣ ସିଂ। ଏମାନଙ୍କ ନିକଟରୁ ୩ଟି ମୃତ ଲାର୍ଜ ହୁଇସ୍ଲିଙ୍ଗ ପକ୍ଷୀ, ଗୋଟିଏ ବାଇକ୍, ଦୁଇଟି ମୋବାଇଲ ଫୋନ ଜବତ କରାଯାଇଛି। ଗିରଫ ଅଭିଯୁକ୍ତ ଦ୍ୱୟଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଥିବା ରେଞ୍ଜର ଚୁଡ଼ାମଣି ମୁର୍ମୁ କହିଛନ୍ତି।

### ୧୦ ମାସ ପରେ ଆତ୍ମସମର୍ପଣ କଲେ ଅଭିଯୁକ୍ତ ମୁନା ପ୍ରଧାନ ହତ୍ୟାକାଣ୍ଡ ଘଟଣା

ଗୋପ,୨୦।୩(ଡି.ଏନ୍.ଏ.): ଟେଣ୍ଟ ମାଲିକ ମୁନା ପ୍ରଧାନ(୩୦)ଙ୍କ ହତ୍ୟା ଘଟଣାର ୧୦ ମାସ ପରେ ନିମାପଡ଼ା ଥାନା ଅଞ୍ଚଳ ଗୁଆପୁର ଗ୍ରାମର ଡିଜେ ମାଲିକ ପବିତ୍ର ସାହୁ(୫୦) ନିମାପଡ଼ା କୋର୍ଟରେ ଆତ୍ମସମର୍ପଣ କରିଥିବା ସୋମବାର ଗୋପ ପୋଲିସ ସୂଚନା ଦେଇଛି। ସୂଚନା ମୁତାବକ, ଗତବର୍ଷ ଏପ୍ରିଲ୍ ୨୨ ତାରିଖ ରାତିରେ ନିମାପଡ଼ାରୁ ବେଦପୁର ଗ୍ରାମର ରାମଚନ୍ଦ୍ର ସାହୁଙ୍କ ଘରକୁ ବିବାହ ଲାଗି ରୋଶଣି ଯାଉଥିଲା। ବାଲିକନ୍ଧଳ ଗ୍ରାମରେ ଆଉ ଏକ ବିବାହ କାର୍ଯ୍ୟ ଲାଗି ଏରବଙ୍ଗ ଡିହସାହି ଗ୍ରାମରେ ମୁନା ପ୍ରଧାନ ଟେଣ୍ଟ ଲଗାଇଥିଲେ। ବରଯାତ୍ରୀର ଡିଜେ ଗାଡ଼ି ଲାଗି ସେହି ଟେଣ୍ଟ କପଡ଼ା ଚିରିଯିବାରୁ ଏଥିରେ ଟେଣ୍ଟ ମାଲିକ ମୁନା ପ୍ରତିବାଦ କରିଥିଲେ। କନ୍ୟାଘର ଲୋକ ଆସି ସମାଧାନ କରିବା ସହ ଡିଜେ ମାଲିକ ସାହୁ କପଡା ଚିରିବାର କ୍ଷତିପୂରଣ ଦେବାକୁ କହିଥିଲେ। ବରଯାତ୍ରୀ ବିବାହ ସ୍ଥାନରେ ପହଞ୍ଚିବା ପରେ ଡିଜେ ମାଲିକ ଗାଡ଼ି ନେଇ ପଳାଇବାରୁ ଟେଣ୍ଟ ମାଲିକ ଗାଡ଼ିକୁ ଗୋଡାଇ ଥିଲେ। କିଛି ବାଟ ଯିବା ପରେ ପବିତ୍ରଙ୍କ ସହିତ ୭/୮ ଯୁବକ ମିଶି ଧାରୁଆ ଅସ୍ତ୍ରରେ ମୁନାଙ୍କୁ ହତ୍ୟା କରି ରାସ୍ତାରେ ଫୋପାଡି ଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଘଟଣାର ଏକ ଘଣ୍ଟା ପରେ ମୁନାଙ୍କୁ ଗୋପ ଡାକ୍ତରଖାନାକୁ ନେବାରୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହତ୍ୟା ଘଟଣାରେ କୋଣାର୍କ- ନିମାପଡ଼ା ରାସ୍ତାର ବେଗୁନିଆ ଛକ ନିକଟରେ ଶତାଧିକ ଲୋକ ରାସ୍ତା ଅବରୋଧ କରିଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ବହୁ ବୁଝାଶୁଝା କରିବାରୁ ରାସ୍ତା ଅବରୋଧ ହଟିଥିଲା। ଯୁବକଙ୍କ ମୃତ୍ୟୁ ଘଟଣାକୁ ନେଇ ତାଙ୍କ ସମ୍ପର୍କୀୟ ନରେଶ ଚନ୍ଦ୍ର ପ୍ରଧାନ ଅଭିଯୋଗରେ ଗୋପ ଥାନାରେ ଏକ ହତ୍ୟା ମାମଲା (ନଂ. ୧୨୫/୨୨) ରୁଜୁ କରାଯାଇ ୩ ଜଣଙ୍କୁ ଗିରଫ କରାଯାଇଥିଲା। ଗୋପ ଥାନା ଅଧିକାରୀ ସୁନୀଲ ପ୍ରଧାନ ବାରମ୍ବାର ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ଚଢ଼ାଉ କରୁଥିଲେ। ୧୮ ତାରିଖ ପବିତ୍ର ନିମାପଡ଼ା କୋର୍ଟରେ ଆତ୍ମସମର୍ପଣ କରିଥିବା ଜଣାପଡିଛି। ଏବେ ବି ଏହି ହତ୍ୟାକାଣ୍ଡରେ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ଆଉ କେତେଜଣ ଫେରାର ରହିଛନ୍ତି। ମୃତ ମୁନା ପରିବାରର ଏକମାତ୍ର ରୋଜଗାରିଆ ଥିଲେ। ଖୁବ୍‌ଶୀଘ୍ର ମୁଖ୍ୟ ଅଭିଯୁକ୍ତଙ୍କ ସହ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଗୋପ ଥାନା ଅଧିକାରୀ ପ୍ରଧାନ କହିଛନ୍ତି।

# ଡକାୟତି ଯୋଜନା, ବଟି ଆଦାୟ: ୧୨ ଗିରଫ

**ବୋମା, ୪ ଖଣ୍ଡା ସମେତ ବିଭିନ୍ନ ମାରଣାସ୍ତ୍ର, ୨ ବାଇକ୍ ଜବତ**


ଗିରଫ ଅଭିଯୁକ୍ତ ଓ ଜବତ ସାମଗ୍ରୀ ସମ୍ପର୍କରେ ଖବରଦାତା ସମ୍ମିଳନୀରେ ସିଟି ଡିଏସ୍‌ପି କେ. କେ. ହରିପ୍ରସାଦ ସୂଚନା ଦେଉଛନ୍ତି।

ପୁରୀ ଅଫିସ, ୨୦।୩

ପୁରୀର ବିଭିନ୍ନ ଥାନା ଅଞ୍ଚଳରେ ଡକାୟତି ଯୋଜନା ଓ ଦାଦାବଟି ଆଦାୟ କରିବା ଅଭିଯୋଗରେ ପୋଲିସ ୧୨ଜଣଙ୍କୁ ଗିରଫ କରିଛି। ଏମାନଙ୍କ ମଧ୍ୟରେ ଦୁଇଟି ଡକାୟତି ମାମଲାରେ ୧୦ ଓ ବଟି ଆଦାୟ ମାମଲାରେ ୨ଜଣ ଅଭିଯୁକ୍ତ ରହିଛନ୍ତି। ଅଭିଯୁକ୍ତମାନଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି। ଏହି ୩ଟି ଘଟଣାରେ ୪ଟି ଖଣ୍ଡା ସମେତ ବିଭିନ୍ନ ମାରଣାସ୍ତ୍ର, ଏକ ବୋମା, ୨ଟି ବାଇକ୍ ପ୍ରଭୃତି ଜବତ ହୋଇଛି। ଏ ନେଇ ସୋମବାର ଟାଉନ ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସିଟି ଡିଏସ୍‌ପି କେ. କେ. ହରିପ୍ରସାଦ ସୂଚନା ଦେଇଛନ୍ତି।

ସିଟି ଡିଏସ୍‌ପି ହରିପ୍ରସାଦ କହିଛନ୍ତି, ଅପରାଧ ଏବଂ ଅପରାଧୀଙ୍କ ବିରୋଧରେ ପୋଲିସ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। ପୁରୀ ସହରକୁ ଅପରାଧମୁକ୍ତ କରିବା ପାଇଁ ଏସ୍‌ପିଙ୍କ ନିର୍ଦ୍ଦେଶରେ ଏବଂ ଅତିରିକ୍ତ ଏସ୍‌ପିଙ୍କ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଏହି ସ୍ୱତନ୍ତ୍ର ଟିମ୍ ପୁରୀ ସହରର ଷ୍ଟ୍ରିଟ୍ କ୍ରାଇମ ଉପରେ ନଜର ରଖୁଛି। ଏହି ପରିପ୍ରେକ୍ଷୀରେ ୩ଟି ଥାନା ପକ୍ଷରୁ ବିଭିନ୍ନ ମାମଲାରେ ୧୨ ଜଣଙ୍କୁ ଗିରଫ କରାଯାଇଛି। ପୁରୀ ଟାଉନ ଥାନା ଅନ୍ତର୍ଗତ ହରଚଣ୍ଡୀ ସାହି ଚକ୍ରକୋଟ ଲେନ ନିକଟ କାଜୁ ଜଙ୍ଗଲରେ ୫ଜଣ ଦୁର୍ବୃତ୍ତ ମାରଣାସ୍ତ୍ର ସହ ଏକାଠି ହୋଇ ଡକାୟତି ପାଇଁ ଯୋଜନା କରୁଥିଲେ। ପୋଲିସ ବିଶେଷ ସୂତ୍ରରୁ ସୂଚନା ପାଇ ସେଠାରେ ଚଢ଼ାଉ କରି ଡକାୟତି ଯୋଜନା ପଣ୍ଡ କରିବା ସହ ୫ଜଣଙ୍କୁ ଗିରଫ କରିଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ଟାଉନ ଥାନା ଅନ୍ତର୍ଗତ ଗୁଡ଼ିଆ ସାହିର କେଶବ ପୃଷ୍ଟି (୩୪), ମାର୍କଣ୍ଡେଶ୍ୱର ସାହି ନୂଆପାଟଣା ଗଳିର ଶିବୁ ନାୟକ (୨୮), ରାକେଶ କୁମାର ରାଉତ (୨୨), ବାସେଳି ସାହି ଥାନା ଅନ୍ତର୍ଗତ ମଙ୍ଗଳା ଘାଟ ପାଇକ ସାହିର ରଞ୍ଜନ ଷଣ୍ଢ (୨୮) ଏବଂ ପେଣ୍ଠକଟା ମେରାଇନ ଥାନା ଅଧୀନ ଭୂଦାନ ଅଞ୍ଚଳର ରବି ସୁବୁଦ୍ଧି (୨୭)। ଏମାନଙ୍କଠାରୁ ପୋଲିସ ଗୋଟିଏ ଖଣ୍ଡା, ଗୋଟିଏ ଲୁହାରଡ୍, ୩ଟି ଖାଲି ବିୟର ବୋତଲ ଏବଂ ୫ଟି ଗ୍ଲାସ୍ ଜବତ କରିଛି। ଏନେଇ ଏକ କେସ୍ (ନଂ. ୧୦୯/ ୨୩) ରୁଜୁ ହୋଇଛି।

ସେହିପରି ବାସେଳିସାହି ଥାନା ଅଧୀନ ଶଙ୍କରପୁର କାଜୁ ଜଙ୍ଗଲରେ ଡକାୟତି ଯୋଜନା କରୁଥିବା ବେଳେ ପୋଲିସ ବିଶେଷ ସୂତ୍ରରୁ ଖବର ପାଇ ସେଠାରେ ଚଢ଼ାଉ କରି ୫ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବାସେଳି ସାହି ଥାନା ଅନ୍ତର୍ଗତ ଗୋଖା ସାହିର ଅଭି ବେହେରା (୨୪), ଜଗନାଥ ବସ୍ତି ପଣ୍ଡା ବଗିଚାର ମନୋଜ ପଣ୍ଡା (୨୩), ଗୋଖା ସାହିର ବର୍ଷିନା ବେହେରା (୨୩), ଧବଳେଶ୍ୱର ନଗରର ରାଜେଶ କୁମାର ସାହୁ (୩୬) ଏବଂ ଶଙ୍କରପୁର ଗିନାରିବନ୍ତ ଅଞ୍ଚଳର କେଶବ ପରିଡ଼ା (୨୪)। ଏମାନଙ୍କ ନିକଟରୁ ୨ଟି ଦୁଇଚକିଆ ଗାଡ଼ି, ୩ଟି ଖଣ୍ଡା, ୨ଟି ଲୁହାରଡ୍, ୩ଟି ଲାଠି, ଗୋଟିଏ ଜୀବନ୍ତ ବୋମା, ୫ଟି ବିୟର ବୋତଲ, ୬ଟି ଗ୍ଲାସ ଏବଂ ୨ଟି ପାଣି ବୋତଲ ଜବତ କରିଛି। ଏ ନେଇ ଏକ ମାମଲା (ନଂ. ୭୫/୨୩) ରୁଜୁ କରାଯାଇଛି। ଅପରପକ୍ଷରେ ବଟି ଆଦାୟ ଅଭିଯୋଗରେ ସମୁଦ୍ରକୂଳ ଥାନା ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବାଲି ମୋଟି ସାହିର କେ.ଶିବା (୨୦) ଓ ଧୋବାଖାଲର ରମେଶ ବେହେରା (୩୧)। ଏମାନଙ୍କ ନିକଟରୁ ଗୋଟିଏ ଚାପଡ଼ ଓ ୩୦୦ ଟଙ୍କା ଜବତ ହୋଇଛି। ଅଭିଯୁକ୍ତ ଦ୍ୱୟ ଯୁଥ ହଷ୍ଟେଲ ନିକଟରେ ଲୋକଙ୍କଠାରୁ ବଟି ଆଦାୟ କରୁଥିଲେ। ଖବର ପାଇ ପୋଲିସ ସେଠାରେ ଚଢ଼ାଉ କରି ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିଥିଲା। ଗିରଫ ଅଭିଯୁକ୍ତମାନଙ୍କ ନାମରେ ପୂର୍ବରୁ ଅନେକ ଆପରାଧିକ ମାମଲା ରହିଥିବା ସିଟି ଡିଏସ୍‌ପି କହିଛନ୍ତି। ଖବରଦାତା ସମ୍ମିଳନୀରେ ଟାଉନ ଥାନା ଅଧିକାରୀ ଗୋକୁଳ ରଞ୍ଜନ ଦାଶ, ବାସେଳି ସାହି ଥାନା ଅଧିକାରୀ କୁଳମଣି ସେଠୀ ଏବଂ ବଳିଆପଣ୍ଡା ଥାନା ଅଧିକାରୀ ସୁଶାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଅଭ୍ୟାସଗତ ଅପରାଧୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ

ପୁରୀ ଅଫିସ, ୨୦।୩

ବିଭିନ୍ନ ଅପରାଧରେ ଜଡ଼ିତ ଅଭ୍ୟାସଗତ ଅପରାଧୀଙ୍କୁ ସାବାଡ୍ କରିବାକୁ ପୁରୀ ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି। ଅପରାଧରେ ଜଡ଼ିତ ଥାଇ ଅଟକ ବା ଗିରଫ ହୋଇ ଭଲ ଆଚରଣ ପ୍ରଦର୍ଶନ କରିବାକୁ ୧୧୦ ସିଆର୍‌ପିସିରେ ବଣ୍ଡ ଦେଇ ମୁକୁଳିଥିବା ଓ ଏହାର ଉଲ୍ଲଂଘନ କରି ପୁଣି ଅପରାଧରେ ଜଡ଼ିତ ଅପରାଧୀଙ୍କ ପାଇଁ କଠୋର ଆଭିମୁଖ୍ୟ ଗ୍ରହଣ କରାଯିବ ବୋଲି ସ୍ପଷ୍ଟ କରିଛି ପ୍ରଶାସନ। ସୋମବାର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଉପଜିଲାପାଳ ତଥା ଏସ୍‌ଡିଏମ୍ ଭବତାରଣ ସାହୁଙ୍କ ଅଧ୍ୟକ୍ଷତାରେ ଆଇନଶୃଙ୍ଖଳା ରକ୍ଷା ସଂକ୍ରାନ୍ତ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଅପରାଧ ଓ ଅପରାଧୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ସହର ତଥା ଜିଲାରେ ଶାନ୍ତି ପ୍ରତିଷ୍ଠା ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରିବାକୁ ଉପଜିଲାପାଳ କହିଥିଲେ। ୨୬୩ ଜଣ ବଣ୍ଡ ଦେଇ ମୁକୁଳି ଥିବା ବ୍ୟକ୍ତିଙ୍କ ମଧ୍ୟରୁ ପରବର୍ତ୍ତୀ ସମୟରେ ଦେବୀଘାଟର ରୁମାନୀ ପ୍ରସାଦ ସିଂ, ମାର୍କଣ୍ଡେଶ୍ୱର ସାହିର ବାପୁନା ଓରଫ ସନ୍ତୋଷ ରାଉତ, ଲୋକନାଥ୍ ରୋଡର ଲୁଲୁ ଓରଫ ଜ୍ଞାନେନ୍ଦ୍ର ମାଣିଆ ପୁନଃ ଅପରାଧରେ ଜଡ଼ିତ ହେଉଥିବା ଜଣାଯାଇଛି। ସିଆର୍‌ପିସି ଧାରା ୧୨୨, ୧ବି ଅନୁଯାୟୀ ଭଲ ବ୍ୟବହାର ପାଇଁ ବଣ୍ଡ ଦେଇ ମୁକୁଳିଥିବା ବ୍ୟକ୍ତି ଯଦି ପୁଣି ଅପରାଧରେ ଜଡ଼ିତ ହୁଅନ୍ତି, ତେବେ ବଣ୍ଡରେ ଉଲ୍ଲେଖ ୩ ବର୍ଷରୁ ବାକିଥିବା ସମୟର ସଜା ତାଙ୍କୁ ଭୋଗିବାକୁ ପଡ଼ିବ ବୋଲି ସାହୁ ସ୍ପଷ୍ଟ କରିଦେଇଥିଲେ। ଏପରିକି ବଣ୍ଡ ନିୟମ ଅନୁସାରେ ସଂପୃକ୍ତ ଥାନାରେ ନିର୍ଦ୍ଧାରିତ ସମୟରେ ହାଜର ନ ହେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଥିଲେ। ଅତିରିକ୍ତ ଏସ୍‌ପି ପ୍ରଫୁଲ୍ଲ ଚନ୍ଦ୍ର ବଡଜେନା ଯୋଗଦେଇ ଅପରାଧୀଙ୍କ ପ୍ରତି ପୋଲିସ ପ୍ରଶାସନ କଡ଼ା ନଜର ରଖିବା ସହ ଅଭ୍ୟାସଗତ ଅପରାଧୀଙ୍କ ବିରୋଧରେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉଛି ବୋଲି ଜଣାଇଥିଲେ। ବୈଠକରେ ଏସ୍‌ଡିପିଓ କିଶୋର କୁମାର ମୁଣ୍ଡ, ସିଟି ଡିଏସ୍‌ପି କେ.କେ. ହରିପ୍ରସାଦ ଏବଂ ସମସ୍ତ ଥାନାର ଅଧିକାରୀ ଉପସ୍ଥିତ ଥିଲେ।


ଶ୍ରୀମନ୍ଦିର ପରିସରସ୍ଥ ବିମଳା ମନ୍ଦିର ପାଇଁ ନୂତନ ଚାନ୍ଦୁଆ ପ୍ରସ୍ତୁତ କରାଯାଉଛି।



ଶ୍ରୀଜଗନ୍ନାଥ ବେଦ କର୍ମକାଣ୍ଡ ମହାବିଦ୍ୟାଳୟ ପରିସରରେ ୭ଦିନିଆ ଜାତୀୟ ସଂହତି ଶିବିରରେ ଅତିଥିଙ୍କ ସହ ଶିବିରାର୍ଥୀ।

## ଶ୍ରୀଜଗନ୍ନାଥ ବେଦ କର୍ମକାଣ୍ଡରେ ଜାତୀୟ ସଂହତି ଶିବିର

ପୁରୀ ଅଫିସ, ୨୦।୩

ଜାତୀୟ ସେବା ଯୋଜନା ଆଞ୍ଚଳିକ ନିର୍ଦ୍ଦେଶାଳୟ ଭୁବନେଶ୍ୱର ଏବଂ ଶ୍ରୀଜଗନ୍ନାଥ ବେଦ କର୍ମକାଣ୍ଡ ମହାବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ସୋମବାର ଶ୍ରୀଜଗନ୍ନାଥ ବେଦ କର୍ମକାଣ୍ଡ ମହାବିଦ୍ୟାଳୟ ପରିସରରେ ୭ଦିନିଆ ଜାତୀୟ ସଂହତି ଶିବିର ଉଦଘାଟିତ ହୋଇଛି। ଉଦ୍‌ଘାଟନ ଉତ୍ସବରେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ରବୀନ୍ଦ୍ର କୁମାର ପଣ୍ଡା, ଭାରତ ସରକାରଙ୍କ ଆର୍ନ୍ତଜାତୀୟ ସେବା ଯୋଜନାର ଆଞ୍ଚଳିକ ନିର୍ଦ୍ଦେଶିକା ସରିତା ପଟେଲ, ଶ୍ରୀଜଗନ୍ନାଥ ବେଦ କର୍ମକାଣ୍ଡ ମହାବିଦ୍ୟାଳୟର ସଭାପତି କିଶୋର ଚନ୍ଦ୍ର ପାଢୀ, ଶ୍ରୀଜଗନ୍ନାଥ ଦେବ କର୍ମକାଣ୍ଡ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଜଗବନ୍ଧୁ ମିଶ୍ର ଏବଂ ସଂଯୋଜକ ନିରଦ ବରଣ ଖୁଣ୍ଟିଆ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଶିବିର ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ଦେଶର ୩୦ରୁ ଊର୍ଦ୍ଧ୍ୱ ବିଶ୍ୱବିଦ୍ୟାଳୟର ୨୫୦ରୁ ଅଧିକ ସ୍ୱେଚ୍ଛାସେବୀ, କାର୍ଯ୍ୟକ୍ରମ ଅଧିକାରୀ, କାର୍ଯ୍ୟକ୍ରମ ସଂଯୋଜକ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଯୋଗଦେଇଛନ୍ତି। ସ୍ୱେଚ୍ଛାସେବୀଙ୍କ ଦ୍ୱାରା ସାଂସ୍କୃତିକ ଭାବବିନିମୟ ସହିତ ସମୁଦ୍ରକୂଳ ସଫେଇ ସହ ନାରୀ ସଶକ୍ତୀକରଣ, ପରିବେଶ ସୁରକ୍ଷା, ନିଶା ନିବାରଣ ଏବଂ ସବୁଜିମା ସଂରକ୍ଷଣ ଇତ୍ୟାଦି ବିଷୟରେ ଜନସାଧାରଣଙ୍କୁ ସଚେତନତା କରାଯିବାର କାର୍ଯ୍ୟକ୍ରମ ରହିଛି।

# ୨୪ରୁ ମା’ ମଙ୍ଗଳା ମହୋତ୍ସବ

କାକଟପୁର,୨୦।୩(ଡି.ଏନ୍.ଏ.)

ଆସନ୍ତା ୨୪ତାରିଖରୁ ୧୩ତମ ମା’ ମଙ୍ଗଳା ମହୋତ୍ସବ ଅନୁଷ୍ଠିତ ହେବ। ଏନେଇ ସୋମବାର କାକଟପୁର ଜଳସେଚନ ବଙ୍ଗଳାରେ ଏକ ଉତ୍ସବର ବୃତାନ୍ତ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଅନୁଷ୍ଠାନର ସଭାପତି ସ୍ଥାନୀୟ ବିଧାୟକ ତଥା ରାଜ୍ୟ ଗୃହ ବିଭାଗ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା ସଭାପତିତ୍ୱ କରିଥିଲେ। ଗ୍ରାମାଞ୍ଚଳରୁ ଲୁପ୍ତ ହେବାକୁ ବସିଥିବା ଲୋକକଳାକୁ ପୁନର୍ଜୀବିତ କରି କର୍ମକ୍ଳାନ୍ତ ଜୀବନରେ ଟିକିଏ ଆନନ୍ଦ ଭରିଦେବା ସହ ସବୁ ସମ୍ପ୍ରଦାୟ ମଧ୍ୟରେ ଭାଇଚାରା ସୃଷ୍ଟି ଲକ୍ଷ୍ୟରେ ମା’ ମଙ୍ଗଳା ମହୋତ୍ସବ କମିଟି ଦୀର୍ଘ ବର୍ଷ ଧରି ଏହି ଉତ୍ସବର ଆୟୋଜନ କରିଆସୁଛି। ଏହି ମହୋତ୍ସବ କରୋନା ମହାମାରୀ ଯୋଗୁ ୨ବର୍ଷ ବନ୍ଦ ରହିଥିଲା। ପର୍ଯ୍ୟଟନ, ସଂସ୍କୃତି, ଅବକାରୀ ଓ ଓଡ଼ିଆ ଭାଷା ସାହିତ୍ୟ ମନ୍ତ୍ରୀ ଅଶ୍ୱିନୀ ପାତ୍ର ଉତ୍ସବରେ ଯୋଗଦେଇ ଉଦ୍‌ଘାଟନ କରିବେ। ସମ୍ମାନିତ ଅତିଥି ଭାବେ ଜଗତ୍‌ସିଂହପୁର ଏମ୍‌ପି ଡା. ରାଜଶ୍ରୀ ମଲ୍ଲିକ, ଆକାଶ ଦାଶ ନାୟକ, ସାଂସ୍କୃତିକ କାର୍ଯ୍ୟକ୍ରମରେ ଅସୀମା ପଣ୍ଡା, ଅର୍ପିତା ଚୌଧୁରୀଙ୍କ ଦ୍ୱାରା ସଙ୍ଗୀତ ଓ ପ୍ରିନ୍ସ ଡ୍ୟାନ୍ସ ଗ୍ରୁପ୍ ନୃତ୍ୟ ପରିବେଷଣ କରିବେ। ୨୫ ତାରିଖ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ସମ୍ମାନିତ ଅତିଥି ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଓ କେନ୍ଦ୍ରାପଡ଼ା ଏମ୍‌ପି ଅନୁଭବ ମହାନ୍ତି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଦୀପ୍ତିରେଖା ପାଢୀ, ସ୍ୱୟଂ ପାଢୀ, ଶଙ୍କର ପ୍ରଜ୍ଞା ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ। ୨୬ ତାରିଖ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି କୃଷି ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏବଂ ସମ୍ମାନିତ ଅତିଥି ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ପିପିଲି ବିଧାୟକ ରୁଦ୍ରପ୍ରତାପ ମହାରଥୀ, ଗୃହ ଓ ନିର୍ମାଣ ଶ୍ରମିକ କଲ୍ୟାଣ ପରିଷଦ ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର, ଅଭିଜିତ ମଜୁମଦାର, ଶୀତଲ କବି, ଦେବେଶ ପତି ଓ ଅନ୍ତରା ଚକ୍ରବର୍ତ୍ତୀଙ୍କ ଦ୍ୱାରା ମନୋରଞ୍ଜନ ସଙ୍ଗୀତ ପରିବେଷଣ କାର୍ଯ୍ୟକ୍ରମ ରଖାଯାଇଛି। ଏ ସମସ୍ତ କାର୍ଯ୍ୟର ସୁପରିଚାଳନା, ତଦାରଖ ଓ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୯ଟି ସବ୍ କମିଟି ଗଠନ କରାଯାଇ ସହସମ୍ପାଦକଙ୍କୁ ଦାୟିତ୍ୱ ତୁଲାଇବାର ଭାର ଦିଆଯାଇଥିବା ସାଧାରଣ ସମ୍ପାଦକ ସ୍ୱାଧୀନ ନାୟକ ପ୍ରକାଶ କରିଛନ୍ତି।

# ପଖାଳ ସଂକ୍ରାନ୍ତ ଆଲୋଚନାଚକ୍ର



କାର୍ଯ୍ୟକ୍ରମରେ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର ଏବଂ ଅନ୍ୟମାନେ।

ପୁରୀ ଅଫିସ, ୨୦।୩

ପୁରୀ ଭିଆଇପି ରୋଡସ୍ଥିତ ଯୁଥ୍ ହଷ୍ଟେଲ ପରିସରରେ ସୋମବାର ରାଷ୍ଟ୍ର ସେବା ଟ୍ରଷ୍ଟ ପକ୍ଷରୁ ପଖାଳ ଦିବସ ପାଳନ କରାଯାଇଛି। ଏହି ଅବସରରେ ଆୟୋଜିତ ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଭାବେ ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଭାଜପା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ମଧୁସୂଦନ ସିଂହାରୀ, ନେହେରୁ ଯୁବ କେନ୍ଦ୍ରର ଜିଲା ସଂଯୋଜକ ଜୟ ଶଙ୍କର ଜୋଶୀ ଏବଂ ପ୍ରାଧ୍ୟାପକ ଡ. ସସ୍ମିତା ନାୟକ ମଞ୍ଚାସୀନ ଥିଲେ। ଅତିଥିମାନେ ପଖାଳ ଖାଇବାର ଉପକାରିତା ସମ୍ପର୍କରେ ଆଲୋକପାତ କରିଥିଲେ। ରାଷ୍ଟ୍ର ସେବା ଟ୍ରଷ୍ଟର ସଭାନେତ୍ରୀ ରଞ୍ଜିତା ପାଢ଼ୀଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାଜେଶ କୁମାର ଦେବତା ମଞ୍ଚ ପରିଚାଳନା କରିଥିଲେ। ଦୀପକ କୁମାର ସୁବୁଦ୍ଧି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶେଷରେ ସମସ୍ତେ ବସି ପଖାଳ ଖାଇଥିଲେ।

## ଏସ୍‌ଏଚ୍‌ଜି ମହିଳାଙ୍କୁ କୃଷି ମେଶିନାରୀ ଉପକରଣ ବଣ୍ଟନ

ପିପିଲି,୨୦।୩(ସ୍ୱ.ପ୍ର.)

କେନ୍ଦ୍ରୀୟ କୃଷିରତ ମହିଳା ସଂସ୍ଥାନ ତଥା ଆଇସିଏଆର-ସିୱା ପକ୍ଷରୁ ପିପିଲି ବ୍ଲକ ସିଉଳା ଗ୍ରାମରେ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି )ର ମହିଳଙ୍କୁ କୃଷି ମେଶିନାରୀ ଉପକରଣ ପ୍ରଦାନ କରାଯାଇଛି। ସତ୍ୟସାଇ ଏସ୍‌ଏଚ୍‌ଜି ଗୋଷ୍ଠୀ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରୀୟ କୃଷିରତ ମହିଳା ସଂସ୍ଥାନର ନିର୍ଦ୍ଦେଶିକା ମୃଦୁଳା ଦେବୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହିଳାମାନେ କୃଷି କ୍ଷେତ୍ରରେ କିପରି ଉଦ୍ୟୋଗୀ ସ୍ୱାବଲମ୍ବୀ ହୋଇପାରିବେ ଏବଂ କମ୍ ପରିଶ୍ରମରେ ଅଧିକ କାର୍ଯ୍ୟ କରିପାରିବେ ସେନେଇ ମତ ରଖିଥିଲେ। ଅନ୍ୟତମ ଅତିଥି ଭାବେ କେନ୍ଦ୍ରୀୟ କୃଷିରତ ମହିଳା ସଂସ୍ଥାନର ବୈଜ୍ଞାନିକ ଚୈତ୍ରାଲି ମାତ୍ରେ, ଟେକ୍‌ନିକାଲ ଅଫିସର ଗୀତା ସାହା ପ୍ରମୁଖ ଯୋଗଦେଇ ପ୍ରାୟ ୧ଲକ୍ଷ ଟଙ୍କାର ନୂତନ ୯ଟି କୃଷି ଯନ୍ତ୍ରାଂଶ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସତ୍ୟସାଇ ଏସ୍‌ଏଚ୍‌ଜି ମାଧ୍ୟମରେ ଗ୍ରାମର ଅନ୍ୟ ମହିଳା ଗୋଷ୍ଠୀଙ୍କୁ ବିଭିନ୍ନ କୃଷି ଉପକରଣ ଦେବା ପାଇଁ ସଭାନେତ୍ରୀ ସନ୍ଧ୍ୟାରାଣୀ ମହାରଣା, ସମ୍ପାଦିକା ଗୀତାଞ୍ଜଳି ମଲିକ ପ୍ରମୁଖ କେନ୍ଦ୍ରୀୟ କୃଷିରତ ମହିଳା ସଂସ୍ଥାନ ସହ ଚୁକ୍ତିପତ୍ର କରିଥିଲେ । ସେହିଭଳି ସତ୍ୟବାଦୀ ବ୍ଲକର ଅଲଗୁଣ ଗ୍ରାମରେ ଯୋଗମାୟା ଆତ୍ମା ସହାୟିକା ସଂଘକୁ ମଧ ଏହି ସବୁ ଯନ୍ତ୍ରାଂଶ ପ୍ରଦାନ କରାଯାଇଛି। ସଭାପତି ବିଜୟଲକ୍ଷ୍ମୀ ବେହେରା, ସମ୍ପାଦିକା ଯମୁନା ବେହେରାଙ୍କ ଠାରୁ ଚୁକ୍ତିପତ୍ର କରାଯାଇଥିବା କେନ୍ଦ୍ରୀୟ କୃଷିରତ ମହିଳା ସଂସ୍ଥାନର ବୈଜ୍ଞାନିକ ଚୈତ୍ରାଲି ମାତ୍ରେ କହିଛନ୍ତି।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

# ପ୍ରଭୁ ଜଗନ୍ନାଥଙ୍କ ପ୍ରିୟ ପଖାଳ

ଡେଲାଙ୍ଗ/ପିପିଲି/ଗୋପ,୨୦।୩ (ଡି.ଏନ୍.ଏ./ସ୍ୱ.ପ୍ର.)


ଅଭିନେତା ବବି ମିଶ୍ର ଏବଂ ଅନ୍ୟମାନେ ପଖାଳ ଖାଉଛନ୍ତି।

ପିପିଲି ବ୍ଲକ ମଠସାହିଠାରେ ପଲ୍ଲବୀ ପରିବାର ପକ୍ଷରୁ ସୋମବାର ପଖାଳ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଡେଲାଙ୍ଗ ବ୍ଲକ ଅଧ୍ୟକ୍ଷା ବାସନ୍ତୀ ସାହୁ, ପିପିଲି ବ୍ଲକ ଅଧ୍ୟକ୍ଷ ସେକ୍ ବାବୁ, ଅବସରପ୍ରାପ୍ତ ଜେନେରାଲ ନାରାୟଣ ମହାନ୍ତି, କଂଗ୍ରେସ ସଭାନେତ୍ରୀ ନିରୁପମା ପାତ୍ର, ଅଭିନେତା ବବି ମିଶ୍ର, ଆଇନଜୀବୀ ଅନୁପ ପରିଡ଼ା, ଭାରତୀୟ ଜଳ ପରିମଳ ପ୍ରତିଷ୍ଠାନର ମୁଖ୍ୟ ବୈଜ୍ଞାନିକ ଡ. ପ୍ରମୋଦ ପଣ୍ଡା, ବରିଷ୍ଠ ଖବରଦାତା ପ୍ରସନ୍ନ ତ୍ରିପାଠୀଙ୍କ ସମେତ ଡେଲାଙ୍ଗ ଓ ପିପିଲି ବ୍ଲକର ସମସ୍ତ ଖବରଦାତା ଯୋଗଦେଇ ପଖାଳ ଦିବସର ମାହାତ୍ମ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପଖାଳରୁ ଶରୀରକୁ ମିଳୁଥିବା ବିଭିନ୍ନ ଭିଟାମିନ୍ ସମ୍ପର୍କରେ ଡ. ପଣ୍ଡା ଆଲୋକପାତ କରିଥିଲେ। ପଖାଳ ହେଉଛି ଓଡ଼ିଆଙ୍କ ପ୍ରିୟ ଖାଦ୍ୟ। ଏଥିସହ ଓଡ଼ିଆ ଜାତିର ମଉଡମଣି ପ୍ରଭୁ ଶ୍ରୀଜଗନ୍ନାଥ ମଧ୍ୟ ପଖାଳ ପ୍ରିୟ। ପ୍ରତ୍ୟେକ ଦିନ ପ୍ରଭୁଙ୍କ ନିକଟରେ ବଡସିଂହାର ବେଶ ପରେ ଦହିପଖାଳ ଭୋଗ କରାଯାଇଥାଏ। ଏହି ଓଡ଼ିଆଙ୍କ ପ୍ରିୟ ଖାଦ୍ୟ ପଖାଳକୁ ମନେରଖିବା ପାଇଁ ମାର୍ଚ୍ଚ ୨୦କୁ ବିଶ୍ୱ ପଖାଳ ଦିବସ ରୂପେ ପାଳନ କରାଯାଇଥାଏ। ଏହି ଅବସରରେ ଅତିଥିଙ୍କ ସମେତ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିବା ଖବରଦାତା, ଜନ ପ୍ରତିନିଧି, ସାମାଜିକ କର୍ମୀଙ୍କୁ ବିଭିନ୍ନ ପ୍ରକାର ପଖାଳ ସାଙ୍ଗକୁ ବଡ଼ିଚୂରା, ବଡ଼ିଭଜା, ବିଭିନ୍ନ ପ୍ରକାର ପନିପରିବା ଭଜା, ଚୂନାମାଛ ଭଜା, ମାଛ ଭଜା, ଶୁଖୁଆ ଭଜା ଆଦି ୩୦ ପ୍ରକାର ବ୍ୟଞ୍ଜନରେ ପରଷା ଯାଇଥିଲା। କାର୍ଯ୍ୟକ୍ରମକୁ ପଲ୍ଲବୀ ପବ୍ଲିକ ସ୍କୁଲର ଅଧ୍ୟକ୍ଷ ପୀତବାସ ମହାନ୍ତି, ଲଳିତ ପ୍ରଧାନ, ସର୍ବେଶ୍ୱର ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ମାଟି କଂସା ପାତ୍ର ତିଆରି କରିଥିବା କାରିଗର ଭଗବାନ ମୁଦୁଲି ଓ ବ୍ୟଞ୍ଜନ ପ୍ରସ୍ତୁତ କରିଥିବା ଲଳିତ ପ୍ରଧାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ଓଡ଼ିଆ ଖାଦ୍ୟ ଭିତରେ ପଖାଳର ମଜା ନିଆରା। ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର(ସିଏଚ୍‌ସି)ରେ ସୋମବାର ଅନୁଷ୍ଠିତ ପଖାଳ ଦିବସ ଅବସରରେ ସିଏଚ୍‌ସି ଅଧିକାରୀ ଡ. ଜସ୍ମିନ୍ ଆଫ୍ରୋଜ ସୂଚନା ଦେଇଛନ୍ତି। ପ୍ରତ୍ୟେକ ମାସର ଶେଷ ସୋମବାର ଗୋପ ସିଏଚ୍‌ସି ପରିସରରେ ଏକ ବୈଠକ ବସିଥାଏ। ମାର୍ଚ୍ଚ ୨୦ ପଖାଳ ଦିବସ ଥିବାରୁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ ସୁଶାନ୍ତ ରାଉଳ ପଖାଳ ସହିତ ବଡ଼ିଚୂରା, ଶାଗଭଜା, ଆଳୁ ଚକଟା, ଭେଣ୍ଡି ଭଜା ସହିତ ଆଉ କେତେକ ଭଜା ବ୍ୟବସ୍ଥା କରିଥିଲେ। ଡାକ୍ତରଖାନାର ସମସ୍ତ କର୍ମଚାରୀ ଏହି ଦିବସରେ ପଖାଳ ଖାଇବାର ମଜା ଉଠାଇଥିଲେ।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଓଡ଼ିଶା ପ୍ରସିଦ୍ଧ କଣ୍ଢେଇ ମେଳଣର ଜମାଣ ଉତ୍ସବ, ଭଗବାନପୁର, ପୂର୍ବାହ୍ନ ୯ଟା।
- ଫିଲ୍ମ ଫେଷ୍ଟିଭାଲ, ଜିକେସିଏମ୍ ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର, ଜୟଦେବ ବିହାର, ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ହସ୍ତତନ୍ତ ମେଳା, ଏକାମ୍ର ବଜାର, ୟୁନିଟ୍-୩, ପୂର୍ବାହ୍ନ ୧୧ଟା।
- ଅଖିଳ ଭାରତୀୟ ସ୍ୱତନ୍ତ୍ରତା ସେନାନୀ ଏବଂ ଉତ୍ତରାଧିକାରୀ ସଂଯୁକ୍ତ ସଂଗଠନ, ଓଡ଼ିଶାର ବାର୍ଷିକ ମିଟିଂ, ସ୍କାଉଟ୍ସ ଗାଇଡ୍ସ କ୍ୟାମ୍ପସ୍, ୟୁନିଟ୍-୩, ପୂର୍ବାହ୍ନ ୧୧ଟା ୩୦।
- ବିନୋଦିନୀ ମହାପାତ୍ର ରିଡିଂ କର୍ନରର ଉଦ୍‌ଘାଟନ, ରମାଦେବୀ ମହିଳା ୟୁନିଭର୍ସିଟି, ମଧ୍ୟାହ୍ନ ୧୨ଟା ୩୦।
- ଖଦି ମେଳା, ଖଦି ବୋର୍ଡ ପରିସର, ଅପରାହ୍ନ ୩ଟା।
- ଶ୍ରୀ ହନୁମାନ ତ୍ରିବେଣୀ କଥା, ରେଳ ଅଡିଟୋରିୟମ୍, ଚନ୍ଦ୍ରଶେଖରପୁର, ଅପରାହ୍ନ ୪ଟା।
- ରାଜ୍ୟସ୍ତରୀୟ ବିଶ୍ୱ ଫରେଷ୍ଟ୍ରି ଦିବସ, ସୂଚନା ଭବନ, ଅପରାହ୍ନ ୪ଟା।
- ସାପ୍ତାହିକ ସମ୍ବାଦପତ୍ର ଚିରସନ୍ଧାନ ପକ୍ଷରୁ ରାଜ୍ୟସ୍ତରୀୟ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଶ୍ରାଦ୍ଧଶତବାର୍ଷିକୀ, ବୁଦ୍ଧ ମନ୍ଦିର, ୟୁନିଟ୍-୯, ସନ୍ଧ୍ୟା ୬ଟା ୩୦।

# ୭ମାସ ପରେ ବି ଆସିନି ଡିଏନ୍‌ଏ ରିପୋର୍ଟ

ଭୁବନେଶ୍ୱର, ୨୦।୩(ବ୍ୟୁରୋ)

ଗତବର୍ଷ ବୌଦ୍ଧ ବନଖଣ୍ଡର ବୌଦ୍ଧ ରେଞ୍ଜ ଅନ୍ତର୍ଗତ ବଘିଆପଡ଼ା ସେକ୍ସନରେ ଦୁଇଟି ଦନ୍ତା ହାତୀର କଙ୍କାଳ ଗଳିତ ଅବସ୍ଥାରେ ମିଳିଥିଲା। ପ୍ରଥମେ ଜୁନ ୨୩ରେ ଜାମୁଖୋଲ ସଂରକ୍ଷିତ ଜଙ୍ଗଲରେ ଗୋଟିଏ ଓ ଜୁନ୍ ୨୫ରେ ବାଙ୍କୀମୁଣ୍ଡି ସଂରକ୍ଷିତ ଜଙ୍ଗଲରେ ଅନ୍ୟଏକ ପ୍ରାପ୍ତବୟସ୍କ ଦନ୍ତାହାତୀର କଙ୍କାଳ ଉଦ୍ଧାର କରାଯାଇଥିଲା। ଉଭୟ ହାତୀଙ୍କର ଶୁଣ୍ଢ ସହିତ ଦାନ୍ତ ମଧ୍ୟ କଟାଯାଇଥିଲା। ଶିକାରୀମାନେ ହାତୀକୁ ମାରିବା ପରେ ତା' ଦାନ୍ତ କାଟିବା ପାଇଁ ନିଷ୍ଠୁର ଭାବରେ ତା'ର ଶୁଣ୍ଢକୁ କାଟିଦେଇଥିଲେ। ସେହିପରି ଗତବର୍ଷ ଜୁଲାଇ ୭ରେ ସମ୍ବଲପୁର ଅଇଁଠାପାଲି ନିକଟରେ ଦୁଇଟି ହାତୀଦାନ୍ତ ଜବତ ହୋଇଥିଲା। ତେବେ ସେହିଦିନ ସମ୍ବଲପୁର ଡିଏଫ୍‌ଓଙ୍କ ସହିତ ମିଳିତ ଖବରଦାତା ସମ୍ମିଳନୀରେ ବୌଦ୍ଧ ଡିଏଫ୍‌ଓ କହିଥିଲେ, ଜବତ ହାତୀ ଦାନ୍ତ ଦୁଇଟି ବାଙ୍କୀମୁଣ୍ଡି ସଂରକ୍ଷିତ ଜଙ୍ଗଲରେ ମିଳିଥିବା ମୃତହାତୀର ବୋଲି ଅନୁମାନ କରାଯାଉଛି। ସମ୍ବଲପୁରରୁ ଜବତ ହାତୀଦାନ୍ତ ବୌଦ୍ଧରୁ ଶିକାର ହୋଇଥିବା ହାତୀର ବୋଲି ନିଶ୍ଚିତ କରିବା ପାଇଁ ଜବତ ହାତୀଦାନ୍ତ ଏବଂ ବାଙ୍କୀମୁଣ୍ଡି ସଂରକ୍ଷିତ ଜଙ୍ଗଲରେ ମିଳିଥିବା ହାତୀ ଶରୀରର ନମୁନାକୁ ଡିଏନ୍‌ଏ ମ୍ୟାଚିଂ ପାଇଁ ପଠାଯାଇଥିବା ସେମାନେ ସୂଚନା ଦେଇଥିଲେ। ହେଲେ ୭ମାସ ବିତିଯାଇଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ କୌଣସି ଡିଏନ୍‌ଏ ରିପୋର୍ଟ ଆସିଲା ନାହିଁ। ଏପରିକି ସେହି ଡିଏନ୍‌ଏ ମ୍ୟାଚିଂ ତଥ୍ୟକୁ ସୂଚନା ଅଧିକାର ଆଇନରେ ମାଗିଲେ ମଧ୍ୟ ବୌଦ୍ଧ ଡିଏଫ୍‌ଓ ଦେଉ ନ ଥିବା ଅଭିଯୋଗ ଉଠୁଛି। ଅନେକ କ୍ଷେତ୍ରରେ ଡିଏନ୍‌ଏ ଟେଷ୍ଟ ରିପୋର୍ଟ ୫ଦିନ ମଧ୍ୟରେ ଆସୁଥିବାବେଳେ ଏ କ୍ଷେତ୍ରରେ କାହିଁକି ମାସ ମାସ ବିତୁଛି ବୋଲି ସୂଚନା ଅଧିକାର କର୍ମୀମାନେ ପ୍ରଶ୍ନ କରିଛନ୍ତି। ରଞ୍ଜନ ଦାସ ନାମକ ଜଣେ ବ୍ୟକ୍ତି ଗତବର୍ଷ ଡିସେମ୍ବର ୧୬ରେ ଏହି ଡିଏନ୍‌ଏ ମ୍ୟାଚିଂ ରିପୋର୍ଟ ଆଦି ସମ୍ପର୍କରେ ଜାଣିବା ପାଇଁ ସୂଚନା ଅଧିକାର ଆଇନ ୨୦୦୫ ବଳରେ ତଥ୍ୟ ମାଗିଥିଲେ। ହେଲେ ତଦନ୍ତ ଚାଲିଛି ବୋଲି କହି ବୌଦ୍ଧ ଡିଏଫ୍‌ଓ ତଥ୍ୟ ଦେବାକୁ ମନା କରି ଦେଇଛନ୍ତି। ଏହି ଘଟଣା ବଲାଙ୍ଗୀରରେ ମୃତ କେନ୍ଦୁପତ୍ର ତୋଳାଳିଙ୍କ କ୍ଷତିପୂରଣ ଟଙ୍କା ଆତ୍ମସାତ୍ କରିଥିବା ବୌଦ୍ଧ ଡିଏଫ୍‌ଓଙ୍କୁ ଆହୁରି ସନ୍ଦେହ ଘେରକୁ ଟାଣି ନେଇଛି।

ଏ ସମ୍ପର୍କରେ ଖୋର୍ଦ୍ଧା ଜିଲାର ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି, ଯଦି ସମ୍ବଲପୁରରୁ ଜବତ ହାତୀଦାନ୍ତ ଏବଂ ବାଙ୍କୀମୁଣ୍ଡି ସଂରକ୍ଷିତ ଜଙ୍ଗଲରେ ମିଳିଥିବା ମୃତ ହାତୀର ନମୁନା ଡିଏନ୍‌ଏ ମ୍ୟାଚିଂ ନ କରେ, ତେବେ ଡିଏଫ୍‌ଓଙ୍କୁ ଅବିଳମ୍ବେ ଗିରଫ କରାଯିବା ସହିତ କ୍ରାଇମବ୍ରାଞ୍ଚକୁ ମାମଲା ଦେବା ଉଚିତ।



**ରହସ୍ୟରେ ବୌଦ୍ଧ, ସମ୍ବଲପୁର ହାତୀ ମୃତ୍ୟୁ ଘଟଣା**




ବୟନିକା ପକ୍ଷରୁ ସୋମବାର ଏକାମ୍ର ହାଟରେ ରାଜ୍ୟସ୍ତରୀୟ ହସ୍ତତନ୍ତ ମେଳାକୁ ଉଦ୍‌ଘାଟନ ଅବସରରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ ପାଢୀ ଓ ଅନ୍ୟ ଅତିଥିମାନେ।

# ହସ୍ତତନ୍ତ ଓଡ଼ିଶା ସଂସ୍କୃତିର ପରିଚୟ

## ରାଜ୍ୟସ୍ତରୀୟ ହସ୍ତତନ୍ତ ମେଳା ଉଦ୍‌ଘାଟିତ

ଭୁବନେଶ୍ୱର,୨୦।୩(ବ୍ୟୁରୋ)

ବୟନିକା ପକ୍ଷରୁ ସୋମବାର ଏକାମ୍ର ହାଟଠାରେ ରାଜ୍ୟସ୍ତରୀୟ ହସ୍ତତନ୍ତ ମେଳା ଆରମ୍ଭ ହୋଇଛି। ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ ପାଢୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସେ କହିଲେ, ହସ୍ତତନ୍ତ ଆମ ସଂସ୍କୃତିର ପରିଚୟ। ହସ୍ତତନ୍ତ ପ୍ରତି ଲୋକଙ୍କ ଆଦୃତି ବୃଦ୍ଧି ନିମନ୍ତେ ହସ୍ତତନ୍ତ ମେଳାର ଆୟୋଜନ କରାଯାଉଛି। ହସ୍ତତନ୍ତର ପ୍ରୋତ୍ସାହନ ସହ ବୁଣାକାରଙ୍କୁ ସମ୍ମାନ ଜଣାଇବା ପାଇଁ ଆମେ ହସ୍ତତନ୍ତ ବସ୍ତ୍ର ପରିଧାନ କଲେ ସେମାନଙ୍କ ଆର୍ଥିକ ଅଭିବୃଦ୍ଧିରେ ସହାୟକ ହୋଇପାରିବ। ହସ୍ତତନ୍ତର ମାନ ବୃଦ୍ଧି ପାଇଁ ଓଡ଼ିଶାର ୯ଟି ହସ୍ତତନ୍ତ ବସ୍ତ୍ରକୁ ଜିଆଇଟ୍ୟାଗ୍ ମିଳିସାରିଛି ବୋଲି ଡ. ପାଢ଼ୀ କହିଛନ୍ତି। ବୟନ ଶିଳ୍ପ ଓ ହସ୍ତତନ୍ତ ନିର୍ଦ୍ଦେଶକ ଶୋଭନ କୃଷ୍ଣ ସାହୁ, ହସ୍ତତନ୍ତ ବୟନ ଓ ହସ୍ତଶିଳ୍ପ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀକାନ୍ତ ପୃଷ୍ଟି, ବୟନିକା ସଭାପତି ପ୍ରକାଶ ଚନ୍ଦ୍ର ମେହେର ପ୍ରମୁଖ ଯୋଗଦେଇ ଓଡ଼ିଶାର ହସ୍ତତନ୍ତ ଉପରେ କହିଥିଲେ।

ଏହି ମେଳାରେ ୬୦ଟି ପ୍ରାଥମିକ ସମବାୟ ସମିତି ଯୋଗଦେଇଥିବାବେଳେ ଓଡ଼ିଶାର ୪୦ଟି ଓ ବାହାର ରାଜ୍ୟରୁ ୨୦ ସମିତି ରହିଛନ୍ତି। ଉତ୍ତର ପ୍ରଦେଶ, ଜାମ୍ମୁ କାଶ୍ମୀର, ରାଜସ୍ଥାନ, ମଧ୍ୟ ପ୍ରଦେଶ, ପଶ୍ଚିମବଙ୍ଗ, ବିହାର, କର୍ଣ୍ଣାଟକ, ହରିୟାଣା ଏବଂ ଓଡିଶାର ବିଭିନ୍ନ ସମିତି ଅଂଶଗ୍ରହଣ କରି ବିଭିନ୍ନ ହସ୍ତତନ୍ତ ବସ୍ତ୍ର ବିକ୍ରି କରୁଛନ୍ତି। ପ୍ରଦର୍ଶନୀରେ ଓଡିଶାର ବାନ୍ଧ ବସ୍ତ୍ର ସହ ପଶ୍ଚିମବଙ୍ଗର ଜାମଦାନି ଓ ଟାଙ୍ଗାଇଲ୍, ଗୁଜରାଟର ପଟୋଳା, ଲକ୍ଷ୍ନୌର ଚିକେନକାରୀ, ଜାମ୍ମୁ କାଶ୍ମୀରର ପଶମିନା-ସାଲ, ଦିଲ୍ଲୀ, ହରିୟାଣାର ଫର୍ନିସିଂ ବସ୍ତ୍ର, ପଞ୍ଜାବର କଞ୍ଚଳ ଓ କର୍ନାଟକର ସିଲ୍କ ଶାଢି ଆଦିହସ୍ତତନ୍ତ ବସ୍ତ୍ର ଗ୍ରାହକଙ୍କ ପାଇଁ ଉପଲବ୍ଧ ହେଉଛି। ଏହି ମେଳା ପ୍ରତିଦିନ ୧୧ଟାରୁ ରାତି ୯ ପର୍ଯ୍ୟନ୍ତ ୩୧ ତାରିଖ ଯାଏ ଚାଲିବ। ଗ୍ରାହକଙ୍କ ପାଇଁ ସ୍ୱତନ୍ତ୍ର ରିହାତିର ବ୍ୟବସ୍ଥା ମଧ୍ୟ ରହିଥିବା ବୟନିକା ପକ୍ଷରୁ କୁହାଯାଇଛି।



## ବଳାତ୍କାର ଅଭିଯୋଗରେ ଯୁବକ ଗିରଫ

କଟକ ସଦର,୨୦।୩(ଡି.ଏନ୍. ଏ.)

୪୨ମୌଜା ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ଅପହରଣ କରି ବଳାତ୍କାର କରିବା ଅଭିଯୋଗରେ ପୋଲିସ ସୋମବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲଣ କରଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଏରଞ୍ଚ ଗ୍ରାମର ତପନ କୁମାର ଭୋଇ(୨୬)। ଘଟଣାରୁ ପ୍ରକାଶ, ତପନ ଜଣେ ଯୁବତୀଙ୍କୁ କିଛିଦିନ ତଳେ ଅପହରଣ କରି ପୁରୀ ନେଇ ଯାଇଥିଲେ। ସେଠାରେ ତାଙ୍କୁ ବଳାତ୍କାର କରିଥିଲେ। ପରେ ଯୁବତୀ ଜଣକ କୌଶଳକ୍ରମେ ସେଠାରୁ ଖସି ଆସି ପରିବାର ଲୋକଙ୍କୁ ଜଣାଇବା ସହ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ନଂ. ୯୧/୨୩ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତ ପୂର୍ବରୁ ବିବାହିତ ବୋଲି ଜଣାପଡ଼ିବା ସହ ପୋଲିସ ଗିରଫ କରିଥିଲା।

## ରେଲଓ୍ୱେ ସମ୍ପତ୍ତି ଚୋରି: ୨ ଗିରଫ

**କଟକ ଅଫିସ,୨୦।୩:** ରେଲଓ୍ୱେ ସମ୍ପତ୍ତି ଚୋରି ଅଭିଯୋଗରେ କଟକ ଆର୍‌ପିଏଫ୍ ୨ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଜଗତପୁର ଥାନା ଅଧୀନ ବାଲିସାହିର ରାମ ବେହେରା ଓ ଖଇରାର ବାଇତି ଚମ୍ପିଆ। କେନ୍ଦ୍ରାପଡ଼ା ରୋଡ୍ ଷ୍ଟେଶନ ନିକଟ ମହାନଦୀ ରେଲପୋଲ ଅଞ୍ଚଳରୁ ରେଲଧାରଣାରେ ବ୍ୟବହୃତ ଲୁହା ସାମଗ୍ରୀ ୧୯ ତାରିଖ ରାତିରେ ଚୋରି ହେଉଥିବା ନେଇ ଆର୍‌ପିଏଫ୍‌କୁ ସୂଚନା ମିଳିଥିଲା। ଆର୍‌ପିଏଫ୍ କର୍ମଚାରୀମାନେ ସେଠାରେ ଚଢ଼ାଉ କରି ଅଭିଯୁକ୍ତଦ୍ୱୟଙ୍କୁ ଧରିଥିଲେ। ସେମାନଙ୍କ ନିକଟରୁ ଚୋରି ରେଲଓ୍ୱେ ସମ୍ପତ୍ତି ଜବତ କରାଯାଇଛି। ଏନେଇ ଏକ କେସ୍ ରୁଜୁ ହୋଇଥିବା ଆଇଆଇସି ଅନୀଲ ସିଂ କହିଛନ୍ତି।

## ନିର୍ଦ୍ଦେଶକଙ୍କ କାର୍ଯ୍ୟକାଳ ୩ ମାସ ବଢ଼ିଲା

### ଆଚାର୍ଯ୍ୟ ହରିହର ପିଜି କର୍କଟ ରୋଗ ପ୍ରତିଷ୍ଠାନ

କଟକ ଅଫିସ,୨୦।୩: କଟକସ୍ଥିତ ଆଚାର୍ଯ୍ୟ ହରିହର ପିଜି କର୍କଟ ରୋଗ ପ୍ରତିଷ୍ଠାନର ନିର୍ଦ୍ଦେଶକ ଡା. ଲଲାଟେନ୍ଦୁ ଷଡ଼ଙ୍ଗୀଙ୍କ କାର୍ଯ୍ୟକାଳ ଆଉ ୩ ମାସ ବୃଦ୍ଧି କରାଯାଇଛି। ଚଳିତ ମାର୍ଚ୍ଚ ୨୧ ତାରିଖରୁ ନୂତନ କାର୍ଯ୍ୟକାଳ ଆରମ୍ଭ ହୋଇ ଆଗାମୀ ୩ ମାସ ପର୍ଯ୍ୟନ୍ତ ଅଥବା ନୂତନ ସ୍ଥାୟୀ ନିର୍ଦ୍ଦେଶକ ଯୋଗଦେବା ଯାଏ ରହିବ। ତେବେ ନୂତନ ସ୍ଥାୟୀ ନିର୍ଦ୍ଦେଶକଙ୍କ ଯୋଗଦାନ ଏବଂ ୩ ମାସର ବର୍ଦ୍ଧିତ ଅବଧି ମଧ୍ୟରୁ ଯେଉଁଟା ଆଗହେବ ତାହାକୁ ପାଳନ କରାଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତିରେ ଦର୍ଶାଯାଇଛି। ସୂଚନାଯୋଗ୍ୟ, ନିର୍ଦ୍ଦେଶକ ଡା. ଷଡ଼ଙ୍ଗୀଙ୍କ କାର୍ଯ୍ୟକାଳ ପୂର୍ବରୁ ୩ ଥର ବର୍ଦ୍ଧିତ କରାଯାଇଥିବା ବେଳେ ଏଥର ତାହା ମାର୍ଚ୍ଚ ୨୦ରେ ଶେଷ ହୋଇଛି।

## ମାର୍ଚ୍ଚ ଶେଷ ସୁଦ୍ଧା ୧୩୦୦ସମିତି ଖୋଲିବା ଲକ୍ଷ୍ୟ

କଟକ ସଦର ୨୦।୩(ଡି.ଏନ୍.ଏ.)- ସମବାୟ ସମିତି ଜରିଆରେ ଲୋକମାନଙ୍କୁ ସହାୟତା ଦେବା ପାଇଁ ରାଜ୍ୟ ସମବାୟ ବିଭାଗ ଏକ ଯୋଜନା ପ୍ରସ୍ତୁତ କରିଛି। ପ୍ରତି ପଞ୍ଚାୟତରେ ଗୋଟିଏ ଲେଖାଏ କୃଷକ, କୁକୁଡ଼, ଦୁଗ୍ଧ କିମ୍ବା ଗୃହନିର୍ମାଣ ସମିତି ଗଠନ ପାଇଁ ପ୍ରୋତ୍ସାହନ ଦିଆଯିବ। ୨୦୨୩ ମାର୍ଚ୍ଚ ଶେଷ ସୁଦ୍ଧା ସାରା ରାଜ୍ୟରେ ୧୩୦୦ ସମବାୟ ସମିତି ଗଠନ କରିବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। ଫଳରେ ଜଣେ ଚାଷୀ ସହଜରେ ନିଜ ପଞ୍ଚାୟତରେ ସମସ୍ତ ସୁବିଧା ସୁଯୋଗ ପାଇପାରିବେ। ଏହାବ୍ୟତୀତ ବଡ଼ ବଡ଼ ସମବାୟ ସମିତିକୁ ବିଭକ୍ତ କରାଯାଇ ଛୋଟ କରାଯିବ। କାରଣ ଜନସଂଖ୍ୟା ବୃଦ୍ଧି ଯୋଗୁ ସମବାୟ କ୍ଷେତ୍ରରେ ଭାରସାମ୍ୟ ରଖିବା ଲାଗି ପତ୍ର ସଂଖ୍ୟା ୧୬୯୬୬/୧୫।୧୦।୨୦୨୨ରେ ସମବାୟ ନିବନ୍ଧକ ଏକ ନିର୍ଦ୍ଦେଶନାମା ସମସ୍ତ ଜିଲାପାଳ ଓ ସହକାରୀ ନିବାନ୍ଧକଙ୍କ ଉଦ୍ଦେଶ୍ୟରେ ଜାରି କରିଛନ୍ତି। ମାତ୍ର ଏହି ନିର୍ଦ୍ଦେଶନାମା ସମ୍ପର୍କରେ ଅନେକ ଅବଗତ ନ ଥିବାରୁ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରି ନାହିଁ। ତେଣୁ ଏହାର ସୁଯୋଗ ନେଇ ନିଜ ପଞ୍ଚାୟତରେ ସମବାୟ ସମିତି ଗଠନ କରିବା ପାଇଁ ସହଯୋଗ କରିବାକୁ ସମ୍ପୃକ୍ତ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି।

# ମାଟ୍ରିକ୍ ପରୀକ୍ଷା: ୩୬ହଜାରରୁ ଅଧିକ ପରୀକ୍ଷାର୍ଥୀ ଅନୁପସ୍ଥିତ

**ଗଣିତରେ ୩୦ଜଣ କପି କରି ଧରାପଡ଼ିଛନ୍ତି**

କଟକ ଅଫିସ,୨୦।୩

ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ୍ ସମ୍ମେଟିଭ-୨ ପରୀକ୍ଷା ସୋମବାର ଶେଷ ହୋଇଛି। ଏହି ପରୀକ୍ଷା ସୁରୁଖୁରୁରେ ହେବା ପାଇଁ ବୋର୍ଡ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସବୁ ପ୍ରକାର ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ପ୍ରତିଟି ବିଷୟରେ ନାନା ବିବାଦ ସୃଷ୍ଟି ହୋଇଛି। ତେବେ ଶେଷ ଦିନରେ ଗଣିତ ବିଷୟରେ ପରୀକ୍ଷା ଦେଇଛନ୍ତି ଛାତ୍ରୀଛାତ୍ର। ଏହି ପରୀକ୍ଷା ପାଇଁ ୫ ଲକ୍ଷ ୩୯ ହଜାର ୪ଶହ ୯୦ ଜଣ ପରୀକ୍ଷାର୍ଥୀ ଫର୍ମପୂରଣ କରିଥିବାବେଳେ ୫ଲକ୍ଷ ୨୧ହଜାର ୭ଶହ ୧୦ଜଣ ପରୀକ୍ଷା ଦେଇଛନ୍ତି। ତେବେ ହାଇସ୍କୁଲରୁ ୧୬ ହଜାର ୬୩୨ ଜଣ, ରାଜ୍ୟ ମୁକ୍ତବିଦ୍ୟାଳୟରୁ ୬୩୬, ମଧ୍ୟମାରେ ୪୮୫ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଛନ୍ତି। ସେହିପରି ୩୦ଜଣ ପରୀକ୍ଷାର୍ଥୀ କପି କରି ଧରାପଡ଼ିଥିବା ବୋର୍ଡ ପକ୍ଷରୁ ସୂଚନା ମିଳିଛି।

ଅପରପକ୍ଷେ ଫର୍ମପୂରଣ କରି ଆଡମିଟ୍ କାର୍ଡ ପାଇବା ସତ୍ତ୍ୱେ ହଜାର ହଜାର ସଂଖ୍ୟକ ଛାତ୍ରୀଛାତ୍ର ପରୀକ୍ଷା ଦେବାକୁ ଆସିନାହାନ୍ତି। ରାଜ୍ୟର ୧୯ହଜାରରୁ ଅଧିକ ପରୀକ୍ଷାର୍ଥୀ ପରୀକ୍ଷାର ପ୍ରଥମଦିନ ହଲକୁ ଆସି ନଥିବାବେଳେ ଶେଷ ଦିନ ଗଣିତ ପରୀକ୍ଷାରେ ୧୭ ହଜାରରୁ ଊର୍ଦ୍ଧ୍ୱ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଛନ୍ତି। ଏତେ ସଂଖ୍ୟକ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିବା ଘଟଣାକୁ ଏବେ ଅନେକ ପ୍ରଶ୍ନ ସୃଷ୍ଟି କରିଛି। ପ୍ରଥମ ଭାଷା ମାତୃଭାଷାରେ ୧୯, ୩୯୭ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବାବେଳେ ଦ୍ୱିତୀୟ ଭାଷାରେ ୧୭,୭୦୩, ତୃତୀୟ ଭାଷାରେ ୧୭,୪୦୦, ବିଜ୍ଞାନ ପରୀକ୍ଷାରେ ୧୭,୬୬୧, ସାମାଜିକ ବିଜ୍ଞାନରେ୧୭,୬୦୫, ଗଣିତ ପରୀକ୍ଷାରେ ୧୭, ୭୮୦ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଛନ୍ତି। ଅପରପକ୍ଷେ ଏତେ ସଂଖ୍ୟକ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିବା ଘଟଣାକୁ ଗଣଶିକ୍ଷା ବିଭାଗ ଗୁରୁତ୍ୱର ସହ ନେଇ କେଉଁଥିପାଇଁ ପିଲାମାନେ ପରୀକ୍ଷାରୁ ଦୂରେଇ ରହିଲେ, ସେନେଇ ଖୋଳତାଡ଼ ଆରମ୍ଭ କରିଛି।



କଳାପରିଷଦ ଢେଙ୍କାନାଳ ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ସୋମବାର ଅନୁଷ୍ଠିତ ଗୀତିନାଟ୍ୟ 'ସମର ତରଙ୍ଗ'ର ଏକ ଦୃଶ୍ୟ।




ପୁରୀସ୍ଥିତ ଶ୍ରୀଜଗନ୍ନାଥ ବେଦ କର୍ମକାଣ୍ଡ ମହାବିଦ୍ୟାଳୟ ପରିସରରେ ସୋମବାର ଆୟୋଜିତ ଜାତୀୟ ସଂହତି ଶିବିରରେ ଶିବିରାର୍ଥୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଯଯାତି କେଶରୀ



@ ରାଜେଶ



@ ବିଶ୍ୱଜିତ୍



@ ସଙ୍ଗୀତା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ରୁକୁଣା ରଥଯାତ୍ରା: ଖଳାରେ ପହଞ୍ଚିଲା ଚିରଟ ଅଖ କାଠ



ପୁରୁଣା ଭୁବନେଶ୍ୱର,୨୦।୩(ଡି.ଏନ୍.ଏ.)

ଆସନ୍ତା ୨୯ ତାରିଖରେ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା। ଏଥିପାଇଁ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ସର୍ଦ୍ଦାରୀ ମହାରଣା ବଟକୃଷ୍ଣ ମହାରଣା ଏବଂ ସୋମନାଥ ମହାରଣାଙ୍କ ତତ୍ତ୍ୱାବଧାନରେ ପ୍ରାୟ ୩୦ଜଣ ମହାରଣା ଏହି କାର୍ଯ୍ୟରେ ନିୟୋଜିତ ଅଛନ୍ତି। ତେବେ ରଥ ଚକ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସୋମବାର ସନ୍ଧ୍ୟାରେ ଖପୁରିଆ ସରକାରୀ ସ'ମିଲ୍‌ରୁ ନୂତନ ଅଖ କାଠ ଟ୍ରକରେ ଆସି ରଥଖଳାରେ ପହଞ୍ଚିଛି।

### ଆଜି ଟ୍ରଷ୍ଟ ବୋର୍ଡ ବୈଠକ

ମଙ୍ଗଳବାର ରଥ ଚକରେ ଅଖ ସଂଯୋଗ କରାଯିବ। ଅନ୍ୟପଟେ ଅପରାହ୍ନରେ ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଅଧକ୍ଷତାରେ ବୈଠକ ହେବା ନେଇ ସ୍ଥିର ହୋଇଛି। ଏଥିରେ ରଥ ଟଣା ନୀତିନିର୍ଘଣ୍ଟ ନିଯୋଗ ଓ ଟ୍ରଷ୍ଟିଙ୍କ ସହମତିରେ ସ୍ଥିର ହେବ। ଆସନ୍ତା ୨୩ ତାରିଖରେ ଜିଲାପାଳଙ୍କ ଅଧକ୍ଷତାରେ ସ୍ଥାନୀୟ ସର୍କିଟ ହାଉସରେ ସମନ୍ୱୟ ବୈଠକ ହେବ ବୋଲି ମନ୍ଦିର କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

# ସୁଶାନ୍ତ ସିଂଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ: ଛାତ୍ର କଂଗ୍ରେସ

**ନବ ଦାସ ହତ୍ୟା ମାମଲା**
- ବାସଭବନକୁ ଟମାଟୋ ମାଡ଼, ପୋଲିସ ସହ ଧସ୍ତାଧସ୍ତି
- ବିଧାନସଭାକୁ ଧସେଇ ପଶିବାକୁ ଉଦ୍ୟମ

ଭୁବନେଶ୍ୱର,୨୦।୩(ବ୍ୟୁରୋ)

ପୂର୍ବତନ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସ ହତ୍ୟା ମାମଲାକୁ ୫୧ଦିନ ବିତିଯାଇଥିବାବେଳେ ଏହାକୁ ନେଇ ରାଜନୈତିକ ଝଡ଼ ଲାଗି ରହିଛି। ଅଭିଯୁକ୍ତ ପୂର୍ବତନ ଏସ୍‌ଆଇ ଗୋପାଳ ଦାସ ଗିରଫ ହୋଇ ଜେଲରେ ଥିଲେ ମଧ୍ୟ ମାମଲାର ତଦନ୍ତ କରୁଥିବା କ୍ରାଇମବ୍ରାଞ୍ଚ ପକ୍ଷରୁ ହତ୍ୟାର ଉଦ୍ଦେଶ୍ୟ ସଂକ୍ରାନ୍ତରେ କୌଣସି ସୂଚନା ଦିଆଯାଉନାହିଁ। ଏଭଳିସ୍ଥିତିରେ ଏହି ମାମଲାରେ ପୂର୍ବତନ ମନ୍ତ୍ରୀ ତଥା ବିଜେଡି ବିଧାୟକ ସୁଶାନ୍ତ ସିଂଙ୍କ ଲିଙ୍କ୍‌କୁ ନେଇ ଛାତ୍ର କଂଗ୍ରେସ ଅଙ୍ଗୁଳି ନିର୍ଦ୍ଦେଶ କରିଛି। ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜଙ୍କ ନେତୃତ୍ୱରେ ସୋମବାର ସୁଶାନ୍ତଙ୍କ ସରକାରୀ ବାସଭବନ ସାମ୍ନାରେ ବିକ୍ଷୋଭ ସହ ଟମାଟୋ ମାଡ଼ କରାଯାଇଛି। ମଧ୍ୟାହ୍ନରେ କଂଗ୍ରେସର ଶତାଧିକ ନେତା ଓ କର୍ମୀ ସୁଶାନ୍ତଙ୍କ ଘର ଆଗରେ ଧାରଣାରେ ବସିଥିଲେ। ନବ ହତ୍ୟା ମାମଲାରେ ବିଧାୟକ ସିଂଙ୍କୁ ତଦନ୍ତ ପରିସରଭୁକ୍ତ କରାଯିବାକୁ ନାରାବାଜି ଦେବା ସହ ବିକ୍ଷୋଭ କରିଥିଲେ। ଏହି ସମୟରେ ସୁଶାନ୍ତଙ୍କ ବାସଭବନ ଭିତରକୁ କଂଗ୍ରେସ କର୍ମୀମାନେ ଧସେଇ ପଶିବାକୁ ଉଦ୍ୟମ କଲାବେଳେ ପୋଲିସ ସହ ଧସ୍ତାଧସ୍ତି ଓ ଠେଲାପେଲା ହୋଇଥିଲା। ଏହି ସମୟରେ ଆନ୍ଦୋଳନକାରୀମାନେ ସୁଶାନ୍ତଙ୍କ ଘର ଉପରକୁ ଟମାଟୋ ମାଡ଼ କରିଥିଲେ। ଦୀର୍ଘ ୧ ଘଣ୍ଟା ପର୍ଯ୍ୟନ୍ତ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ସେଠାରେ ସ୍ଥିତି ନିୟନ୍ତ୍ରଣ ହେବା ପରେ କଂଗ୍ରେସ କର୍ମୀମାନେ ସିଧାସଳଖ ପିଏମ୍‌ଜି ନିକଟକୁ ଆସି ବିଧାନସଭା ଘେରାଉ କରିବା ସହ ଭିତରକୁ ଧସେଇ ପଶିବାକୁ ଉଦ୍ୟମ କରିଥିଲେ। ଏହାକୁ ନେଇ ବ୍ୟାରିକେଡ୍ ନିକଟରେ କଂଗ୍ରେସ କର୍ମୀ ଓ ପୋଲିସ ମଧ୍ୟରେ ପୁଣି ଧସ୍ତାଧସ୍ତି ପରିସ୍ଥିତି ଉପୁଜିଥିଲା। ଏହି ସମୟରେ ୨୦ରୁ ଊର୍ଦ୍ଧ୍ୱ କଂଗ୍ରେସ କର୍ମୀଙ୍କୁ ପୋଲିସ ଉଠାଇ ନେଇ ପରେ ଛାଡ଼ି ଦେଇଥିଲା। ଏନେଇ ୟାସିର ନୱାଜ କହିଛନ୍ତି, ପୂର୍ବତନ ମନ୍ତ୍ରୀ ନବଙ୍କ ହତ୍ୟା ଘଟଣାରେ ସୁଶାନ୍ତଙ୍କ ସମ୍ପୃକ୍ତିକୁ ରାଜ୍ୟ ସରକାର ଘଣ୍ଟି ଘୋଡ଼ାଉଛନ୍ତି। ଅସଲ ଦୋଷୀକୁ ଛାଡ଼ି ଦେବାପାଇଁ କେତେବେଳେ ଅଭିଯୁକ୍ତ ଗୋପାଳଙ୍କୁ ମାନସିକ ବିକାରଗ୍ରସ୍ତ ବୋଲି ସଜେଇ ଦିଆଯାଉଛି ତ ଆଉ କେତେବେଳେ ଲାଗ୍ରିନ ଭିତରେ ତାଙ୍କ ଚିଠିକୁ ଖୋଜାଯାଉଛି। କ୍ରାଇମବ୍ରାଞ୍ଚ ୨୨ବର୍ଷ ଧରି ମିଥ୍ୟା କାହାଣୀ ସୃଷ୍ଟିକରି ବିଭିନ୍ନ ହତ୍ୟା ଓ ବଳାତ୍କାର ଘଟଣାରେ ବିଜେଡି ବିଧାୟକ ଓ ମନ୍ତ୍ରୀଙ୍କୁ ସୁରକ୍ଷା ଯୋଗାଇ ଆସୁଛି। ତେବେ ନବ ଦାସ ହତ୍ୟା ମାମଲାରେ ହାଇକୋର୍ଟଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇଟି ତଦନ୍ତ କରିବାକୁ ଛାତ୍ର କଂଗ୍ରେସ ଦାବି କରିଛି। ଏଥିସହ ସୁଶାନ୍ତଙ୍କ ସହ ତାଙ୍କ ଅନୁଗତଙ୍କ ମୋବାଇଲ ସିଡିଆର୍ ଓ ବିଭିନ୍ନ କାର୍ଯ୍ୟକୁ ତଦନ୍ତ କରାଯାଉ। ଅସଲ ମାଷ୍ଟରମାଇଣ୍ଡଙ୍କୁ ଲୁଚେଇ ଦେଇ ଗୋପାଳଙ୍କୁ ହତ୍ୟାକାରୀ କହିବା ଦୁଃଖଦାୟକ। ଗୋପାଳ ଏହି ହତ୍ୟାର ଏକ ମାଧ୍ୟମ ହୋଇଥିବାବେଳେ ସୁଶାନ୍ତ ହେଉଛନ୍ତି ଷଡ଼ଯନ୍ତ୍ରକାରୀ। ସୁଶାନ୍ତଙ୍କୁ ତଦନ୍ତ ପରିସରଭୁକ୍ତ କରା ନ ଗଲେ ଛାତ୍ର କଂଗ୍ରେସ ଏହି ଆନ୍ଦୋଳନକୁ ତୀବ୍ରତର କରିବ ବୋଲି ସେ କହିଛନ୍ତି।



ବିଧାୟକ ସୁଶାନ୍ତ ସିଂଙ୍କ ବାସଭବନ ଆଗରେ ଛାତ୍ର କଂଗ୍ରେସର ବିକ୍ଷୋଭ।

# କର୍ନାଟକରେ ୪୦% କମିଶନ ସରକାର ଚାଲିଛି: ରାହୁଲ

**ମାଗଣା ବିଜୁଳି, ସ୍ନାତକଙ୍କ ପାଇଁ ବେରୋଜଗାରୀ ଭତ୍ତା ଘୋଷଣା**



ବେଲାଗାଭି, ୨୦।୩

କଂଗ୍ରେସ ନେତା ରାହୁଲ ଗାନ୍ଧୀ ସୋମବାର କର୍ନାଟକ ଗସ୍ତ ଅବସରରେ ସେଠାର ଭାଜପା ସରକାରକୁ କଡ଼ା ସମାଲୋଚନା କରିଛନ୍ତି। ରାଜ୍ୟରେ ୪୦ ପ୍ରତିଶତ କମିଶନ ସରକାର ଚାଲିଛି। ସରକାର ଠିକାଦାରମାନଙ୍କଠାରୁ ୪୦ ପ୍ରତିଶତ କମିଶନ ନେଉଥିବା ରାହୁଲ ଅଭିଯୋଗ କରିଛନ୍ତି। ଆଗକୁ କର୍ନାଟକ ବିଧାନସଭା ନିର୍ବାଚନ ଥିବାବେଳେ ଭାଜପାକୁ ପରାଜିତ କରିବାକୁ ହେଲେ କଂଗ୍ରେସ ନେତାମାନେ ଏକାଠି ଲଢ଼ିବାକୁ ସେ ଆହ୍ୱାନ ଦେଇଛନ୍ତି। ଆଗାମୀ ନିର୍ବାଚନରେ କଂଗ୍ରେସ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ହାସଲ କରିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଦଳ କ୍ଷମତାକୁ ଆସିଲେ ସ୍ନାତକମାନଙ୍କୁ ପ୍ରତି ମାସରେ ବେରୋଜଗାରୀ ଭତ୍ତା ଯୋଗାଇଦିଆଯିବ ବୋଲି ରାହୁଲ ଘୋଷଣା କରିଛନ୍ତି। ବେରୋଜଗାରୀ ସ୍ନାତକମାନଙ୍କୁ ମାସିକ ୩,୦୦୦ ଟଙ୍କା ଲେଖାଏ ଦୁଇବର୍ଷ ପାଇଁ ଯୋଗାଇ ଦିଆଯିବ। ସେହିପରି ଡିପ୍ଲୋମାଧାରୀ ବେରୋଜଗାରୀଙ୍କୁ ମାସିକ ୧,୫୦୦ ଟଙ୍କା ମିଳିବ ବୋଲି ବେଲାଗାଭିଠାରେ ଏକ ରାଲିକୁ ସମ୍ବୋଧିତ କରି ରାହୁଲ କହିଛନ୍ତି। ୫ ବର୍ଷରେ କଂଗ୍ରେସ ସରକାର ୧୦ ଲକ୍ଷ ଯୁବତୀଯୁବକଙ୍କୁ ନିଯୁକ୍ତି ଦେବା ସହ ରାଜ୍ୟରେ ଖାଲିଥିବା ୨.୫ ଲକ୍ଷ ପଦବୀ ପୂରଣ କରିବ। ମହିଳାମାନଙ୍କୁ ମାସିକ ୨,୦୦୦ ଟଙ୍କା ଏବଂ ଗରିବ ସୀମାରେଖା ତଳେ ଥିବା ପରିବାରକୁ ୧୦ କିଲୋଗ୍ରାମ ଲେଖାଏ ଚାଉଳ ଓ ମାଗଣା ବିଜୁଳି ଯୋଗାଇ ଦିଆଯିବ ବୋଲି କଂଗ୍ରେସ ଏମ୍‌ପି କହିଥିଲେ।

# ନେତାଙ୍କୁ ଏକାଠିକଲା ପଖାଳ




ଶହୀଦନଗର ଦୁର୍ଗାପୂଜା ମଣ୍ଡପରେ ଆୟୋଜିତ ପଖାଳ ଦିବସରେ କଂଗ୍ରେସ (ବାମ), ଭାଜପା ଓ ବିଜେଡି ନେତାମାନେ।

ଭୁବନେଶ୍ୱର,୨୦।୩(ବ୍ୟୁରୋ)

ସୋମବାର ଥିଲା ପଖାଳ ଦିବସ। ରାଜ୍ୟର ବିଭିନ୍ନ ସ୍ଥାନରେ ପଖାଳପ୍ରିୟ ଲୋକମାନେ ଏହାକୁ ଭିନ୍ନ ଭିନ୍ନ ଢଙ୍ଗରେ ପାଳନ କରିଛନ୍ତି। ପଖାଳର ସୁସ୍ୱାଦରେ କେବଳ ସାଧାରଣ ଲୋକ ନୁହନ୍ତି ରାଜନେତା, ବିଧାୟକ, ମନ୍ତ୍ରୀ, ଖବରଦାତା, ବ୍ୟବସାୟୀ ମଧ୍ୟ ମସ୍‌ଗୁଲ। ଭଳିକି ଭଳି ଓଡ଼ିଆ ଘରର ବ୍ୟଞ୍ଜନ ସମାହାରରେ ପଖାଳ ଅଧିକ ମନୋଲୋଭା ହୋଇଥିଲା। କଂଗ୍ରେସର ବରିଷ୍ଠ ସଦସ୍ୟ ତଥା ମୁଖପାତ୍ର ମନୋରଞ୍ଜନ ଦାଶଙ୍କ ଦ୍ୱାରା ଶହୀଦନଗର ଦୁର୍ଗାପୂଜା ମଣ୍ଡପରେ ଆୟୋଜିତ ପଖାଳ ଦିବସ ପାଳନ ଥିଲା ଟିକେ ନିଆରା। ଏଠାରେ ବିଭିନ୍ନ ଦଳର କର୍ପୋରେଟର୍, ମେୟର, ରାଜନେତା, ପୂର୍ବତନ ମନ୍ତ୍ରୀ, ବିଧାୟକ, ମନ୍ତ୍ରୀ, ଯୋଗଦେଇଥିଲେ। ସୋମବାର ଥିବାରୁ ପଖାଳ କଂସାରେ ଥିଲା ନିରାମିଷର ପରଷା। ସାଗଭଜା, ବଡ଼ିଚୂରା, ଆଳୁଭର୍ତ୍ତା, ବାଇଗଣ ଭର୍ତ୍ତା, ସଜନା ଛୁଇଁ ଭଜା, ଲାଉମଞ୍ଜି ବଡ଼ି, କଖାରୁପତ୍ର ଭଜା ସହିତ ଆହୁରି କେତେ ବ୍ୟଞ୍ଜନ ସାଙ୍ଗକୁ ଦହି ପଖାଳର ମଜା ନେଇଥିଲେ। ଦଳକୁ ଭୁଲି ବିଜେଡି, କଂଗ୍ରେସ, ଭାଜପାର ନେତାମାନେ ଏକାଠି ହୋଇଥିଲେ। ପଖାଳ କଂସା ପାଖରେ ବସି ଖୋଲାଖୋଲି କଥା ହେଉଥିବା ଦେଖିବାକୁ ମିଳିଥିଲା। କେହି କେହି କହୁଥିଲେ ଏଠାରେ ରାଜନୀତି ନାହିଁ, ଆମେ ସବୁ ପଖାଳଖିଆ ଓଡ଼ିଆ। ଯିଏ ପଖାଳ ଚାଖିନି ସେ ଓଡ଼ିଆ ନୁହେଁ। ମନୁଭାଇଙ୍କ ପଖାଳ ସମାବେଶକୁ ମାନିବାକୁ ହେବ। ଏଭଳି ହାଲୁକାଫୁଲ୍‌କା କଥାରେ ବିଭିନ୍ନ ବର୍ଗର ଲୋକମାନେ ପଖାଳର ମଜା ନେଇଥିଲେ। ଆୟୋଜକଙ୍କୁ ପ୍ରଶଂସା କରିବାକୁ କେହି ଭୁଲି ନ ଥିଲେ। ମଧ୍ୟାହ୍ନ ୧୨ଟାରୁ ପଖାଳ ଦିବସ ଆରମ୍ଭ ହୋଇ ଅପରାହ୍ନ ୪ଟା ଯାଏ ଚାଲିଥିଲା।

# ମୋଦିଙ୍କୁ ଖୁସି କରିବା ଦିଦିଙ୍କ ଲକ୍ଷ୍ୟ: ଅଧୀର

**ନୂଆଦିଲ୍ଲୀ,୨୦।୩:** ଟିଏମ୍‌ସି ସୁପ୍ରିମୋ ମମତା ବାନାର୍ଜୀ କଂଗ୍ରେସକୁ ଟାର୍ଗେଟ କରିଛନ୍ତି। ରାହୁଲ ଗାନ୍ଧୀଙ୍କ ନେତୃତ୍ୱ ଉପରେ ପ୍ରଶ୍ନ ଉଠାଇ ମମତା କହିଛନ୍ତି, ଯଦି ରାହୁଲ ବିରୋଧୀ ଦଳର ନେତା ରହିବେ ତେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କେହି ପରାସ୍ତ କରିପାରିବେ ନାହିଁ। କାରଣ ରାହୁଲ ହେଉଛନ୍ତି ମୋଦିଙ୍କର ସବୁଠାରୁ ବଡ ଟିଆର୍‌ପି। ମମତାଙ୍କ ଏଭଳି ମନ୍ତବ୍ୟକୁ ନେଇ କଂଗ୍ରେସ ଏହାର କଡ଼ା ଜବାବ ଦେଇଛି। କଂଗ୍ରେସ ଏମ୍‌ପି ଅଧୀର ରଞ୍ଜନ ଚୌଧୁରୀ ସୋମବାର କହିଛନ୍ତି, ମମତା ବାନାର୍ଜୀ ପଶ୍ଚିମବଙ୍ଗରେ ପ୍ରମାଣ କରିଛନ୍ତି ଯେ, ତାଙ୍କ ସହ ପିଏମ୍ ମୋଦିଙ୍କ ଏକ ଚୁକ୍ତି ହୋଇଛି। ରାହୁଲ ଗାନ୍ଧୀ ଓ କଂଗ୍ରେସକୁ ବଦନାମ କରିବା ସେମାନଙ୍କର ଉଦ୍ଦେଶ୍ୟ। ଇତିମଧ୍ୟରେ ମମତାଙ୍କ ସ୍ଲୋଗାନ ବଦଳିଛି। ସେ ଇଡି-ସିବିଆଇଠାରୁ ଦୂରେଇ ରହିବାକୁ ଚାହୁଁଛନ୍ତି। ଯିଏ କଂଗ୍ରେସକୁ ବିରୋଧ କରିବ ତା'ଉପରେ ମୋଦି ଖୁସି ହେବେ। ତେଣୁ ମମତା ଦିଦିଙ୍କର ଲକ୍ଷ୍ୟ ହେଉଛି ମୋଦିଙ୍କୁ ଖୁସି କରିବା ବୋଲି ଅଧୀର ଅଭିଯୋଗ କରିଛନ୍ତି।

# ଆଜିଠୁ ମମତାଙ୍କ ଓଡ଼ିଶା ଗସ୍ତ

- ୨୨ରେ ମହାପ୍ରଭୁଙ୍କୁ ଦର୍ଶନ କରିବେ
- ୨୩ରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବେ


ମମତା ବାନାର୍ଜୀ

ପୁରୀ ଅଫିସ, ୨୦।୩

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମଙ୍ଗଳବାରଠାରୁ ତିନିଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଏହି ଅବସରରେ ସେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ଏନେଇ ମମତାଙ୍କ କୌଳିକ ପଣ୍ଡା ତଥା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାଡ଼ଗ୍ରାହୀ ବରିଷ୍ଠ ଦଇତାପତି ଜଗନ୍ନାଥ ସ୍ୱାଇଁ ମହାପାତ୍ର ସୋମବାର ସୂଚନା ଦେଇ କହିଛନ୍ତି, ମମତା ୨୧ ତାରିଖରେ ମମତା ଭୁବନେଶ୍ୱରରେ ପହଞ୍ଚିବେ। ୨୨ ତାରିଖ ଅପରାହ୍ନରେ ସେ ପୁରୀ ଆସି ମହାପ୍ରଭୁଙ୍କୁ ଦର୍ଶନ କରିବେ। ସେହିପରି ପୁରୀ ବଳିଆପଣ୍ଡା ଅଞ୍ଚଳରେ ପଶ୍ଚିମବଙ୍ଗ ସରକାରଙ୍କର ଏକ ଗେଷ୍ଟ ହାଉସ ନିର୍ମାଣ ଲାଗି ଜମି ଯୋଗାଇ ଦେବା ପାଇଁ ଓଡ଼ିଶା ସରକାର କହିଛନ୍ତି। ମମତା ଉକ୍ତ ଜମି ଦେଖି ତର୍ଜମା କରିବେ ବୋଲି ଜଣାପଡ଼ିଛି। ଏ ନେଇ ୨୨ ତାରିଖ ଅପରାହ୍ନ ୩ଟାରେ ହେବାକୁ ଥିବା ବୈଠକରେ ସେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ପରେ ଅପରାହ୍ନ ୪ଟାରେ ମମତା ଶ୍ରୀମନ୍ଦିର ଯିବେ। ସେଠାରେ ସେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରିବେ। ଶ୍ରୀମନ୍ଦିର ପରିସରରେ ପ୍ରାୟ ୧ଘଣ୍ଟା ରହିବେ। ସେହିପରି ୨୩ ତାରିଖରେ ସେ ଭୁବନେଶ୍ୱର ଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି।

## ବିଧାନସଭା ଖବର

# ୩ ବର୍ଷରେ ନଈରେ ବୁଡ଼ିଗଲେ ୯୭୦

**ଭୁବନେଶ୍ୱର,୨୦।୩(ବ୍ୟୁରୋ):** ଗତ ୩ ବର୍ଷରେ ରାଜ୍ୟର ବିଭିନ୍ନ ନଦୀରେ ଗାଧୋଇବା ବେଳେ ୯୭୦ ଜଣ ପ୍ରାଣ ହରାଇଛନ୍ତି। ବିଜେଡି ସଭ୍ୟ ସୌଭିକ୍ ବିଶ୍ୱାଳଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଗୃହରାଷ୍ଟ୍ର ମନ୍ତ୍ରୀ ତୁଷାରକାନ୍ତି ବେହେରା ସୋମବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ଗତ ୩ ବର୍ଷ ମଧ୍ୟରେ ନଦୀରେ ଗାଧୋଇବା ବେଳେ ୧୬୧୫ ଜଣ ବୁଡ଼ି ଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୬୧୩ ଜଣଙ୍କୁ ଉଦ୍ଧାର କରାଯାଇଛି। ସେମାନଙ୍କ ମଧ୍ୟରୁ ୯୭୦ ଜଣ ପାଣିରେ ବୁଡ଼ି ପ୍ରାଣ ହରାଇଛନ୍ତି। ନଦୀ ନିକଟରେ ଥିବା ବିଭିନ୍ନ ବିପଦସଙ୍କୁଳ ସ୍ଥାନରେ ପର୍ବପର୍ବାଣି ସମୟରେ ସତର୍କତା ଅବଲମ୍ବନ ପାଇଁ ଆବଶ୍ୟକ ଅଗ୍ନିଶମ ବାହିନୀ ଓ ଜରୁରିକାଳୀନ କର୍ମଚାରୀଙ୍କୁ ଆବଶ୍ୟକ ଉପକରଣ ସହ ଉଦ୍ଧାର କାମ ନିମନ୍ତେ ମୁତୟନ କରାଯାଉଛି।

# ୫ ବର୍ଷରେ ଲୁଟିନେଲେଣି ୧୦୫ କୋଟି

**ରାଜ୍ୟରେ ବଢୁଛି ସାଇବର ଠକେଇ**

**ଅପରାଧ ରୋକିବାକୁ ଖୋଲିଛି ୧୪ ସାଇବର ଥାନା: ମନ୍ତ୍ରୀ**

ଭୁବନେଶ୍ୱର,୨୦।୩(ବ୍ୟୁରୋ)

ରାଜ୍ୟରେ ସାଇବର ଅପରାଧୀଙ୍କ ଦୌରାତ୍ମ୍ୟ ବଢିଚାଲିଛି। ଏହାକୁ ରୋକିବା ପୋଲିସ ପାଇଁ ବଡ଼ ଚାଲେଞ୍ଜ ହୋଇଛି। ଗତ ୫ ବର୍ଷରେ ସାଇବର ଅପରାଧୀମାନେ ରାଜ୍ୟରୁ ୧୦୫ କୋଟି ୪୫ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ସୋମବାର ବିଧାନସଭାରେ ବିଜେଡି ସଭ୍ୟ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ଏକ ଲିଖିତ ପ୍ରଶ୍ନରେ ଗୃହରାଷ୍ଟ୍ର ମନ୍ତ୍ରୀ ତୁଷାରକାନ୍ତି ବେହେରା ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ୨୦୧୮ରେ ୮୬୭ ସାଇବର ଅପରାଧ ମାମଲା ରୁଜୁ ହୋଇଥିବା ବେଳେ ୮ କୋଟି ୯୭ ଲକ୍ଷ ୮୦ ହଜାର ୬୬୬ ଟଙ୍କା ଲୁଟ ଅଭିଯୋଗ, ୨୦୧୯ରେ ୧୪୭୫ ମାମଲାରେ ୧୬ କୋଟି ୧୮ ଲକ୍ଷ ୯୫ ହଜାର ୭୧୦ ଟଙ୍କା, ୨୦୨୦ରେ ୧୯୩୧ ମାମଲାରେ ୩୫ କୋଟି ୭ ଲକ୍ଷ ୨୦ ହଜାର ୧୩୫ ଟଙ୍କା, ୨୦୨୧ରେ ୨୦୩୭ ମାମଲାରେ ୪୦ କୋଟି ୩୯ ଲକ୍ଷ ୭୦ ହଜାର ୫୧୪ ଟଙ୍କା ଏବଂ ୨୦୨୨ ଫେବୃୟାରୀ ସୁଦ୍ଧା ୨୫୭ ମାମଲାରେ ୩ କୋଟି ୯୧ ଲକ୍ଷ ୮୬ ହଜାର ୯୩୩ ଟଙ୍କା ଲୁଟ ହୋଇଛି। ଅନ୍ୟପଟେ ସାଇବର ଅର୍ଥ ଲୁଟ ମାମଲାରେ ପୋଲିସ ୨୦୧୮ରେ ୧୦ ଲକ୍ଷ ୭୪ ହଜାର ୧୨୭ ଟଙ୍କା, ୨୦୧୯ରେ ୬୮ ଲକ୍ଷ ୪୭ ହଜାର ୧୫୩ ଟଙ୍କା, ୨୦୨୦ରେ ୪୮ ଲକ୍ଷ ୨ ହଜାର ୬୨ ଟଙ୍କା, ୨୦୨୧ରେ ୬୬ ଲକ୍ଷ ୯୫ ହଜାର ୪୭୬ ଟଙ୍କା, ୨୦୨୨ ଫେବୃୟାରୀ ପର୍ଯ୍ୟନ୍ତ ୧୪ ଲକ୍ଷ ୯୭ ହଜାର ୧୨୧ ଟଙ୍କା ଉଦ୍ଧାର କରିଥିବା ମନ୍ତ୍ରୀ କହିଛନ୍ତି।

କ୍ରାଇମ୍ ଇନ୍ ଇଣ୍ଡିଆ ୨୦୨୧ରେ ପ୍ରକାଶିତ ତଥ୍ୟ ଅନୁଯାୟୀ ଜାତୀୟ ଅନୁପାତ ଦୃଷ୍ଟିରୁ ଓଡ଼ିଶାରେ ଏହି ଅପରାଧ ହାର ବଢି ଚାଲିଛି। ୨୦୨୧ରେ ଓଡ଼ିଶାରେ ସଂଘଟିତ ଅପରାଧର ୪.୪ ପ୍ରତିଶତ ସାଇବର ମାମଲା ହୋଇଥିବା ବେଳେ ଦେଶରେ ଘଟୁଥିବା ସାଇବର ମାମଲାର ୩.୯ ପ୍ରତିଶତ ଓଡ଼ିଶାରେ ହିଁ ଘଟୁଛି।

ସାଇବର ମାମଲା ରୋକିବାକୁ ରାଜ୍ୟରେ ୧୪ଟି ସାଇବର ଥାନା କାମ କରୁଛି। କମ୍ପ୍ୟୁଟର ଓ ଇଣ୍ଟରନେଟ୍ ବ୍ୟବହାରର ଦ୍ରୁତ ଅଭିବୃଦ୍ଧି, ସୋସିଆଲ ମିଡିଆରେ ଯୋଗାଯୋଗ ବ୍ୟବସ୍ଥାରେ ଅଗ୍ରଗତି ଓ ବାଣିଜ୍ୟ କାରବାର ବ୍ୟାପକତା ଯୋଗୁ ପ୍ରତ୍ୟେକ ଜିଲା ଏସ୍‌ପି ଅଫିସରେ ୨୦୧୩ ଏପ୍ରିଲ ପହିଲାରୁ ସାଇବର କ୍ରାଇମ୍ ସେଲ୍ କାମ କରୁଛି। ପ୍ରତ୍ୟେକ ଜିଲାରେ ସାଇବର ଅପରାଧ ଓ ଅର୍ଥନୈତିକ ଅପରାଧ ଥାନା ଖୋଲିବା ପାଇଁ ସରକାର ପଦକ୍ଷେପ ନେଇଛନ୍ତି। ୨୦୧୭ରୁ ସାଇବର ଅପରାଧ ଅନୁସନ୍ଧାନ ବିଜ୍ଞାନାଗାର ଭୁବନେଶ୍ୱରର ରସୁଲଗଡ଼ ସ୍ଥିତ ରାଜ୍ୟ ଅପରାଧ ଅନୁସନ୍ଧାନ ବିଜ୍ଞାନାଗାରଠାରେ କାମ କରୁଛି। ଅନୁସନ୍ଧାନ ନିମନ୍ତେ ପୋଲିସ ଅଫିସର, ସରକାରୀ ଓକିଲ, ନ୍ୟାୟିକ ଅଧିକାରୀମାନଙ୍କୁ ଆବଶ୍ୟକ ତାଲିମ ଦିଆଯାଉଛି। ଏହାଛଡ଼ା ବିଭିନ୍ନ ସମୟରେ ବହୁ ପୋଲିସ ଅଫିସରଙ୍କୁ ସାଇବର ମାମଲାର ତଦନ୍ତ ନିମନ୍ତେ ସ୍ୱତନ୍ତ୍ର ତାଲିମ ଦିଆଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

# ୧୭୯ ଦିନ ଅନଧିକୃତ ଛୁଟି ନେଇଛନ୍ତି ନବ ଦାସ ହତ୍ୟା ଅଭିଯୁକ୍ତ ଗୋପାଳ

ଭୁବନେଶ୍ୱର,୨୦।୩(ବ୍ୟୁରୋ)

ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସଙ୍କ ହତ୍ୟାକୁ ୫୨ ଦିନ ପୂରିଲାଣି। ତେବେ ଏହି ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଗୋପାଳ ଦାସଙ୍କ ବିରୋଧରେ କ୍ରାଇମବ୍ରାଞ୍ଚ ପ୍ରମାଣ ଯୋଗାଡ କରିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ବିଭିନ୍ନ ସମୟରେ ସେ ମାନସିକ ରୋଗ ଚିକିତ୍ସା ପାଇଁ ଅନଧିକୃତ ଛୁଟି ନେଇଛନ୍ତି।

ସୋମବାର ଭାଜପା ସଭ୍ୟ ସୁବାସ ଚନ୍ଦ୍ର ପାଣିଗ୍ରାହୀଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା କହିଛନ୍ତି, ୨୦୧୪ ଫେବୃୟାରୀ ୩ରୁ ଏପ୍ରିଲ ୩ ଏବଂ ୨୦୧୫ ଫେବୃୟାରୀ ୨୦ରୁ ଜୁନ୍ ୨୮ତାରିଖ ପର୍ଯ୍ୟନ୍ତ ଦୁଇଟି ପର୍ଯ୍ୟାୟରେ ଗୋପାଳ ନିଜର ମାନସିକ ରୋଗ (ବାଇପୋଲାର ଇଫେକ୍ଟିଭ ଡିଜ୍‌ଅର୍ଡର) ପାଇଁ ବ୍ରହ୍ମପୁରସ୍ଥିତ ଏମ୍‌କେସିଜି ମେଡିକାଲ କଲେଜର ମାନସିକ ରୋଗ ବିଶେଷଜ୍ଞଙ୍କ ପାଖରେ ଚିକିତ୍ସିତ ହେଉଥିବା ଡାକ୍ତରୀ କାଗଜପତ୍ର ନିଜର ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଦାଖଲ କରିଥିବା ନେଇ ଝାରସୁଗୁଡ଼ା ଏସ୍‌ପି ସୂଚନା ଦେଇଛନ୍ତି। ଏହି ଦୁଇଟି ପର୍ଯ୍ୟାୟରେ ବର୍ଷକ ମଧ୍ୟରେ ଗୋପାଳ ମୋଟ ୧୭୯ଦିନ(ପ୍ରାୟ ୬ମାସ) କାହାକୁ କିଛି ନ ଜଣାଇ ଅନଧିକୃତ ଛୁଟିରେ ରହିଛନ୍ତି। କେବଳ ସେତିକି ନୁହେଁ ବିଭିନ୍ନ କାରଣ ଦର୍ଶାଇ ଗୋପାଳ ୨୦୧୪ ମସିହାରେ ୧୯ଦିନ ଓ ୨୦୧୫ ମସିହାରେ ୨୨ଦିନ ଅଧିକୃତ ଛୁଟି ନେଇଛନ୍ତି। ଯଦି ୨୦୧୪ ଫେବୃୟାରୀରୁ ୨୦୧୫ ଜୁନ୍ ମଧ୍ୟରେ ଅଧିକୃତ ଛୁଟିକୁ ହିସାବ କରାଯାଏ ସେହି ଅବଧିରେ ମୋଟ ଛୁଟି ୨୮ ହେବ।

# ଅକ୍ଷୟଶକ୍ତିରୁ ଉତ୍ପାଦନ ହେବ ୧୦ ହଜାର ମେଗାୱାଟ୍ ବିଦ୍ୟୁତ୍

ଭୁବନେଶ୍ୱର,୨୦।୩(ବ୍ୟୁରୋ)




ରାଜ୍ୟର ସମସ୍ତ ଗ୍ରାହକଙ୍କୁ ୨୪X୭ ଗୁଣାତ୍ମକ ଏବଂ ନିର୍ଭରଯୋଗ୍ୟ ବିଦ୍ୟୁତ୍ ଯୋଗାଣ କରିବାକୁ ଶକ୍ତି ବିଭାଗ ବିଦ୍ୟୁତ୍ ଉତ୍ପାଦନ, ପରିବହନ ଏବଂ ବିତରଣ କ୍ଷେତ୍ରରେ ଅନେକ ପଦକ୍ଷେପ ନେଉଛି। ରାଜ୍ୟର ଶକ୍ତି ନିରାପତ୍ତା ସୁନିଶ୍ଚିତ କରିବା ପାଇଁ ଓପିଜିସି ୨୦୧୯ରେ ଏହାର ଉତ୍ପାଦନ କ୍ଷମତାକୁ ୧,୩୨୦ ମେଗାୱାଟ୍ ବୃଦ୍ଧି କରିଛି। ସମ୍ପ୍ରତି ପାଖାପାଖି ୭,୨୯୦ ମେଗାୱାଟ୍ ବିଦ୍ୟୁତ୍ ଉପଲବ୍ଧ ଥିବାରୁ ରାଜ୍ୟର ହାରାହାରି ସର୍ବୋଚ୍ଚ ବିଦ୍ୟୁତ୍ ଶକ୍ତି ଚାହିଦା, ଯାହାକି ପ୍ରାୟ ୪,୫୦୦ରୁ ୫,୦୦୦ ମେଗାୱାଟ୍ ସୁରୁଖୁରୁରେ ପୂରଣ ହୋଇପାରୁଛି। ରାଜ୍ୟର ବିଦ୍ୟୁତ୍ ପରିବହନ ଏବଂ ବିତରଣର ଭିତ୍ତିଭୂମି, ଉପଭୋକ୍ତା ସଂଖ୍ୟାରେ ବୃଦ୍ଧି ଏବଂ ଶିଳ୍ପ ଓ ସେବା କ୍ଷେତ୍ରର କ୍ରମବର୍ଦ୍ଧିଷ୍ଣୁ ଚାହିଦା ସହିତ ସମାନୁପାତିକ ଭାବରେ ବୃଦ୍ଧି ପାଇଛି ବୋଲି ଶକ୍ତିମନ୍ତ୍ରୀ ପ୍ରତାପ କେଶରୀ ଦେବ ପ୍ରକାଶ କରିଛନ୍ତି।

ସୋମବାର ଗୀତଗୋବିନ୍ଦ ସଦନଠାରେ ଆୟୋଜିତ ବଜେଟ ୨୦୨୩-୨୪ ସମ୍ପର୍କିତ ଖବରଦାତା ସମ୍ମିଳନୀରେ ମନ୍ତ୍ରୀ କହିଛନ୍ତି ଯେ ଗତ ୧୦ ବର୍ଷରେ ବିଦ୍ୟୁତ୍ ପରିବହନ ବ୍ୟବସ୍ଥାର ଉପଲବ୍ଧତା ୯୯.୯%ରୁ ଅଧିକ ରହିଛି। କିଛି ଦୂରଦୂରାନ୍ତରେ ଥିବା ଅଞ୍ଚଳର ବିଦ୍ୟୁତ୍ ଗ୍ରାହକଙ୍କ ଲୋ-ଭୋଲଟେଜ୍ ସମସ୍ୟାର ସମାଧାନ ପାଇଁ ବଜେଟରେ ଯଥାଯଥ ବ୍ୟବସ୍ଥା କରାଯାଇଛି। ମେକ୍ ଇନ୍ ଓଡ଼ିଶା-୨୦୨୨ ସମୟରେ ନୂତନ ଅକ୍ଷୟ ଶକ୍ତି ନୀତି ଉନ୍ମୋଚନ କରାଯାଇଥିଲା। ସେହି ନୀତି କାର୍ଯ୍ୟକାରୀ କରିବାପାଇଁ ବଜେଟରେ ବ୍ୟବସ୍ଥା ରହିଛି। ଏହି ବଜେଟରେ ସବୁଜଶକ୍ତି ପରିବହନ କରିଡର (ନୂତନ ଯୋଜନା) ପାଇଁ ୫୦ କୋଟି ଟଙ୍କା ବ୍ୟୟବରାଦ କରାଯିବା ସହିତ ଓଡ଼ିଶା ନବୀକରଣୀୟ ଶକ୍ତି ବିକାଶ ପାଣ୍ଠି ପାଇଁ ୫୦କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ୨୦୩୦ ସୁଦ୍ଧା ୧୦,୦୦୦ରୁ ଊର୍ଦ୍ଧ୍ୱ ମେଗାୱାଟ୍ ଅକ୍ଷୟଶକ୍ତିରୁ ବିଦ୍ୟୁତ୍ ଉତ୍ପାଦନ କରିବା ଲକ୍ଷ୍ୟ ରଖାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି। ଲୋ-ଭୋଲଟେଜ୍ ସମସ୍ୟା ଦୂର ପାଇଁ ମାର୍ଚ୍ଚ ୨୦୨୪ ସୁଦ୍ଧା ୧୦୦ରୁ ଅଧିକ ୩୩/୧୧କେଭି ସବ୍-ଷ୍ଟେଶନ୍ କାର୍ଯ୍ୟକ୍ଷମ ହେବ। ବିପର୍ଯ୍ୟୟ ନିରୋଧୀ ଶକ୍ତି ଭିତ୍ତିଭୂମି ନିର୍ମାଣ ପାଇଁ ରେଡିଆଲ୍ ଟୁ ରିଙ୍ଗ୍ କନଭର୍ସନ୍ ପ୍ରୋଜେକ୍ଟ, ରାଜ୍ୟ ରାଜଧାନୀ ଅଞ୍ଚଳରେ ଶକ୍ତି ଭିତ୍ତିଭୂମି ଉନ୍ନତୀକରଣ ଓ ବିପର୍ଯ୍ୟୟ ନିରୋଧୀ ଶକ୍ତିବ୍ୟବସ୍ଥା ଭଳି ଯୋଜନାଗୁଡ଼ିକ କାର୍ଯ୍ୟକାରୀ କରିବାପାଇଁ ସ୍ଥିର କରାଯାଇଛି। ଏଥିପାଇଁ ବଜେଟରେ ସାମୂହିକ ଭାବରେ ୪୭୭ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।


ସ୍ଥାୟୀ ନିଯୁକ୍ତି, ସର୍ବନିମ୍ନ ମଜୁରି, ସାମାଜିକ ନିରାପତ୍ତା ଆଦି ୯ ଦଫା ଦାବିରେ ଓଡ଼ିଶା ଗୋଷ୍ଠୀ ସହାୟିକା (ସିଆର୍‌ପି-ସିଏମ୍) ସଂଘ ପକ୍ଷରୁ ସୋମବାର ଭୁବନେଶ୍ୱର ଲୋୟର୍ ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ।

**ବିସ୍‌ଲେରି ସମ୍ଭାଳିବେ ଜୟନ୍ତୀ**

**ନୂଆଦିଲ୍ଲୀ:** ଦେଶର ପ୍ରମୁଖ ପାନୀୟ ଜଳ କମ୍ପାନୀ ବିସ୍‌ଲେରିର ଅଧକ୍ଷା ଭାବେ ଜୟନ୍ତୀ ଚୌହ୍ୱାନଙ୍କ ନାମ ଘୋଷଣା କରାଯାଇଛି। ଫଳରେ ଜୟନ୍ତୀ ବର୍ତ୍ତମାନ ବିସ୍‌ଲେରି ସମ୍ଭାଳିବେ ବୋଲି ଚର୍ଚ୍ଚା ହେଉଛି। ବିଶେଷ କରି କମ୍ପାନୀର ମାଲିକ ରମେଶ ଚୌହ୍ୱାନଙ୍କ ଝିଅ ଜୟନ୍ତୀ ବହୁ ଅନିଚ୍ଛା ସତ୍ତ୍ୱେ ପଦ ସମ୍ଭାଳିବେ ବୋଲି ସୂଚନା ମିଳିଛି। କାରଣ ପୂର୍ବରୁ ସେ ଉକ୍ତ ଦାୟିତ୍ୱ ନେବାକୁ ରାଜି ହେଉ ନ ଥିଲେ। ଏପରିକି ୪୨ ବର୍ଷୀୟା ଜୟନ୍ତୀ ଜଣେ ଉଚ୍ଚଶିକ୍ଷିତ ତଥା ବିଦେଶୀ ପରିବେଶରେ ବଡ ହୋଇଥିବାରୁ ସେ ବିଦେଶରେ କିଛି କରିବାକୁ ଆଗ୍ରହ ପ୍ରକାଶ କରୁଥିଲେ। ଅପରପକ୍ଷରେ ଭାରତର ପାନୀୟ ଜଳ ବୋତଲ ବଜାରର ୬୦% ଅଂଶ ବିସଲେରିର କବଜାରେ ରହିଛି।

# ୨ ଲକ୍ଷ କୋଟି ହରାଇଲେ ନିବେଶକ

**ନୂଆଦିଲ୍ଲୀ,୨୦।୩**



ଜାତୀୟ ଓ ଅନ୍ତର୍ଜାତୀୟ ସମସ୍ୟା ସାଙ୍ଗକୁ ମାନ୍ଦାବସ୍ଥାର ପ୍ରଭାବ ଘରୋଇ ପୁଞ୍ଜି ବଜାର ଉପରେ ପଡୁଥିବା ଦେଖାଦେଇଛି। ଏପରିକି ସୋମବାର ଭାରତୀୟ ଶେୟାର ବଜାର କାରବାର ହ୍ରାସ ସହ ବନ୍ଦ ହୋଇଛି। ଫଳରେ ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ)ର ୩୦ ଶେୟାର ବିଶିଷ୍ଟ ସୂଚକାଙ୍କ ସେନସେକ୍ସ ୩୬୦.୯୫ ପଏଣ୍ଟ ହ୍ରାସ ସହ ୫୭,୬୨୮.୯୫ ଅଙ୍କରେ କାରବାର ବନ୍ଦ କରିଛି। ଏପରିକି ସେନସେକ୍ସର ୩୦ରୁ ୨୩ ଶେୟାରର କାରବାର କ୍ଷତିରେ ବନ୍ଦ ହୋଇଛି। ସେହିପରି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି ୧୧୧.୬୫ ପଏଣ୍ଟ ଖସି ୧୬,୯୮୮.୪୦ ଅଙ୍କରେ କାରବାର ବନ୍ଦ ହୋଇଛି, ଏଥିରେ ସାମିଲ ୫୦ ଶେୟାର ମଧ୍ୟରୁ କେବଳ ୧୦ ଶେୟାରର ବଜାର ଅଂଶ ଲାଭ କରିଥିବା ବେଳେ ୪୦ ଶେୟାରର କାରବାର ହ୍ରାସରେ ବନ୍ଦ ହୋଇଛି। ବିଶେଷ କରି ବିଏସଇରେ ସୂଚୀବଦ୍ଧ କମ୍ପାନୀଗୁଡିକର ମୋଟ ବଜାର ପୁଞ୍ଜି ସୋମବାର ହ୍ରାସ ହୋଇ ୨୫୫.୫୪ ଲକ୍ଷ କୋଟି ଟଙ୍କାକୁ ଖସି ଆସିଛି। ପୂର୍ବ କାରବାର ଦିନରେ ଏହାର ପରିମାଣ ୨୫୭.୫୨ ଲକ୍ଷ କୋଟି ଟଙ୍କା ରହିଥିଲା। ଏପରିକି ବିଏସଇରେ ଲିଷ୍ଟେଡ୍ କମ୍ପାନୀଗୁଡିକର ମାର୍କେଟ୍ କ୍ୟାପ ସୋମବାର ପ୍ରାୟ ୨ (୧.୯୮) ଲକ୍ଷ କୋଟି ଟଙ୍କା କ୍ଷତି ହୋଇଛି।

ଅପରପକ୍ଷରେ ବଜାର ବିଶେଷଜ୍ଞଙ୍କ କହିବା ଅନୁସାରେ ଆମେରିକାର ବ୍ୟାଙ୍କିଙ୍ଗ୍ ସଂକଟକୁ ନେଇ ନିବେଶକମାନେ ଆଶା ଓ ଆଶଙ୍କା ମଧ୍ୟରେ ରହିଛନ୍ତି। ଏପରିକି ବିଶ୍ୱରେ ବ୍ୟାଙ୍କିଙ୍ଗ ସଂକଟକୁ ନେଇ ଚିନ୍ତା ଏବଂ ବିଶ୍ୱ ବଜାରରେ ନକାରାତ୍ମକ ସଂକେତ ମଧ୍ୟରେ ଆର୍ଥିକ, ସୂଚନା ପ୍ରଯୁକ୍ତି ଏବଂ ପୁଞ୍ଜିଗତ ବସ୍ତୁର ଶେୟାରରରେ ଅଧିକ ବିକ୍ରି ଯୋଗୁ ଏଭଳି ହ୍ରାସ ଦେଖିବାକୁ ମିଳିଛି। ତେବେ ଫେଡେରାଲ ରିଜର୍ଭ ଏବଂ ଅନ୍ୟ କେନ୍ଦ୍ରୀୟ ବ୍ୟାଙ୍କଗୁଡିକ ବ୍ୟାଙ୍କିଙ୍ଗ ସଂକଟକୁ ଦୂର କରିବା ପାଇଁ ପଦକ୍ଷେପ ଗ୍ରହଣ କରୁଛନ୍ତି। ସୂଚନାଯୋଗ୍ୟ ଏସିଆର ଅନ୍ୟ ବଜାର ମଧ୍ୟରେ ହଂକଂର ହେଂସେଂ, ଜାପାନର ନିକ୍କି, ଚାଇନାର ସାଂଘାଇ ସମ୍ପୋଜିଟ୍ ଏବଂ ଦକ୍ଷିଣ କୋରିଆର କାସ୍ପି କାରବାର ଶେଷରେ ହ୍ରାସ ସହ ବନ୍ଦ ହୋଇଛି।

## ୯ହଜାର ଛଟେଇ କରିବ ଆମାଜନ

**ନୂଆଦିଲ୍ଲୀ,୨୦।୩:** ବହୁ ରାଷ୍ଟ୍ରୀୟ ଇ-କମର୍ସ କମ୍ପାନୀ ଆମାଜନ୍ ପୁଣି ଥରେ ହଜାର ହଜାର କର୍ମଚାରୀଙ୍କୁ ଛଟେଇ କରିବା ନେଇ ଯୋଜନା କରୁଥିବା ଜଣାପଡିଛି। ଏପରିକି ସୋମବାର ଏ ନେଇ ଆମାଜନ ସିଇଓ ଆଣ୍ଡି ଜେସି କହିଛନ୍ତି, ଚଳିତ ମାସ ଶେଷ ସୁଦ୍ଧା କମ୍ପାନୀ ପ୍ରାୟ ୯ ହଜାର କର୍ମଚାରୀଙ୍କୁ ଛଟେଇ କରିବାକୁ ଯୋଜନା କରୁଥିବା ଜଣାପଡିଛି। ବିଶେଷ କରି ବର୍ତ୍ତମାନର ମାନ୍ଦାବସ୍ଥାକୁ ଦୃଷ୍ଟିରେ ରଖି କମ୍ପାନୀ ଏଭଳି ପଦକ୍ଷେପ ଗ୍ରହଣ କରୁଥିବା ଆଶଙ୍କା କରାଯାଉଛି। ସେହିଭଳି କମ୍ପାନୀ ଗତ କିଛି ବର୍ଷ ମଧ୍ୟରେ ପର୍ଯ୍ୟାପ୍ତ ନିଯୁକ୍ତି ଦେଇଛି କିନ୍ତୁ ଅନିଶ୍ଚିତ ଅର୍ଥବ୍ୟବସ୍ଥା ଯୋଗୁ ଖର୍ଚ୍ଚ ଏବଂ କର୍ମଚାରୀଙ୍କ ସଂଖ୍ୟାରେ କାଟ୍ କରିବାରେ ବାଧ ହୋଇଛି। ତେବେ ଏହା କମ୍ପାନୀ ଇତିହାସରେ ୨ୟ ସବୁଠୁ ବଡ଼ ଛଟେଇ ହେବ ବୋଲି ସେ ମତପ୍ରକାଶ କରିଛନ୍ତି। ଏହାପୂର୍ବରୁ ମଧ୍ୟ କମ୍ପାନୀ ଗତ ବର୍ଷ ନଭେମ୍ବରରେ ୧୮ହଜାର କର୍ମଚାରୀଙ୍କ ଛଟେଇ ନେଇ ଘୋଷଣା କରିଥିଲା।

## ସାଇ ଇଣ୍ଟରନ୍ୟାଶନାଲ ହୋଟେଲ ଉଦ୍‌ଘାଟିତ



**ପାରଳାଖେମୁଣ୍ଡି,୨୦।୩(ଡି.ଏନ୍.ଏ.)**

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ଠାରେ ରବିବାର ସାଇ ଇଣ୍ଟରନ୍ୟାଶନାଲ ହୋଟେଲ ଉଦ୍‌ଘାଟିତ ହୋଇଯାଇଛି। ଗଜପତି ଜିଲାପାଳ ଲିଙ୍ଗରାଜ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଆରକ୍ଷୀ ଅଧିକ୍ଷକ ଏସ୍.ସ୍ୱାତି କୁମାର ସମେତ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ବିଶେଷ କରି ଶିଳ୍ପବିହୀନ ଗଜପତି ଜିଲାରେ ପର୍ଯ୍ୟଟନ ଏକମାତ୍ର ଉତ୍ସ ହୋଇଥିବା ବେଳେ ପର୍ଯ୍ୟଟକଙ୍କ ରହିବା ଏବଂ ବୁଲିବାର କୌଣସି ସୁବିଧା ନ ଥିଲା। ହେଲେ ସାଇ ଇଣ୍ଟରନ୍ୟାଶନାଲ ହୋଟେଲ ଉଦ୍‌ଘାଟନ ହେବାରୁ ବର୍ତ୍ତମାନ ପର୍ଯ୍ୟଟକମାନେ ସମସ୍ତ ସୁବିଧା ପାଇପାରିବେ। ଏଠାରେ ପର୍ଯ୍ୟଟକଙ୍କୁ ଆରାମଦାୟକ ରହିବା, ଖାଇବା, ପିଇବାର ସମସ୍ତ ବ୍ୟବସ୍ଥା ରହିଛି। ଜିଲାରେ ପ୍ରଥମ ଥର ପାଇଁ ତିନିତାରକା ହୋଟେଲ ଖୋଲିଛି। ଜିଲା ପ୍ରଶାସନ ପକ୍ଷରୁ ଉଦ୍ୟୋଗର ବିକାଶ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ତରଫରୁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି ଜିଲାପାଳ କହିଛନ୍ତି।

## ଜେଏସ୍‌ପିକୁ ପ୍ରଥମ ସ୍ୱତନ୍ତ୍ର ବିଆଇଏସ୍ ଲାଇସେନ୍ସ

**ଭୁବନେଶ୍ୱର,୨୦।୩**

ଦେଶର ଅଗ୍ରଣୀ ଇସ୍ପାତ ନିର୍ମାତା 'ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର' (ଜେଏସ୍‌ପି)କୁ ନିକଟରେ ସ୍ୱତନ୍ତ୍ର ବିଆଇଏସ୍ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ବିଶେଷକରି କମ୍ପାନୀର ଛତିଶଗଡ଼ ରାଇଗଡସ୍ଥିତ ରେଳ ମିଲ୍ ଏବଂ ସ୍ପେଶାଲ ପ୍ରୋଫାଇଲ୍ ମିଲ୍‌ରେ ଭାରତର ପ୍ରଥମ ଅଗ୍ନି ପ୍ରତିରୋଧକ ଷ୍ଟିଲ୍ ନିର୍ମାଣ ପାଇଁ ଉକ୍ତ ପ୍ରମାଣପତ୍ର ଦିଆଯାଇଛି। ଏପରିକି ବିଆଇଏସ୍ ୧୫୧୦୩ ଗ୍ରେଡ ଅନୁଯାୟୀ ନିର୍ମିତ ହଟ୍ ରୋଲ୍ ଷ୍ଟ୍ରକଚରାଲ୍ ଷ୍ଟିଲ୍ ଉଚ୍ଚ ତାପମାତ୍ରା କିମ୍ବା ଅଗ୍ନିପ୍ରବଣ ଅଞ୍ଚଳ ପାଇଁ ବ୍ୟବହୃତ ହୋଇପାରିବ। ଫଳରେ ଏହା ସର୍ବାଧିକ ୩ ଘଣ୍ଟା ପର୍ଯ୍ୟନ୍ତ ୬୦୦ଡିଗ୍ରୀ ସେଲସିୟସ୍ ପର୍ଯ୍ୟନ୍ତ ତାପମାତ୍ରାକୁ ସହ୍ୟ କରିପାରିବ। ସେହିଭଳି ଇସ୍ପାତ ଷ୍ଟ୍ରକ୍‌ଚର ଡିଜାଇନରେ ଅଗ୍ନି ସୁରକ୍ଷା ଏକ ଚ୍ୟାଲେଞ୍ଜ ହୋଇଥିବା ବେଳେ ଅଗ୍ନି ପ୍ରତିରୋଧକ ଇସ୍ପାତର ଉପଲବ୍ଧତା ବିଭିନ୍ନ ଭିତ୍ତିଭୂମି ପ୍ରକଳ୍ପ ଯଥା ରିଫାଇନାରୀ, ବ୍ରିଜ୍, ମେଟ୍ରୋ ପ୍ରୋଜେକ୍ଟ, ଇଣ୍ଡଷ୍ଟ୍ରିଆଲ୍ ଷ୍ଟ୍ରକଚର ଏବଂ ଷ୍ଟିଲ୍ ଆଣ୍ଡ ପାୱାର ପ୍ଲାଣ୍ଟ ତଥା ଡାକ୍ତରଖାନା, ବାଣିଜ୍ୟିକ ଏବଂ ଆବାସିକ ଅଟ୍ଟାଳିକାର ଡିଜାଇନ ତଥା ନିର୍ମାଣରେ ସହାୟକ ହେବ। ଏ ସମ୍ପର୍କରେ ଜେଏସପିର ଏମଡି ବିମଲେନ୍ଦ୍ର ଝା କହିଛନ୍ତି, ଅଗ୍ନି ପ୍ରତିରୋଧକ ଷ୍ଟିଲ ଉତ୍ପାଦନ ପାଇଁ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାରକୁ ଦିଆଯାଇଥିବା ଲାଇସେନ୍ସ ଭାରତର ଭିତ୍ତିଭୂମି ତଥା ଏହାର ସୁରକ୍ଷା ମାନକୁ ଦୃଢ଼ କରିବାରେ ସହାୟକ ହେବ। ଉଲ୍ଲେଖଯୋଗ୍ୟ ନୂଆଦିଲ୍ଲୀର ବାଣିଜ୍ୟ ଭବନଠାରେ ଆୟୋଜିତ ବିଶ୍ୱ ଉପଭୋକ୍ତା ଅଧିକାର ଦିବସ ଅବସରରେ ବିଏସ୍ ସାର୍ଟିଫିକେଟ୍ ପାଇଁ ଏକ ସମାରୋହ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାରକୁ ଉକ୍ତ ଲାଇସେନ୍ସ ଆନୁଷ୍ଠାନିକ ଭାବେ ପ୍ରଦାନ କରାଯାଇଥିଲା।

## 'ଏମ୍ପ୍ଲୟି ୱେଲ୍‌ନେସମ ଆଣ୍ଡ ଲାଇଫଷ୍ଟାଇଲ ପ୍ରୋଗ୍ରାମ'

**ଭୁବନେଶ୍ୱର,୨୦।୩**



ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ପକ୍ଷରୁ ଏକ ଅଭିନବ କାର୍ଯ୍ୟକ୍ରମ 'ଏମ୍ପ୍ଲୟି ୱେଲ୍‌ନେସ ଆଣ୍ଡ ଲାଇଫଷ୍ଟାଇଲ ପ୍ରୋଗ୍ରାମ'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ବିଶ୍ୱ ଖୁସି ଦିବସ ଅବସରରେ କମ୍ପାନୀ ତା'ର କର୍ମଚାରୀ ଏବଂ ସେମାନଙ୍କ ପରିବାରର କଲ୍ୟାଣ ଓ ଜୀବନରେ ଉନ୍ନତି ଆଣିବା ପାଇଁ ଏଭଳି ଏକ ଅଭିନବ କାର୍ଯ୍ୟକ୍ରମର ଅୟମାରମ୍ଭ କରିଛି, କର୍ମଚାରୀ ସୁସ୍ଥତା ଓ ଜୀବନଶୈଳୀ ସହ କାର୍ଯ୍ୟକ୍ରମ 'ଉମଙ୍ଗ'ର ଶୁଭାରମ୍ଭ ହୋଇଯାଇଛି। ଏଥିପାଇଁ ସ୍ୱାସ୍ଥ୍ୟ ଓ ପ୍ରଯୁକ୍ତିବିଦ୍ୟା କମ୍ପାନୀ 'ମନ୍ତ୍ରା କେୟାର' ସହ ବେଦାନ୍ତ ସହଭାଗିତା ଘୋଷଣା କରିଥିବା ଜଣାପଡିଛି। ସେହିଭଳି କମ୍ପାନୀ ତା'ର ସ୍ୱାସ୍ଥ୍ୟ ବିଭାଗ ଉପରେ ବିଶେଷ ଗୁରୁତ୍ୱ ଦେଇଥାଏ। ସେଥିପାଇଁ କମ୍ପାନୀ ବର୍ଷସାରା ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ଆୟୋଜନ କରିଥାଏ। ବିଶେଷ କରି କର୍ମଚାରୀ ଓ ସେମାନଙ୍କ ପରିବାରର ସୁସ୍ଥତା ପ୍ରତି ଧ୍ୟାନ ଦେବା ସହ ଉମଙ୍ଗ କାର୍ଯ୍ୟକ୍ରମ ଅନ୍ତର୍ଗତ ଅନଲାଇନ ପରାମର୍ଶ, ଫିଜିଓଥେରାପି,ଯୋଗ, ଧ୍ୟାନ, ନିଶା ନିବାରଣ ଓ ଅନ୍ୟାନ୍ୟ ସେବା ପ୍ରଦାନ କରିଥାଏ।

ଏ ସମ୍ପର୍କରେ ବେଦାନ୍ତ ଲିମିଟେଡର ସିଇଓ (ଆଲୁମିନିୟମ ବ୍ୟବସାୟ) ରାହୁଲ ଶର୍ମା କହିଛନ୍ତି, ଆଲୁମିନିୟମରେ ଆମେ ବିଶ୍ୱରେ ଅଗ୍ରଣୀ ହେବା ପାଇଁ ଲକ୍ଷ୍ୟ ରଖିଛୁ ଓ ଏଥିପାଇଁ ଆମେ ସର୍ବଦା ଆମର କର୍ମଚାରୀଙ୍କ କଲ୍ୟାଣ ପ୍ରତି ଯତ୍ନବାନ ଅଛୁ। ଏଥିପାଇଁ ଆମେ ବିଭିନ୍ନ ପର୍ଯ୍ୟାୟରେ ଅନେକ କଲ୍ୟାଣକାରୀ ପଦକ୍ଷେପ ଗ୍ରହଣ କରିଛୁ। ସେହିପରି ମନ୍ତ୍ରା କେୟାରର ସିଇଓ ହିମାଂଶୁ ଜୈନ କହିଛନ୍ତି, ଭାରତର ଏକ ଅଗ୍ରଣୀ ସଂସ୍ଥା ବେଦାନ୍ତ ସହ ମିଶି କାର୍ଯ୍ୟ କରୁଥିବାରୁ ଆମେ ବେଶ୍ ଆନନ୍ଦିତ। ଏପରିକି ବେଦାନ୍ତ କର୍ମଚାରୀଙ୍କ ସୁସ୍ଥତା ଓ ଉପଯୁକ୍ତ ଜୀବନଶୈଳୀ ଆମ ପାଇଁ ଏକ ପ୍ରମୁଖ ପ୍ରାଥମିକତା ଅଟେ।

## ଅନୁ ଚୌଧୁରୀ ସନ୍ତାନର ବ୍ରାଣ୍ଡ୍ ଆମ୍ବାସାଡର

**ଭୁବନେଶ୍ୱର,୨୦।୩**

ଦେଶର ପ୍ରମୁଖ ହେଲ୍‌ଥ ଷ୍ଟାର୍ଟଅପ ସନ୍ତାନ ଫର୍ଟିଲିଟି କ୍ଲିନିକ୍ ଆଣ୍ଡ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ଓଲିଉଡ୍ ଅଭିନେତ୍ରୀ ଅନୁ ଚୌଧୁରୀ ସନ୍ତାନର ବ୍ରାଣ୍ଡ ଆମ୍ବାସାଡର ବୋଲି ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଛି। ବିଶେଷ କରି ଜାତୀୟ ପୁରସ୍କାର ବିଜେତା ଓଲିଉଡ୍ ଅଭିନେତ୍ରୀ ଅନୁ ଚୌଧୁରୀ ସନ୍ତାନର ନୂଆ ବ୍ରାଣ୍ଡ ଆମ୍ବାସାଡର୍ ଭାବେ ନିଯୁକ୍ତ ହୋଇଥିବା ଜଣାପଡିଛି। ଏପରିକି ନିକଟରେ ବ୍ରାଣ୍ଡ ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ଅନୁ ଚୌଧୁରୀଙ୍କ ଅଭିନୀତ ନୂଆ ଅଡିଓ ଭିଜୁଆଲର କମର୍ସିଆଲ ଶୁଭାରମ୍ଭ କରାଯାଇଥିଲା।

ଏ ସମ୍ପର୍କରେ ଅନୁ ଚୌଧୁରୀ କହିଛନ୍ତି, ସନ୍ତାନ ଭଳି ଏକ ଜାତୀୟ ବ୍ରାଣ୍ଡ ସହ ଜଡିତ ହେବା ମୋ ପାଇଁ ଗର୍ବର ବିଷୟ। ବିଗତ ୭ ବର୍ଷ ମଧ୍ୟରେ ସନ୍ତାନ ତା'ର 'ସାଇନ୍ସ ଫର୍ ସ୍ମାଇଲ୍‌ସ' ଅଭିଯାନ ମାଧ୍ୟମରେ ଏକ ସମାନୁଭୂତି ଶୈଳୀରେ ସର୍ବୋତ୍ତମ ଟେକ୍ନୋଲୋଜିର ବ୍ୟବହାର କରି ଓଡିଶାର ୭୦୦୦ରୁ ଅଧିକ ଦମ୍ପତିଙ୍କ ଜୀବନରେ ଖୁସି ଆଣିପାରିଛି।

ସେହିପରି ସନ୍ତାନର ସହପ୍ରତିଷ୍ଠାତା ଓ କ୍ଲିନିକାଲ ଡାଇରେକ୍ଟର ଡା. ଦୀପିକା କେ.ଏନ୍ ପାଢୀ କହିଛନ୍ତି, ଯେତେବେଳେ ବ୍ରହ୍ମପୁରରେ ଆମର ପ୍ରଥମ ସେଣ୍ଟର୍ ସହ ଆମେ ସେବା ଆରମ୍ଭ କରିଥିଲୁ,ସେତେବେଳେ ଏହାର ସମ୍ଭାବ୍ୟତା ଉପରେ ଅନେକ ସନ୍ଦେହ ସୃଷ୍ଟି ହୋଇଥିଲା। ଆମେ ନୂତନ ଟେକ୍ନୋଲୋଜି ଓ ଆବଶ୍ୟକ ସେବାକୁ ନେଇ ଆମର ନିଷ୍ପତ୍ତି ଉପରେ ସ୍ଥିର ରହିଥିଲୁ।

**ଫୁର୍‌ସତ**

# ଭାଷାକୁ ସୁରକ୍ଷା ଦିଏ କବିତା

**ବିଶ୍ୱ କବିତା ଦିବସ**




କବି ଜଣେ ସାଧାରଣ ମଣିଷ ନୁହନ୍ତି। ତାଙ୍କ ମଧ୍ୟରେ ପ୍ରତିଟି ଜିନିଷକୁ ଏକ ଭିନ୍ନ ଦୃଷ୍ଟିରେ ଦେଖିବାର ସୃଜନଶୀଳତା ରହିଥାଏ। ଜଣେ ସାଧାରଣ ଲୋକ ଦେଖୁଥିବା ବିଭିନ୍ନ ଜିନିଷ ଅବା ପ୍ରକୃତିକୁ କବି ଅନ୍ୟ ଢଙ୍ଗରେ ଦେଖିଥାନ୍ତି। କବି ମନର ଅଭିବ୍ୟକ୍ତି ଶବ୍ଦର ରୂପ ନେଇ କବିତା ସୃଷ୍ଟି କରିଥାଏ। କବିତା କବି ମନର କଥାକୁ ଅତି ସହଜ ଭାଷାରେ କହି ବସିଥାଏ। କବିତାର ବିକାଶ ପାଇଁ ପ୍ରତିବର୍ଷ ମାର୍ଚ୍ଚ ୨୧ରେ ବିଶ୍ୱ କବିତା ଦିବସ ପାଳନ କରାଯାଇଥାଏ। ମିଳିତ ଜାତିସଂଘର ଶିକ୍ଷା, ବୈଜ୍ଞାନିକ ଏବଂ ସାଂସ୍କୃତିକ ସଂଗଠନ ୟୁନେସ୍କୋ ଦ୍ୱାରା ୧୯୯୯ରେ ଏହି ଦିବସ ପାଳନ ପାଇଁ ଘୋଷଣା କରାଯାଇଥିଲା। କବିତାର ଅଭିବ୍ୟକ୍ତି ମାଧ୍ୟମରେ ଭାଷା ବିବିଧତାକୁ ସମର୍ଥନ କରିବା ଏବଂ ଲୋପ ପାଉଥିବା ଭାଷାକୁ ସୁରକ୍ଷା ପ୍ରଦାନ କରିବା ଏହି ଦିବସର ମୂଳ ଲକ୍ଷ୍ୟ। କବିତା ପଢ଼ିବା, ଲେଖିବା, ପ୍ରକାଶନ ଏବଂ ଶିକ୍ଷାଦାନକୁ ପ୍ରୋତ୍ସାହିତ କରିବା ଲାଗି ଏହି ଦିବସ ପାଳନ ଅବସରରେ ବହୁ କାର୍ଯ୍ୟକ୍ରମ ଆୟୋଜନ ହୋଇଥାଏ। ୟୁନେସ୍କୋ ଘୋଷଣାନାମା ଅନୁଯାୟୀ ଜାତୀୟ, ଆଞ୍ଚଳିକ ତଥା ଅନ୍ତର୍ଜାତୀୟ ସ୍ତରରେ କବିତାର ବିକାଶ ଲାଗି ନୂତନ ମାନ୍ୟତା ଏବଂ ଉତ୍ସାହ ସୃଷ୍ଟି କରିବା।

## ପ୍ରଶଂସକଙ୍କ ସହ ଥଟ୍ଟା ହେଲେ ଜୁନିୟର ଏନ୍‌ଟିଆର୍



**ମୁମ୍ବାଇ:** ନିକଟରେ ୯୫ତମ ଏକାଡେମୀ ଆୱାର୍ଡ୍ସରେ ଭାରତର ୨ଟି ଫିଲ୍ମ ପୁରସ୍କୃତ ହୋଇଛି। ଫିଲ୍ମ 'ଆର୍‌ଆର୍‌ଆର୍' ସହିତ ଦେଶ ତଥା ବିଶ୍ୱବାସୀଙ୍କ ମନ ଜିଣିଥିଲେ ସାଉଥ୍ ଅଭିନେତା ଜୁନିୟର ଏନ୍‌ଟିଆର୍। ଏହି ପୁରସ୍କାର ପରେ ଏବେ ତାଙ୍କ ସହ ବହୁ ଅଭିନେତା କାମ କରିବାକୁ ଚାହୁଁଛନ୍ତି। ଏହା ମଧ୍ୟରେ ତାଙ୍କର ଆଗାମୀ ଫିଲ୍ମ କ'ଣ ହେବ, ତାହା ଜାଣିବାକୁ ପ୍ରଶଂସକ ଉତ୍ସାହିତ ଅଛନ୍ତି। ତେବେ ପ୍ରଶଂସକଙ୍କ ଏପରି ପ୍ରଶ୍ନରେ ସେ ଆଉ ଫିଲ୍ମ କରିବେନି ବୋଲି କହିଛନ୍ତି। ଅଭିନେତା ପ୍ରଶଂସକଙ୍କ ସହ ଥଟ୍ଟାକରି ଏପରି କହିଥିବା ଜଣାପଡ଼ିଛି। ରିପୋର୍ଟ ମୁତାବକ, ଜୁନିୟର ଏନ୍‌ଟିଆର୍ ହାଇଦ୍ରାବାଦରେ ଏକ ସିନେମାର ପ୍ରି-ରିଲିଜ୍ ଇଭେଣ୍ଟରେ ପହଞ୍ଚିଥିଲେ। ସେଠାରେ ପ୍ରଶଂସକ ତାଙ୍କୁ ଦେଖି ଉତ୍ସାହିତ ହୋଇ ତାଙ୍କ ଆଗାମୀ ଚଳଚ୍ଚିତ୍ର ବାବଦରେ ପଚାରିଥିଲେ। ବାରମ୍ବାର ଏପରି ପ୍ରଶ୍ନ ଶୁଣି ସେ ମଜାରେ ଆଗକୁ ଫିଲ୍ମ କରୁନାହାନ୍ତି ବୋଲି କହିଥିଲେ। ପରେ ସେ ଆଗକୁ ଚଳଚ୍ଚିତ୍ର କରିବା ଜାରି ରଖିବେ ବୋଲି କହିଥିଲେ। ତେବେ ସେ ତାଙ୍କ ଆଗାମୀ କୌଣସି ସିନେମା ପାଇଁ ତଥ୍ୟ ଦେଇନାହାନ୍ତି।

## ଗର୍ଭବତୀ ହେଲେ ସମଲିଙ୍ଗୀ

**ନୂଆଦିଲ୍ଲୀ:** ନିକଟରେ ଏକ ସମଲିଙ୍ଗୀ ଦମ୍ପତି ତାଙ୍କ ପ୍ରେଗ୍ନାନ୍ସିକୁ ନେଇ ଚର୍ଚ୍ଚାକୁ ଆସିଛନ୍ତି। ଏନେଇ ଦମ୍ପତି ତାଙ୍କ ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ ଜରିଆରେ ଜଣାଇଛନ୍ତି। ସେଥିରେ ଦୁହେଁ ସୋନୋଗ୍ରାଫିର ଫଟୋ ଦେଖାଇ ପୋଜ୍ ଦେଇଛନ୍ତି। ଅମିତ୍ ଶାହା ଏବଂ ଆଦିତ୍ୟ ମଦିରାଜୁ ଆମେରିକାର ଏକ ମନ୍ଦିରରେ ହିନ୍ଦୁ ରୀତିନୀତିରେ ୨୦୧୮ରେ ବିବାହ କରି ଚର୍ଚ୍ଚାକୁ ଆସିଥିଲେ। ଏହି ଦମ୍ପତି ଏକ ଭିଡିଓ ମାଧ୍ୟମରେ ଜଣାଇଛନ୍ତି, ସେମାନେ ଜଣେ ସାଙ୍ଗର ଜନ୍ମଦିନ ପାର୍ଟିରେ ଦେଖାହୋଇଥିଲେ। ସେବେଠାରୁ ଦୁହେଁ ଦୁହିଁଙ୍କୁ ପସନ୍ଦ କରିବା ଆରମ୍ଭ କରିଥିଲେ। ହେଲେ ସେମାନଙ୍କ ଘରେ ତାଙ୍କ ଲିଙ୍ଗ ବାବଦରେ ଜଣା ନ ଥିଲା। ପ୍ରଥମେ ସେମାନଙ୍କ ପରିବାର ସହ ପରସ୍ପରଙ୍କୁ ସାଙ୍ଗ କହି ଦେଖା କରାଇଥିଲେ। ପରେ ଘର ଲୋକଙ୍କୁ ସେମାନଙ୍କ ଲିଙ୍ଗ ବାବଦରେ ଜଣାଇ ଦୁହେଁ ଦୁହିଁଙ୍କୁ ପସନ୍ଦ କରୁଥିବା ମଧ୍ୟ କହିଥିଲେ। ଅମିତ ତାଙ୍କ ମା'ଙ୍କୁ ଏହା କହିବା ପରେ ତାଙ୍କୁ ଝଟ୍‌କା ଲାଗିଥିଲା, ହେଲେ ପରେ ସେ ଏଥିପାଇଁ ଅନୁମତି ଦେଇଥିଲେ। ଆଦିତ୍ୟଙ୍କ ବାପା ଏକଥା ଜାଣିବା ପରେ ସେମାନଙ୍କୁ ବିରୋଧ ନ କରି ତାଙ୍କ ସହିତ ଠିଆ ହୋଇଥିଲେ। ପରେ ପରିବାରର ଉପସ୍ଥିତିରେ ଦୁହିଁଙ୍କ ବିବାହ ସମ୍ପନ୍ନ ହୋଇଥିଲା। ସେମାନେ ବିବାହ କରି ଲୋକଙ୍କ ହୀନ ମାନସିକତା ଦୂର କରିବାକୁ ପ୍ରୟାସ କରିଥିବା କହିଛନ୍ତି। ତେବେ ସେମାନଙ୍କ ୨ ବର୍ଷର ସ୍ୱପ୍ନ ଏବେ ସାକାର ହେବାକୁ ଯାଉଛି। ଆସନ୍ତା ମେ' ବେଳକୁ ସେମାନଙ୍କ ସନ୍ତାନ ଜନ୍ମହେବବୋଲିଜଣାପଡ଼ିଛି।




## ସିମ୍ପାଞ୍ଜି ସହ ଭିଡିଓ କରିବା ମହଙ୍ଗା ପଡ଼ିଲା



**ଜାକର୍ତ୍ତା:** ଆଜିକାଲି ଲୋକେ ସେଲ୍ଫି ପାଇଁ ବିଭିନ୍ନ ସ୍ତରକୁ ଚାଲିଯାଉଛନ୍ତି। ବିପଦପୂର୍ଣ୍ଣ ସ୍ଥାନରେ ମଧ୍ୟ ଲୋକେ ସେଲ୍ଫି ଉଠାଇବାକୁ ପଛାଉନାହାନ୍ତି। ଚିଡ଼ିଆଖାନାରେ ମଧ୍ୟ ପ୍ରାଣୀଙ୍କୁ ଦେଖିଲେ ସେମାନଙ୍କ ସହ ମଧ୍ୟ ସେଲ୍ଫି ଉଠାଉଛନ୍ତି। ହେଲେ ଜଣେ ଲୋକଙ୍କୁ ଚିଡ଼ିଆଖାନାରେ ଥିବା ଏକ ସିମ୍ପାଞ୍ଜି ସହ ଭିଡିଓ କରିବା ମହଙ୍ଗା ପଡ଼ିଛି। ଏନେଇ ଏକ ଭିଡିଓ ବେଶ୍ ଭାଇରାଲ ହେବାରେ ଲାଗିଛି। ଭିଡିଓଟି ଇଣ୍ଡୋନେସିଆର କସଙ୍ଗ କୁଲିମ୍ ଚିଡ଼ିଆଖାନାର ବୋଲି ଜଣାପଡ଼ିଛି। ଜଣେ ଯୁବକ ସେଠାରେ ପିଞ୍ଜରା ଭିତରେ ଥିବା ସିମ୍ପାଞ୍ଜି ସହ ଭିଡିଓ କରିବାକୁ ଚାହୁଁଥିଲେ। ସେଥିପାଇଁ ସେ ପର୍ଯ୍ୟଟକଙ୍କ ପାଇଁ ଲାଗିଥିବା ବାଡ଼କୁ ଡେଇଁ ଭିତରକୁ ଚାଲିଯାଇଥିଲେ। ସେ ପାଖକୁ ଯାଇ ଭିଡିଓ କରିବାବେଳେ ସିମ୍ପାଞ୍ଜି ଯୁବକର ଶାର୍ଟ ଧରି ଭିଡ଼ିବାକୁ ଲାଗିଲା। ପରେ ତାଙ୍କ ଗୋଡ଼କୁ ମାଡ଼ି ବସିଲା। ଏଥିସହ ତାଙ୍କ ଗୋଡ଼କୁ କାମୁଡିବାକୁ ଚେଷ୍ଟା କରିଥିଲା। ଅନ୍ୟ ଜଣେ ତାଙ୍କୁ ସିମ୍ପାଞ୍ଜି କବଳରୁ ବଞ୍ଚାଇବାକୁ ଆସିଥିଲେ ମଧ୍ୟ ସିମ୍ପାଞ୍ଜି ତାଙ୍କୁ ଠେଲିଦେଇଥିଲା। ପରେ ସେ ତା' କବଳରୁ ବଞ୍ଚିଯାଇଥିଲେ। ଚିଡ଼ିଆଖାନା ପ୍ରଶାସନର କହିବା ମୁତାବକ, ସେହି ସମୟରେ କର୍ମଚାରୀମାନେ ଖାଇବାକୁ ଯାଇଥିଲେ। ଯୁବକ ବିନା ଅନୁମତିରେ ବାଡ଼ ଡେଇଁ ଭିତରକୁ ଯାଇଥିଲେ।

## ବିବାହ କଲେ ସବୁଠାରୁ ଛୋଟ ବଡିବିଲ୍ଡର

**ମୁମ୍ବାଇ:** ସବୁଠାରୁ ଛୋଟ ବଡିବିଲ୍ଡର ଭାବେ ମହାରାଷ୍ଟ୍ରର ପ୍ରତୀକ ବିଠଲ ମୋହିତ ୨୦୨୧ରେ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ ନିଜ ନାମରେ କରିପାରିଥିଲେ। ତାଙ୍କ ଉଚ୍ଚତା ୩ ଫୁଟ ୪ ଇଞ୍ଚ ହୋଇଥିବାବେଳେ ସେ ନିକଟରେ ବିବାହ କରି ଲୋକଲୋଚନକୁ ଆସିଛନ୍ତି। ୨୮ ବର୍ଷୀୟ ପ୍ରତୀକ ଉଚ୍ଚତାରେ ଛୋଟ ହୋଇଥିଲେ ମଧ୍ୟ ପିଲାବେଳୁ ତାଙ୍କ ବଡିବିଲ୍ଡର ହେବାର ଇଚ୍ଛା ଶକ୍ତି ତାଙ୍କୁ ଆଗକୁ ବଢ଼ିବାରେ ସାହାଯ୍ୟ କରିଥିଲା। ସେ ୨୦୧୨ରୁ ତାଙ୍କ ବଡିବିଲ୍ଡିଂ ଜୀବନ ଆରମ୍ଭ କରିଥିଲେ। ୨୦୧୬ ପର୍ଯ୍ୟନ୍ତ ତାଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ହେଲେ ତାଙ୍କ ପରିବାର, ସାଙ୍ଗ ତାଙ୍କୁ ଏଥିରେ ସହାୟତା କରିବାରୁ ସେ ନିଜ ଉଦ୍ୟମ ଜାରି ରଖିଥିଲେ। ପ୍ରତୀକ ୪ ଫୁଟ ୨ ଇଞ୍ଚ ଉଚ୍ଚତା ବିଶିଷ୍ଟ ୨୨ ବର୍ଷୀୟ ଜୟାଙ୍କୁ ମହାରାଷ୍ଟ୍ରର ରୀତିନୀତି ଅନୁସାରେ ବିବାହ କରିଛନ୍ତି।



# ରେଡ୍ ଫ୍ୟାଶନ



ଲାଲ୍ ରଙ୍ଗ ପ୍ରାୟ ଅଧିକାଂଶଙ୍କୁ ପସନ୍ଦ। ଏହି କଲରର ଆଉଟ୍‌ଫିଟ୍‌ରେ କେବଳ ବୋହୂଟିଏ ନୁହେଁ, ସମସ୍ତେ ସୁନ୍ଦର ଲାଗନ୍ତି ହେଲେ ଏହାକୁ ପିନ୍ଧିବା ବେଳେ କେତୋଟି ଦିଗ ପ୍ରତି ସାମାନ୍ୟ ଅଣଦେଖାକଲେ ସମ୍ପୂର୍ଣ୍ଣ ଫ୍ୟାଶନ ଖରାପ ଲାଗିପାରେ। ତେଣୁ କିପରି ନିଜ ରେଡ୍ କଲର ଫ୍ୟାଶନକୁ ଆହୁରି ଆଇକ୍ୟାଚି କରିପାରିବେ ଜାଣିରଖନ୍ତୁ ଟିପ୍ସ ...



★ରେଡ୍ କଲର ଶାଢ଼ି, ଲଙ୍ଗ୍ ଗାଉନ୍ ହେଉ ଅବା ଅନ୍ୟ ଡ୍ରେସ୍ ଏବେ ଖୁବ୍ ଡିମାଣ୍ଡରେ ରହିଛି। ହେଲେ ଏହାକୁ ପିନ୍ଧିବା ବେଳ ମେକ୍‌ଅପ୍ ଠିକ୍ ଭାବରେ ନେବା ପ୍ରତି ଗୁରୁତ୍ୱ ଦିଅନ୍ତୁ। ଏହା ସହ ଅନ୍ୟ କଲର ଲିପ୍‌ଷ୍ଟିକ୍ ନ ଲଗାଇ ରେଡ୍ ଲିପ୍‌ଷ୍ଟିକ୍ ଲଗାନ୍ତୁ ବୋଲ୍ଡ ଏବଂ ଆଇକ୍ୟାଚି ଲୁକ୍ ପାଇପାରିବେ। ସେହିପରି ରେଡ୍ ଆଉଟ୍‌ଫିଟ୍ ସହିତ ଆଇ ମେକ୍‌ଅପ୍ ଲାଇଟ୍ ରଖିଲେ ଭଲ ଲାଗିବେ।

– ରେଡ୍ କଲର ଶାଢ଼ି କିମ୍ବା ହେଭି ଗାଉନ୍ ବା ଲେହେଙ୍ଗା ସହ ବେକରେ ଚୋକର ପିନ୍ଧନ୍ତୁ ସୁନ୍ଦର ଦିଶିବ। ସେହିପରି କାନରେ ରାଉଣ୍ଡ ଇୟର ରିଙ୍ଗ୍ ଏବଂ ହାତରେ ଚୁଡ଼ି ପିନ୍ଧିବାକୁ ଭୁଲନ୍ତୁ ନାହିଁ। ରେଡ୍ ଶାଢ଼ି ସହ ଛୋଟ ରେଡ୍ ବିନ୍ଦି ଆପଣଙ୍କ ମୁହଁର ସୌନ୍ଦର୍ଯ୍ୟକୁ ଆହୁରି ବଢ଼ାଇଦେବ।

★ରେଡ୍ ମିଡି କିମ୍ବା ସ୍କିନ୍ ଫ୍ରକ୍, ଗାଉନ୍, ୱାନଇ ପିସ୍ ଆଦି ପିନ୍ଧୁଥିଲେ ବ୍ଲାକ୍ ବେଲ୍ଟ ଏବଂ ବ୍ଲାକ୍ ହାଇହିଲ୍ସ ପିନ୍ଧିଲେ ଅଧିକ ଫ୍ୟାଶନେବଲ୍ ଲୁକ୍ ପାଇପାରିବେ।

★ମନେରଖନ୍ତୁ ଯଦି ରେଡ୍ କଲର ଆଉଟଫିଟ୍ ପିନ୍ଧୁଛନ୍ତି ଏହା ସହ ଆସେସରିଜ୍ ସମ୍ପୂର୍ଣ୍ଣ ରେଡ୍ ବାଛନ୍ତୁ ନାହିଁ। ନଚେତ୍ ଅଲ୍ ରେଡ୍ ହୋଇଗଲେ ତାହା ଦେଖିବାକୁ ଭଲ ଲାଗି ନ ଥାଏ। ତେଣୁ ଏହାକୁ କଣ୍ଟ୍ରାଷ୍ଟ ରଖିବାକୁ ଚେଷ୍ଟା କରନ୍ତୁ।

★ ରେଡ୍ କଲର ଗର୍ଜିଅସ୍ ହୋଇଥିବାରୁ ଏହା ସହ ଓଭର ମେକ୍‌ଅପ୍ କିମ୍ବା ଓଭର ଜୁଏଲେରି ଆଦୌ ପିନ୍ଧନ୍ତୁ ନାହିଁ।

# ଗ୍ଲୁକୋମା ଚକ୍ଷୁ ପାଇଁ ଘାତକ



ଡା. ସୋନାଲି ଷଡ଼ଙ୍ଗୀ

ଚକ୍ଷୁ ମନୁଷ୍ୟ ଶରୀରର ଏକ ମୂଲ୍ୟବାନ୍ ଅଙ୍ଗ। ଆକାରରେ କ୍ଷୁଦ୍ର ସତ, ହେଲେ ଏହା ମାଧ୍ୟମରେ ହିଁ ଆମେ ପୃଥିବୀର ସବୁ ସୌନ୍ଦର୍ଯ୍ୟକୁ ଦେଖିପାରୁ, ମନଭରି ଉପଭୋଗ କରିପାରୁ ଏବଂ ସାରା ଜୀବନ ସେ ସ୍ମୃତିକୁ ଆଖିର ପରଦା ଦେଇ ହୃଦୟରେ ସାଇତି ରଖିପାରୁ। ତେଣୁ ଏହାର ଯତ୍ନନେବା ଓ ଏହାକୁ ସୁରକ୍ଷିତ ରଖିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ...



ମଣିଷ ଶରୀରର ଅତ୍ୟନ୍ତ ମୂଲ୍ୟବାନ୍ ଅଙ୍ଗ ହେଉଛି ଆଖି। ଏହା ବିନା ପୃଥିବୀ ଅନ୍ଧାର। କାରଣ ଏହାଦ୍ୱାରା ଆମେ ସୁନ୍ଦର ପୃଥିବୀକୁ ଦେଖିପାରୁ ଏବଂ ଜୀବନର ସବୁ କାମ ସହଜରେ କରିପାରୁ। ବିଜ୍ଞାନଠାରୁ ଆରମ୍ଭକରି କଳା ଯାଏଁ ତଥା ସବୁ ଅତ୍ୟାଧୁନିକ କାମରେ ଆଖିର ଆବଶ୍ୟକତା ପଡ଼ିଥାଏ। ତେଣୁ ଆମର ଉପାଦେୟ ଅଙ୍ଗ ଆଖି ଦୁଇଟିକୁ ଅବହେଳା ନ କରି ସମସ୍ତ ପ୍ରକାର ଯତ୍ନ ନେବା ସହ ସାମାନ୍ୟ ସମସ୍ୟା ଦେଖାଦେଲେ ନିୟମିତ ବ୍ୟବଧାନରେ ଚକ୍ଷୁ ବିଶେଷଜ୍ଞଙ୍କ ସହ ପରାମର୍ଶ କରି ଚିକିତ୍ସା କରିବା ଆବଶ୍ୟକ।

ପ୍ରାୟ ଚକ୍ଷୁ ଆଉଟ୍‌ଡୋରକୁ ଯେତେ ରୋଗୀ ଆସିଥାନ୍ତି ତନ୍ମଧ୍ୟରୁ ଅଧିକାଂଶ ରୋଗୀଙ୍କର ଦୃଷ୍ଟିଦୋଷ(ରିଫ୍ରାକ୍ଟିଭ ଏରର) କିମ୍ବା ଧଳା ମୋତିଆ(କାଟାରାକ୍ଟ)ର ସମସ୍ୟା ଥାଏ। ତେବେ କଳା ମୋତିଆ ବା ଗ୍ଲୁକୋମା ଆଖିର ଏମିତି ଏକ ରୋଗ ଯାହାଦ୍ୱାରା ଆଖି ଭିତରେ ଚାପ ବଢ଼ିଯାଏ ଏବଂ ଆସ୍ତେ ଆସ୍ତେ ଏହା ଚକ୍ଷୁ ଭିତରର ସ୍ନାୟୁ (ଅପ୍‌ଟିକ ନର୍ଭ)କୁ ଶୁଖାଇ ଦେଇଥାଏ। ମୂଳରୁ ଏହାର ଲକ୍ଷଣ ସହଜରେ ଜଣା ପଡ଼େନାହିଁ। ଏଥିରେ ତେରଛା (ସାଇଡ୍ ଭିଜନ)ରେ ପ୍ରଭାବିତ ହେଉଥିବା ବେଳେ ସିଧା ଦେଖିବାରେ (ସେଣ୍ଟ୍ରାଲ ଭିଜନ) ଅସୁବିଧା ହୁଏ ନାହିଁ।

ଦୃଷ୍ଟିଦୋଷ ଓ କାଟାରାକ୍ଟ ପରେ କଳା ମୋତିଆ ରୋଗୀଙ୍କ ସଂଖ୍ୟା ଅଧିକ। ଏବେ ବିଶ୍ୱରେ ୮ ମିଲିୟନ(୮୦୦ ଲକ୍ଷ) ଲୋକ ଗ୍ଲୁକୋମା ଭୋଗୁଛନ୍ତି। ୨୦୪୦ ମସିହାରେ ୧୧୧ ମିଲିୟନ ଲୋକଙ୍କୁ ଗ୍ଲୁକୋମା ହେବା ତଥା ସମ୍ପୂର୍ଣ୍ଣ ଆଖିର ଦୃଷ୍ଟିଶକ୍ତି ନଷ୍ଟହେବା ଆଶଙ୍କା ରହିଛି।

**ବୟସ:** ଏହା ପ୍ରାୟ ୪୦ ବର୍ଷ ବା ତଦୂର୍ଦ୍ଧ୍ୱ ଉଭୟ ମହିଳା ଓ ପୁରୁଷଙ୍କ ଠାରେ ଦେଖାଦେଇଥାଏ। କିନ୍ତୁ ଏହା ବଂଶଗତ ହେବା ଯୋଗୁ ଅଳ୍ପ ବୟସରୁ ମଧ୍ୟ ହେବା ଆଶଙ୍କା ରହିଛି।

**କାରଣ:** ଏହା ମୁଖ୍ୟତଃ ବଂଶଗତ ହୋଇଥାଏ। ତେଣୁ ପରିବାରରେ ଆଗରୁ କାହାର କଳା ମୋତିଆ ଥିଲେ ଏହା ହୋଇପାରେ। ତା'ଛଡ଼ା ମଧୁମେହ, ଉଚ୍ଚ ରକ୍ତଚାପ ରୋଗ ତଥା ବେଶି ମାତ୍ରାରେ ଷ୍ଟିରଏଡ୍ ଔଷଧ ସେବନ, ଆଖିର ମାତ୍ରାଧିକ ଚାପ, ଆଗରୁ ଆଖିରେ ମାଡ଼ ବା ଆଘାତ ହୋଇଥିଲେ କଳା ମୋତିଆ ହେବା ଆଶଙ୍କା ଥାଏ।

**ଲକ୍ଷଣ:** ଅସହ୍ୟ ମୁଣ୍ଡ ବ୍ୟଥା, ଆଖିରେ ଯନ୍ତ୍ରଣା, ଚଷମା କାଚର ବାରମ୍ବାର ପାୱାର ବଦଳିବା, ଆଲୋକ ଚାରିପଟେ ରଙ୍ଗିନ ବୃତ୍ତ ଦେଖାଯିବା, ହଠାତ୍ ଆଖି ଲାଲ୍ ପଡ଼ିଯାଇ ଆଖିକୁ ଭଲ ଭାବେ ଦେଖା ନ ଯିବା, ଦୃଷ୍ଟିର ପରିସୀମା ସୀମିତ ହୋଇଯିବା ଇତ୍ୟାଦି ଏହାର ମୁଖ୍ୟ ଲକ୍ଷଣ। ଏମିତିକି ଏଥିରେ କାହା କାହାର ସବୁଦିନ ପାଇଁ ଦୃଷ୍ଟିଶକ୍ତି ନଷ୍ଟ ମଧ ହୋଇଯାଏ।

ଉପରୋକ୍ତ ଲକ୍ଷଣ ସବୁ ପ୍ରକାଶ ପାଇଲେ ତୁରନ୍ତ ଚକ୍ଷୁ ବିଶେଷଜ୍ଞଙ୍କ ଦ୍ୱାରା ପରୀକ୍ଷା କରାଇନେବା ଦରକାର। ତେଣୁ ୪୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ରୋଗୀମାନଙ୍କର ଚକ୍ଷୁର ପ୍ରେସର ମାପିବା ବି ଜରୁରୀ।

**ଚିକିତ୍ସା:** ଚକ୍ଷୁ ବିଶେଷଜ୍ଞଙ୍କ ପରାମର୍ଶ କ୍ରମେ ଆଖିରେ ଡ୍ରପ୍ ପକାଇବା, ଲେଜର ସର୍ଜରି ବା ସର୍ଜରି କରାଯାଇ ଦୃଷ୍ଟିଶକ୍ତି ନଷ୍ଟହେବାରୁ ରକ୍ଷା କରାଯାଇଥାଏ।

କଳା ମୋତିଆ ଏକ ମାରାତ୍ମକ ରୋଗ ଓ ନୀରବ ଘାତକ। ଏହାର ଗୁରୁତ୍ୱ ଓ ଜଟିଳତାକୁ ଉପଲବ୍ଧି କରିବା ପାଇଁ ତଥା ସଚେତନତା ସୃଷ୍ଟି କରିବା ପାଇଁ ସାରା ବିଶ୍ୱରେ 'ବିଶ୍ୱ ଗ୍ଲୁକୋମା' ସପ୍ତାହ ପାଳିତ ହେଉଛି। ଆସନ୍ତୁ, ସମସ୍ତେ ସଚେତନ ହେବା ଏବଂ ଆମ ଶରୀରର ଏକ ଜରୁରୀ ଓ ମୂଲ୍ୟବାନ୍ ଅଙ୍ଗକୁ ରକ୍ଷାକରିବା ପାଇଁ ବଦ୍ଧ ପରିକର ହେବା।

– ଚକ୍ଷୁ ବିଶେଷଜ୍ଞ
ଲିଙ୍କ୍‌ରୋଡ୍, କଟକ–୧୨











# ପିଲା ମୋବାଇଲ ଧରୁଥିଲେ



ବର୍ତ୍ତମାନ ଅଧିକାଂଶ ପିଲା ଫ୍ରି ଟାଇମ୍ ପାଇବା ମାତ୍ରେ ମୋବାଇଲ ଫୋନ୍ ଧରି ବସୁଛନ୍ତି। ହେଲେ ଏହାକୁ ଅଧିକ ସମୟ ବ୍ୟବହାର କରିବା ଦ୍ୱାରା ପିଲାଙ୍କ ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପଡ଼ୁଛି। ତେଣୁ ପିଲାଙ୍କୁ ମୋବାଇଲ ଫୋନ୍ ଦେଉଥିଲେ କେତୋଟି କଥା ପ୍ରତି ଧ୍ୟାନ ଦିଅନ୍ତୁ...

★ପିଲାମାନେ ଆଉଟ୍‌ଡୋର ଗେମ୍ ଖେଳିଲେ ଏହା ସେମାନଙ୍କୁ ଉଭୟ ଶାରୀରିକ ଓ ମାନସିକ ସ୍ତରରେ ସୁସ୍ଥ ରଖିବାରେ ସାହାଯ୍ୟ କରେ। ହେଲେ ବର୍ତ୍ତମାନ ଅଧିକାଂଶ ପିଲା ମୋବାଇଲ ଫୋନ୍ ଧରି ଦୀର୍ଘ ସମୟ ଗୋଟିଏ ସ୍ଥାନରେ ବସି ଭିଡିଓ ଗେମ୍ ଖେଳୁଛନ୍ତି। ଏହାଦ୍ୱାରା କାନ୍ଧ, ଆଣ୍ଠୁ, ଅଣ୍ଟା ଓ ପିଠି ଜାକିହୋଇ ରହୁଥିବାରୁ ପିଲାବେଳୁ ଗଣ୍ଠି ଯନ୍ତ୍ରଣା ଦେଖାଦେଉଛି। ତା'ଛଡ଼ା ଶାରୀରିକ ପରିଶ୍ରମ ନ ହେବା ଏବଂ ଖେଳିବା ବେଳେ ଖାଇବା ଦ୍ୱାରା ମେଦବହୁଳତା ଦେଖାଦେଉଛି। ତେଣୁ ଏଥିପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ। ପିଲାଙ୍କୁ ଅଧ ଘଣ୍ଟାରୁ ଅଧିକ ସମୟ ଫୋନ ଦିଅନ୍ତୁ ନାହିଁ।

★ଅଧିକ ସମୟ ଫୋନ୍ ବ୍ୟବହାର ଯୋଗୁ ଅନେକେ ଖାଦ୍ୟପେୟ ସାଙ୍ଗକୁ ଶୋଇବାରେ ଅବହେଳା କରୁଛନ୍ତି। ଫଳରେ ସେମାନଙ୍କଠାରେ ଚିଡ଼ିଚିଡ଼ା ଲାଗିବା, ଅବସାଦ, ଅଳସୁଆ ଲାଗିବା, କାର୍ଯ୍ୟ କୁଶଳତା ହ୍ରାସ, ଗ୍ୟାସ୍, ବଦହଜମି, ହୃଦ୍ ସମସ୍ୟା ଆଖିତଳ କଳା ପଡ଼ିବା, ତ୍ୱଚାରେ କୁଞ୍ଚନ, ମଧୁମେହ, ମେଦବହୁଳତା, ସ୍ମରଣଶକ୍ତି, ଦୃଷ୍ଟିଶକ୍ତି ହ୍ରାସ ହେବା ଭଳି ବିଭିନ୍ନ ସମସ୍ୟା ସହିତ କେତେକ ଅସାଧ ରୋଗ ସୃଷ୍ଟି ହେଉଛି। ତେଣୁ ପିଲାଙ୍କ ଠିକ୍ ସମୟରେ ଖାଇବା ଓ ଶୋଇବା ପ୍ରତି ଯତ୍ନଶୀଳ ହୁଅନ୍ତୁ।

★ବର୍ତ୍ତମାନ ଅଧିକାଂଶ ପିଲା ଏତେମାତ୍ରାରେ ଇଣ୍ଟରନେଟ୍ ବ୍ୟବହାର କରୁଛନ୍ତି ଯେ, ଅନେକେ ଇଣ୍ଟରନେଟ୍ ଆଡିକ୍ସନ ଡିସ୍‌ଅର୍ଡର ରୋଗର ଶିକାର ହେଉଛନ୍ତି। ହଠାତ୍ ସେମାନଙ୍କୁ ଏଥିରୁ ନିବୃତ୍ତ ରଖିଲେ ସେମାନଙ୍କଠାରେ ଚିଡ଼ିଚିଡ଼ା ହେବା, ବିନା କାରଣରେ ରାଗିବା କିମ୍ବା ଡିପ୍ରେସନ୍ ବା ଅବସାଦଗ୍ରସ୍ତ ହେବା ଭଳି ଲକ୍ଷଣ ଦେଖାଯାଉଛି। ତେଣୁ ଆରମ୍ଭରୁ ଏଥିପ୍ରତି ଦୃଷ୍ଟି ଦିଅନ୍ତୁ ଏବଂ ସେମାନଙ୍କ ଇଣ୍ଟରନେଟ୍ ବ୍ୟବହାର ଲାଗି ନିର୍ଦ୍ଦିଷ୍ଟ ସମୟ ଧାର୍ଯ୍ୟ କରନ୍ତୁ। ପିଲା ଇଣ୍ଟରନେଟ୍‌ରେ କ'ଣ ଦେଖୁଛି ଅବା କେଉଁ ଅନ୍‌ଲାଇନ ଗେମ୍ ଖେଳୁଛି ସେଥିପ୍ରତି ନଜର ରଖିବା ଲାଗି ପ୍ୟାରେଣ୍ଟିଂ କଣ୍ଟ୍ରୋଲର ସାହାଯ୍ୟ ନିଅନ୍ତୁ।

ଖାଦ୍ୟରୁଚି

# ଗୋଲକୋଣ୍ଡା ଚିକେନ



**ଆବଶ୍ୟକ ସାମଗ୍ରୀ(୨ଜଣଙ୍କ ପାଇଁ):** ୧୨୦ ଗ୍ରାମ ଚିକେନ୍ ଲେଗ୍ ପିସ୍, ୩୦ଗ୍ରାମ କର୍ନଫ୍ଲୋର୍, ୧୦ ଗ୍ରାମ କଞ୍ଚାଲଙ୍କା, ୧୦୦ଗ୍ରାମ ଅଦା, ୧୦୦ ରସୁଣ, ୧୦୦ ପିଆଜ, ୮୦ ଗ୍ରାମ ଦହି, ଅଧା ଚାମଚ ଲେଖାଏଁ ଧନିଆ ପାଉଡର, ଲଙ୍କାଗୁଣ୍ଡ ଏବଂ ଚାଟ୍ ମସଲା, ଏକ ଛୋଟ ଚାମଚ ଗୋଲମରିଚ, ୧ଟି ଅଣ୍ଡା, ୨୦ ଗ୍ରାମ ମଇଦା, ୨ ଚାମଚ ଲେମ୍ବୁରସ, ୫୦ ଗ୍ରାମ ଧନିଆପତ୍ର, ଭୁର୍ସୁଙ୍ଗ ପତ୍ର, ୩ ଚାମଚ ତେଲ, ଲୁଣ ସ୍ୱାଦାନୁସାରେ।

**ପ୍ରସ୍ତୁତି ପ୍ରଣାଳୀ:** ଚିକେନ୍‌କୁ ଧୋଇ ଏକ ପାତ୍ରରେ ରଖନ୍ତୁ। ସେଥିରେ ଛୋଟ ଛୋଟ କଟା ହୋଇଥିବା କଞ୍ଚାଲଙ୍କା, ଅଦା ରସୁଣ ପେଷ୍ଟ, କର୍ନଫ୍ଲୋର, ଲୁଣ, ଗୋଲମରିଚ ଗୁଣ୍ଡ ପକାଇ ସେଥିରେ ଅଣ୍ଡାକୁ ଭଲ ଭାବେ ମିଶାଇ ଦିଅନ୍ତୁ। ଏହାକୁ ଅଧଘଣ୍ଟା ଫ୍ରିଜ୍‌ରେ ରଖିଦିଅନ୍ତୁ। ବର୍ତ୍ତମାନ ଏକ ପ୍ୟାନ୍‌ରେ ତେଲ ଗରମ କରନ୍ତୁ। ମ୍ୟାରିନେଟ୍ ହୋଇଥିବା ଚିକେନ୍‌କୁ ଭଲ ଭାବେ ଫ୍ରାଏ କରିଦିଅନ୍ତୁ। ଅନ୍ୟ ଏକ ପ୍ୟାନ୍‌ରେ ଅଳ୍ପ ତେଲ ନେଇ କଟା ପିଆଜ, ରସୁଣ, ଅଦା, କଞ୍ଚାଲଙ୍କା, ଭୁର୍ସୁଙ୍ଗ ପତ୍ର ପକାଇ ଭାଜି ଦିଅନ୍ତୁ। ଏଥିରେ ଅଳ୍ପ ପାଣି ଏବଂ ଦହି ପକାଇ ଭଲ ଭାବେ ମିଶାନ୍ତୁ। ସେଥିରେ ଫ୍ରାଏ ହୋଇଥିବା ଚିକେନ, ଚାଟ୍ ମସଲା, ଧନିଆ ଗୁଣ୍ଡ, ଲଙ୍କାଗୁଣ୍ଡ ଏବଂ ସ୍ୱାଦାନୁସାରେ ଲୁଣ ପକାଇ ଗୋଳାନ୍ତୁ। ପାଣି ଡ୍ରାଏ ହୋଇଗଲେ ଏହା ଉପରେ ଲେମ୍ବୁରସ ପକାଇ ଗୋଳାଇ ଦିଅନ୍ତୁ ଏବଂ ଚୁଲା ବନ୍ଦ କରିଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଚିକେନ ଗୋଲକୋଣ୍ଡା। ଏହାକୁ ପ୍ଲେଟ୍‌ରେ କାଢ଼ି ଉପରେ କଟା ଧନିଆପତ୍ର ପକାଇ ପରଷି ଦିଅନ୍ତୁ।

ସୌନ୍ଦର୍ଯ୍ୟ

# ସନ୍‌ଟ୍ୟାନ୍ ଦୂରକରେ କାକୁଡ଼ି



ଖରାଦିନ ଆସିଲେ ସନ୍‌ଟ୍ୟାନ୍‌କୁ ନେଇ ବଢ଼ିଯାଏ ଅନେକଙ୍କ ଟେନ୍‌ସନ। ଏହାକୁ ଦୂରେଇବା ଲାଗି କିଏ ବିୟୁଟିପାର୍ଲର ଯାଆନ୍ତି ତ କିଏ ବ୍ୟବହାର କରନ୍ତି ବିଭିନ୍ନ କସ୍‌ମେଟିକ୍ ପ୍ରଡକ୍ଟ। ହେଲେ ଆପଣ ଜାଣନ୍ତି କି କାକୁଡ଼ିରେ ରହିଛି ଏଭଳି ସୌନ୍ଦର୍ଯ୍ୟ ବୃଦ୍ଧିକାରୀ ଗୁଣ ଯାହାକି ତ୍ୱଚାକୁ ସନ୍‌ଟ୍ୟାନ୍‌ରୁ ମୁକ୍ତିଦେବାରେ ସାହାଯ୍ୟ କରିବ। ଜାଣି ରଖନ୍ତୁ ଏହା ବ୍ୟବହାର କରିବାର ଉପାୟ...

➤କାକୁଡ଼ିକୁ ପତଳା କାଟି ମୁହଁ ଏବଂ ଆଖି ଉପରେ ରଖିବା ଦ୍ୱାରା କଳାଦାଗ ସହଜରେ ଦୂର ହୋଇଥାଏ।

➤କାକୁଡ଼ିର ଚୋପା ଛଡ଼ାଇ ଏହାକୁ ଗ୍ରାଇଣ୍ଡ କରିବା ପରେ ଭଲ ଭାବେ ଛାଣି ରସ ବାହାର କରିଦିଅନ୍ତୁ। ଏହାକୁ ସ୍ପ୍ରେ ବୋତଲରେ ରଖି ମୁହଁରେ ସ୍ପ୍ରେ କରନ୍ତୁ ନଚେତ୍ ତୁଳାରେ ନେଇ ମୁହଁରେ ଲଗାନ୍ତୁ। କାକୁଡ଼ିରସ ଏଭଳି ଏକ ପ୍ରାକୃତିକ ଟୋନର ଯାହା ତ୍ୱଚାକୁ ହାଇଡ୍ରେଟ୍ ଏବଂ ଫ୍ରେଶ୍ ରଖିବା ସହ ଟ୍ୟାନ୍ ହେବାକୁ ଦେଇ ନ ଥାଏ।

➤ଫେସ୍‌ମାସ୍କ ଭାବେ ମଧ କାକୁଡ଼ିକୁ ବ୍ୟବହାରକଲେ ଉପକୃତ ହୋଇପାରିବେ। ପ୍ରଥମେ କାକୁଡ଼ିକୁ ଭଲ ଭାବେ ଗ୍ରାଇଣ୍ଡିଂକରି ସେଥିରେ ଅଳ୍ପ ଓଟ୍‌ମିଲ୍ ଏବଂ ମହୁ ମିଶାନ୍ତୁ। ଏହି ମାସ୍କକୁ ମୁହଁରେ ଲଗାଇ ୧୫ ମିନିଟ୍ ରଖିବା ପରେ ଧୋଇଦିଅନ୍ତୁ। ଏହା ସନ୍‌ବର୍ନ ଏବଂ ଟ୍ୟାନ୍ ଦୂରକରିବା ଲାଗି ସବୁଠୁ ଭଲ ଉପାୟ।

➤କାକୁଡ଼ିର ଚୋପା ଏବଂ ମଞ୍ଜି ବାହାର କରିଦିଅନ୍ତୁ। ଅବଶିଷ୍ଟ କାକୁଡ଼ିରେ ଗୋଟିଏ ଅଣ୍ଡାର ଧଳା ଅଂଶ ଏବଂ କିଛି ପୋଦିନା ପତ୍ରକୁ ଭଲ ଭାବେ ବାଟି ଦିଅନ୍ତୁ। ଏହି ପ୍ୟାକ୍‌କୁ ମୁହଁରେ ଲଗାଇ ୧୫ମିନିଟ୍ ରଖିବା ପରେ ଧୋଇଦିଅନ୍ତୁ। ଏହା ସନ୍‌ଟ୍ୟାନ୍ ଦୂରକରି ତ୍ୱଚାର ଉଜ୍ଜ୍ୱଳତା ବଢ଼ାଇବାରେ ସାହାଯ୍ୟ କରିବ।



# ନେପାଳକୁ ୪-୧ରେ ହରାଇଲା ଭାରତ

**ଢାକା, ୨୦।୩**

ସ୍ଥାନୀୟ ବିଏସ୍ଏସ୍ଏସ୍ ମୁସ୍ତାଫା କମଲ ଷ୍ଟାଡିୟମରେ ୧୭ ବର୍ଷରୁ କମ୍ ସାଫ୍ ମହିଳା ଫୁଟବଲ ଚାମ୍ପିୟନଶିପ୍ ଆରମ୍ଭ ହୋଇଛି। ସୋମବାର ଅନୁଷ୍ଠିତ ପ୍ରଥମ ମ୍ୟାଚରେ ଶିଲ୍‌ଜି ଶାଜିଙ୍କ ହ୍ୟାଟ୍ରିକ ବଳରେ ଭାରତ ୪-୧ ଗୋଲରେ ନେପାଳକୁ ହରାଇ ଦେଇଛି।

ଚଳିତ ବର୍ଷ ପ୍ରାରମ୍ଭରେ ୨୦ ବର୍ଷରୁ କମ୍ ଭାରତୀୟ ଦଳ ସମାନ ଷ୍ଟାଡିୟମରେ ସମାନ ପ୍ରତିଦ୍ୱନ୍ଦ୍ୱୀ ଦଳଠାରୁ ହାରିଯାଇଥିଲା। ତେଣୁ ଆକ୍ରମଣାତ୍ମକ ଆଭିମୁଖ୍ୟନେଇ ଖେଳିଥିବା ଭାରତ ୪୦ ସେକେଣ୍ଡ

**୧୭ ବର୍ଷରୁ କମ୍ ସାଫ୍ ମହିଳା ଫୁଟବଲ**

ମଧ୍ୟରେ ଗୋଲ ସୁଯୋଗ ସୃଷ୍ଟି କରିଥିଲା। ୨୦ ମିନିଟ ବେଳକୁ ଦଳ ୩ ଥର ପ୍ରତିପକ୍ଷ ଦଳର ନେଟ୍‌ରେ ବଲ୍ ଭର୍ତ୍ତି କରିବାକୁ ସକ୍ଷମ ହୋଇଥିଲା। ମାତ୍ର ଅଫ୍‌ସାଇଡ୍ ଯୋଗୁ ୨ଟି ଗୋଲ ନାକଚ ହୋଇଯାଇଥିଲା। ୧୦ମ ମିନିଟରେ ଶିଲ୍‌ଜିଙ୍କ ଗୋଲ ବଳରେ ଭାରତ ଅଗ୍ରଣୀ ହାସଲ କରିଥିଲା। ଖୁସିଙ୍କଠାରୁ ଲଙ୍ଗ୍ ପାସ୍ ପାଇଥିଲେ ଶିଲ୍‌ଜି। ବଲ୍‌କୁ ନିୟନ୍ତ୍ରଣରେ ରଖି ଗୋଲ ଦେବାରେ ସକ୍ଷମ ହୋଇଥିଲେ। ନେପାଳ ଏକ ବିପଜ୍ଜନକ ପ୍ରତିଦ୍ୱନ୍ଦ୍ୱୀ ବୋଲି ଭାରତୀୟ ଖେଳାଳିମାନେ ଭଲଭାବେ ଜାଣିଥିଲେ। ତେଣୁ କୌଣସି ମୁହୂର୍ତ୍ତରେ ମଧ୍ୟ ହାଲୁକା ମନୋଭାବ ପୋଷଣ କରି ନ ଥିଲେ। ୪୦ତମ ମିନିଟରେ ବ୍ୟକ୍ତିଗତ ଏବଂ ଦଳଗତ ଦ୍ୱିତୀୟ ଗୋଲ ଦେଇଥିଲେ ଶିଲ୍‌ଜି। ଏଥର ତାଙ୍କ ନିକଟକୁ ବଲ୍ ପାସ୍ ଦେଇଥିଲେ ଥୋଇବିସାନା। ଏହାର ୧ ମିନିଟ ପରେ ଅର୍ଥାତ୍ ୪୧ତମ ମିନିଟରେ ପୂଜା ଏକ ଗୋଲ ଦେଇ ପ୍ରଥମାର୍ଦ୍ଧ ଶେଷ ବେଳକୁ ଭାରତର ଅଗ୍ରଣୀ ବ୍ୟବଧାନକୁ ୩-୦ରେ ପହଞ୍ଚାଇ ଦେଇଥିଲେ। ଓ୍ୱିଙ୍ଗର ପୂଜାଙ୍କୁ ଏଥର ପାସ୍ ଦେଇଥିଲେ ଶିଲ୍‌ଜି।

ଦ୍ୱିତୀୟାର୍ଦ୍ଧ ଆରମ୍ଭରୁ ଆକ୍ରମଣକୁ ଜୋରଦାର କରି ଗୋଲ ପରିଶୋଧପାଇଁ ଉଦ୍ୟମ କରିଥିଲା ନେପାଳ। ଭାରତୀୟ ଦଳ ଏହାକୁ ପ୍ରତିହତ କରିଥିଲେ ହେଁ ୫୪ତମ ମିନିଟରେ ନେପାଳର ବର୍ଷା ଓଲି ଭାରତୀୟ ରକ୍ଷଣଭାଗ ଭେଦକରି ଗୋଟିଏ ଗୋଲ ଦେବାରେ ସକ୍ଷମ ହୋଇଥିଲେ। ମାତ୍ର ଭାରତୀୟ ଖେଳାଳିମାନେ ଏଥିରେ ଚାପକୁ ନ ଆସି ଉତ୍ସାହପୂର୍ଣ୍ଣ ପ୍ରଦର୍ଶନ କରିଥିଲେ। ୮୧ତମ ମିନିଟରେ ବ୍ୟକ୍ତିଗତ ତୃତୀୟ ଗୋଲ ଦେଇ ହ୍ୟାଟ୍ରିକ୍ ପୂରଣ କରିଥିଲେ ଶିଲ୍‌ଜି।

ଏଥର ଭାରତୀୟ ଦଳର ସହକାରୀ କୋଚ୍ ଅଛନ୍ତି ଓଡ଼ିଶାର ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଖେଳାଳି ତଥା ଭାରତୀୟ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ। ଦଳର ପ୍ରଦର୍ଶନରେ ସ୍ୱାଭାବିକଭାବେ ଖୁସି ଜାହିର କରିଛନ୍ତି ଶ୍ରଦ୍ଧାଞ୍ଜଳି। ଶିଲ୍‌ଜି ଚମତ୍କାର ଖେଳିଛନ୍ତି, ତେବେ ଏହା ଦଳଗତ ପ୍ରଦର୍ଶନର ଫଳ ବୋଲି ସେ ପ୍ରକାଶ କରିଛନ୍ତି। ଆସନ୍ତା ୨୪ ତାରିଖରେ ଭାରତ ଏହାର ପରବର୍ତ୍ତୀ ମ୍ୟାଚ ବାଂଲାଦେଶ ସହିତ ଖେଳିବ। ଏହାପରେ ୨୬ରେ ଭୁଟାନ ଓ ୨୮ରେ ରୁଷିଆ ସହିତ ମୁକାବିଲା କରିବ।



ତୃତୀୟ ଗୋଲ ସ୍କୋର ସହ ହ୍ୟାଟ୍ରିକ କରିବାପରେ ଖୁସି ମନାଉଛନ୍ତି ଶିଲ୍‌ଜି ଶାଜି।

## ଓଡ଼ିଶା ବାଳିକା ହ୍ୟାଣ୍ଡବଲ ଦଳ ଘୋଷିତ

**ଭୁବନେଶ୍ୱର, ୨୦।୩ (କ୍ରୀଡ଼ା ପ୍ରତିନିଧି):** ଉତ୍ତରପ୍ରଦେଶ ବରେଲିଠାରେ ଚଳିତ ମାସ ୨୨ରୁ ୨୬ ପର୍ଯ୍ୟନ୍ତ ସର୍ବଭାରତୀୟ ଜୁନିୟର ବାଳିକା ହ୍ୟାଣ୍ଡବଲ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏଥିପାଇଁ ସୋମବାର ଓଡ଼ିଶା ଦଳ ଘୋଷଣା କରାଯାଇଛି। ଲିପିକା ଗୌଡ଼ ଅଧିନାୟିକା ମନୋନୀତ ହୋଇଥିବାବେଳେ ପ୍ରିୟଙ୍କା ପ୍ରିୟଦର୍ଶନୀ ସ୍ୱାଇଁ, ସଞ୍ଜନା ସ୍ୱାଇଁ, ସ୍ୱାଗତିକା ପାତ୍ର, ନିବେଦିତା ପାଣି, ରୋଜାଲିନ ରଥ, ସ୍ୱପ୍ନେଶ୍ୱରୀ ଦାସ, ପାର୍ବତୀ ଦାସ, ସ୍ୱୟଂଶ୍ରୀ ନାୟକ, ମିକି ଦେଓଗା, କଲ୍ୟାଣୀ ରାଉଳ, ସୁଚିଶ୍ରୀ ତ୍ରିପାଠୀ, କଲ୍ୟାଣୀ ବେହେରା, ରାଜଲକ୍ଷ୍ମୀ ନାୟକ, ପ୍ରିୟଙ୍କା ନାୟକ, ଶ୍ରୀୟଙ୍କା ଦଳରେ ସାମିଲ ହୋଇଛନ୍ତି। ସୁସ୍ମିତା ମହାନ୍ତି ମ୍ୟାନେଜର ଓ ସନ୍ଦୀପ ପାତ୍ର କୋଚ ଭାବେ ଓଡ଼ିଶା ଦଳ ସହ ବରେଲି ଯାତ୍ରା କରିଛନ୍ତି। ଓଡ଼ିଶା ହ୍ୟାଣ୍ଡବଲ ସଂଘର ସମ୍ପାଦକ ମାନସ କୁମାର ସିଂ ଓ କୋଷାଧ୍ୟକ୍ଷ ସୀତେନ୍ଦ୍ରନାଥ ଦାସ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।

## ଅଲ୍‌କାରାଜ ନମ୍ବର ୱାନ

**ଇଣ୍ଡିଆନ ୱେଲ୍ସ, ୨୦।୩ (ଏପି):** ଡାନିଲ ମେଡଭେଡେଭ୍‌ଙ୍କୁ ୬-୩, ୬-୨ରେ ପରାସ୍ତ କରି କାର୍ଲୋସ ଅଲ୍‌କାରାଜ ବିଏନ୍‌ପି ପାରିବାସ ଓପନ ପୁରୁଷ ସିଙ୍ଗଲ୍ସ ଟାଇଟଲ ଜିତିଛନ୍ତି। ଏଥିସହ ସେ ବିଶ୍ୱର ନମ୍ବର ୱାନ ର୍ୟାଙ୍କିଙ୍ଗ ହାସଲ କରିପାରିଛନ୍ତି। ସ୍ପେନ୍‌ର ଏହି ୧୯ବର୍ଷୀୟ ଖେଳାଳି ଟୁର୍ନାମେଣ୍ଟ ଖେଳିବା ବେଳେ ର୍ୟାଙ୍କିଙ୍ଗ ତାଲିକାରେ ନୋଭାକ୍ ଜୋକୋଭିଚ୍‌ଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଜୋକୋଭିଚ୍ କୋଭିଡ୍ ଭ୍ୟାକ୍ସିନ ନେଇ ନ ଥିବାରୁ ତାଙ୍କୁ ଯୁକ୍ତରାଷ୍ଟ୍ର ଆମେରିକାରେ ପ୍ରବେଶ ନିଷିଦ୍ଧ ଥିଲା। ଫଳରେ ସେ ଇଣ୍ଡିଆନ ୱେଲ୍ସ ଟେନିସ ପ୍ରତିଯୋଗିତାରୁ ଓହରିଯାଇଥିଲେ। ସର୍ବୀୟ ଖେଳାଳି ଜୋକୋଭିଚ୍ ବର୍ତ୍ତମାନ ର୍ୟାଙ୍କିଙ୍ଗ ତାଲିକାର ଦ୍ୱିତୀୟ ସ୍ଥାନକୁ ଖସି ଆସିଛନ୍ତି। ମହିଳା ଫାଇନାଲରେ ଏଲିନା ରିବାକିନା ୭-୬ (୧୧), ୬-୪ରେ ଆରିନା ସାବାଲେଙ୍କାଙ୍କୁ ହରାଇ ଦେଇଛନ୍ତି। ଏହାଦ୍ୱାରା ବିଶ୍ୱର ୨ ନମ୍ବର ଖେଳାଳି ଚଳିତ ବର୍ଷ ଦ୍ୱିତୀୟ ଥର ପରାଜିତ ହୋଇଛନ୍ତି।

# ଜୟନ୍ତୀଙ୍କୁ ତୃତୀୟ ସ୍ୱର୍ଣ୍ଣ, ସୁଚିତ୍ରା ରୌପ୍ୟ

**ଭୁବନେଶ୍ୱର, ୨୦।୩**
**(କ୍ରୀଡ଼ା ପ୍ରତିନିଧି)**

**ଜାତୀୟ ପାରା ଆଥଲେଟିକ୍ସ**

**ଓଡ଼ିଶା ଦଳକୁ ୯ ପଦକ**

**ଓଡ଼ିଶା ଆଥଲେଟ୍‌ଙ୍କ ପଦକ ତାଲିକା**

ଜୟନ୍ତି ବେହେରା: ୧୦୦, ୨୦୦ ଓ ୪୦୦ ମିଟରରେ ସ୍ୱର୍ଣ୍ଣ
ପଙ୍କଜ ଭୁଏ: ଲଙ୍ଗଜମ୍ପରେ ସ୍ୱର୍ଣ୍ଣ, ୧୦୦ ମିଟରରେ ବ୍ରୋଞ୍ଜ
ଅର୍ଜୁନ ଭତ୍ରା: ୪୦୦ ମିଟରରେ ବ୍ରୋଞ୍ଜ
ମଙ୍ଗତ ହେମ୍ବ୍ରମ: ଲଙ୍ଗଜମ୍ପରେ ବ୍ରୋଞ୍ଜ
ଲାଲ ପ୍ରସାଦ ସୋରେନ: ୧୦୦ ମିଟରରେ ବ୍ରୋଞ୍ଜ
ସୁଚିତ୍ରା ପରିଡ଼ା: ଜାଭେଲିନ୍ ଥ୍ରୋରେ ରୌପ୍ୟ

ପୁଣେର ବାଲେୱାଡ଼ିସ୍ଥିତ ଶ୍ରୀ ଶିବ ଛତ୍ରପତି ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଜାତୀୟ ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍ ସୋମବାର ଶେଷ ହୋଇଛି। ଅନ୍ତିମ ଦିବସରେ ପୁଣି ଚମକ ଦେଖାଇଛନ୍ତି ପାରା ଆଥଲେଟ୍ ଜୟନ୍ତୀ ବେହେରା। ପୂର୍ବରୁ ୪୦୦ ମିଟର ଓ ୧୦୦ ମିଟରରେ ସ୍ୱର୍ଣ୍ଣ ପଦକ ଜିତି ସାରିଥିବା ଜୟନ୍ତି ମହିଳା ଟି୪୭ ବର୍ଗର ୨୦୦ ମିଟର ଇଭେଣ୍ଟରେ ମଧ୍ୟ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ଏଥିସହ ସେ ଗୋଲ୍ଡେନ ଟ୍ରିପଲ ହାସଲ କରିଛନ୍ତି। ୨୦୦ ମିଟରରେ ଜୟନ୍ତି ୨୭.୩୮ ସେକେଣ୍ଡ ସମୟ ନେଇ ପ୍ରଥମସ୍ଥାନ ଅଧିକାର କରିଥିଲେ। ଆଉଜଣେ ଓଡ଼ିଆ ଝିଅ ସୁଚିତ୍ରା ପରିଡ଼ା ମହିଳା ଜାଭେଲିନ୍ ଥ୍ରୋ ଟି୫୫ ବର୍ଗରେ ରୌପ୍ୟ ପଦକ ହାସଲ କରିଛନ୍ତି। ସେ ୧୪.୬୬ ମିଟର ଥ୍ରୋ କରି ଏହି ସଫଳତା ପାଇଛନ୍ତି। ଏଥିସହ ଓଡ଼ିଶା ପ୍ରତିଯୋଗିମାନେ ମୋଟ ୯ ପଦକ ପାଇଁ ଅଭିଯାନ ଶେଷ କରିଛନ୍ତି।

୨୦୧୦ ପରେ ଅର୍ଥାତ୍ ଦୀର୍ଘ ୧୩ ବର୍ଷ ବ୍ୟବଧାନରେ ଓଡ଼ିଶା ପଦକ ସଂଖ୍ୟା ୯ ଛୁଇଁଛି। ଫଳରେ ଓଡ଼ିଶା ଦଳ ପଦକ ତାଲିକାରେ ୧୦ମସ୍ଥାନ ଅଧିକାର କରିଛି। ପାରାଲିମ୍ପିକ୍ସ ଗୋଲ୍ଡ ମେଡାଲିଷ୍ଟ ପ୍ରମୋଦ ଭଗତ, ପାରା ଆଲିମ୍ପିଆନ ମାର୍କଣ୍ଡ ରେଡ୍ଡୀ, କୋଚ୍ ବିଷ୍ଣୁ ପ୍ରସାଦ ମିଶ୍ର, ଓଡ଼ିଶା ପାରା ସ୍ପୋର୍ଟ୍ସ ସଂଘ କର୍ମକର୍ତ୍ତା ସୁନୀଲ ପ୍ରଧାନ ଓ ବଙ୍କିମ ଚନ୍ଦ୍ର ମହାନ୍ତି ପ୍ରମୁଖ ପ୍ରତିଯୋଗିତା ଅବସରରେ ପୁଣେରେ ଉପସ୍ଥିତ ଥିଲେ।



ପୁଣେରେ ଅନୁଷ୍ଠିତ ଜାତୀୟ ପାରା ଆଥଲେଟିକ୍ସରେ ପଦକ ବିଜୟୀ ଓଡ଼ିଆ ପ୍ରତିଯୋଗୀ ଓ ଅନ୍ୟମାନେ।



ପୁରସ୍କାର ଗ୍ରହଣ ଅବସରରେ ଅମିୟ ମଲିକ (ଉପର ବାମ)।

## କିଶୋରଙ୍କୁ ସ୍ୱର୍ଣ୍ଣ, ଅମିୟ ରୌପ୍ୟ

**ଭୁବନେଶ୍ୱର, ୨୦।୩**
**(କ୍ରୀଡ଼ା ପ୍ରତିନିଧି)**

ତ୍ରିଭେନ୍ଦ୍ରମଠାରେ ସୋମବାର ଇଣ୍ଡିଆନ ଗ୍ରାଁ ପ୍ରି-୧ ଆଥଲେଟିକ୍ସ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶାର କିଶୋର କୁମାର ଜେନା ସ୍ୱର୍ଣ୍ଣ ଏବଂ ଅମିୟ କୁମାର ମଲିକ

**ଇଣ୍ଡିଆନ ଗ୍ରାଁ ପ୍ରି-୧**

ରୌପ୍ୟ ପଦକ ହାସଲ କରିଛନ୍ତି। ପୁରୁଷ ଜାଭେଲିନ ଥ୍ରୋରେ କିଶୋର ୮୧.୦୫ ମିଟର ଥ୍ରୋ କରି ପ୍ରଥମସ୍ଥାନ ଅଧିକାର କରିଛନ୍ତି। କର୍ନାଟକର ମନୁ ଡି.ପି. ଓ ପଞ୍ଜାବର ଅର୍ଶଦୀପ ସିଂ ଯଥାକ୍ରମେ ୮୦.୬୧ ଓ ୭୫.୬୭ ମିଟର ଥ୍ରୋ କରି ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଛନ୍ତି। ସେହିପରି ପୁରୁଷ ୧୦୦ ମିଟର ରେସ୍‌ରେ ଦେଶର ଦ୍ରୁତତମ ଧାବକ ଅମିୟ ଅଳ୍ପକେ ସ୍ୱର୍ଣ୍ଣ ପଦକ ହାସଲରୁ ବଞ୍ଚିତ ହୋଇଛନ୍ତି। ସେ ୧୦.୬୯ ସେକେଣ୍ଡ ସମୟ ନେଇ ରୌପ୍ୟ ପଦକ ହାସଲ କରିଛନ୍ତି। ମାଳଦ୍ୱୀପର ହାସନ ସଇଦ ୧୦.୬୭ ସେକେଣ୍ଡ ସହ ସ୍ୱର୍ଣ୍ଣ ଏବଂ ଦିଲ୍ଲୀର ଅମିତ ତିୱାରୀ ୧୦.୯୦ ସେକେଣ୍ଡ ସମୟ ନେଇ ବ୍ରୋଞ୍ଜ ପଦକ ପାଇଛନ୍ତି। ଉଭୟ ଆଥଲେଟ୍‌ଙ୍କୁ ଓଡ଼ିଶା ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ଆଶୀର୍ବାଦ ବେହେରା ଅଭିନନ୍ଦନ ଜଣାଇଛନ୍ତି।

# ନ୍ୟୁଜିଲାଣ୍ଡର କ୍ଲିନ୍ ସୁଇପ୍

**ୱେଲିଂଟନ, ୨୦।୩ (ପି.ଟି.)**

ୱେଲିଂଟନରେ ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚକୁ ଇନିଂସ ଓ ୫୮ ରନ୍‌ରେ ଜିତିବା ସହିତ ନ୍ୟୁଜିଲାଣ୍ଡ କ୍ଲିନ୍ ସୁଇପ୍ କରିଛି। ପ୍ରଥମ ଇନିଂସରେ ୪୧୬ ରନ୍ ପଛରେ ରହିଥିବା ଶ୍ରୀଲଙ୍କା ଫଲୋଅନ୍ ପରେ ୩୫୮ ରନ୍‌ରେ ଅଲ୍‌ଆଉଟ ହୋଇଥିଲା। ପ୍ରଥମ ଟେଷ୍ଟରେ ମଧ୍ୟ ନ୍ୟୁଜିଲାଣ୍ଡ ବିଜୟୀ ହୋଇଥିଲା। ତୃତୀୟ ଦିନର ଅସମାପ୍ତ ସ୍କୋର ୧୧୩/୨ରୁ ଖେଳ ଆରମ୍ଭ କରି ଶ୍ରୀଲଙ୍କା ମାତ୍ର ୩ ରନ୍ ବ୍ୟବଧାନରେ ପୂର୍ବ ଦିନର ଦୁଇ ଅପରାଜିତ ବ୍ୟାଟରଙ୍କ ଉଇକେଟ ହରାଇଥିଲା। ଦୀନେଶ ଚାଣ୍ଡିମଲ(୬୨) ଓ ଧନଞ୍ଜୟ ଡି ସିଲ୍‌ଭା(୯୮) ପଞ୍ଚମ ଉଇକେଟରେ ୧୨୬ ରନ୍ ଯୋଡିଥିଲେ। ଚାଣ୍ଡିମଲ ୯୨ ବଲ୍ ଖେଳି ୮ ଚୌକା ମାରିଥିଲେ। ହେନ୍‌ରୀ ନିକୋଲ୍ସଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଓ କେନ୍ ୱିଲିୟମସନଙ୍କୁ ପ୍ଲେୟର ଅଫ୍ ଦ ସିରିଜ୍ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ ୫୮୦/୪(ଘୋଷଣା)। ଶ୍ରୀଲଙ୍କା ପ୍ରଥମ ଇନିଂସ ୬୬.୫ ଓଭରରେ ୧୬୪/୧୦। ଶ୍ରୀଲଙ୍କା ଦ୍ୱିତୀୟ ଇନିଂସ (ଫଲୋଅନ୍)-୧୪୨ ଓଭରରେ ୩୫୮/୧୦(ଧନଞ୍ଜୟ ଡି ସିଲ୍‌ଭା-୯୮, ଦୀନେଶ ଚାଣ୍ଡିମଲ-୬୨, କୁଶଲ ମେଣ୍ଡିସ୍-୫୦, ଟିମ୍ ସାଉଦି-୩/୫୧, ବ୍ଲେୟାର ଟିକ୍‌ନର-୩/୮୪, ମାଇକେଲ ବ୍ରେସୱେଲ-୨/୧୦୦)।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ